# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୨/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, December 12/2023 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 19 | ମୂଲ୍ୟ₹୭/-



DSPL-455

ODISHA MASTERS

Powered by Dalmia Bharat Limited



" କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି "

## ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟ

୧୨ - ୧୭ ଡିସେମ୍ବର, ୨୦୨୩

ଜେ ଏନ୍ ଇନ୍‌ଡୋର ଷ୍ଟାଡିୟମ୍, କଟକ

**୨୭** ଦେଶ | **୩୨୪** ଖେଳାଳୀ



"କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"

OIPR-29001/13/0108/2324

**ଜାମ୍ବିଆରେ ଖଣି ଭୁଶୁଡ଼ି ୧୧ ମୃତ, ୨୬ ନିଖୋଜ** | ଜାମ୍ବିଆର ଏକ ଖୋଲା ତମ୍ବା ଖଣି ଭୁଶୁଡ଼ି ପଡ଼ିବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୬ ଜଣ ଏହା ତଳେ ପୋତିହୋଇ ପଡ଼ିଛନ୍ତି। ସେମାନଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଗତ ମାସରେ ଶ୍ରମିକମାନେ ଖଣି ଖୋଳୁଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ଜଣେ ଶ୍ରମିକଙ୍କୁ ମାଟି ଅତଡ଼ା ତଳୁ ଜୀବନ୍ତ ବାହାର କରାଯାଇଛି।

# ମୋହନ ଯାଦବ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

■ଜଗଦୀଶ ଦେଓଡ଼ା, ରାଜେନ୍ଦ୍ର ଶୁକ୍ଳା ହେବେ ଉପମୁଖ୍ୟମନ୍ତ୍ରୀ

■ପୂର୍ବତନ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ହେବେ ବାଚସ୍ପତି

ଭୋପାଳ,୧୧।୧୨

ଦକ୍ଷିଣ ଉଜ୍ଜୟିନୀ ବିଧାୟକ ମୋହନ ଯାଦବ ହେବେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ। କେତେଜଣ ଜଣାଶୁଣା ଓ ବରିଷ୍ଠ ନେତାଙ୍କୁ ପଛରେ ପକାଇ ଭାଜପା ଅପ୍ରତ୍ୟାଶିତ ଭାବେ ୫୮ବର୍ଷୀୟ ଓବିସି ବର୍ଗର ମୋହନଙ୍କ ନାମରେ ମୋହର ମାରିଛି। ଭୋପାଳରେ ସୋମବାର ଆୟୋଜିତ ବିଧାୟକ ଦଳ ବୈଠକରେ ୩ଥରର ବିଧାୟକ ଏବଂ ଗତ ସରକାରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ମୋହନଙ୍କୁ ବିଧାୟକ ଦଳର ନେତା ଭାବେ ବଛାଯାଇଛି। ପୂର୍ବତନ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ମଧ୍ୟପ୍ରଦେଶର ୧୬ତମ ବିଧାନସଭାର ବାଚସ୍ପତି କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବାବେଳେ ୨ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ମନୋନୀତ କରାଯାଇଛି। ସେମାନେ ହେଲେ ମହ୍ଲାରଗଡ଼ ଆସନରୁ ୬୦ ହଜାର ଭୋଟରେ ବିଜୟୀ ହୋଇଥିବା ଅନୁସୂଚିତ ଜାତି ବର୍ଗର ଜଗଦୀଶ ଦେଓଡ଼ା ଏବଂ ରେୱା ଆସନରୁ ୫ଥର ବିଜୟୀ ହୋଇଥିବା ରାଜେନ୍ଦ୍ର ଶୁକ୍ଳା (ବ୍ରାହ୍ମଣ)। ଉଭୟ ଦେଓଡ଼ା ଏବଂ ଶୁକ୍ଳା ମଧ୍ୟ ଗତ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ଏନେଇ ଦଳ ପକ୍ଷରୁ ଘୋଷଣା ହେବା ପରେ ସରକାର ଗଠନ କରିବା ନିମନ୍ତେ ମୋହନ ସନ୍ଧ୍ୟାରେ ରାଜ୍ୟପାଳ ମଙ୍ଗୁଭାଇ ଛଗନଭାଇ ପଟେଲଙ୍କୁ ସାକ୍ଷାତ କରିଛନ୍ତି। ସେହିପରି ଶିବରାଜ ସିଂ ଚୌହାନ ରାଜ୍ୟପାଳଙ୍କୁ ସାକ୍ଷାତକରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।

ବିଧାୟକ ଦଳ ବୈଠକରେ ଭାଜପାର ୩ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର, ଓବିସି ମୋର୍ଚ୍ଚା ମୁଖ୍ୟ କେ. ଲକ୍ଷ୍ମଣ ଏବଂ ଦଳର ଜାତୀୟ ସମ୍ପାଦକ ଆଶା ଲାକ୍ରାଙ୍କ ସମେତ ନବନିର୍ବାଚିତ ୧୬୩ ଦଳୀୟ ବିଧାୟକ ଯୋଗଦେଇଥିଲେ। ୪ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଶିବରାଜ ସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ଦଳର ଜାତୀୟ ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟା, ରାଜ୍ୟ ସଭାପତି ବିଷ୍ଣୁଦତ୍ତ ଶର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ପଟେଲ ଏବଂ ନରେନ୍ଦ୍ର ସିଂ ତୋମାର ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର ବୋଲି କୁହାଯାଉଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଏବଂ ୨ ଉପମୁଖ୍ୟମନ୍ତ୍ରୀ ପଦରେ ଦଳ ନୂଆ ଚେହେରାକୁ ଗୁରୁତ୍ୱ ଦେଇଛି। ଏହାସହ ଦଳ ଛତିଶଗଡ଼ ଭଳି ମଧ୍ୟପ୍ରଦେଶରେ ମଧ୍ୟ ୨ଜଣଙ୍କୁ ଉପମୁଖମନ୍ତ୍ରୀ କରିବା ସହ ୩ ମୁଖ୍ୟ ପଦରେ ନୂଆ ନେତାଙ୍କୁ ଅବସ୍ଥାପିତ କରିଛି। ଏଥିରୁ ରାଜସ୍ଥାନ ପାଇଁ ମଧ୍ୟ ଦଳ ସମାନ ନୀତି ଆପଣାଇବା ମନେହେଉଛି।

ସୂଚନାଥାଉ କି, ଗତ ନଭେମ୍ବର ୧୭ରେ ମଧ୍ୟପ୍ରଦେଶର ୨୩୦ ଆସନରେ ଭୋଟ ଗ୍ରହଣ ହୋଇଥିବା ବେଳେ ଡିସେମ୍ବର ୩ରେ ଫଳ ପ୍ରକାଶ ପାଇଥିଲା। ରାଜ୍ୟରେ ପ୍ରାୟ ୨୦ ବର୍ଷ ଶାସନ ସତ୍ତ୍ୱେ ଭାଜପା ବିପୁଳ ବହୁମତ ଅର୍ଥାତ୍ ୧୬୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ୬୬ ଆସନ ପାଇବାକୁ ସକ୍ଷମ ହୋଇଥିଲା।

ଉଜ୍ଜୟିନୀରେ ୧୯୬୫ ମାର୍ଚ୍ଚ ୨୫ରେ ଜନ୍ମିତ ମୋହନ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହେବାପରେ ନିଜକୁ ଦଳର ଛୋଟ କାର୍ଯ୍ୟକର୍ତ୍ତା ବୋଲି କହିଛନ୍ତି। ସେ ଦଳର ରାଜ୍ୟ ଓ କେନ୍ଦ୍ର ନେତୃତ୍ୱକୁ ଧନ୍ୟବାଦ ଜଣାଇବା ସହ ସ୍ନେହ ଓ ସହଯୋଗରେ ତାଙ୍କ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ୨୦୧୩ ଏବଂ ୨୦୧୮ରେ ଦକ୍ଷିଣ ଉଜ୍ଜୟିନୀ ଆସନରେ ବିଜୟୀ ହୋଇଥିବା ମୋହନ ୨୦୨୩ରେ ଏହି ଆସନରେ ପ୍ରାୟ ୧୩ ହଜାର ଭୋଟରେ କଂଗ୍ରେସ ପ୍ରାର୍ଥୀ ଚେତନ ପ୍ରେମନାରାୟଣ ଯାଦବଙ୍କୁ ହରାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିବା କୁହାଯାଉଛି। ତାଙ୍କ ରାଜନୈତିକ ଜୀବନ ୧୯୮୪ରୁ ଆରମ୍ଭ ହୋଇଥିଲା। ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରେ ପ୍ରଥମେ ଯୋଗଦେଇଥିଲ। ୨୦୦୪ରୁ ୨୦୧୦ ପର୍ଯ୍ୟନ୍ତ ସେ ଉଜ୍ଜୟିନୀ ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଏବଂ ୨୦୧୧ରୁ ୨୦୧୩ ଯାଏ ରାଜ୍ୟ ପର୍ଯ୍ୟଟନ ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଏସ୍‌ସି, ଏଲ୍‌ଏଲ୍‌ବି, ଏମ୍‌ଏ, ଏମ୍‌ବିଏ ଏବଂ ପିଏଚ୍.ଡି. ଡିଗ୍ରୀଧାରୀ ମୋହନଙ୍କୁ ରାଜ୍ୟର ଧନୀ ନେତାଙ୍କ ମଧ୍ୟରେ ଗଣତି କରାଯାଉଛି। ମାଇଁନେତା ଡଟ୍ କମ୍ ଅନୁସାରେ ତାଙ୍କର ୪୨ କୋଟି ଟଙ୍କାର ମୋଟ ସମ୍ପତ୍ତି ରହିଛି। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଥିବାବେଳେ ସ୍ତ୍ରୀ ସୀମା ଯାଦବ ସ୍ୱାମୀଙ୍କ ନୂଆ ଦାୟିତ୍ୱ ପାଇଁ ମହାକାଳଙ୍କ କୃପା ବୋଲି କହିଛନ୍ତି। ମୋହନଙ୍କୁ ଓବିସି ବର୍ଗର ପ୍ରମୁଖ ନେତା ଭାବେ ବିବେଚନା କରାଯାଉଥିବାବେଳେ ରାଜ୍ୟ ଜନସଂଖ୍ୟାର ୪୮ ପ୍ରତିଶତରୁ ଊର୍ଦ୍ଧ୍ୱ ହେଉଛନ୍ତି ଓବିସି। ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିବା କୁହାଯାଉଛି।



ମୋହନ ଯାଦବ (ମଝି) ମଧ୍ୟପ୍ରଦେଶ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ତାଙ୍କୁ ବିଦାୟୀ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଭାଜପା ରାଜ୍ୟ ସଭାପତି ଭି.ଡି ଶର୍ମା ଅଭିନନ୍ଦନ ଜଣାଉଛନ୍ତି।

## ‘ସଭି କୋ ରାମ୍ ରାମ୍’

ମଧ୍ୟପ୍ରଦେଶରେ ମୁଖ୍ୟମନ୍ତ୍ରୀ ଭାବେ ନୂଆ ଚେହେରାକୁ ଦେଖିବାକୁ ମିଳିବ ବୋଲି ଅନେକେ ଆକଳନ କରୁଥିଲେ। ତେବେ ଏହି ପଦ ପାଇଁ ପ୍ରମୁଖ ଦାବିଦାର ଥିବା ୪ଥରର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶନିବାର ସୋସିଆଲ ମିଡିଆ ‘ଏକ୍ସ’ରେ କରିଥିବା ଏକ ପୋଷ୍ଟରୁ ସେ ଦୌଡ଼ରୁ ବାଦ୍ ପଡ଼ିଥିବା ମନେହେଉଥିଲା। ସେ ତାଙ୍କର ଯୋଡ଼ ହସ୍ତ ଫଟୋ ଶେୟାର କରି ‘ସଭି କୋ ରାମ୍ ରାମ୍’ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ଅନେକେ ବିଦାୟ ବାର୍ତ୍ତା ବୋଲି ଗ୍ରହଣ କରିନେଇଥିଲେ। ୨୦୨୩ ନିର୍ବାଚନରେ ଭାଜପା ଶିବରାଜଙ୍କୁ ଏତେଟା ଗୁରୁତ୍ୱ ନ ଦେଇ ସାମୂହିକ ନେତୃତ୍ୱ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତି ଉପରେ ଜୋର ଦେଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ବାଛିବା ପାଇଁ ଦଳ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିବା ପରେ ଶିବରାଜଙ୍କ ବିକଳ୍ପ ଖୋଜା ଚାଲିଥିବା ରାଜନୈତିକ ବିଶେଷଜ୍ଞ ମତ ଦେଇଥିଲେ। ଅନ୍ୟପକ୍ଷରେ ବିଧାୟକ ଦଳ ବୈଠକରେ ମୋହନ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ କରାଯିବା ପରେ ତାଙ୍କୁ କର୍ମଠ ସାଥୀ ଭାବେ ବର୍ଣ୍ଣନା କରି ଶିବରାଜ ‘ଏକ୍ସ’ରେ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶଳ ମାର୍ଗଦର୍ଶନରେ ମୋହନ ମଧ୍ୟପ୍ରଦେଶର ବିକାଶକୁ ଉଚ୍ଚସ୍ତରରେ ପହଞ୍ଚାଇବେ ଏବଂ ଜନକଲ୍ୟାଣ କ୍ଷେତ୍ରରେ କୀର୍ତ୍ତି ରଚିବେ ବୋଲି ଶିବରାଜ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

## ୧୩ରେ ଶପଥ ନେବେ ବିଷ୍ଣୁଦେଓ ସାଏ

ନୂଆଦିଲ୍ଲୀ,୧୧।୧୨



ଛତିଶଗଡ଼ର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆଦିବାସୀ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଷ୍ଣୁଦେଓ ସାଏ ବୁଧବାର ଶପଥ ଗ୍ରହଣ କରିବେ। ଭାଜପା ପକ୍ଷରୁ ଏହା ଘୋଷଣା କରାଯାଇଛି। ରାୟପୁର ସାଇନ୍ସ କଲେଜ ପଡ଼ିଆରେ ବୁଧବାର ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, କେତେକ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତାମାନେ ଉପସ୍ଥିତ ରହିବେ। ରବିବାର ଛତିଶଗଡ଼ ଭାଜପା ବିଧାୟକ ଦଳ ବୈଠକ ବସି ସାଏଙ୍କୁ ନେତା ନିର୍ବାଚନ କରାଯାଇଥିଲା। ସେ ଛତିଶଗଡ଼ର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି।

## ସୁପ୍ରିମକୋର୍ଟ ଗଲେ ମହୁଆ

ନୂଆଦିଲ୍ଲୀ,୧୧।୧୨(ପି.ଟି.)

### ଲୋକ ସଭାରୁ ବହିଷ୍କାରକୁ ଚ୍ୟାଲେଞ୍ଜ


ମହୁଆ ମୋଇତ୍ର

ଲୋକ ସଭାରୁ ବହିଷ୍କାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ମହୁଆ ମୋଇତ୍ର ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ସ୍ୱାର୍ଥ ପାଇଁ ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ନିମନ୍ତେ ତାଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ମହୁଆଙ୍କୁ ଲୋକ ସଭାରୁ ବହିଷ୍କୃତ କରାଯାଇଥିଲା। ଏଥିକ୍ସ କମିଟିର ସୁପାରିସ ଆଧାରରେ ଗତ ୮ ତାରିଖରେ ଲୋକ ସଭାରେ ଜୋର୍‌ଦାର ବିତର୍କ ହୋଇଥିଲେ ମଧ୍ୟ ମହୁଆଙ୍କୁ କହିବାକୁ ସୁଯୋଗ ଦିଆଯାଇ ନ ଥିଲା। ଅନୈତିକ ଆଚରଣ ପାଇଁ ତାଙ୍କୁ ବହିଷ୍କାର କରାଯିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ପ୍ରସ୍ତାବ ଆଣିଥିବାବେଳେ ଏହାକୁ ଧ୍ୱନି ମତରେ ଗୃହୀତ କରାଯାଇଥିଲା। ବିରୋଧୀଙ୍କ ସ୍ୱର ଚାପିଦେବା ଲାଗି ସରକାର ଏଥିକ୍ସ କମିଟିକୁ ଅସ୍ତ୍ର ଭାବେ ବ୍ୟବହାର କରିଥିବା ମହୁଆ ଅଭିଯୋଗ କରିଥିଲେ। ଯେଉଁଭଳି ଭାବରେ ମହୁଆଙ୍କୁ ଲୋକ ସଭାରୁ ବିଦାକରାଗଲା, ତାହାକୁ ନେଇ ବିରୋଧୀ ସଦସ୍ୟମାନେ ପ୍ରଶ୍ନ ଉଠାଇବା ସହ ରିପୋର୍ଟ ଉପରେ ଆଲୋଚନା ଦାବି କରିଥିଲେ।


ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଉପରେ ସୁପ୍ରିମକୋର୍ଟଙ୍କ ରାୟ ପରେ ସୋମବାର ନୂଆଦିଲ୍ଲୀର ଏଆଇସିସି କାର୍ଯ୍ୟାଳୟରେ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ, ଅଭିଷେକ ମନୁ ସିଂଘଭି ଏବଂ ପୱନ ଖେରା ଏକ ଖବରଦାତା ସମ୍ମିଳନୀକୁ ପ୍ରତିକ୍ରିୟା ଦେଉଛନ୍ତି। କେନ୍ଦ୍ର ସରକାର ଯେଉଁଭଳି ଭାବରେ ୩୭୦କୁ ଉଚ୍ଛେଦ କଲେ ସେଥିରେ କଂଗ୍ରେସ ସହମତ ନୁହେଁ। ସମ୍ବିଧାନରେ ସଂଶୋଧନ ନ ହେବା ପର୍ଯ୍ୟନ୍ତ ଅନୁଚ୍ଛେଦ ୩୭୦ ସମାନ ପାଇବାକୁ ହକ୍‌ଦାର ବୋଲି ଚିଦାମ୍ବରମ କହିଛନ୍ତି।

## ୩୭୦ ରାୟର ଆଇନଗତ ମୂଲ୍ୟ ନାହିଁ: ପାକିସ୍ତାନ

ଇସ୍‌ଲାମାବାଦ,୧୧।୧୨(ପି.ଟି.)

ଭାରତର ସୁପ୍ରିମକୋର୍ଟ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ କାଏମ ରଖିବା ପରେ ପାକିସ୍ତାନ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ରାୟର କୌଣସି ଆଇନଗତ ମୂଲ୍ୟବୋଧ ନାହିଁ। ଭାରତ ସରକାରଙ୍କ ୨୦୧୯ ଅଗଷ୍ଟ ୫ର ପଦକ୍ଷେପ ଏକପାଖିଆ ଏବଂ ବେଆଇନ କାର୍ଯ୍ୟ। ଏହାକୁ ଅନ୍ତର୍ଜାତୀୟ ଆଇନ ସ୍ୱୀକୃତି ଦେବ ନାହିଁ। ଜାତିସଂଘ ସୁରକ୍ଷା ପରିଷଦର ପ୍ରସ୍ତାବ ଅନୁଯାୟୀ କଶ୍ମୀରୀମାନଙ୍କର ସ୍ୱକୀୟ ନିଷ୍ପତ୍ତି ନେବାର ଅପରିହାର୍ଯ୍ୟ ଅଧିକାର ରହିଛି ବୋଲି ପାକିସ୍ତାନର କାମଚଳା ବହିର୍ବ୍ୟାପାର ମନ୍ତ୍ରୀ ଜଲିଲ ଆବାସ୍ ଜିଲାନି ଏକ୍ସ’ରେ ପୋଷ୍ଟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପକ୍ଷପାତମୂଳକ କହି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏହାର ସମାଲୋଚନା କରିଛନ୍ତି। ନୱାଜ ଶରିଫ୍‌ଙ୍କ ନେତୃତ୍ୱରେ ପିଏମ୍‌ଏଲ୍-ଏନ୍ କଶ୍ମୀରୀମାନଙ୍କ ଅଧିକାର ପାଇଁ ସବୁ ସ୍ତରରେ ସ୍ୱର ଉଠାଇବ ବୋଲି ସେ କହିଛନ୍ତି। କଶ୍ମୀର ପ୍ରସଙ୍ଗ ଏବଂ ଆତଙ୍କବାଦକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଭଲ ସମ୍ପର୍କ ନ ଥିବାବେଳେ ୩୭୦ ଉଚ୍ଛେଦ ପରେ ଏହା ଅତ୍ୟନ୍ତ ଖରାପ ହୋଇଥିଲା।

## ଅନୁଚ୍ଛେଦ ୩୭୦ ଉଚ୍ଛେଦର ଘଟଣାକ୍ରମ

**୨୦୧୮ ଡିସେମ୍ବର ୨୦:** ସମ୍ବିଧାନର ଅନୁଚ୍ଛେଦ ୩୫୬ର କ୍ଷମତା ବଳରେ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ୨୦୧୯ ଜୁଲାଇ ୩ରେ ଏହାର ସମୟସୀମାକୁ ବଢ଼ାଇ ଦିଆଯାଇଥିଲା।

**୨୦୧୯ ଅଗଷ୍ଟ ୫:** କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ।

**୨୦୧୯ ଅଗଷ୍ଟ ୬:** ଅନୁଚ୍ଛେଦ ୩୭୦ ରଦ୍ଦ ଲାଗି ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଆଇନଜୀବୀ ଏମ୍.ଏଲ୍. ଶର୍ମା ପ୍ରଥମ ପିଟିଶନ ଦାଏର କରିଥିଲେ। ପରେ ତାଙ୍କ ସହ ଜମ୍ମୁ-କଶ୍ମୀରର ଅନ୍ୟତମ ଆଇନଜୀବୀ ଶାକିର ଶବିର ସାମିଲ ହୋଇଥିଲେ।

**୨୦୧୯ ଅଗଷ୍ଟ ୧୦:** ଅନୁଚ୍ଛେଦ ୩୭୦ ଉଚ୍ଛେଦ ଯୋଗୁ ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ମତ ନ ନେଇ ସେମାନଙ୍କ ନାଗରିକତ୍ୱ ଅଧିକାର ଛଡ଼ାଇ ନିଆଯାଇଥିବା ପ୍ରମୁଖ ରାଜନୈତିକ ଦଳ ନ୍ୟାଶନାଲ କନ୍‌ଫରେନ୍ସ ଅଭିଯୋଗ ଆଣିବା ସହ ପିଟିଶନ ଦାଏର କରିଥିଲା।

**୨୦୧୯ ଅଗଷ୍ଟ ୨୪:** ଯୋଗାଯୋଗ ଉପରେ କଟକଣା ଲାଗି କେନ୍ଦ୍ର ଓ ଜମ୍ମୁ-କଶ୍ମୀର ପ୍ରଶାସନର ନିଷ୍ପତ୍ତିକୁ ସମର୍ଥନ କରି ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

**୨୦୧୯ ଅଗଷ୍ଟ ୨୮:** ଖବରଦାତାମାନଙ୍କ ଉପରେ ଲାଗୁ ହୋଇଥିବା କଟକଣା ହଟାଇବା ଲାଗି କଶ୍ମୀର ଟାଇମ୍ସର ସମ୍ପାଦକଙ୍କ ଆବେଦନକ୍ରମେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଜମ୍ମୁ-କଶ୍ମୀର ପ୍ରଶାସନକୁ ନୋଟିସ ଜାରି କରିଥିଲେ।

**୨୦୧୯ ଅଗଷ୍ଟ ୨୮:** ତତ୍କାଳୀନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ମାମଲାକୁ ୫ ଜଣିଆ ସାମ୍ବିଧାନିକ ପୀଠକୁ ପଠାଇଥିଲେ।

**୨୦୧୯ ସେପ୍ଟେମ୍ବର ୧୯:** ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ ଆବେଦନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିଥିଲେ।

**୨୦୨୦ ମାର୍ଚ୍ଚ ୨:** ୩୭୦ ଉଚ୍ଛେଦ ପାଇଁ କେନ୍ଦ୍ର ନିଷ୍ପତ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ ପିଟିଶନକୁ ୭ ଜଣିଆ ବୃହତ୍ତର ପୀଠକୁ ପଠାଇବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ।

**୨୦୨୨ ଏପ୍ରିଲ ୨୫:** ଜମ୍ମୁ-କଶ୍ମୀରରେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହେବାକୁ ଥିବାରୁ ପିଟିଶନଗୁଡ଼ିକର ଦ୍ରୁତ୍ ଶୁଣାଣି ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ଗ୍ରୀଷ୍ମ ଅବକାଶ ପରେ ପିଟିଶନଗୁଡ଼ିକୁ ଶୁଣାଣି ପାଇଁ ତାଲିକାଭୁକ୍ତ କରିବେ ବୋଲି ରାଜି ହୋଇଥିଲେ।

**୨୦୨୩ ଅଗଷ୍ଟ ୨:** ଅଗଷ୍ଟ ୨ରୁ ପିଟିଶନଗୁଡ଼ିକର ଦୈନନ୍ଦିନ ଶୁଣାଣି ଆରମ୍ଭ ହୋଇଥିଲା।

**୨୦୨୩ ସେପ୍ଟେମ୍ବର ୫:** ୧୬ ଦିନର ଶୁଣାଣି ପରେ ୨୩ଟି ପିଟିଶନ ଉପରେ ରାୟକୁ ସଂରକ୍ଷିତ ରଖାଯାଇଥିଲା।

**୨୦୨୩ ଡିସେମ୍ବର ୧୧:** ୩୭୦ ଉଚ୍ଛେଦ ନେଇ ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଏଥିସହ ଆସନ୍ତାବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ଓମାର, ମେହବୁବା ଗୃହବନ୍ଦୀ ଅଭିଯୋଗ

ଶ୍ରୀନଗର,୧୧।୧୨(ପି.ଟି.)

୩୭୦ ଉଚ୍ଛେଦ ଉପରେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପୂର୍ବରୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍ତିଙ୍କୁ ଗୃହବନ୍ଦୀ କରି ରଖାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ତେବେ କାହାକୁ ଗିରଫ କିମ୍ବା ଗୃହବନ୍ଦୀ କରାଯାଇ ନ ଥିବା ଜମ୍ମୁ-କଶ୍ମୀର ଉପମୁଖ୍ୟମନ୍ତ୍ରୀ ମନୋଜ ସିହ୍ନା କହିଥିବାବେଳେ ପୋଲିସ ମଧ୍ୟ ଅଭିଯୋଗକୁ ଖଣ୍ଡନ କରିଛି। ରାୟ ପୂର୍ବରୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ନେତ୍ରୀ ମେହବୁବାଙ୍କ ଘରକୁ ସିଲ୍ କରାଯାଇ ଗୃହବନ୍ଦୀ ରଖାଯାଇଥିବା ସେ ଏକ୍ସ’ରେ ପୋଷ୍ଟ କରିଥିଲେ। ସେହିପରି ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଏବଂ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲାଙ୍କ ଘରକୁ ସୋମବାର ସକାଳୁ ପୋଲିସ ବନ୍ଦ କରିଥିବା ସେମାନେ ଅଭିଯୋଗ କରିଥିଲେ।

## ୩୭୦ ରାୟକୁ ନେଇ ପ୍ରତିକ୍ରିୟା


“ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ସାମ୍ବିଧାନିକ ଥିଲା ବୋଲି ସର୍ବୋଚ୍ଚ ଅଦାଲତଙ୍କ ରାୟରୁ ପ୍ରମାଣିତ ହୋଇଛି।

**-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**


“ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରକ୍ରିୟା, ଲକ୍ଷ୍ୟ ଓ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଜମ୍ମୁ-କଶ୍ମୀରକୁ ମୁଖ୍ୟ ସ୍ରୋତକୁ ଆଣିଛନ୍ତି, ଯେଉଁଥିବାରୁ ହୃଦୟଭରା କୃତଜ୍ଞତା।

**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**


“ସୁପ୍ରିମକୋର୍ଟଙ୍କ ରାୟ ୩୭୦ ଉଚ୍ଛେଦକୁ କାଏମ ରଖିବା ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ। ଦୁଃଖର ସହ ପ୍ରତ୍ୟେକଙ୍କୁ ଏହା ଗ୍ରହଣ କରିନେବାକୁ ହେବ।

**-ଗୁଲାମ ନବୀ ଆଜାଦ, ଡେମୋପ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ଅଧ୍ୟକ୍ଷ**


“ଆମେ ଆମ ଦେଶ, ସମ୍ବିଧାନ ଓ ନ୍ୟାୟପାଳିକାକୁ ନେଇ ଗର୍ବିତ। ସୁପ୍ରିମକୋର୍ଟଙ୍କ ରାୟକୁ ଆମେ ସମ୍ମାନ ଜଣାଉଛୁ। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରିବା ସହ ବିଧାନସଭା ନିର୍ବାଚନ ପାଇଁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ।

**-ରବିନ୍ଦର ରାଇନା, ଜମ୍ମୁ-କଶ୍ମୀର ଭାଜପା ସଭାପତି**


“ସୁପ୍ରିମକୋର୍ଟଙ୍କ ରାୟ କେବଳ ଜମ୍ମୁ-କଶ୍ମୀର ପାଇଁ ନୁହେଁ ବରଂ ଭାରତର ଚିନ୍ତାଧାରା ପାଇଁ ‘ମୃତ୍ୟୁଦଣ୍ଡ’। ଜନସାଧାରଣ ନିରାଶ ହୁଅନ୍ତୁ ନାହିଁ। ବହୁ ଦଶନ୍ଧି ଧରି ଏହି ଅଞ୍ଚଳର ସଂଘର୍ଷ ଏକ ରାଜନୈତିକ ଲଢ଼େଇ ହୋଇଆସିଛି।

**-ମେହବୁବା ମୁଫ୍ତି,ପିଡିପି ଅଧ୍ୟକ୍ଷା**


“ସୁପ୍ରିମକୋର୍ଟ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ କାଏମ ରଖିବା ଦୁଃଖଦାୟକ କିନ୍ତୁ ନିରାଶ କରିନାହିଁ। ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଲାଗି ଲଢ଼େଇ ଜାରି ରହିବ।

**-ଓମାର ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ**


“ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ୩୭୦ ଉଚ୍ଛେଦ କଶ୍ମୀରବାସୀଙ୍କୁ ଗର୍ବିତ କରିଛି। ପୂର୍ବରୁ ସେମାନେ ଅନ୍ୟ ଦେଶ ଦ୍ୱାରା ଅବହେଳିତ ହେଉଥିଲେ।

**-ଆଦିଶ ସି. ଅଗ୍ରୱାଲା, ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ମୁଖ୍ୟ**

## ଏଏସ୍‌ଆଇକୁ ମିଳିଲା ଆଉ ସପ୍ତାହେ

ବାରାଣସୀ,୧୧।୧୨(ପି.ଟି.)

### ଜ୍ଞାନବାପି ସର୍ଭେ

ବିବାଦୀୟ ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନସମ୍ମତ ସର୍ଭେ କରି ରିପୋର୍ଟ ଦାଖଲ ଲାଗି ବାରାଣସୀ ଜିଲା ଅଦାଲତ ସୋମବାର ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଆଉ ଏକ ସପ୍ତାହ ସମୟ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୮କୁ ଧାର୍ଯ୍ୟ ହୋଇଛି। ସର୍ଭେ ରିପୋର୍ଟ ଦାଖଲ ପାଇଁ ଜିଲା ଜଜ୍ ଏ.କେ. ବିଶ୍ୱେସ ଇତିମଧ୍ୟରେ ୬ ଥର ସମୟସୀମା ବଢ଼ାଇଲେଣି। ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଅସୁସ୍ଥତା କାରଣରୁ ସୋମବାର ରିପୋର୍ଟ ଦାଖଲ ପାଇଁ ଏଏସ୍‌ଆଇ ଅକ୍ଷମତା ପ୍ରକାଶ କରିବା ସହ ଅଧିକ ସମୟ ମାଗିଥିଲା।

## ମହିଳାଙ୍କୁ ଉଲଗ୍ନ ପରେଡ୍

ବେଲାଗାଭି,୧୧।୧୨

କର୍ନାଟକ ବେଲାଗାଭି ଅଞ୍ଚଳର ଭାଣ୍ଟାମୁରି ଗ୍ରାମରେ ଯୁବତୀଙ୍କୁ ନେଇ ପଳାଇଥିବା ଜଣେ ଯୁବକଙ୍କ ମାଆକୁ ଯୁବତୀ ପରିବାର ଲୋକେ ଉଲଗ୍ନ ପରେଡ୍ କରାଇବା ସହ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଥିବା ଅଭିଯୋଗ ହୋଇଛି। ଯୁବକଙ୍କ ଘରକୁ ମଧ୍ୟ ଆକ୍ରମଣ କରାଯାଇଛି। ପୋଲିସ ପହଞ୍ଚି ମହିଳାଙ୍କୁ ମୁକୁଳାଇବା ସହ ୭ ଜଣଙ୍କୁ ଗିରଫ କରିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଗାଁରେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୨୪ ବର୍ଷୀୟ ଅଶୋକ ଏବଂ ୧୮ ବର୍ଷୀୟ ପ୍ରିୟଙ୍କାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ସେମାନେ ରବିବାର ବିଳମ୍ବିତ ରାତିରେ ଗାଁ ଛାଡ଼ି ପଳାଇଥିଲେ।

## ହିଣ୍ଡନ ଏୟାରବେସ୍ ପାଚେରି ତଳେ ସୁଡ଼ଙ୍ଗ

ନୂଆଦିଲ୍ଲୀ,୧୧।୧୨

### ସୁରକ୍ଷା ପ୍ରତି ବିପଦ ଆଶଙ୍କା



ଦିଲ୍ଲୀଠାରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହିଣ୍ଡନ ଏୟାରବେସ୍ ମଧ୍ୟକୁ ଏକ ସୁଡ଼ଙ୍ଗ ଖୋଳାଯିବାକୁ ଉଦ୍ୟମ ହୋଇଥିବା ସନ୍ଦେହ କରାଯାଉଛି। ଫଳରେ ଏୟାରବେସ୍‌ର ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଗାଜିଆବାଦରେ ଥିବା ଉକ୍ତ ଏୟାରବେସ୍ ପାଚେରି ତଳେ ୪ ଫୁଟ୍ ଗଭୀରର ଏକ ଖାତ ଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଭାରତୀୟ ବାୟୁସେନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଖାତକୁ ଇତିମଧ୍ୟରେ ପୋତିଦିଆଯାଇଛି।

ବାୟୁସେନାର ୱେଷ୍ଟର୍ନ ଏୟାର କମାଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ହିଣ୍ଡନ ଏୟାରବେସ୍ ଏସିଆର ସର୍ବବୃହତ୍ ଏୟାରବେସ୍। ସେଠାରେ ଭାରତୀୟ ବାୟୁସେନାର ସି-୧୭ ପରିବହନ ବିମାନ ରହିଛି। ସେଠାରେ ଥିବା ୨୦ ଫୁଟ ଉଚ୍ଚ ତଥା ପ୍ରଶସ୍ତ ପାଚେରିର ତଳଭାଗକୁ ଭଙ୍ଗାଯିବା ପରେ ସେଠାରେ ଖାତ ଖୋଳାଯାଇଥିଲା। ଉକ୍ତ ଅଞ୍ଚଳରେ କିଛିଦିନ ହେଲା ଚୋରି ଡକାୟତି ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପାଚେରି ତଳେ ସୁଡ଼ଙ୍ଗ ଖୋଳାକୁ ନେଇ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

ଧରିତ୍ରୀ 50 Years
ଧରିତ୍ରୀ DHARITRI



# ଦେହରେ ନିଆଁ ଲଗାଇ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ଆସିକା,୧୧।୧୨(ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା କୋଟିନଡା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମର ଜଣେ କଲେଜ ଛାତ୍ରୀ ସୋମବାର ନିଜ ଘରେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦେବରାଜ ଗୌଡଙ୍କ ଝିଅ ପୂଜା ଗୌଡ (୧୭)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ପୂଜା କାହିଁକି ଏପରି ଚରମ ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ଜଣାପଡିନାହିଁ।

ପୂଜା ବାଲିପଦରସ୍ଥିତ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ତାଙ୍କ ବାପା ସୁରଟରେ କାମ କରୁଛନ୍ତି। ଘରେ ମା’ ଓ ଭାଇଙ୍କ ସହ ସେ ରହୁଥିଲେ। ରବିବାର ରାତିରେ ପୂଜା ତାଙ୍କ ଅଜାଙ୍କ ଘରେ ସାଇବଗଡ ଗ୍ରାମରେ ଥିଲେ। ସୋମବାର ସକାଳେ ସେ ଅଜାଙ୍କ ସହ ଗାଁକୁ ଫେରିଥିଲେ। ସକାଳୁ ଭାଇ କଲେଜ ପଳାଇଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୦ଟାରେ ମା’ ଓ ଅଜା ଏକ ଶୁଦ୍ଧି କାର୍ଯ୍ୟରେ ଯୋଗଦେବାକୁ ବେଲଗୁଣ୍ଠା ଚାଲି ଯାଇଥିଲେ। ଏହାର ସୁଯୋଗ ନେଇ ପୂଜା ଘରେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଘରୁ ଧୂଆଁ ବାହାରୁଥିବା ଦେଖି ପଡୋଶୀମାନେ ଗ୍ରାମରେ ଥିବା ପୂଜାଙ୍କ ଦାଦା ଓ ଅନ୍ୟମାନଙ୍କୁ ଡାକି କବାଟ ଖୋଲିଲା ବେଳକୁ ପୋଡି ହୋଇ ପୂଜାଙ୍କ ମୃତ୍ୟୁ ଘଟି ସାରିଥିବା ଦେଖାଯାଇଥିଲା। ଘଟଣା ସମ୍ପର୍କରେ ପୂଜାଙ୍କ ମା’ ଅନିତା ଗୌଡ କୋଟିନଡା ଥାନାରେ ଅଭିଯୋଗ କରିଛନ୍ତି। ଝିଅ କିରୋସିନ ଢାଳି ପୋଡି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଥିବା ବେଳେ ଏହାର କାରଣ ଜାଣି ନ ଥିବା ଉଲ୍ଲେଖ କରିଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ୩୭୦ ଗଲା

# ରାଜ୍ୟପାଳଙ୍କ ପାଣ୍ଠି ଯାଉଛି କୁଆଡ଼େ

**ଭୁବନେଶ୍ୱର, ୧୧।୧୨(ସୁନିତ୍ ମିଶ୍ର)**



ଓଡ଼ିଶାର ନାଗରିକମାନେ ଜାଣି ନ ଥିବେ ରାଜ୍ୟପାଳଙ୍କ ପାଖରେ ମଧ୍ୟ ଅତ୍ୟଧିକ ଅର୍ଥ ପ୍ରଦାନର କ୍ଷମତା ରହିଥାଏ। ଉଲ୍ଲେଖଯୋଗ୍ୟ, ଏହି ଅର୍ଥ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ରାଜକୋଷରୁ ରାଜଭବନକୁ ଦିଆଯାଇଥାଏ ଅର୍ଥାତ୍ ଏହା ଓଡ଼ିଶାର କରଦାତାଙ୍କ ଅର୍ଥ। କିନ୍ତୁ ଏହି ଅର୍ଥ ସମ୍ପର୍କରେ କେହି କେବେ ଜନସାଧାରଣଙ୍କ ଜ୍ଞାତସାରକୁ ଆଣନ୍ତି ନାହିଁ। ଏପରିକି ଗଣମାଧ୍ୟମରେ ଏ ସମ୍ପର୍କରେ କେବେ ବି କୌଣସି ଉଲ୍ଲେଖ ହୋଇଥିବାର ମନେ ନ ଥିବ। ରାଜଭବନରେ ଏକ ଭିନ୍ନ ସଚିବାଳୟ ରହିଛି। ତାହା ସମ୍ପୂର୍ଣ୍ଣ ଭାବେ ଯିଏ ରାଜ୍ୟପାଳଙ୍କ ସଚିବ ରୁହନ୍ତି ତାଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ତା’ର ହିସାବନିକାଶ ଭଳି ସବୁ କାର୍ଯ୍ୟ ପାଇଁ ସେହି ସଚିବାଳୟର ଦାୟିତ୍ୱ ହୋଇଥିବା ସତ୍ତ୍ୱେ କେହି ତାଙ୍କୁ ପ୍ରଶ୍ନ କରିବାର ଅଧିକାର ନାହିଁ। କାରଣ ସେହି ପାଣ୍ଠିକୁ ରାଜ୍ୟ ସରକାର ଅଡିଟ୍ କରନ୍ତି ନାହିଁ।

ନିକଟରେ ଧରିତ୍ରୀ ପକ୍ଷରୁ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ମାଧ୍ୟମରେ ଗତ ୫ ବର୍ଷ(୨୦୧୮-୧୯ରୁ ୨୦୨୩-୨୪ ଆର୍ଥିକ ବର୍ଷ)ର ଓଡ଼ିଶା ରାଜ୍ୟପାଳଙ୍କ ଅନୁଦାନ ସମ୍ପର୍କିତ ତଥ୍ୟ ମଗାଯାଇଥିଲା। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଅନେକ ଚାଞ୍ଚଲ୍ୟକର ତଥ୍ୟ ଏଥିରେ ଉଲ୍ଲେଖଥିବା ଦେଖାଯାଇଛି। ସେହି ସମୟରେ ନିକଟରେ ବିଦାୟ ନେଇଥିବା ପ୍ରଫେସର ଗଣେଶୀ ଲାଲ୍ ଓଡ଼ିଶା ରାଜ୍ୟପାଳ ଥିଲେ। ଗଣେଶୀ ଲାଲ୍‌ଙ୍କୁ ଅନେକ ସାଂସ୍କୃତିକ ଏବଂ ଅର୍ଦ୍ଧ ରାଜନୈତିକ ଅନୁଷ୍ଠାନ ଡାକି ତାଙ୍କ ଭାଷଣ ଶୁଣିବା ଲାଗି ଗଦଗଦ ହେଉଥିଲେ। ହେଲେ ଭିତିରି ତଥ୍ୟ ଜାଣିବା ପାଇଁ ସାଧାରଣ ଲୋକ ଅକ୍ଷମ ଥିବାରୁ ଅନେକ ବ୍ୟକ୍ତିଗତ କାର୍ଯ୍ୟ ରାଜ୍ୟପାଳଙ୍କ ପାଣ୍ଠି ମାଧ୍ୟମରେ କରି ଦିଆଯାଇପାରୁଥିଲା।




ପ୍ରଫେସର ଲାଲ୍ ୨୯ ମେ ୨୦୧୮ରୁ ୧୮ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ଦୀର୍ଘ ସାଢେ ୫ ବର୍ଷ ଓଡ଼ିଶା ରାଜ୍ୟପାଳ ଦାୟିତ୍ୱରେ ଥିଲେ। ସେ ୧ ମାର୍ଚ୍ଚ ୧୯୪୧ରେ ହରିୟାଣାର ଶୀର୍ଷା ଜିଲାରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶାରେ ସାଢେ ୫ ବର୍ଷ ରାଜ୍ୟପାଳ ଦାୟିତ୍ୱରେ ଥିବାବେଳେ ସେ ତାଙ୍କ ଜିଲା ଶୀର୍ଷାକୁ ବିପୁଳ ଆର୍ଥିକ ସହାୟତା ଯୋଗାଇଦେଇଛନ୍ତି। ସେ ଏକ ପ୍ରକାର ଓଡ଼ିଆଙ୍କ ଖର୍ଚ୍ଚରେ ହରିୟାଣାର ମଙ୍ଗଳ କରିଦେଇଯାଇଥିବାର ଚିତ୍ର ଆର୍‌ଟିଆଇ ବଳରେ ମିଳିଥିବା ତଥ୍ୟରୁ ଦେଖିବାକୁ ମିଳିଛି। ଆର୍‌ଟିଆଇରୁ ମିଳିଥିବା ତଥ୍ୟ ଅନୁଯାୟୀ, ☞ପୃଷ୍ଠା-୨

# ଧାରା ୩୭୦ ଉଚ୍ଛେଦ ବୈଧ

**ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**



**ନୂଆଦିଲ୍ଲୀ,୧୧।୧୨(ପି.ଟି.)**

- **କଶ୍ମୀରକୁ ଶୀଘ୍ର ରାଜ୍ୟ ମାନ୍ୟତା ଫେରାଅ**
- **ସେପ୍ଟେମ୍ବର ୩୦ ସୁଦ୍ଧା ନିର୍ବାଚନ କର**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୋମବାର ସୁପ୍ରିମକୋର୍ଟ ସର୍ବସମ୍ମତିକ୍ରମେ କାଏମ ରଖିଛନ୍ତି। ଏଥିସହିତ ଜମ୍ମୁ-କଶ୍ମୀରକୁ ଯଥାଶୀଘ୍ର ରାଜ୍ୟ ମାନ୍ୟତା ଫେରାଇଦେବା ସହ ଆସନ୍ତା ବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜମ୍ମୁ-କଶ୍ମୀରରୁ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ଅଲଗା କରିବା ଲାଗି କେନ୍ଦ୍ରର ନିଷ୍ପତ୍ତିର ବୈଧତା ମଧ୍ୟ ସୁପ୍ରିମକୋର୍ଟରେ କାଏମ ରହିଛି।

ବହୁ ଦଶକ ଧରି ଅନୁଚ୍ଛେଦ ୩୭୦କୁ ନେଇ ଲାଗିରହିଥିବା ବିତର୍କର ସୋମବାର ଅନ୍ତ ଘଟିଛି। ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସହମତିରେ ୩ଟି ରାୟ ପ୍ରଦାନ କରିଛନ୍ତି। ସାମ୍ବିଧାନିକ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ବି.ଆର୍. ଗଭାଇ, ସୂର୍ଯ୍ୟକାନ୍ତ, ସଞ୍ଜୀବ ଖାନ୍ନା ଏବଂ ସଞ୍ଜୟ କିଷନ କୌଲ ରହିଥିଲେ। ୧୯୪୭ରେ ଜମ୍ମୁ-କଶ୍ମୀର କେନ୍ଦ୍ର ସରକାରରେ ସାମିଲ ହେବା ସମୟରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଅନୁଯାୟୀ ଏହି ରାଜ୍ୟକୁ ସ୍ୱତନ୍ତ୍ର ସୁବିଧା ମିଳିଆସୁଥିଲା। ତେବେ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଏହାକୁ ଉଚ୍ଛେଦ କରିଥିଲେ। ରାୟ ଲେଖିବାବେଳେ ସିଜେଆଇ କହିଛନ୍ତି, ଅନୁଚ୍ଛେଦ ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା ଏବଂ ଉକ୍ତ ରାଜ୍ୟର ସମ୍ବିଧାନ ସଭା ଅନୁପସ୍ଥିତିରେ ଏହାକୁ ଉଚ୍ଛେଦ କରିବା କ୍ଷମତା ରାଷ୍ଟ୍ରପତିଙ୍କର ରହିଥିଲା। ସୁପ୍ରିମକୋର୍ଟଙ୍କ ରାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତ କରିଛନ୍ତି। ଆମ ଲଦାଖ ଭଉଣୀଭାଇମାନଙ୍କ ପାଇଁ ଉକ୍ତ ରାୟ ଆଶା, ସମୃଦ୍ଧି ଓ ଏକତା ଘୋଷଣାର ପ୍ରତିଧ୍ୱନି ବୋଲି ସେ କହିଛନ୍ତି।

> ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ଐତିହାସିକ ରାୟ ଦେଇଛନ୍ତି। ଏହି ରାୟ ରାଷ୍ଟ୍ରର ଏକତାକୁ ବଜାୟ ରଖିବ। ଏଥିସହିତ ଏହା ଜମ୍ମୁ-କଶ୍ମୀର ଏବଂ ଲଦାଖର ଭାଇ ଓ ଭଉଣୀମାନଙ୍କ ପାଇଁ ଆଶା, ସମୃଦ୍ଧି ଓ ଏକତା ଘୋଷଣାର ପ୍ରତିଧ୍ୱନି।
>
> **- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ବାଦ୍ ଦେଇ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଜଣାଇଥିଲେ। ତାଙ୍କ ବୟାନ ପରେ ସିଜେଆଇ କହିଥିଲେ, ଅନୁଚ୍ଛେଦ ୩ ଅନୁଯାୟୀ ☞ପୃଷ୍ଠା-୨

# ଓଡ଼ିଶାରେ ଅରୁଣାଚଳ ପ୍ରଦେଶ ମଦ

## ରାଜସ୍ୱ ଫାଙ୍କି ବେପାରୀ ମାଲାମାଲ

**ବାଲେଶ୍ୱର, ୧୧।୧୨(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ଥାନା ବାଲଗୋପାଳପୁର ଅଞ୍ଚଳରୁ ଜବତ ହୋଇଛି ଅରୁଣାଚଳ ପ୍ରଦେଶରେ ବିକ୍ରି ପାଇଁ ଉଦ୍ଦିଷ୍ଟ ଲକ୍ଷାଧିକ ଟଙ୍କାର ମଦ। ଜଳେଶ୍ୱର କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଓ ବାଲେଶ୍ୱର ଜିଲା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଏହି ମଦ ଜବତ କରାଯାଇଛି। ବ୍ୟବସାୟୀମାନେ ଅନ୍ୟ ରାଜ୍ୟରୁ କମ୍ ଦାମ୍‌ରେ ମଦ କିଣି ବାଲେଶ୍ୱର ଜିଲା ସମେତ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଅଧିକ ଦାମ୍‌ରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଫଳରେ ଓଡ଼ିଶା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଅନ୍ୟ ରାଜ୍ୟରୁ କିପରି ଏହି ମଦ ଓଡ଼ିଶା ପହଞ୍ଚୁଛି ଏହା ଉପରେ କେବେ ବି ଚଢ଼ାଉ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଜବତ ୨୦ ପେଟି ମଦ

ରେମୁଣା ଥାନା ବାଲଗୋପାଳପୁର ଅଞ୍ଚଳର ଜଣେ ଚୋରା ମଦ ବେପାରୀଙ୍କ ବିକ୍ରୟସ୍ଥଳ ଏବଂ ଘର ଉପରେ ଚଢାଉ କରାଯାଇ ଅରୁଣାଚଳ ପ୍ରଦେଶରେ ବିକ୍ରି ପାଇଁ ଉଦ୍ଦିଷ୍ଟ ୨୦ପେଟି (୧୮୮ ଲିଟର) ମଦ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୮୮ହଜାର ଟଙ୍କା ହେବ। ପୁରୁଷୋତ୍ତମପୁର ଅଞ୍ଚଳର ଚୋରା ମଦ ବ୍ୟବସାୟୀ ପ୍ରଶାନ୍ତ ଜେନା(୩୨) ଓ କର୍ମଚାରୀ ଗଜେନ୍ଦ୍ର ସାହୁ (୪୫) ଗିରଫ ହୋଇଛନ୍ତି। ଏନେଇ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଜଳେଶ୍ୱର ଥାନାରେ ମାମଲା (ନଂ. ୧୭୩/୨୦୨୩-୨୪) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହା ଏଠାକୁ କିପରି ଆସୁଥିଲା ଏବଂ କେତେଦିନ ଧରି ସେମାନେ ଏହି ବେପାର କରିଆସୁଥିଲେ ସେନେଇ ତଦନ୍ତ ଚାଲିଥିବା ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ଚଢ଼ାଉରେ ଜିଲା ଅବକାରୀ ଅଧୀକ୍ଷକ ପାଢ଼ୀ, ଜଳେଶ୍ୱର କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଅଧିକାରୀ ସତ୍ୟଜିତ୍ ଖଟୁଆ, ନୀଳଗିରି ଅବକାରୀ ବିଭାଗ ଇନ୍ସପେକ୍ଟର ଗାଲୁରାମ ସୋରେନ, ଜିଲା ଭ୍ରାମ୍ୟମାଣ ☞ପୃଷ୍ଠା-୨

# ଗଣତି ସରିଲା, ବିଭ୍ରାନ୍ତି ବଢ଼ିଲା



- **କେତେ ଟଙ୍କା ମିଳିଲା ସଠିକ୍ ତଥ୍ୟ ମିଳୁନି**
- **୨୮୫ କୋଟି ଟଙ୍କା ବ୍ୟାଙ୍କରେ ଡିପୋଜିଟ୍ ହୋଇଥିବା ଚର୍ଚ୍ଚା**
- **ଷଷ୍ଠ ଦିନରେ ଆୟକର ବିଭାଗ ଚଢ଼ାଉ, ତନାଘନା ଜାରି**
- **ମଦଭାଟି ଟଙ୍କା ଜବତ ବେଳେ ଭିଡିଓ ରେକର୍ଡିଂ ହୋଇ ନ ଥିବା ଚର୍ଚ୍ଚା**

**ବଲାଙ୍ଗୀର, ୧୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାର ବିଭିନ୍ନ ମଦଭାଟି, ମଦ ଅଫିସ ଓ ମଦ ବ୍ୟବସାୟୀଙ୍କ ବାସଭବନରେ ଚାଲିଥିବା ଆୟକର ବିଭାଗ ଚଢ଼ାଉ ସୋମବାର ଷଷ୍ଠଦିନରେ ପହଞ୍ଚିଛି। ରବିବାର ରାତି ୯ଟା ସୁଦ୍ଧା ମଦଭାଟିରୁ ଜବତ ଟଙ୍କା ଗଣତି ସରିଥିବା କୁହାଯାଇଥିଲା। ବଲାଙ୍ଗୀର କ୍ଷେତ୍ରୀୟ ବ୍ୟବସାୟିକ ବ୍ୟାଙ୍କର କ୍ଷେତ୍ରୀୟ ପରିଚାଳକ ଭଗତ ବେହେରା ବ୍ୟାଙ୍କ ଭିତରୁ ସୁରକ୍ଷା କର୍ମୀଙ୍କ ଗହଣରେ ଆସିଥିଲେ ମଧ୍ୟ ଗଣତି ସରିବା ପରେ ସମୁଦାୟ କେତେ ଟଙ୍କା ମିଳିଲା କହି ନ ଥିଲେ। ଆୟକର ବିଭାଗ ମଧ୍ୟ କୌଣସି ସୂଚନା ନ ଦେବାରୁ ବାସ୍ତବରେ ବଲାଙ୍ଗୀର ଜିଲାର ବଲାଙ୍ଗୀର, ଟିଟିଲାଗଡ଼ ମଦଭାଟି, ଅଫିସ ଏବଂ ମଦ ବ୍ୟବସାୟୀଙ୍କ ଘର ଓ ଭଡ଼ାଘରୁ କେତେ ଟଙ୍କା ମିଳିଛି ତାହା ସ୍ପଷ୍ଟ ହୋଇନାହିଁ। ଟଙ୍କା ଗଣତି ସରିଥିବା କୁହାଯାଇଥିଲେ ମଧ୍ୟ କେତେ ଟଙ୍କା ମିଳିଲା ତାହା କୌଣସି ଦାୟିତ୍ୱସମ୍ପନ୍ନ ଆୟକର କିମ୍ବା ବ୍ୟାଙ୍କ ଅଧିକାରୀ କହୁ ନ ଥିବାରୁ ସାଧାରଣରେ ଜବତ ଟଙ୍କାକୁ ନେଇ ବିଭ୍ରାନ୍ତି ବଢ଼ିବାରେ ଲାଗିଛି। ସୋମବାର ବିଭିନ୍ନ ବୈଦ୍ୟୁତିକ, ଛାପା ଓ ୱେବ୍ ଗଣମାଧ୍ୟମରେ ଆୟକର ବିଭାଗର ଟଙ୍କା ଜବତକୁ ନେଇ ଭିନ୍ନ ଭିନ୍ନ ପରିସଂଖ୍ୟାନ ପ୍ରକାଶ ପାଇଥିବାରୁ ସର୍ବସାଧାରଣରେ ବିଭ୍ରାନ୍ତି ବୃଦ୍ଧି ପାଇଛି।

ପ୍ରଥମ ଦିନ ଗଣତି ପରେ ଏସ୍‌ବିଆଇ ବ୍ୟବସାୟିକ କ୍ଷେତ୍ରୀୟ ପରିଚାଳକ ବେହେରା ପ୍ରଥମ ଦିନ ଗଣତି ଶେଷ ସୁଦ୍ଧା ୪୦ଟି ବ୍ୟାଗ୍‌ରୁ ୪୬ କୋଟି ଟଙ୍କା ବାହାରିଥିବା କହିଥିଲେ। ଏହାପରେ ୧୦୨ ବ୍ୟାଗ୍ ଗଣତି ସରିଥିବା କହିଥିଲେ ମଧ୍ୟ କେତେ ଟଙ୍କା ମିଳିଲା କହି ନ ଥିଲେ। ରବିବାର ରାତିସୁଦ୍ଧା ସମୁଦାୟ ୧୭୬ ବ୍ୟାଗ୍ ଗଣତି ସରିଥିଲେ ମଧ୍ୟ କେତେ ଟଙ୍କା ମିଳିଲା ଗଣମାଧ୍ୟମକୁ ନ ଜଣାଇ ସୁରକ୍ଷାକର୍ମୀ ବଳୟରେ ବ୍ୟାଙ୍କରୁ ବାହାରି ଯାଇଥିଲେ।

ସମଗ୍ର ଦେଶରେ ହଇଚଇ ସୃଷ୍ଟି କରିଥିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ଏହି ମଦଭାଟିରୁ ଜବତ କୋଟି କୋଟି ଟଙ୍କା ବିଷୟରେ ଉଲ୍ଲେଖ କଲା ପରେ ମଧ୍ୟ ଆୟକର ବିଭାଗ ଏବଂ ଏସ୍‌ବିଆଇ ଅଧିକାରୀ କେଉଁ କାରଣରୁ ପ୍ରତିଦିନର ଆର୍ଥିକ ଓ ସମ୍ପତ୍ତିଗତ ଚଢ଼ାଉ ସମ୍ପର୍କରେ ସୂଚନା ଦେଉନାହାନ୍ତି ତାକୁ ନେଇ ସାଧାରଣରେ ବିଭ୍ରାନ୍ତି ବଢ଼ିଛି। ଆୟକର ବିଭାଗର ଚଢ଼ାଉ ବେଳେ ମଦଭାଟିରୁ ଯେଉଁ ବିପୁଳ ଟଙ୍କା ମିଳିଲା ବୋଲି କୁହାଯାଉଛି ତା’ର ଭିଡିଓ ☞ପୃଷ୍ଠା-୨



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢକ ଢକ କରି ପିଉଛି ପାଣି**
**ମିଛେ ବୋଲୁଥାଇ ବାସି ତୋରାଣି।**

କିଛି ବ୍ୟକ୍ତି ଖାଇବାକୁ ପାଉନଥିବା ବେଳେ ନିଜର ଅଭାବ ଅସୁବିଧାକୁ ଲୁଚାଇବାକୁ ଯାଇ ଅନ୍ୟ ଆଗରେ ଭଲ ଖାଦ୍ୟ ଖାଉଥିବାର ମିଛ ଅଭିନୟ କରିଥାନ୍ତି। ଛଳନା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢଗ ମରମ**
**କଥା ସରମ।**

ଢଗଢମାଳି ବ୍ୟକ୍ତିର ଗୁଣ ବା ଚରିତ୍ରକୁ ଅନ୍ୟ ଆଗରେ ପରିପ୍ରକାଶ କରିବାର ଏକ ବଳିଷ୍ଠ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବନାହିଁ। ଢଗ ଛଳରେ କୁହାଯାଉଥିବା କିଛି କଟୁପୂର୍ଣ୍ଣ କଥା ଶୁଣିବା ଲୋକ ଉପରେ ଗଭୀର ରେଖାପାତ ସୃଷ୍ଟି କରିବା ସହ ଦେହ ଓ ମନକୁ ମଧ୍ୟ କ୍ଷତାକ୍ତ କରିଦେଇଥାଏ। ମର୍ମଭେଦୀ କଥା ଶୁଣି ଲାଜ ସରମରେ ଜଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୁଧଙ୍କ ସମ୍ବନ୍ଧରୁ ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ଓ ଅସହଯୋଗ ଆପଣଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। କାର୍ଯ୍ୟଟି ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବାରେ ବ୍ୟତିକ୍ରମ ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗ ବିଳାସ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ବନ୍ଧୁମାନଙ୍କ ସହ ମଧୁର ସ୍ମୃତିର ସୁମଧୁର ଅନୁଭୂତିକୁ ନେଇ ଦିନଟି ବିତାଇବେ।

**ବୃଷ**
ଚନ୍ଦ୍ରଙ୍କ ଦ୍ୱାଦଶସ୍ଥ ଶୁକ୍ର ମନକୁ ସୁହାଇଲା ଭଳି ଦ୍ରବ୍ୟଲାଭ କରାଇବାରୁ ଖୁସି ରହିବେ। ଶିଳ୍ପ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ଜଣେ ଅନ୍ତରଙ୍ଗ ବନ୍ଧୁ କିମ୍ବା ବାନ୍ଧବୀଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ**
କେତୁ ଚତୁର୍ଥସ୍ଥ ଯୋଗୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଠିକ୍ ହେବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**
ଆପଣଙ୍କ ମନର ଚିନ୍ତା ଅନୁଯାୟୀ କାର୍ଯ୍ୟ ପଦ୍ଧତିର ତାଳମେଳ ରହିବ ନାହିଁ। ଫଳ ସ୍ୱରୂପ ଯେଉଁ ଆଶା ନେଇ ଯାହା କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଗତକାଲିର ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହି ନ ପାରେ। ଈର୍ଷାପରାୟଣ ନିକଟସ୍ଥ ବନ୍ଧୁବର୍ଗ କିମ୍ବା ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ସପ୍ତମସ୍ଥ ଶନି ହେତୁ ତରବରିଆ ଯାତ୍ରାରୁ ଦୂରେଇ ରହିବା ଠିକ୍ ହେବ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। କିନ୍ତୁ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ଲଢ଼େଇ କରି ନିଶ୍ଚୟ ପାଇବେ। ଷଷ୍ଠସ୍ଥ ଶନି ଯୋଗୁ ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ଶ୍ରମ ଜନିତ ଅନିଦ୍ରା ହେତୁକ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ।

**ତୁଳା**
ଶୁକ୍ର ନିଜ ରାଶିରେ ଅବସ୍ଥାନ କରିଥିବା ହେତୁ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଏକାନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସହକର୍ମୀଙ୍କ ହସ୍ତକ୍ଷେପ ପ୍ରତିବନ୍ଧକ ସାଜିବାର ଆଶଙ୍କା ରହିଛି। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ଷଷ୍ଠସ୍ଥ ଗୁରୁ ଯୋଗୁ ବାକ୍‌ପଟୁତାରେ ବନ୍ଧୁମାନେ ପ୍ରଶଂସାରେ ଶତମୁଖ ହେବେ। ସକାଳୁଆ ଯାତ୍ରାରେ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବାର ମଉକା ମିଳିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡିବ।

**ଧନୁ**
କେତୁଙ୍କ କୁପ୍ରଭାବରୁ ଆଜି ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବ୍ୟବସାୟରେ ଲାଭ ମିଳିବ ମାତ୍ର ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡାଇ ହେବନାହିଁ। ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର**
ସାମାନ୍ୟ ବିଳମ୍ବ ଓ ଘାତ ପ୍ରତିଘାତ ମଧ୍ୟଦେଇ ଆଜିର ଜୀବନଯାତ୍ରା ଅତିବାହିତ କରିବେ। ମନ କଥା ମନରେ ରଖି ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ।

**କୁମ୍ଭ**
ଶୁକ୍ରଙ୍କ ଅନୁକମ୍ପାରୁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କଲେ ଶୁଭହେବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ। ବନ୍ଧୁଙ୍କ ମାଧ୍ୟମରେ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ।

**ମୀନ**
ପ୍ରତିକୂଳ ପରିବେଶର କୁପ୍ରଭାବରୁ ମାନସିକସ୍ଥିତି ଭଲ ରହିବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ଅଫିସ କାମରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ବନ୍ଧୁସମ୍ପର୍କରେ କିଛିଟା ଉନ୍ନତି ପରିଲକ୍ଷିତ ହେବ।

ଆଜି ମାର୍ଗଶିର ଅମାବାସ୍ୟା ମଙ୍ଗଳବାର, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ଶ୍ରୀମନ୍ଦିରରେ ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଅମାବାସ୍ୟାର ନିଶାପାଳନ, ମଧ ଦେବ ଦୀପାବଳି, ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ. ୧୧।୫୫ମି. ଗତେ ଜ୍ୟେଷ୍ଠା ନକ୍ଷତ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୫ମି. ଗତେ ଘ.୦୬।୫୮ମି. ମଧ୍ୟେ, ଘ.୦୮।୫୭ମି. ଗତେ ଘ.୧୧।୧୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୨ମି.ଗତେ ଘ.୦୩।୪୩ମି. ମଧ୍ୟେ ରାହୁକାଳ।

## ରାଜ୍ୟପାଳଙ୍କ ପାଣ୍ଠି...

ସାଢେ ୫ ବର୍ଷରେ ପ୍ରଫେସର ଲାଲ୍ ହରିୟାଣାକୁ ବିଭିନ୍ନ କାରଣ ଦର୍ଶାଇ ୩୧୯ଟି ଅନୁଦାନ ଦେଇଛନ୍ତି। ଏହି ସମସ୍ତ ଅନୁଦାନ ରାଶି ମିଶାଇବା ପରେ ଜଣାପଡ଼ିଛି କେବଳ ହରିୟାଣାକୁ ସେ ୬ କୋଟି ୫୦ ଲକ୍ଷ ୯୩ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହାବାଦ୍ ତାଙ୍କ ଅନୁଦାନ ତାଲିକା ଅନୁଯାୟୀ, ଅନ୍ୟ ରାଜ୍ୟ ଏବଂ ହରିୟାଣାର ଅନେକ ବ୍ୟକ୍ତିଙ୍କୁ ଆର୍ଥିକ ଏବଂ ବିଭିନ୍ନ କାମ ବାବଦ ସହାୟତା ଆକାରରେ ମୋଟ୍ ୧ କୋଟି ୧୧ ଲକ୍ଷ ୪୬ ହଜାର ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଇଷ୍ଟର୍ନ ମିଡିଆ ଲିମିଟେଡ୍ ଭଳି ଘରୋଇ ଅନୁଷ୍ଠାନକୁ ପ୍ରଫେସର ଲାଲ୍ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ନାଁରେ ବକ୍ତୃତା ପ୍ରତିଯୋଗିତା କରିବା ଲାଗି ୨୦୨୨-୨୩ ବର୍ଷରେ ମୋଟ୍ ୩୫ ଲକ୍ଷ ୨୨ ହଜାର ୩୬୯ ଟଙ୍କା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏହା ଏକ ସମ୍ପୂର୍ଣ୍ଣ ଘରୋଇ ବ୍ୟବସାୟିକ କମ୍ପାନୀ, ସେଥିପାଇଁ କେଉଁ ରୂପରେ ଏହି ବିପୁଳ ଅର୍ଥ ଦିଆଯାଇଥିଲା ତାହା ତଦନ୍ତ ସାପେକ୍ଷ। ଯେତେଗୁଡ଼ିଏ ଅନୁଦାନ ରାଶି ସେ ତାଙ୍କ କାର୍ଯ୍ୟକାଳ ଭିତରେ ଦେଇଛନ୍ତି, ସେସବୁ ଭିତରୁ ରାଜ୍ୟପାଳଙ୍କଠାରୁ ସର୍ବାଧିକ ଅର୍ଥ ରାଶି ପାଇବାରେ ଇଷ୍ଟର୍ନ ମିଡିଆ ସବୁଠୁ ଆଗରେ ରହିଛି। ପ୍ରଥମ ପର୍ଯ୍ୟାୟରେ ଏହି ସଂସ୍ଥାକୁ ରାଜ୍ୟପାଳ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ନାଁରେ ୩୦ ଲକ୍ଷ ଟଙ୍କା ଦେଇଥିବା ବେଳେ ପୁଣି ଥରେ ସମାନ ଆର୍ଥିକ ବର୍ଷରେ ଅତିରିକ୍ତ ଭାବେ ସେହି କାର୍ଯ୍ୟକ୍ରମ ଲାଗି ୫ ଲକ୍ଷ ୨୨ ହଜାର ୩୬୯ ଟଙ୍କା ଦିଆଯାଇଛି।

କେବଳ ଏତିକି ନୁହେଁ, ଆର୍‌ଟିଆଇ ଦସ୍ତାବିଜ ଦେଖିବା ପରେ ଆହୁରି ଆଶ୍ଚର୍ଯ୍ୟ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ତଥ୍ୟ ଅନୁଯାୟୀ, ହରିୟାଣାର ଏପରି ଅନେକ ବ୍ୟକ୍ତି ତାଲିକାରେ ଅଛନ୍ତି ଯେଉଁମାନେ ପ୍ରଥମେ ନିଜ ମା, ବାପା କିମ୍ବା ସମ୍ପର୍କୀୟଙ୍କ ଶାରୀରିକ ଅସୁସ୍ଥତା ଦର୍ଶାଇ ଲାଲ୍‌ଙ୍କଠାରୁ ଅର୍ଥ ପାଇଛନ୍ତି। ପରବର୍ତ୍ତୀ ସମୟରେ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷମାନେ କେତେବେଳେ 'ଆର୍ଥିକ ସହାୟତା' ତ ଆଉ କେତେବେଳେ ନିଜ ଜିଲାରେ ବିଭିନ୍ନ ଠିକାଦାରି କରିବା ନାଁରେ ବିଭିନ୍ନ ଆଳ ଦେଖାଇ ଲକ୍ଷାଧିକ ଟଙ୍କା ଓଡ଼ିଶାରୁ ପ୍ରଫେସର ଲାଲ୍‌ଙ୍କ ଜରିଆରେ ନେଇଛନ୍ତି। ଉଦାହରଣ ସ୍ୱରୂପ, ହରିୟାଣା ଶୀର୍ଷା ଜିଲାର ଭାଟିଆ ଧର୍ମଶାଳା ୱାଲି ଗଳିର ଘର ନମ୍ବର ୧୪/୫୬୦ରେ ରହୁଥିବା ଜିତ୍ ସିଂଙ୍କ ପୁଅ ମନଦୀପ ସିଂଙ୍କୁ ପ୍ରଫେସର ଲାଲ୍ ଏକାଧିକ ଥର ଟଙ୍କା ଦେଇଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ଅନାଜ ମଣ୍ଡି ଜନତା ଭବନ ରୋଡ୍ ସ୍ଥିତ ଶ୍ୟାମ ପାର୍କରେ ଥଣ୍ଡାପାଣି ଯୋଗାଣ ମେଶିନ ଲଗାଇବା ଲାଗି ମନଦୀପଙ୍କୁ ଦେଢଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏହାପରେ ମନଦୀପ ତାଙ୍କ ମା'ଙ୍କ ଚିକିତ୍ସା କରିବେ ବୋଲି ଦର୍ଶାଇ ଅନୁଦାନ ନେଲେ। ଏହାପରେ ତାଙ୍କୁ ୮ଟି ପାଣିଟାଙ୍କି ବସାଇବା ଲାଗି ବିଭିନ୍ନ ସମୟରେ ପ୍ରଫେସର ଲାଲ୍ ୧୪ ଲକ୍ଷ ୦୫ ହଜାର ଟଙ୍କାର ଅର୍ଥ ରାଶି ଯୋଗାଇ ଦେଇଛନ୍ତି। ସେହିଭଳି ହରିୟାଣା ଘିଙ୍ଗତାନିଆ ଗାଁର ଦୀନେଶ କୁମାରଙ୍କୁ ପ୍ରଥମେ ୨୦୨୧-୨୨ରେ ଗୋଟିଏ ପାଣିଟାଙ୍କି ବସାଇବା ଲାଗି ଦେଢଲକ୍ଷ ଟଙ୍କା, ୨୦୨୨-୨୩ରେ ଆର୍ଥିକ ସହାୟତା ହେଉଥିବା କହି ୫୦ ହଜାର, ଏହାପରେ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ପାଣିଟାଙ୍କି ବସାଇବା ଲାଗି ୬ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ୨୦୨୩-୨୪ ବର୍ଷରେ ଆର୍ଥିକ ସହାୟତା ବାବଦରେ ସେହି ଦିନେଶ କୁମାରଙ୍କୁ ଆଉ ଥରେ ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। କେବଳ ମନଦୀପ କି ଦୀନେଶ ନୁହନ୍ତି, ଏଭଳି ହରିୟାଣାର ଅନେକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ସମାନ ଢଙ୍ଗରେ ପ୍ରଫେସର ଲାଲ୍‌ଙ୍କଠାରୁ ଲକ୍ଷାଧିକ ଟଙ୍କାର କାମ ପାଇ ଉପକୃତ ହୋଇଛନ୍ତି। ରାଜଭବନର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ପ୍ରଫେସର ଲାଲ୍ ରାଜ୍ୟପାଳ ଥିବା ସମୟରେ ତାଙ୍କ ସହ ବ୍ୟକ୍ତିଗତ ଭାବେ ଘନିଷ୍ଠ ଥିବା ଅନେକ ବ୍ୟକ୍ତି ଏବଂ ଅନୁଷ୍ଠାନକୁ ବିପୁଳ ଆର୍ଥିକ ସାହାଯ୍ୟ ଯୋଗାଇଦେଇ ଏବେ ହରିୟାଣା ଫେରିଯାଇଛନ୍ତି।

## ଧାରା ୩୭୦...

ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାବେ ପୁନର୍ଗଠନ ଅନୁମୋଦନଯୋଗ୍ୟ କି ନୁହେଁ, ତାହା ନିର୍ଣ୍ଣୟ କରିବା ଆବଶ୍ୟକ ନାହିଁ। ତେବେ ଅନୁଚ୍ଛେଦ ୩(୧)କୁ ଦୃଷ୍ଟିରେ ରଖି ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ଅଲଗା କରିବା ନିଷ୍ପତ୍ତିର ବୈଧତାକୁ ଅଦାଲତ କାଏମ ରଖୁଛନ୍ତି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସିଜେଆଇ ତାଙ୍କ ରାୟରେ କହିଛନ୍ତି, ଭାରତର ସମ୍ବିଧାନ ସାମ୍ବିଧାନିକ ଶାସନ ପାଇଁ ଏକ ସମ୍ପୂର୍ଣ୍ଣ ନିୟମାବଳୀ। ସମ୍ବିଧାନ ସଭାର ଅନୁମୋଦନ ବିନା ଅନୁଚ୍ଛେଦ ୩୭୦(୩) ରଦ୍ଦ ହେଲା ବୋଲି ଘୋଷଣା କରି ବିଜ୍ଞପ୍ତି ଜାରି କରିବା କ୍ଷମତା ରାଷ୍ଟ୍ରପତିଙ୍କ ରହିଛି। ଅନୁଚ୍ଛେଦ ୩୭୦(୧)ର କ୍ଷମତାକୁ ରାଷ୍ଟ୍ରପତି କ୍ରମାଗତ ପ୍ରୟୋଗ କରିବା ସାମ୍ବିଧାନିକ ଏକୀକରଣର କ୍ରମାଗତ ପ୍ରକ୍ରିୟା ଆଗେଇ ଚାଲିଥିବା ସୂଚିତ ହେଉଛି ବୋଲି ପ୍ରଧାନ ବିଚାରପତି କହିଥିଲେ। ପୁନର୍ଗଠନ ଅଧିନିୟମର ଧାରା ୧୪ ଅନୁଯାୟୀ ଭାରତର ନିର୍ବାଚନ ଆୟୋଗ ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ କରାଇବାକୁ ପଦକ୍ଷେପ ନେବା ଲାଗି ସାମ୍ବିଧାନିକ ପୀଠ ନିର୍ଦ୍ଦେଶ ଦେଉଛି। ଯଥାଶୀଘ୍ର ସମ୍ଭବ ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ଫେରାଇ ଦେବାକୁ ସିଜେଆଇ କହିଥିଲେ। ସେ ଆହୁରି କହିଛନ୍ତି, ୧୯୪୯ ନଭେମ୍ବର ୨୫ରେ ଭାରତର ସମ୍ବିଧାନ ଗୃହୀତ ହେବା ସମୟରେ ପରିଗ୍ରହଣ କାର୍ଯ୍ୟକାରିତା ଏବଂ ଉଦ୍‌ଘୋଷଣା ଜାରି ପରେ ପୂର୍ବର ଜମ୍ମୁ-କଶ୍ମୀର ରାଜ୍ୟ ପାଖରେ କୌଣସି 'ସାର୍ବଭୌମତ୍ୱ ତତ୍ତ୍ୱ' ନ ଥିଲା। ଅନୁଚ୍ଛେଦ ୩୭୦ ଏକ ଅପ୍ରତିସମ ସଂଘୀୟବାଦର ବୈଶିଷ୍ଟ ଏବଂ ସାର୍ବଭୌମତ୍ୱ ନୁହେଁ ବୋଲି ସିଜେଆଇ କହିଛନ୍ତି।

ରାୟ ଘୋଷଣା କରି ଜଷ୍ଟିସ୍ କୌଲ କହିଥିଲେ, ଜମ୍ମୁ-କଶ୍ମୀରକୁ ଧୀରେ ଧୀରେ ଅନ୍ୟ ରାଜ୍ୟଗୁଡ଼ିକ ସହ ସମାନ ସ୍ତରକୁ ଆଣିବା ଅନୁଚ୍ଛେଦ ୩୭୦ର ଉଦ୍ଦେଶ୍ୟ ଥିଲା। ଅନ୍ତତଃ ୧୯୮୦ରୁ ଜମ୍ମୁ-କଶ୍ମୀରରେ ରାଷ୍ଟ୍ର ତଥା ଅଣରାଷ୍ଟ୍ର ତତ୍ତ୍ୱଙ୍କ ଦ୍ୱାରା ହୋଇଥିବା ମାନବାଧିକାର ଉଲ୍ଲଂଘନର ତଦନ୍ତ ପାଇଁ ଏକ ନିରପେକ୍ଷ ସତ୍ୟ ଏବଂ ସହମତ କମିଶନ ଗଠନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଶାରେ ଅରୁଣାଚଳ...

ଅବକାରୀ ବିଭାଗ ଅଧିକାରୀ କେଶବ ଦାସ ପ୍ରମୁଖଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ସାମିଲ ଥିଲେ। ଅପରପକ୍ଷରେ ଯେଉଁ ମଦ ବ୍ୟବସାୟୀମାନେ ସରକାରୀ ମଦ ଦୋକାନ ନିଲାମରେ ପ୍ରାପ୍ତ କରିଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ଅନ୍ୟ ରାଜ୍ୟର ମଦ ବ୍ୟବସାୟୀଙ୍କ ସହ ସମ୍ପର୍କ ରଖି ଟ୍ରାନ୍ସପୋର୍ଟ ମାଧ୍ୟମରେ ଲକ୍ଷାଧିକ ଟଙ୍କାର ମଦ ଆଣି ବର୍ଷ ବର୍ଷ ଧରି କାରବାର କରିଆସୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଟ୍ରାନ୍ସପୋର୍ଟ ମାଧ୍ୟମରେ କୌଣସି ଟ୍ରକ୍ ଅରୁଣାଚଳ ପ୍ରଦେଶ ଯାଇ ଫେରିବା ସମୟରେ ମଦ ବ୍ୟବସାୟୀମାନେ ସେମାନଙ୍କ ସହ ଯୋଗାଯୋଗ କରି ଲକ୍ଷାଧିକ ଟଙ୍କାର ମଦ ଆଣି ରେମୁଣା ଅଞ୍ଚଳରେ ରଖି ବିକ୍ରି କରୁଥିବା ଚର୍ଚ୍ଚା ହେଉଛି। ଅବକାରୀ ବିଭାଗର କେନ୍ଦ୍ରାଞ୍ଚଳ ଇନଫର୍ମେଶନ୍ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ ଉକ୍ତ ମାମଲାର ତଦନ୍ତ କରିବାର ସୂଚନା ମିଳିଛି।

## ଦେହରେ ନିଆଁ...

ତେବେ କୌଣସି କଥାକୁ ନେଇ ପୂଜା ଓ ତାଙ୍କ ମା'ଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ଆଲୋଚନା ହେଉଛି। ମା'ଙ୍କର ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ କୋଚିନ୍ଦା ଥାନାରେ ୯/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା କହିଛନ୍ତି।

## ଗଣତି ସରିଲା...


ବଲାଙ୍ଗୀର ସୁଦପଡା ଦେଶୀ ମଦଭାଟିରେ ଆୟକର ବିଭାଗ ଅଧିକାରୀ।

ରେକର୍ଡ଼ ହୋଇଛି କି ନାହିଁ ସେ ନେଇ ମଧ୍ୟ ସୂଚନା ଦିଆଯାଉ ନାହିଁ। ବାସ୍ତବରେ ଯେତିକି ଟଙ୍କା ମିଳିଛି ବୋଲି କୁହାଯାଉଛି ସେତିକି ମିଳିଛି ନା ତା' ଠୁ ଢେର ଅଧିକ ଟଙ୍କା ମିଳିଛି ତାକୁ ନେଇ ମଧ୍ୟ ଲୋକେ ନାନା ପ୍ରଶ୍ନ କରୁଛନ୍ତି। ଏଭଳି ସ୍ଥିତିରେ ଆୟକର ବିଭାଗ ଏବଂ ବ୍ୟାଙ୍କ ଅଧିକାରୀମାନେ ଜବତ ଟଙ୍କା ସମ୍ପର୍କରେ ଠିକ୍ ସୂଚନା ନ ଦେବା ପଛରେ ଆଉ କ'ଣ ଉଦ୍ଦେଶ୍ୟ ଅଛି କି ସେ ନେଇ ଲୋକେ ଆଶଙ୍କାବ୍ୟକ୍ତ କରୁଛନ୍ତି। ସୋମବାର ରାତି ସୁଦ୍ଧା ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାରେ ଗଣତି କରାଯାଇଥିବା ୨୮୫ କୋଟି ଟଙ୍କା ଡିପୋଜିଟ୍ କରାଯାଇଥିବା କୁହାଯାଉଛି। ଏହା ସହିତ ଏହି ବ୍ୟାଙ୍କରେ ଏତେ ପରିମାଣର ନଗଦ ଟଙ୍କ ରଖିବାକୁ କୁଆଡ଼େ ଜାଗା ନାହିଁ। ତେବେ ବାସ୍ତବରେ କେତେ ଟଙ୍କା ମିଳିଛି ଓ ଟଙ୍କା ରଖିବା ପାଇଁ ଜାଗା ଅଛି କି ନାହିଁ ସେନେଇ କୌଣସି ବ୍ୟାଙ୍କ କିମ୍ବା ଆୟକର ଅଧିକାରୀ ସୂଚନା ଦେଇ ନ ଥିବାରୁ ଏହାର ସତ୍ୟତାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ସିଆଇଏସ୍‌ଏଫ୍ ସୁରକ୍ଷା କର୍ମୀମାନେ ଗଲା ୬ ଦିନ ହେଲା ବଲାଙ୍ଗୀର ସୁଦପଡ଼ା ମଦଭାଟି ଓ କ୍ଲବ୍‌ପଡା ମଦ ଅଫିସକୁ ଜଗି ରହିଛନ୍ତି। ସୋମବାର ପୂର୍ବାହ୍ନରେ ଆୟକର ବିଭାଗର କେତେଜଣ ଅଧିକାରୀ ସୁଦପଡ଼ା ମଦଭାଟିକୁ ଯାଇଥିଲେ। ସେଠାରେ ଢେର ସମୟ ଧରି ତନାଘନା ଚଳାଇଥିଲେ। ବିଭିନ୍ନ କାଗଜପତ୍ର, ହିସାବ ଖାତା, ଡାଏରୀକୁ ଆୟକର ବିଭାଗ ଜବତ କରିବା ସହ ତା'ର ଛାନଭିନ୍ କରୁଥିବା ଜଣାପଡ଼ିଛି। ଏହି ମଦଭାଟିରୁ ୩୦୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଜବତ କରାଯାଇଥିବା କୁହାଯାଉଥିଲେ ମଧ୍ୟ ବାସ୍ତବରେ କେତେ ଟଙ୍କା ମିଳିଛି ସେନେଇ ବିଭାଗୀୟସ୍ତରରେ ସ୍ପଷ୍ଟ କରାଯାଇ ନାହିଁ। ସୁଦପଡା ମଦଭାଟି ମ୍ୟାନେଜର ବଣ୍ଟି ସାହୁ ଓ ରାଜେଶ ସାହୁଙ୍କ ସ୍ୱାସ୍ଥ୍ୟ ବିଗିଡିବାରୁ ସୋମବାର ଭାଟି ଭିତରକୁ ଯାଇ ଡାକ୍ତର ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଦେଇଥିବା ଜଣାପଡ଼ିଛି।

# ପୂର୍ବତନ ନିର୍ବାହୀ ଯନ୍ତ୍ରୀ, ସ୍ତ୍ରୀଙ୍କୁ ଜେଲଦଣ୍ଡ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ

**ଆୟଠାରୁ ୧୨୪% ଅଧିକ ସମ୍ପତ୍ତି ଠୁଳ କରିଥିଲେ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ନବରଙ୍ଗପୁର, ୧୧।୧୨ (ସଦାଶିବ ପ୍ରହରାଜ)

ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସୋମବାର ରାୟ ପ୍ରକାଶ ପାଇଛି। ଏଥିରେ ଅଭିଯୁକ୍ତ ଥିବା ନବରଙ୍ଗପୁର ଜିଲା ଉମରକୋଟ ଗ୍ରାମ୍ୟ ନିର୍ମାଣ (ଆର୍‌ଡବ୍ଲ୍ୟୁ) ଡିଭିଜନ୍‌ର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ସୀମାଦ୍ରି ନାୟକ (୬୧) ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାୟକ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସୀମାଦ୍ରିଙ୍କୁ ୩ବର୍ଷ ଜେଲଦଣ୍ଡ ଓ ୧୦ ଲକ୍ଷ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦାୟେ ସେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ। ସେହିପରି ସ୍ୱାମୀଙ୍କୁ ପ୍ରୋତ୍ସାହିତ କରିବା ଅପରାଧରେ ସ୍ତ୍ରୀ ଲକ୍ଷ୍ମୀଙ୍କୁ ୧ ବର୍ଷ ଜେଲଦଣ୍ଡ ଓ ୨ ଲକ୍ଷ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଲକ୍ଷ୍ମୀ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ପ୍ରଦୀପ କୁମାର ମହନ୍ତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଉମରକୋଟ ଆର୍‌ଡବ୍ଲ୍ୟୁ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଥିବା ସୀମାଦ୍ରି ବହୁ ଦୁର୍ନୀତି କରି ସମ୍ପତ୍ତି ଠୁଳ କରିଥିଲେ। ଅଭିଯୋଗକ୍ରମେ ୨୦୦୯ ଏପ୍ରିଲ ୨୨ରେ କୋରାପୁଟ ଭିଜିଲାନ୍ସ ଡିଭିଜନ ପକ୍ଷରୁ ସୀମାଦ୍ରିଙ୍କ ରାୟଗଡ଼ା, ନବରଙ୍ଗପୁର, ପାରଳାଖେମୁଣ୍ଡିସ୍ଥିତ ଘର ଏବଂ ଉମରକୋଟସ୍ଥିତ ଅଫିସ ଓ ବାସଭବନରେ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ଟିମ୍ ତାଙ୍କ ଘରୁ ୩୮ ଲକ୍ଷ ୪୦ ହଜାର ୭୬୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୧/୨୦୦୯) ରୁଜୁ କରାଯାଇ ସୀମାଦ୍ରିଙ୍କୁ ଗିରଫ କରାଯାଇଥିଲା। କୋର୍ଟଚାଲାଣ କରାଯିବା ପରେ ସେ ଜେଲ ଯାଇଥିଲେ। ପରବର୍ତ୍ତୀ ସମୟରେ ସୀମାଦ୍ରି ଜାମିନରେ ମୁକୁଳିଥିଲେ। ଏହି ମାମଲାରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟରେ ଭିଜିଲାନ୍ସ ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯିବା ପରେ ୨୦୧୪ରୁ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଅଜିତ କୁମାର ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଏହି ଦଣ୍ଡାଦେଶକୁ ଆଧାର କରି ସୀମାଦ୍ରି ପାଉଥିବା ପେନସନ୍ ରାଶିକୁ ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିକୁ ଜଣାଯାଇଥିବା ଭିଜିଲାନ୍ସପକ୍ଷରୁ ସୂଚନା ଦିଆଯାଇଛି।

# ମହୁମାଛି ଆକ୍ରମଣରେ ୨ ମୃତ, ୪ ଗୁରୁତର

କାମାକ୍ଷାନଗର/ ଘଣ୍ଟାପଡ଼ା, ୧୧।୧୨ (ସୁଧୀର ପରିଡା/ପ୍ରଭାତ କୁମାର ସାହୁ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମରେ ରବିବାର ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିବା ମାୟାଧର ଦେହୁରୀ (୫୫) ଏବଂ ଝୁମର ସେଠୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମାୟାଧର ବିଲରୁ ଫେରୁଥିବା ବେଳେ ଏବଂ ଝୁମର ଗ୍ରାମ ପାଖ ପୋଖରୀକୁ ଯିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ଦୁହିଁଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଝୁମର ଘରକୁ ଫେରିଥିବାବେଳେ ଗୁରୁତର ମାୟାଧରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ବିଳମ୍ବିତ ରାତିରେ ମାୟାଧରଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ସୋମବାର ସକାଳେ ଘରେ ଝୁମରଙ୍କ ମୃତ୍ୟୁ ହୋଇଯାଇଥିଲା।

ଅନ୍ୟପକ୍ଷରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲଣ୍ଡାବାହାଲି ଗ୍ରାମରେ ସୋମବାର ମହୁମାଛି ଆକ୍ରମଣରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶ୍ରୀମନ୍ତ କାଲସେ, ତାଙ୍କ ସ୍ତ୍ରୀ ସାବିତ୍ରୀ, ମିଥିଳା କାଲସେ ଓ ଲକ୍ଷ୍ମୀପ୍ରସାଦ କାଲସେ। ଗାଁ ପାଖ ବିଲରେ ସେମାନେ ଧାନକଟାରେ ବ୍ୟସ୍ତ ଥିଲେ। ବିଲ ପାଖ ମହୁଲ ଗଛରେ ବସା ବାନ୍ଧିଥିବା ମହୁମାଛି ହଠାତ ଅଧିକ ସଂଖ୍ୟାରେ ଉଡ଼ି ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ସେମାନେ ଧାନ ବିଲରୁ ଘରକୁ ଦୌଡ଼ିଥିଲେ। ମହୁମାଛି ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବାରୁ ଘରେ ପହଞ୍ଚିବା ପୂର୍ବରୁ ସେମାନେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ୪ଜଣଙ୍କୁ କଣ୍ଟାମାଳ ଚିକିତ୍ସାଳୟକୁ ନେଇଥିଲେ। ପରେ ୨ଜଣଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦେଶର ସର୍ବବୃହତ୍ କ୍ରୀଡ଼ା ବିଜ୍ଞାନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଉଦ୍‌ଘାଟନ କରିଛନ୍ତି।

# କ୍ରୀଡ଼ା ସହ ବିଜ୍ଞାନର ସମ୍ମିଶ୍ରଣ ବିଜୟ ସୁଯୋଗ ଦେବ: ମୁଖ୍ୟମନ୍ତ୍ରୀ

## କଳିଙ୍ଗ ଷ୍ଟାଡିୟମରେ ଦେଶର ବୃହତ୍ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର

**ଭୁବନେଶ୍ୱର,୧୧।୧୨ (ଅନିଲ ଦାସ)**

କ୍ରୀଡ଼ା ଜଗତରେ ଓଡ଼ିଶା ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। କଳିଙ୍ଗ ଷ୍ଟାଡିୟମରେ ଦେଶର ସର୍ବବୃହତ୍ କ୍ରୀଡ଼ା ବିଜ୍ଞାନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ାବିତ୍ ସୃଷ୍ଟି କରିବା କ୍ଷେତ୍ରରେ ଏହି କ୍ରୀଡ଼ା ବିଜ୍ଞାନକେନ୍ଦ୍ର ସ୍ଥାପନ ରାଜ୍ୟ ସରକାରଙ୍କ କ୍ରୀଡ଼ା ପ୍ରତି ପ୍ରତିବଦ୍ଧତାର ଆଉ ଏକ ମାଇଲଖୁଣ୍ଟି ହୋଇଛି। ଏହି କେନ୍ଦ୍ରରେ ଉନ୍ନତମାନର କ୍ରୀଡ଼ା ଉପକରଣ ଏବଂ ବିଶେଷଜ୍ଞ ନିଯୁକ୍ତି ଦ୍ୱାରା ଆମ କ୍ରୀଡ଼ାବିତ୍‌ମାନଙ୍କ ଅଭିବୃଦ୍ଧିରେ ସହାୟକ ହେବା ସହ ସେମାନେ ନିଜ ସାମର୍ଥ୍ୟର ପୂର୍ଣ୍ଣ ବିନିଯୋଗ କରିପାରିବେ। କ୍ରୀଡ଼ା ସହ ବିଜ୍ଞାନର ସମ୍ମିଶ୍ରଣ ଆମ କ୍ରୀଡ଼ାବିତ୍‌ଙ୍କୁ ବିଜୟୀ ହେବାର ସୁଯୋଗ ସୃଷ୍ଟି କରିବ।

ଏହି କେନ୍ଦ୍ର ଦେଶର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କ ସହଯୋଗରେ ସ୍ଥାପନ କରାଯାଇଛି। କ୍ରୀଡ଼ା ବିଜ୍ଞାନ କେନ୍ଦ୍ରରେ ଉଭୟ ଦିବ୍ୟାଙ୍ଗ ଓ ସକ୍ଷମଙ୍କ ପାଇଁ ଉଚ୍ଚକୋଟୀର ବ୍ୟବସ୍ଥା ରହିଛି। ବିଶେଷକରି ଖେଳାଳିଙ୍କୁ ଫିଟ୍ ରଖିବାରେ ଏହା ଏକ ବରଦାନ ସାଜିବ। କ୍ରୀଡାବିତ୍‌ଙ୍କ ପାଇଁ ଗୋଟିଏ ଛାତ ତଳେ ରହିବାଠୁ ଆରମ୍ଭକରି ପ୍ରଶିକ୍ଷଣ ପର୍ଯ୍ୟନ୍ତ ସମସ୍ତ ସୁବିଧା କ୍ରୀଡ଼ା ବିଜ୍ଞାନ କେନ୍ଦ୍ରରେ ଉପଲବ୍ଧ ରହିଛି। କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶର କ୍ରୀଡ଼ାବିତ୍‌ଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେବ। ଏଥିରେ ମାଇଣ୍ଡ ଲାବ୍ ସହ ରିହାବିଲିଟେଶନ ଲାବ୍, ରିକଭରି ଲାବ୍, ଗେଟ୍ ଲାବ୍, ଫଙ୍କ୍‌ଶନାଲ ଲାବ୍, ପୋଷ୍ଚୁରାଲ ଲାବ୍, ବାୟୋମେକାନିକ୍ସ ଲାବ୍, ପାରା-ଆଥଲେଟ୍ ପରଫରମାନ୍ସ ଲାବ୍ ରହିଛି। ଏଥିସହିତ ପାରାଆଥଲେଟ ପରଫରମାନ୍ସ ଲାବ୍, ବାୟୋମେକାନିକ ଲାବ୍, ଆଟିଚ୍ୟୁଡ ଟ୍ରେନିଂ ଚାମ୍ବର, କ୍ରାୟୋଥେରାପି ଏବଂ ଫ୍ଲୋଟେଶନ ଥେରାପି ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ରାଜ୍ୟ ସରକାର ଏହି ବିଜ୍ଞାନ କେନ୍ଦ୍ରରେ ବିଶ୍ୱସ୍ତରୀୟ ଉପକରଣ ଯୋଗାଇ ଦେଇଛନ୍ତି। ତୃଣମୂଳ ସ୍ତରର ପ୍ରତିଭାଙ୍କୁ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ପ୍ରସ୍ତୁତ କରିବା ସହ ଆହତ କ୍ରୀଡ଼ାବିତଙ୍କୁ ଫିଟ୍ ରଖିବା, କ୍ରୀଡ଼ାବିତ୍‌ଙ୍କ ଶାରୀରିକ ଓ ମାନସିକ ଦକ୍ଷତା ପରଖିବା ଆଦି ଦିଗ ଉପରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରିବ। ଏଥିପାଇଁ ଉଚ୍ଚ ପ୍ରଶିକ୍ଷିତ ଟ୍ରେନର, ଫିଜିଓଥେରାପିଷ୍ଟ, ଏକ୍ସରସାଇଜ ସାଇକୋଲୋଜିଷ୍ଟ, ବାୟୋମେକାନିଷ୍ଟ, ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ସ୍ପେଶାଲିଷ୍ଟ, ଫିଜିଓଲୋଜିଷ୍ଟ, କ୍ରୀଡ଼ା ବିଜ୍ଞାନୀ, କ୍ରୀଡ଼ା ମେଡିସିନ ଡାକ୍ତର ଏବଂ ସ୍ପୋର୍ଟ୍ସ ମସାଜ ଥେରାପିଷ୍ଟଙ୍କୁ ନିଯୁକ୍ତି ଦିଆଯାଇଛି। କ୍ରୀଡ଼ାବିତଙ୍କ ଭବିଷ୍ୟତ ଗଠନ ଓ ପ୍ରେରଣା ଯୋଗାଇବା ନିମନ୍ତେ ଏହି କ୍ରୀଡ଼ା ବିଜ୍ଞାନକେନ୍ଦ୍ର ପେଣ୍ଠସ୍ଥଳ ସାଜିବ। ଏହି କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

# ଏସ୍‌ଟିଏ ଭାରତ ମୁଖ୍ୟ ଗୁର୍‌ତେଜ୍‌ଙ୍କ ଜାମିନ ଖାରଜ

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା**

**ଭୁବନେଶ୍ୱର,୧୧।୧୨(ସତ୍ୟଜିତ୍ ରାଉତ)**

'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କଠାରୁ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଏସ୍‌ଟିଏ ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁଙ୍କ ପାଇଁ ଅଡୁଆ ବଢ଼ିଛି। କଟକ ଓପିଆଇଡି କୋର୍ଟ ଗୁର୍‌ତେଜ୍‌ଙ୍କ ବେଲ୍ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ଡିସେମ୍ବର ୬ରେ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ସେହିପରି ଏସ୍‌ଟିଏ ଓଡ଼ିଶା ମୁଖ୍ୟ ନୀରୋଦ ଦାସ ଓ ପ୍ରୋପାଗଣ୍ଡା ମୁଖ୍ୟ ତଥା ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍ ରତ୍ନାକର ଦଳାଇଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଗତ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଝାଡ଼ଖଣ୍ଡରୁ ଏସ୍‌ଟିଏର ମୁଖ୍ୟ ଗିରଫ ହୋଇ ଜେଲରେ ଅଛନ୍ତି। ଏଯାଏ ମାମଲାରେ ଗିରଫ ସଂଖ୍ୟା ୪ରେ ପହଞ୍ଚିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି। ତେବେ ଏହି ମହାଠକେଇର ମାଷ୍ଟରମାଇଣ୍ଡ୍ ତଥା ଏସ୍‌ଟିଏ ଟୋକନ୍‌ର ମୁଖ୍ୟ ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ୍ ଓ ୩ ଟପ୍ ଅପ୍-ଲାଇନ୍ ମେମ୍ବର କ୍ରିଷ୍ଣା କୁମାର, ଅନିଲ କୁମାର ଓ ଭୁରା ରାମ୍‌ଙ୍କ ବିରୋଧରେ ମଧ୍ୟ ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି ହୋଇଛି।

# 'ମହିଳା ସଶକ୍ତୀକରଣରେ ଓଡ଼ିଶା ସ୍ୱତନ୍ତ୍ର'

## 'ଦି ଗଭର୍ନାନ୍ସ ଚ୍ୟାଲେଞ୍ଜ' ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ

**ଭୁବନେଶ୍ୱର,୧୧।୧୨(ଅନିଲ ଦାସ)**

ଦି ଗଭର୍ନାନ୍ସ ଚ୍ୟାଲେଞ୍ଜ- ୨୦୨୩ର ଚୂଡ଼ାନ୍ତ ପର୍ଯ୍ୟାୟ ସମାରୋହ ସୋମବାର ଲୋକସେବା ଭବନ କନଭେନଶନ୍ ହଲରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଯୋଗୀଙ୍କୁ ସ୍ୱାଗତ କରି କହିଛନ୍ତି, ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ରାଜ୍ୟର ମହିଳାମାନେ ସରକାରୀ ପ୍ରୋତ୍ସାହନ ଯୋଗୁ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ବାର୍ଷିକ ୫,୦୦୦ କୋଟି ଟଙ୍କାର ବ୍ୟବସାୟ ସୁନିଶ୍ଚିତ କରିଥିବାବେଳେ ପ୍ରତ୍ୟେକ ଗୋଷ୍ଠୀକୁ ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ କରୁଛନ୍ତି। ଓଡ଼ିଶାରେ ମହିଳା ସଶକ୍ତୀକରଣ ଏକ ସ୍ଲୋଗାନ ନୁହେଁ ବରଂ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଲୋକ ସଭାରେ ରାଜ୍ୟର ୨୧ଟି ଲୋକ ସଭା ଆସନରୁ ୩୩ ପ୍ରତିଶତ ମହିଳା ଏବଂ ପଞ୍ଚାୟତ ଓ ପୌରପାଳିକାରେ ୫୦ ପ୍ରତିଶତରୁ ଅଧିକ ନିର୍ବାଚିତ ମହିଳାଙ୍କ ପ୍ରତିନିଧିତ୍ୱ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଓଡ଼ିଶା ଆଜି ମହିଳା ସଶକ୍ତୀକରଣ କ୍ଷେତ୍ରରେ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ବୈଠକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ବିଚାରକ ଭାବେ ଯୋଗଦେଇ ରାଜ୍ୟର ବିକାଶରେ ମହିଳା ଓ ଯୁବବର୍ଗଙ୍କ ପ୍ରମୁଖ ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି ଯେ, ରାଜ୍ୟ ତଥା ଦେଶରେ ପ୍ରଣୟନ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ମହିଳାମାନେ ସଚେତନ ହୋଇପାରିଲେ ରାଜ୍ୟର ଉନ୍ନତି ସମ୍ଭବ ହୋଇପାରିବ। ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ କହିଛନ୍ତି, ସମଗ୍ର ଦେଶରେ ଯୁବତୀଯୁବକମାନେ ପରିବର୍ତ୍ତନର ବାହକ ରୂପେ କାର୍ଯ୍ୟ କରୁଛନ୍ତି। ମିଶନ ଶକ୍ତି କାଫେ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଚଳିତବର୍ଷ ଏ ସମ୍ପର୍କିତ ପ୍ରତିଯୋଗିତା ପାଇଁ ମହିଳା ସଶକ୍ତୀକରଣ ଶୀର୍ଷକ ବିଷୟବସ୍ତୁ ସ୍ଥିର କରାଯାଇଥିଲା। ଏଥିରେ ଦେଶର ୩୫ଟି ପ୍ରମୁଖ ବିଜ୍‌ନେସ ସ୍କୁଲର ୩,୧୦୦ଟି ଦଳର ପାଖାପାଖି ୧୦ ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଏହି ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟକୁ ଆଇଆଇଏମ୍ ବାଙ୍ଗାଲୋର, ବିଆଇଟିଏସ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ,ଏଫ୍‌ଏମ୍‌ଏସ୍ ଦିଲ୍ଲୀ, ଆଇଆଇଏମ୍ କଲିକତା, ଆଇଆଇଏମ୍ ଲକ୍ଷ୍ନୌ ଏବଂ ଏକ୍ସଆଇଏମ୍‌ବିଭୁବନେଶ୍ୱରର ୧୮ଜଣ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ସମାପନ ସମାରୋହରେ ଏହି ସଫଳ ପ୍ରତିଯୋଗୀମାନେ ସେମାନଙ୍କ ଅଧ୍ୟୟନ ବିଷୟବସ୍ତୁକୁ ନେଇ ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ଉପସ୍ଥାପନ କରିଥିଲେ। ଏଥିରେ ଆଇଆଇଏମ୍ ବାଙ୍ଗାଲୋରକୁ ବିଜେତା ଭାବେ ୫ ଲକ୍ଷ ଟଙ୍କା, ଏକ୍ସଆଇଏମବି ଭୁବନେଶ୍ୱରକୁ ପ୍ରଥମ ଉପବିଜେତା ଭାବେ ୩ଲକ୍ଷ ଟଙ୍କା ଏବଂ ଏଫ୍‌ଏମ୍‌ଏସ୍ ଦିଲ୍ଲୀକୁ ଦ୍ୱିତୀୟ ଉପବିଜେତା ଭାବେ ୧ ଲକ୍ଷ ଟଙ୍କା ସହିତ ବିଜେତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ମନୋଜ ମିଶ୍ର, ବି.ଏମ.ଜି.ଏଫ.ର ପବ୍ଲିକ ପଲିସି ତଥା ଫାଇନାନ୍ସ ଜାତୀୟ ମୁଖ୍ୟ ସନ୍ତୋଷ ମାଥ୍ୟୁ, କମିଶନର ତଥା ସଚିବ ରୂପା ରୋଶନ ସାହୁ, ଓକାକ୍‌ର ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ଜେନେରାଲ ମ୍ୟାନେଜର ମଧୁମିତା ରଥ ଏବଂ ଆୟୋଜକ ସମଗ୍ରର ପ୍ରତିଷ୍ଠାତା ତଥା ସି.ଇ.ଓ. ଗୌରବ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲେଉଟିଲା ଶୀତ, ଜି.ଉଦୟଗିରିରେ ତାପମାତ୍ରା ୯.୪ ଡିଗ୍ରୀ

**ଜି.ଉଦୟଗିରି,୧୧।୧୨ (ଶିଶିର ପଟ୍ଟନାୟକ)**

କିଛି ଦିନର ବ୍ୟବଧାନ ପରେ କନ୍ଧମାଳ ଜିଲାକୁ ଶୀତ ଫେରିଛି। ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ଶୀତର ପ୍ରଭାବ କମ ରହିଥିବା ବେଳେ ଜିଲାର ଜି.ଉଦୟଗିରିରେ ଦୁଇ ଦିନରେ ପାରଦ ୩ ଡିଗ୍ରୀ କମିଛି। ଶନିବାର ସର୍ବନିମ୍ନ ତାପମାତ୍ରା ୧୧ ରହିଥିବା ବେଳେ ସୋମବାର ସକାଳ ୮ଟା ସୁଦ୍ଧା ୯.୪ ଡିଗ୍ରୀ ରହିଥିବା କୃଷି ଗବେଷଣା କେନ୍ଦ୍ରର ପାଣିପାଗ ଅଧିକାରୀ ସତ୍ୟନାରାୟଣ ମହାନ୍ତି କହିଛନ୍ତି। ପ୍ରବଳ ଥଣ୍ଡା ଯୋଗୁ ପୂର୍ବାହ୍ନ ୧୦ଟା ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଥିବା ବେଳେ ସନ୍ଧ୍ୟାରୁ ଶୀତ ମାଡି ଆସୁଛି। ରାତି ୮ଟା ବେଳକୁ ଦୋକାନ ବଜାର ଖାଁ ଖାଁ ରହୁଛି। ଶୀତ ପ୍ରକୋପରେ ରାସ୍ତା କଡ଼ରେ ପନିପରିବା ବିକ୍ରି କରୁଥିବା ଛୋଟ ଚାଷୀଙ୍କ ସହିତ ବ୍ୟବସାୟୀଙ୍କ ବ୍ୟବସାୟ ପ୍ରଭାବିତ ହୋଇଛି। ଶୀତକୁ ଲକ୍ଷ୍ୟ କରି ଏନ୍‌ଏସି ତରଫରୁ ଶୀତ କାଳୀନ ଆଶ୍ରୟସ୍ଥଳ ଖୋଲାଯାଇଛି।

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ପ୍ଲମ୍ବର**
ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଇମେଲ୍ ଠିକଣାରେ ଦରଖାସ୍ତ ପଠାଇବେ
recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।



"ସ୍ୱପ୍ନରେ ବି ଭାବ ନାହିଁ ଯେ, ଦାରିଦ୍ର୍ୟରୁ ମୁକ୍ତି ପାଇଲେ ମଣିଷ ସୁଖୀ ବା ତୃପ୍ତ ହୋଇଯିବ ଏବଂ ସମାଜ ମଧ ତା'ର ଯେତେ ବ୍ୟାଧି, ଦୁର୍ଭୋଗ ଆଉ ସମସ୍ୟାରୁ ମୁକ୍ତ ହୋଇଯିବ। ଏହାହେଲା ଅବଶ୍ୟ ସର୍ବପ୍ରଥମ ଓ ସର୍ବନିମ୍ନ ପ୍ରୟୋଜନ। କିନ୍ତୁ ଅନ୍ତରାତ୍ମାର ସଂଗଠନରେ ଯେତେ କିଛି ତ୍ରୁଟି ରହିବ– ସେତେଦିନ ପର୍ଯ୍ୟନ୍ତ ବାହାରେ ମଧ ସେମିତି ରହିଥିବ ଅଶାନ୍ତି, ବିଶୃଙ୍ଖଳା ଓ ବିପ୍ଳବ। –ଶ୍ରୀଅରବିନ୍ଦ



# ୩୭୦ ଗଲା

କଶ୍ମୀରରେ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଭାରତର ସୁପ୍ରିମ କୋର୍ଟ ସମର୍ଥନ କରିଦେଲେ। ଏହା ପଛରେ ଅନେକ ରାଜନୀତି ରହିଥାଇପାରେ। କିନ୍ତୁ କଶ୍ମୀରର ଇତିହାସକୁ ଦେଖିଲେ ତାହା ଭାରତର ଅନ୍ୟ ଅଞ୍ଚଳଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଯେଉଁମାନେ ଏହାର ଇତିହାସ ପଢ଼ିବେ ସେମାନେ ଏହି ମୌଳିକ ଭିନ୍ନତା ବୁଝିପାରିବେ। ଜମ୍ମୁ–କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦର ସାମ୍ବିଧାନିକ ତଥା ଆଇନଗତ ବୈଧତାକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାୟର ହୋଇଥିଲା। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ୫ ଜଣିଆ ଖଣ୍ଡପୀଠ ଏହା ଉପରେ ଦୀର୍ଘଦିନ ଶୁଣାଣି କରିବା ପରେ ସେପ୍ଟେମ୍ବର ୫ରେ ରାୟ ସ୍ଥଗିତ ରଖିଥିଲେ। ଡିସେମ୍ବର ୧୧ରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁପ୍ରିମ କୋର୍ଟ କେନ୍ଦ୍ର ସରକାରଙ୍କ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ସମର୍ଥନ କରିବା ସହ ଯଥାଶୀଘ୍ର ଜମ୍ମୁ–କଶ୍ମୀରର ରାଜ୍ୟ ମାନ୍ୟତା ପୁନଃ ସ୍ଥାପିତ କରିବା ଏବଂ ୩୦ ସେପ୍ଟେମ୍ବର ୨୦୨୪ ସୁଦ୍ଧା ସେଠାରେ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖନୀୟ ଯେ,କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ–କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାର ସ୍ୱତନ୍ତ୍ର ପାହ୍ୟାକୁ ହଟାଇନେଇଥିଲେ। ସୁପ୍ରିମକୋର୍ଟଙ୍କ ରାୟରେ ଯେଉଁ ନିର୍ଦ୍ଦେଶ ଦିଆଯାଇଛି ତାହା କେବେ ଓ କେଉଁ ରୂପରେ କାର୍ଯ୍ୟକାରୀ ହେବ ପରବର୍ତ୍ତୀ ସମୟରେ ଜଣାପଡ଼ିବ। ଅଦ୍ୟାବଧି ସେଠାରେ ଗଣତାନ୍ତ୍ରିକ ବ୍ୟବସ୍ଥା ବଞ୍ଚିନାହିଁ ବୋଲି କହିପାରିବା। ତେବେ ଚୂଡ଼ାନ୍ତ ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜୁଲାଇ ୧୦ରେ କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲ କରି କହିଥିଲେ ଯେ,ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ସେଠାରେ ପ୍ରଗତି ଆଣିଛି। ସେଠାରେ ଅନୁଷ୍ଠିତ ଜି–୨୦ର ଟୁରିଜମ୍ ବୈଠକକୁ ପ୍ରଥମ ଅନ୍ତର୍ଜାତୀୟ ବୈଠକ ବୋଲି ସରକାର ଦର୍ଶାଇଥିଲେ। କିନ୍ତୁ କଶ୍ମୀରରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଉପରେ ଏବେ ସୁପ୍ରିମ କୋର୍ଟ ଗୁରୁତ୍ୱ ଦେବା ଘଟଣାରୁ ସ୍ପଷ୍ଟ ବୁଝାପଡୁଛି ଯେ, ସରକାର ଯେଉଁ ଶାନ୍ତି ଓ ପ୍ରଗତି କଥା କହୁଥିଲେ ତାହା ସେଠାରେ କେବଳ ଦେଖାଣିଆ ନାଟକ। ଜି–୨୦ ପାଇଁ କରାଯାଇଥିବା ବନ୍ଦୋବସ୍ତରେ ମୁତୟନ ହୋଇଥିବା ଅତ୍ୟଧିକ ସେନା ଏବଂ ପୋଲିସ କର୍ମଚାରୀ ଟେଲିଭିଜନରେ ସ୍ପଷ୍ଟ ଦେଖିବାକୁ ମିଳିଥିଲା। ସେଥିରୁ ସ୍ପଷ୍ଟ ବୁଝାଯାଇଥିଲା ଯେ, ଆଭ୍ୟନ୍ତରୀଣ ସୁରକ୍ଷା ସେଠାରେ ଭାଙ୍ଗିପଡ଼ିଛି ଏବଂ ସରକାରୀ କାର୍ଯ୍ୟକ୍ରମ ପାଇଁ ଅତ୍ୟଧିକ ସୁରକ୍ଷା ବ୍ୟବସ୍ଥା କରିବାକୁ ପଡୁଛି। ଅର୍ଥାତ୍ ଘରୋଇ କାର୍ଯ୍ୟକ୍ରମ ପାଇଁ ସାଧାରଣ ନାଗରିକମାନଙ୍କର ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ଥିବ।

> **ଏହି ଗୋଟିଏ କଥା ପ୍ରମାଣ କରିଦେଉଛି ଯେ, ଭାରତ ସରକାରଙ୍କ ସବୁ ଦାବି ଅବିଶ୍ୱସନୀୟ ଏବଂ ସତ୍ୟ ଉପରେ ଆଧାରିତ ନୁହେଁ। ଏଭଳି ଚିନ୍ତାକୁ ବଦଳାଇବା ପାଇଁ ଭାରତ ସରକାର ସବୁ ପ୍ରକାର ଉଦ୍ୟମ କରିବା ଉଚିତ ହେବା ନଚେତ୍ କଶ୍ମୀରବାସୀ ସବୁଦିନ ପାଇଁ ଭାରତଠୁ ଭିନ୍ନ ହୋଇ ରହିବେ।**

ପୂର୍ବରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦର ସାମ୍ବିଧାନିକ ବୈଧତାକୁ ନେଇ କଶ୍ମୀରରେ ପିଡିପି ନେତ୍ରୀ ମେହବୁବା ମୁଫ୍ତି ଓ ନ୍ୟାଶନାଲ କନ୍‌ଫରେନ୍ସର ନେତା ଓମାର ଅବଦୁଲ୍ଲା ପ୍ରଶ୍ନ ଉଠାଇବା ସହ ଗଣତନ୍ତ୍ର ଓ ନାଗରିକ ଅଧିକାରର ଗୁରୁତ୍ୱକୁ ସାମ୍ନାକୁ ଆଣିଛନ୍ତି। ଏହା ବ୍ୟତୀତ ବିଶ୍ୱସ୍ତରରେ କଶ୍ମୀରର ମାନବ ଅଧିକାର ସ୍ଥିତିକୁ ନେଇ ମଧ ପ୍ରଶ୍ନ ଉଠିଛି। ଦେଖିବାକୁ ଗଲେ ଜମ୍ମୁ–କଶ୍ମୀରରୁ ସ୍ୱତନ୍ତ୍ର ପାହ୍ୟା ହଟାଇ ନିଆଯିବା ପରେ ବିଗତ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେଠାରେ ଗଣମାଧ୍ୟମ ଓ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଚାପି ଦିଆଯାଇଛି। ଅନେକ ସାମ୍ବାଦିକଙ୍କୁ ଅଟକ ରଖାଯିବା ସହ ନିର୍ଯାତନା ଦିଆଯାଉଛି। ଏହା ବ୍ୟତୀତ କଶ୍ମୀରରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇ ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇଛି। ଡିଜିଟାଲ ୱାଚ୍‌ଡଗ୍ ଆସେସ୍ ନାଓ ରିପୋର୍ଟ ମୁତାବକ,୨୦୨୨ରେ ବିଶ୍ୱରେ ଇଣ୍ଟରନେଟ୍ ସେବା ବନ୍ଦ ଘଟଣାର ୫୦% କଶ୍ମୀରରେ ହୋଇଛି, ଯାହା ଅନ୍ୟ ଅଞ୍ଚଳ ତୁଳନାରେ ସବୁଠାରୁ ଅଧିକ। ୟୁଏସ୍ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିୟସ ଫ୍ରିଡମ୍ ଅନୁଯାୟୀ ପାଖାପାଖି ୧୮ମାସ ଧରି କଶ୍ମୀରରେ ଇଣ୍ଟରନେଟ ସେବା ବନ୍ଦ ରହିବା ଏକ ଗଣତନ୍ତ୍ରରେ ସବୁଠୁ ଲମ୍ବା ସମୟ। ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହେବା ଦ୍ୱାରା ଲୋକେ ବ୍ୟାଙ୍କସେବା, ଯାତାୟାତ ସମ୍ପର୍କିତ ତଥ୍ୟ ନ ପାଇବାରୁ ପ୍ରତ୍ୟେକ ଦିନ ହଇରାଣ ହେଉଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଜମ୍ମୁ–କଶ୍ମୀର ସମ୍ପର୍କରେ କୌଣସି ବିଶ୍ୱସନୀୟ ତଥ୍ୟ ପାଇବାକୁ ହେଲେ ଭାରତୀୟମାନଙ୍କୁ ମଧ ବିଦେଶୀ ସୂତ୍ର ଉପରେ ନିର୍ଭର କରିବାକୁ ପଡୁଛି। ଏହି ଗୋଟିଏ କଥା ପ୍ରମାଣ କରିଦେଉଛି ଯେ, ଭାରତ ସରକାରଙ୍କ ସବୁ ଦାବି ଅବିଶ୍ୱସନୀୟ ଏବଂ ସତ୍ୟ ଉପରେ ଆଧାରିତ ନୁହେଁ। ଏଭଳି ଚିନ୍ତାକୁ ବଦଳାଇବା ପାଇଁ ଭାରତ ସରକାର ସବୁ ପ୍ରକାର ଉଦ୍ୟମ କରିବା ଉଚିତ ହେବ। ନଚେତ୍ କଶ୍ମୀରବାସୀ ସବୁଦିନ ପାଇଁ ଭାରତଠୁ ଭିନ୍ନ ହୋଇ ରହିବେ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 7 | | | | 5 | |
| | | | | | | 2 | | 9 |
| | | | | | 3 | 8 | | 6 |
| | | | | | 5 | | | |
| | 8 | 1 | | | | 9 | | |
| 9 | 3 | | 6 | | | | 4 | 1 |
| | | 2 | 4 | | | | | |
| | 5 | 7 | 1 | | 6 | | | |
| | | | | 5 | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 6 | 4 | 5 | 9 | 1 | 3 | 7 |
| 7 | 4 | 3 | 6 | 1 | 2 | 8 | 9 | 5 |
| 1 | 5 | 9 | 8 | 3 | 7 | 6 | 4 | 2 |
| 5 | 7 | 4 | 1 | 9 | 6 | 3 | 2 | 8 |
| 9 | 1 | 8 | 3 | 2 | 5 | 4 | 7 | 6 |
| 3 | 6 | 2 | 7 | 8 | 4 | 5 | 1 | 9 |
| 4 | 9 | 7 | 5 | 6 | 1 | 2 | 8 | 3 |
| 6 | 3 | 1 | 2 | 7 | 8 | 9 | 5 | 4 |
| 8 | 2 | 5 | 9 | 4 | 3 | 7 | 6 | 1 |

ଗତକାଲିର ଉତ୍ତର

# ନିର୍ବାଚନର ଦେଶ



ସହଦେବ ସାହୁ

ଆମେ ସ୍କୁଲରେ ପଢୁ– ଲାଣ୍ଡ ଅଫ୍ ରାଇଜିଂ ସନ୍ ମାନେ ଜାପାନ, ହର୍ମିଟ୍ କିଂଡମ୍ ମାନେ କୋରିଆ, ଗିଫ୍ଟ ଅଫ୍ ନାଇଲ୍ ମାନେ ମିଶର ବା ଇଜିପ୍ଟ, ସିକ୍ ମାନ୍ ଅଫ୍ ୟୁରୋପ ମାନେ ଟର୍କି ବା ତୁରସ୍କ ଭଳି ବହୁତ ଦେଶର ଏମିତି ଗୁଣାତ୍ମକ ନାମ ଅଛି। ସେଇମିତି ଭାରତର ନାମ ହୋଇଯିବ କି ଲାଣ୍ଡ ଅଫ୍ ଇଲେକ୍ସନ୍ସ? ପ୍ରତିବର୍ଷ କୌଣସି ନା କୌଣସି ସ୍ଥାନରେ ନିର୍ବାଚନ ହେଉଛି, ତାହା ଉପନିର୍ବାଚନ ହେଉ କି ପ୍ରାଦେଶିକ (ବିଧାନ ସଭା) ନିର୍ବାଚନ ବା କେନ୍ଦ୍ର (ସଂସଦ) ନିର୍ବାଚନ, ପଞ୍ଚାୟତ ନିର୍ବାଚନ ହେଉ କି ଜିଲାପରିଷଦ ନିର୍ବାଚନ। କେନ୍ଦ୍ର ପାଇଁ ଓ ବିଭିନ୍ନ ରାଜ୍ୟ ଲାଗି ସାଧାରଣ ନିର୍ବାଚନ ଏକ ସମୟରେ ହେଉନାହିଁ ବୋଲି ନିର୍ବାଚନ ନିମନ୍ତେ ପ୍ରଶାସନିକ କାର୍ଯ୍ୟ ବିଭିନ୍ନ ନିର୍ବାଚନ ପାଇଁ ତାରିଖଧାର୍ଯ୍ୟ ଘୋଷଣା ଦିନଠାରୁ ଫଳ ଘୋଷଣା ଯାଏ ସମ୍ପୃକ୍ତ ରାଜ୍ୟରେ ଅବା ସାରା ଦେଶରେ ପ୍ରଶାସନ ସ୍ଥାଣୁ ପାଲଟିଯାଏ, କାରଣ ଆଚରଣ ବିଧି ଲାଗୁ ହୋଇଯାଏ; ପୁଣି ନୂଆ ସରକାର ଗଠନ ହେଲା ଯାଏ କାମଚଳା ସରକାର ଚାଲେ।

ପ୍ରଶାସନ ସ୍ଥାଣୁ ଥିବା ବେଳେ ରାଜନୀତିଶାସ୍ତ୍ରର ଚିରାଚରିତ ଶବ୍ଦବିନ୍ୟାସର ପରିବର୍ତ୍ତନ ଘଟେ, ଯଥା ଜନମଙ୍ଗଳ ବା ପବ୍ଲିକ୍ ୱେଲ୍‌ଫେୟାର ସମସ୍ତଙ୍କ ପାଇଁ ନ ହୋଇ ଭୋଟର–ସନ୍ତୁଷ୍ଟୀକରଣ ବା ଫ୍ରିବି ଘୋଷଣା ନିର୍ବାଚନ ଇସ୍ତାହାରରେ ମୁଖ୍ୟ ସ୍ଥାନ ପାଏ। ନିର୍ବାଚନ ମେଜରିଟି ଓପିନିଅନ ପ୍ରତିଫଳନ କରେ, କିନ୍ତୁ ରାଜନୈତିକ ଦଳଗୁଡ଼ିକ ସ୍ୱଳ୍ପ ସଂଖ୍ୟକ ଗୋଷ୍ଠୀମାନଙ୍କୁ ଖୁସି କରିବାର ବ୍ୟବସ୍ଥା ଘୋଷଣା କରନ୍ତି ଓ ଜିତିଲେ ଶାସନର ଅଙ୍ଗ କରନ୍ତି; କାଳକ୍ରମେ ମେଜରିଟାରିଆନ୍ ସରକାର ବିଭିନ୍ନ ମାଇନରିଟିର (ଧର୍ମ ଦୃଷ୍ଟିରୁ ନୁହେଁ) ସ୍ୱାର୍ଥ ଦେଖିବେ, ତେଣୁ ଦେଶର ସର୍ବାଙ୍ଗୀନ ବିକାଶ ମାଡ଼ ଖାଇଯିବ। ବିଧାନସଭା ନିର୍ବାଚନର ଫଳ ରାଜ୍ୟ ସରକାରର କାର୍ଯ୍ୟକାରିତା ଉପରେ ଯେତେ କହେ, କେନ୍ଦ୍ର ଶାସନ ଉପରେ ସେତେ କହେ ନାହିଁ; ତେଣୁ ରାଜ୍ୟଗୁଡ଼ିକରେ ଆଞ୍ଚଳିକ ଦଳ ଉଧାଏ: ଦେଶର ସାର୍ବଜନୀନ ବିକାଶରେ ଏ ପ୍ରକାର ପ୍ରାଦେଶିକ ଦଳର ଭୂମିକା ପ୍ରାୟ ଶୂନ୍ୟ ହେଉଛି। ପ୍ରାଦେଶିକ ସରକାର ହେଉଛି ନାଗରିକମାନଙ୍କ ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ପକାଉଥିବା ସରକାର ଓ ଶାସକ ଦଳର କାର୍ଯ୍ୟ ଅସହ୍ୟ ହେଲେ ଭୋଟରମାନେ ଶାସକଦଳକୁ ବଦଳାଇ ଦିଅନ୍ତି କିମ୍ବା ଏତେ ସଂକୀର୍ଣ୍ଣ ମାର୍ଜିନରେ ଜିତାଇଥାଆନ୍ତି ଯେ ଦଳର ଚେତନା ହଜିଯାଏ। ପ୍ରତିଦିନର ଆକାଂକ୍ଷା, ଆଶଙ୍କା ଓ ଦାବି



ଉପରେ ଯେଉଁ ମତ ଦିଅନ୍ତି ତହିଁରେ ଆଞ୍ଚଳିକ ସ୍ୱାଦ ଜଣାଏ। ତେଣୁ ବିଧାନସଭା ନିର୍ବାଚନରେ ନିର୍ବାଚନମଣ୍ଡଳୀରେ ସମାନ ଉଚ୍ଚାରଣର ମତ ମିଳେ ନାହିଁ, ଆଞ୍ଚଳିକ ସଂସ୍କୃତି ଓ ଗର୍ବ ଉପରେ ଜୋର ଦେଇଥିବା ଦଳର ମନୋନୀତ ପ୍ରାର୍ଥୀ ବିଜୟୀ ହୋଇଥାଏ, ପ୍ରାର୍ଥୀ ଏଠି ଗୌଣ, ଦଳ ହିଁ ମୁଖ୍ୟ। କେତେଜଣ ହାତଗଣତି ବ୍ୟକ୍ତି ଭୋଟର ସଂଖ୍ୟାର ଅଧାରୁ ବେଶି ଭୋଟ ପାଆନ୍ତି, ପ୍ରାୟ ସମସ୍ତେ ୩୦% କି ୩୫%ରେ ଜିତନ୍ତି, ବାକି ୬୫% ତ ଆଉ ଦୁଇ ବା ଅଧିକ ପ୍ରାର୍ଥୀଙ୍କ ଭିତରେ ବାଣ୍ଟି ହୋଇଯାଏ। ଓଡ଼ିଶାର ଉଦାହରଣ ଦେଖାଯାଉ। ରାଜ୍ୟର ୬୫% ପାଖାପାଖି ଲୋକ ଗରିବ ଓ ନିମ୍ନମଧ୍ୟବିତ୍ତ, ବିପିଏଲ୍ ଓ ଏପିଏଲ୍ (ପଭର୍ଟି ଲାଇନ୍‌ର ବିଲୋ ଓ ଏବଭ୍) ଶ୍ରେଣୀର; ସେମାନଙ୍କୁ ଫ୍ରିବି – ଜିତିଲେ କ'ଣ ମାଗଣା ଦେବେ – ଘୋଷଣାକରି ନିଜର ସମର୍ଥକ କରିବାର ଚେଷ୍ଟା ହୁଏ, କିଛିଦିନର ରସଦ ବା ମଜୁରି ସହ ସମାନ ଅନୁଦାନ ମିଳିଗଲେ ପରିବାର ଚଳାଇବାର ସାଧନ ମିଳିଗଲା ବୋଲି ଭାବିବେ, ଯଦି ଅଧା ବି ଖୁସି ହୁଅନ୍ତି ତେବେ ୩୭%ରୁ ବେଶି ଭୋଟ ନିଶ୍ଚୟ ମିଳିବ, ତିନିଜଣିଆ ପ୍ରତିଦ୍ୱନ୍ଦ୍ୱିତାରେ ଜିତିବା ପାଇଁ ତାହା ଯଥେଷ୍ଟ, ତା'ଠାରୁ ବେଶି ଭୋଟ ମିଳିଯିବ। ବୁଦ୍ଧିଜୀବୀ ଓ ସ୍ୱଚ୍ଛଳ ଲୋକଙ୍କ ଭିତରୁ କେତେକଙ୍କ ମତ ବଂଶଗତ, ଅର୍ଥାତ୍ ବାପା ମା' ଯେଉଁ ଦଳକୁ ଭୋଟ ଦେଇଆସୁଛନ୍ତି ସେମାନେ ସେହି ଦଳକୁ ଭୋଟ ଦେବେ, ସେମାନେ ଫ୍ରିବି ପାଆନ୍ତୁ କି ନାହିଁ। ଶାସନରେ ଥିବା ଦଳ ଅର୍ଥବ୍ୟୟ କରି ନିର୍ବାଚନ ଜିତୁଛି ବୋଲି କହିବା ମୂଳରେ ଏହି କାରଣ କାମ କରେ। ଅନେକ ସମୟରେ ଦଳର ମୁଖିଆ ବା ସୁପ୍ରିମୋ ପ୍ରତି ଲୋକ ସମର୍ଥନ ଦଳକୁ ଜିତାଏ, ନିଜ ନିର୍ବାଚନ ମଣ୍ଡଳୀରେ ଯିଏ ବି ପ୍ରାର୍ଥୀ ହେଉ ନା କାହିଁକି, ଲୋକେ ଭୋଟ ଦେଲା ବେଳେ ଦଳର ଚିହ୍ନ ଖୋଜନ୍ତି, ପ୍ରାର୍ଥୀର ନାମକୁ ନୁହେଁ, ଚିହ୍ନ ଉପରେ ହିଁ ମୋହର ମାରନ୍ତି। ଏ ପରିପ୍ରେକ୍ଷୀରେ ଏବେ ହୋଇଥିବା ୫ଟି ରାଜ୍ୟର ନିର୍ବାଚନ ଜଣାଉଛି ଯେ ଯେଉଁଠି ଆଞ୍ଚଳିକ ଦଳ ଜନସଂଖ୍ୟାର ନିମ୍ନ ୫୦%କୁ ମାଗଣା କିଛି (ଫ୍ରିବି) ଦେଇପାରୁନାହିଁ ବା ଅତୀତରେ ଫ୍ରିବି ବାଣ୍ଟିବାରେ ଦଳର ନିମ୍ନସ୍ତରର କର୍ମୀମାନେ ପାତର ଅନ୍ତର କରିଛନ୍ତି, ସେଠାରେ ଜାତୀୟ ଦଳର ଓଜନ ବେଶି ଭାରି ହୋଇଛି, ଯଥା ତେଲଙ୍ଗାନା। ଯେଉଁଠି ଲୋକେ ଉପସ୍ଥିତ ଜାତୀୟ ଦଳର ରାଜ୍ୟସରକାର ଉପରେ ବିରକ୍ତ ହୋଇଯାଇଛନ୍ତି ସେଠି ଆଞ୍ଚଳିକ ଦଳ ପକ୍ଷରେ ଯାଇଛନ୍ତି, ଯଥା ମିଜୋରାମ। ତେଲଙ୍ଗାନା, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମିଜୋରାମ ନିର୍ବାଚନ ଫଳାଫଳ ବିଷୟରେ ଭିନ୍ନ, ଭିନ୍ନ ଏଗ୍‌ଜିଟ୍ ପୋଲ୍ ପ୍ରକାଶ ପାଇବାର କାରଣ ପୋଲଷ୍ଟରମାନେ ଏପରି ବିଭିନ୍ନତାକୁ ବିଚାରକୁ ନେଇନାହାନ୍ତି।

ଉପସ୍ଥିତ ଜନପ୍ରିୟ ଯୋଜନାଗୁଡ଼ିକ ଆଉ ଯଥେଷ୍ଟ ମନେ ହେଉନାହିଁ। ଜନମଙ୍ଗଳ ଅର୍ଥ ଭିନ୍ନ ହୋଇଗଲାଣି, ସମାଜ ବା ପ୍ରଦେଶର ମଙ୍ଗଳ ନୁହେଁ, ହାତକୁ କେତେ ପଇସା ଆସିଲା ତାହା ହିଁ ଜନମଙ୍ଗଳ ବୋଲି ଧରାଗଲାଣି। ହଠାତ୍ ବା ରାତାରାତି ଗୁଡାଏ ଧନ ପାଇବା ଶିକ୍ଷିତ ବେକାରଙ୍କ ଇଚ୍ଛା ହେଲାଣି– ଶାସକ ଦଳର ବଶ୍ୟତା ଅଛି ଜାଣିଲେ ରାଜ୍ୟର ଆଇନଲାଗୁ କରୁଥିବା ଅଧିକାରୀମାନେ, ବିଶେଷତଃ ପୋଲିସ ଚଞ୍ଚକତା–ଅର୍ଜିତ ଧନକୁ ଚୋରି ବା ଡକାୟତି ବୋଲି ଧରିବ ନାହିଁ, ତେଣୁ ଶାସନରେ ଥିବା ଦଳ ପ୍ରତି ଅସାଧୁ ଲୋକଙ୍କ ସମର୍ଥନ ବଢ଼େ। ଆଜିକାଲି ଚା' କଫି ଖଟିରେ ଲୋକେ ବିଭିନ୍ନ ଦଳର ଭବିଷ୍ୟତ ବିଷୟରେ ଯେତେ ବେଶି କଥା ହେଉଛନ୍ତି ଆଗକାଳରେ ସେତେ ବେଶି ହେଉ ନ ଥିଲା। ଆମ ରାଜ୍ୟର ମାଲକାନଗିରି, ଛତିଶଗଡ଼ର ବସ୍ତର, ମଧ୍ୟପ୍ରଦେଶର ଚମ୍ବଲ ଭଳି ଅପହଞ୍ଚ ଥିବା ଅଞ୍ଚଳରେ ଚା' ଖଟିରେ ଏ ବିଷୟରେ ଆଲୋଚନା ହେଲାଣି ଯାହା ଆଗେ ନ ଥିଲା। ତେଣୁ ଅଞ୍ଚଳ ଭିତ୍ତିରେ କହିଲା ବେଳେ ଏବେ ଖୁବ୍ ଛୋଟ ଛୋଟ ଇଲାକା ଅର୍ଥାତ୍ ଗ୍ରାମକୁ ହିସାବକୁ ନେବାକୁ ପଡ଼ିବ। ତା'ଛଡ଼ା ବିରୋଧୀ ଦଳମାନେ ଉପସ୍ଥିତ ଦଳର ନୀତି ଓ ଶାସନ ବିଷୟରେ ଯେଉଁ ସମାଲୋଚନା ବାଢ଼ନ୍ତି ତହିଁରୁ ଲୋକେ ବେଶି ଚାଲାକ ହେଲେଣି, ଯେଉଁଟା ୧୦ବର୍ଷ ତଳେ ନ ଥିଲା। ସବୁବେଳେ କେଉଁଠି ନା କେଉଁଠି ନିର୍ବାଚନ ହେଉଛି। ତେଣୁ ଭୋଟ ଦେବା ସମ୍ପର୍କରେ ଲୋକଙ୍କର ସାଧାରଣ ଜ୍ଞାନ ଯେତିକି ବଢୁଛି, ପରିଚାଳନା ବିଶାରଦ (ମାନେଜରିଆଲ ଏକ୍ସପର୍ଟ)ମାନେ ଭୋଟରଙ୍କ ମତକୁ ବଦଳାଇବାର ଉପାୟ ସେତେ ବାହାର କରୁଛନ୍ତି, ଗଣତନ୍ତ୍ର ସେତେ ବେଶି ନେତାତନ୍ତ୍ର (ଫାସିବାଦ) ଆଡକୁ ଢଳୁଛି।

sahadevas@yahoo.com

# ପ୍ରତିବାଦ ପ୍ରତିରୋଧ ନୁହେଁ



ଡ. ସତ୍ୟ ନାରାୟଣ ମିଶ୍ର

ସାମାଜିକ ଶୃଙ୍ଖଳିତ ଆଦର୍ଶ ଜୀବନକୁ ଚରିତାର୍ଥ କରିବା ପାଇଁ ମଣିଷକୁ ବିଭିନ୍ନ ସୋପାନ ଦେଇ ଅତିକ୍ରମ କରିବାକୁ ପଡ଼ିଥାଏ ଓ ଜୀବଦ୍ଦଶା ମଧ୍ୟରେ ମଣିଷ ଭଲ ମନ୍ଦର ନିର୍ଣ୍ଣୟ ମଧ୍ୟରେ ନିଜକୁ ଉଚିତ ମଣୁଥିବା ନିର୍ଣ୍ଣୟକୁ ପାଥେୟ କରି ବ୍ୟବସ୍ଥିତ ଜୀବନ ଅତିବାହିତ କରିଥାଏ। ବ୍ୟକ୍ତି ବା ଗୋଷ୍ଠୀ ପାଇଁ ଅନେକ ସମୟରେ ସାମାଜିକ, ପାରିବାରିକ ବା ଆନୁଷ୍ଠାନିକ ବିଧି ବ୍ୟବସ୍ଥା ଉପଯୁକ୍ତ ହୋଇ ନ ଥାଏ, ଯାହାକୁ ମଣିଷ ଗ୍ରହଣ କରିବା ସମ୍ଭବ ହୋଇ ନ ଥାଏ। ଯେତେବେଳେ ମଣିଷ ଗ୍ରହଣ କରି ନ ଥାଏ ବା ସମର୍ଥନ କରିବା ପାଇଁ ଉପଯୁକ୍ତ ହୋଇ ନ ଥାଏ, ସେତେବେଳେ ଉକ୍ତ ବିଧି ବ୍ୟବସ୍ଥା ବା ନୀତି ନିୟମକୁ ପ୍ରତିବାଦ ଦ୍ୱାରା ବ୍ୟକ୍ତିର ଅସହମତି ପ୍ରକାଶ କରିଥାଏ, ଯାହା ଥାଏ ପ୍ରତୀକାତ୍ମକ ପ୍ରତିବାଦ। ପ୍ରତିବାଦ ସେତେବେଳେ ଏକ ଆଦର୍ଶଗତ ଲଢ଼େଇ ପାଇଁ ପଥ ଉନ୍ମୁକ୍ତ କରିଥାଏ, ଯାହା ଜଣେ ସଚେତନ ନାଗରିକ କରିଥାଏ। ଅନେକଙ୍କ ଧାରଣା ଥାଏ ଯେ କୌଣସି ନୀତି ନିୟମ ବା ବ୍ୟବସ୍ଥାକୁ ପ୍ରତିବାଦ କରିବାର ଅର୍ଥ ତାହାକୁ ଉଦ୍ଦେଶ୍ୟମୂଳକ ଭାବେ ବିରୋଧ କରି ସେଥିରେ କ୍ଷତି କରିବା। ମାତ୍ର ପ୍ରତିବାଦ ହେଉଛି ଏକ ବିଚାରଧାରା ଓ ନୈତିକ ମୂଲ୍ୟବୋଧ, ଯେଉଁଥିରେ ପ୍ରତିପକ୍ଷର ତ୍ରୁଟି ଭୁଲ୍ ଆଦି ସଂଶୋଧନ ହୋଇ ମାର୍ଜିତ ହୋଇଥାଏ। ଅତଏବ ପ୍ରତିବାଦକୁ ପକ୍ଷ ଓ ପ୍ରତିପକ୍ଷ ଯେତେବେଳେ ସାଦରେ ଗ୍ରହଣ କରିଥାନ୍ତି, ସେତେବେଳେ ତାହା ଥାଏ ସୃଜନଶୀଳ ଚିନ୍ତାଧାରା ଓ ଯେତେବେଳେ ତାହା ଅସୂୟାଭାବ ଦେଇ ଗତି କରେ ସେତେବେଳେ ତାହା ହୋଇଯାଏ ହିଂସା। ପ୍ରତିବାଦ କେତେକ ଆନ୍ଦୋଳନ, ଅନ୍ୟାୟ ଓ ଅତ୍ୟାଚାରର ନିହିତ ଉଦ୍ଦେଶ୍ୟକୁ ଆଲୋଚିତ କରିଥାଏ, ଯାହା ଉତ୍ତରଦାୟିତ୍ୱ ଦାବି କରିବା ଓ ଭଲ ଭବିଷ୍ୟତ ପାଇଁ ଆଶା ରଖିବା ପାଇଁ ପ୍ରେରଣା ଯୋଗାଇଥାଏ। ଅନେକ ସମୟରେ କୌଣସି ନୀତି ବା ବ୍ୟବସ୍ଥାକୁ ଯଦି ପ୍ରତିବାଦ ସାହସର ସହ ଜଣେ ବ୍ୟକ୍ତି ବା ଗୋଷ୍ଠୀ କରେ, ତେବେ ସମାଜର ତୁଷ୍ଟୀକରଣ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନେ ତାହାକୁ ବିରୋଧର ଆଖ୍ୟା ଦେଇ ଦମନ କରିବା ତଥା ସମାଲୋଚକ ସ୍ୱରକୁ ନୀରବ କରିବା ପାଇଁ କ୍ରମାଗତ ଭାବରେ ନୂତନ ଉପାୟ ପ୍ରୟୋଗ କରିଥାନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ପ୍ରତିରୋଧର ମାନ୍ୟତା ଦିଆଯାଏ। ବିରୋଧ କରିବାର କ୍ଷମତା ହେଉଛି ଏକ ପ୍ରସଙ୍ଗ ଯାହା ଭେଦଭାବରୁ ମୁକ୍ତ ହେବାର ଏକ ଅଧିକାର। ଯେଉଁମାନେ ବୟସ, ଜାତି, ଲିଙ୍ଗ, ପରିଚୟ ଓ ଅନ୍ୟାନ୍ୟ କାରଣକୁ ଆଧାର କରି ଅସମାନତା ତଥା ଭେଦଭାବର ସମ୍ମୁଖୀନ ହୁଅନ୍ତି, ସେମାନେ ବିରୋଧ କରିବାର ଅଧିକାର ପାଇଁ ଅଧିକ ବିପଦର ସମ୍ମୁଖୀନ ହୁଅନ୍ତି ଯାହାକୁ ପ୍ରତିରୋଧ ବୋଲି ବିବେଚନା କରାଯାଏ। ରାଜନୈତିକ, ଅର୍ଥନୈତିକ ସାମାଜିକ ତଥା ସାଂସ୍କୃତିକ ଜୀବନରେ ବିରୋଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ବିରୋଧ ପ୍ରାୟତଃ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଓ ମାନବିକ ଅଧିକାରର ଅଗ୍ରଗତିକୁ ପ୍ରେରଣା ଦେଇଥାଏ ତଥା ନାଗରିକ ସ୍ଥାନକୁ ପରିଭାଷିତ ତଥା ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ। ଶାସନରେ ବା ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ତର୍ଜ୍ଜମା କରିବାକୁ ପ୍ରତିବାଦ ହେଉଛି ଏକ ଉତ୍ତମ ମାଧ୍ୟମ, ଯେଉଁଥିରେ ପ୍ରତିପକ୍ଷ ଅଧିକ କ୍ରିୟାଶୀଳ ହୋଇଥାଏ ଯଦି ତାହା ସକାରାତ୍ମକ



ଭାବେ ଗ୍ରହଣ କରାଯାଏ ଓ ଯେତେବେଳେ ତାହା ବିରୋଧ ବା ପ୍ରତିରୋଧର ପୃଷ୍ଠଭୂମିକୁ ସ୍ପର୍ଶ କରିଥାଏ ସେତେବେଳେ ତାହା ଭିନ୍ନ ରଙ୍ଗରେ ରଞ୍ଜିତ ହୋଇ ସ୍ୱାର୍ଥର ଶିଖରରେ ସମାଧି ହୋଇଯାଏ।

ବିରୋଧ କରିବାର ଅଧିକାର ଆନୁଷ୍ଠାନିକ ଭାବରେ ଅନେକ ମୌଳିକ ମାନବିକ ଅଧିକାରର ପ୍ରୟୋଗକୁ ଅନ୍ତର୍ଭୁକ୍ତ କରେ ଓ ସମସ୍ତ ମାନବିକ ଅଧିକାର ପାଇବା ପାଇଁ ଏହା ଜରୁରୀ। ପ୍ରତିବନ୍ଧକର ସୀମିତ ପରିସରର ଏକ ସ୍ପଷ୍ଟ ସ୍ୱୀକୃତିକୁ ପ୍ରୋତ୍ସାହିତ କରୁଥିବା ବିରୋଧକୁ ପ୍ରତିରୋଧ ଆଖ୍ୟା ଦିଆଯାଇପାରେ, ମାତ୍ର ଗଢିବାକୁ ଇଚ୍ଛାଥିବା ଓ ଭୁଲ୍‌ର ସଂଶୋଧନ କରି ଜିଦ୍‌ର ପୂର୍ଣ୍ଣାହୁତି କରିବା ହେଉଛି ପ୍ରତିବାଦ। ସ୍ପଷ୍ଟଭାବରେ ଆଲୋଚନା କଲେ ଜଣାଯାଏ ଯେ ପ୍ରତିବାଦର ଅନ୍ତର୍ନିହିତ ଦୃଷ୍ଟିକୋଣକୁ ତର୍ଜ୍ଜମା କରିବା ହେଉଛି ପ୍ରତିପକ୍ଷର କର୍ତ୍ତବ୍ୟ। ପ୍ରତିରୋଧକୁ ବିରୋଧ କରିବା, ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବା, କିମ୍ବା ସଂଘର୍ଷ କରିବାକୁ ଇଚ୍ଛା ଇତ୍ୟାଦିକୁ ହୀନମନ୍ୟତା କୁହାଯାଏ। ପ୍ରତିବାଦ ହେଉଛି କୌଣସି ବ୍ୟବସ୍ଥାକୁ ପ୍ରତିରୋଧ କରିବା କିମ୍ବା ବିରୋଧ କରିବା ଯାହା ଅନିଷ୍ଟକାରୀ ଓ ସାମୂହିକ ସ୍ୱାର୍ଥର ବିପରୀତଧର୍ମୀ। ପ୍ରତିରୋଧ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରସିଦ୍ଧ ହୋଇଥିଲା ଯେତେବେଳେ ସେ ଭାରତର ବିଭିନ୍ନ ସରକାରୀ ନୀତି ବିରୋଧରେ ଅହିଂସା ପ୍ରତିରୋଧ କରିଥିଲେ। ରାଜନୈତିକ ସାଂସ୍କୃତିକ ଓ ଆର୍ଥିକ ପ୍ରାଧାନ୍ୟ ବିରୋଧରେ ପ୍ରତିରୋଧ ପ୍ରାୟତଃ ଉତ୍ପନ୍ନ ହୁଏ। ପ୍ରତିରୋଧ ପ୍ରାଧାନ୍ୟ ବା ବିଦ୍ୟମାନ ଢାଞ୍ଚାଠାରୁ ଭିନ୍ନ ଓ ବିରୋଧ କରୁଥିବା ଶକ୍ତିର ବିକଳ୍ପ ରୂପ ସୃଷ୍ଟି କରିବାକୁ ବ୍ୟକ୍ତିଗତ ଯାହା ସଂଗୃହୀତ ବିଷୟଗୁଡ଼ିକର କ୍ଷମତାକୁ ପ୍ରତିଫଳିତ କରେ। ଜଣେ ବ୍ୟକ୍ତି ବା ଗୋଷ୍ଠୀ ବା ଅନୁଷ୍ଠାନ ଯେକୌଣସି ଉପାୟରେ ପ୍ରତିରୋଧ ପ୍ରଦର୍ଶନ କରିଥାଏ ଯାହା ଏହାର ପ୍ରସଙ୍ଗଗତ ଦିଗ ଉତ୍ତମ ଭାବରେ ବିବେଚନା କରିବାରେ ସାମର୍ଥ୍ୟ ସୃଷ୍ଟିରେ ସହାୟକ ହୋଇଥାଏ।

ସମାଜରେ ସମ୍ପ୍ରତି ଅନ୍ୟାୟ, ଶୋଷଣ, ଅନୀତି ଭ୍ରଷ୍ଟାଚାର ଆଦିର ପ୍ରାଧାନ୍ୟ ବିରୋଧରେ ପ୍ରତିରୋଧକୁ ସର୍ବଭାରତୀୟ ଆକାର ଭାବରେ ବିବେଚନା କରାଯାଇପାରେ। ମାତ୍ର ପ୍ରତିରୋଧକୁ ଯେକୌଣସି ଦୃଷ୍ଟିକୋଣ ଭାବରେ ଦେଖାଯାଇପାରେ ଯାହା ସାମାଜିକ ସମ୍ପର୍କ, ପ୍ରକ୍ରିୟା ତଥା ସଂଗଠନ ସହିତ ଜଡିତ ଥାଏ। ପ୍ରତିବାଦ ପରିବର୍ତ୍ତନ କରିବାକୁ ଚେଷ୍ଟା କରେ ଓ ପରିସ୍ଥିତିଗୁଡ଼ିକର ଆଧିପତ୍ୟ, ଶୋଷଣହୀନ ସାଙ୍କେତିକ କିମ୍ବା ମାନସିକ ସ୍ତରକୁ ଅନ୍ତର୍ଭୁକ୍ତ କରିବାରେ ସହାୟକ ହୋଇଥାଏ। ଯାହାକୁ ପ୍ରତିପକ୍ଷ ପର ମୁହୂର୍ତ୍ତରେ ପ୍ରତିରୋଧ ବୋଲି ସ୍ପଷ୍ଟୀକରଣ ଦେଇଥାନ୍ତି ଯେ ତାହା ଭିତ୍ତିହୀନ। ଗଣତନ୍ତ୍ରରେ ପ୍ରତିବାଦ କରିବା ଯେତେବେଳେ ଏକ ଅଧିକାର ହୋଇଥାଏ, ସେତେବେଳେ ପ୍ରତିବାଦକୁ ବିରୋଧ କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ତାହାକୁ ପ୍ରତିରୋଧ ଆଲୋଚନା କରିଥାନ୍ତି। ପ୍ରତିବାଦ ପ୍ରତିରୋଧ ନୁହେଁ ବରଂ ତାହା ସଂଶୋଧନ ପାଇଁ ଏକ ଉନ୍ମୁକ୍ତ ପଥ, ଯାହାକୁ ଏ ସମାଜ ଯଥାଯୁକ୍ତ ସମ୍ମାନ ଦେବା ଆବଶ୍ୟକ।

**ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର**
ମୋ –୯୯୩୭୩୪୫୯୦୦

## ଏଇ ଭାରତରେ

ଦିବ୍ୟାଙ୍ଗ ହେଲେ ବି ମନୋବଳ କିଛି କମ୍ ନୁହେଁ। ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ରୋଜଗାରର ବାଟ ଦେଖାଉଛନ୍ତି। ଏହି ମହିଳା ଜଣକ ହେଉଛନ୍ତି କଶ୍ମୀରର ସୁମର୍ତ୍ତି। ୧୦ ବର୍ଷ ବୟସରେ ପୋଲିଓ ସଂକ୍ରମିତ ହେବା ପରେ ସେ ଚାଲିବା ଶକ୍ତି ହରାଇଥିଲେ। ପରେ ହ୍ୱିଲ ଚେୟାର ସାହାରାରେ ପଢ଼ାଶେଷ କରିବା ସହ ପୋଷାକ ସିଲେଇ କରି ଆତ୍ମନିର୍ଭର ହେବା ଲାଗି ଚେଷ୍ଟା କରିଥିଲେ। ହେଲେ ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଇବାରୁ ସେ ୨୦୧୮ରେ ତାହାକୁ ଛାଡ଼ି ମସଲା ବ୍ୟବସାୟ ଆରମ୍ଭ କରିଥିଲେ। ଆରମ୍ଭରୁ ଏଥିରେ ବହୁ ବାଧାର ସମ୍ମୁଖୀନ ହେବା ସହ କ୍ଷତି ମଧ ସହିଲେ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ବଳରେ ଏବେ ଏଥିରେ ସଫଳତା ପାଇବା ସହ ଅନେକ ଦିବ୍ୟାଙ୍ଗଙ୍କୁ ରୋଜଗାର ଦେଇ ସେମାନଙ୍କ ଓଠରେ ହସ ଫୁଟାଇ ପାରିଛନ୍ତି। ଜୀବନରେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର ଶକ୍ତି ଥିଲେ ଦୁନିଆରେ ସଫଳତା ପାଇବା ସହଜ ହୋଇଥାଏ ବୋଲି କହନ୍ତି ସୁମର୍ତ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଡିସେମ୍ବର ୧୯୭୪

- ମାର୍କ୍ସପନ୍ଥୀ କମ୍ୟୁନିଷ୍ଟ ଦଳର ଟ୍ରେଡ ୟୁନିୟନ ନେତା କେ.ଜି. ବୋଷଙ୍କ ୫୩ ବର୍ଷ ବୟସରେ ପରଲୋକ।
- କୋଇଲା ଖଣି ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ହାର ୩୫୨ ଟଙ୍କାକୁ ବୃଦ୍ଧି କରାଯାଇଥିବା ନେଇ କେନ୍ଦ୍ର କୋଇଲା ଓ ଶକ୍ତି ବିଭାଗ ମନ୍ତ୍ରୀ କେ.ସି. ପନ୍ତଙ୍କ ଲୋକ ସଭାରେ ଘୋଷଣା।
- ୟୁରୋପୀୟ ଅର୍ଥନୈତିକ କମ୍ୟୁନିଷ୍ଟ ସହିତ ସମ୍ପୃକ୍ତ ଯାବତୀୟ ସମସ୍ୟାର ଅନୁଧାନ ନିମନ୍ତେ ଏକ ୟୁରୋପୀୟ କାଉନସିଲ ଗଠନ କରାଯିବା ନେଇ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଘୋଷଣା।

## ଚିରନ୍ତନୀ

ଅବିଚ୍ଛିନ୍ନ ସୈନ୍ୟଶ୍ରେଣୀ ପାତାଳୁଁ ଉଠାଏ ଜୟସ୍ୱର
ଆକାଶ ମଥିତ କରେ ବିପ୍ଳବର ଦାବୀ
ସହସ୍ର ଭାଷାରେ ଲେଖେ ଏକ ପତ୍ରେ ଚରମ ସ୍ୱାକ୍ଷର
ଅଘଟ–ଘଟନା ପଟୁ ନବୀନ ଶତାବ୍ଦି!
–(ଶତାବ୍ଦୀ–ସୈନିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନିମ୍ନମାନର ପିଆଜ ଦିଆଯାଉଛି

ମହାଶୟ,

ପିଆଜର ଅହେତୁକ ଦର ବୃଦ୍ଧି ପାଇଁ ରାଜ୍ୟ ସରକାର ଯୋଗାଣ ବିଭାଗ ପକ୍ଷରୁ ଅତି ନିମ୍ନମାନର ଗଜା ଓ ଶଢ଼ା ପିଆଜ କିଲୋ ୨୫ ଟଙ୍କା ହିସାବରେ ଲୋକଙ୍କୁ ଯୋଗାଇ ଦେଉଛନ୍ତି। କିନ୍ତୁ କେଉଁ ଅଧିକାରୀମାନେ ଏହାକୁ ନିୟନ୍ତ୍ରଣ କରୁଛନ୍ତି ତାହା ଜଣାପଡୁନାହିଁ। ଓଡ଼ିଶାର ନିର୍ବାଚିତ ବିଧାୟକ ତଥା ଏମ୍‌ପିମାନେ କେବେ ନିଜ ଘରକୁ ନେଇ ଏହି ପିଆଜ ଖାଇଛନ୍ତି କି? ଓଡ଼ିଶାର ଅନୁଗୋଳ ଜିଲାରେ ପ୍ରଚୁର ପିଆଜ ଉତ୍ପାଦନ ହୁଏ। କିନ୍ତୁ ପୂର୍ବ ବା ଏବର ସରକାର ଅନେକ ବର୍ଷ ଧରି ଗୋଟିଏ ବି ଶୀତଳଭଣ୍ଡାର କରିନାହାନ୍ତି। ତେଣୁ ଓଡ଼ିଶାରେ ଉତ୍ପାଦିତ ପିଆଜ ସବୁ ବାହାର ରାଜ୍ୟକୁ ଚାଲିଯାଉଛି ଏବଂ ସେଠାରୁ ପୁଣି ଓଡ଼ିଶାକୁ ଆସି ଚଢ଼ା ଦରରେ ବିକ୍ରି ହେଉଛି। ଏହା ଦୁଃଖ ଓ ପରିତାପର ବିଷୟ। ଆମ ଲୋକେ କ'ଣ ଗଜା ହୋଇଥିବା ଓ ଶଢା ପିଆଜ ଖାଇବା ପାଇଁ ଉପଯୁକ୍ତ? ଓଡ଼ିଶାରେ ପିଆଜ କଳାହାଣ୍ଡି, ନୂଆପଡ଼ା, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ରେ ପ୍ରଚୁର ପରିମାଣରେ ଉତ୍ପାଦନ ହେଉଥିବା ବେଳେ ଶୀତଳଭଣ୍ଡାରର ଘୋର ଅଭାବ ଯୋଗୁ ହିଁ ଚାଷୀମାନେ ତାହାକୁ ଗଚ୍ଛିତ ରଖି ନ ପାରି ବେପାରୀଙ୍କୁ ଶସ୍ତା ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଫଳରେ ନିଜ ପରିଶ୍ରମର ମୂଲ୍ୟ ପାଇପାରୁନାହାନ୍ତି। ସରକାର ଖାଲି ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଓ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାଗଣା ଖାଇବାକୁ ଦେଇ ନିଜ ଭୋଟ ବାକ୍ସକୁ ଦୃଢ଼ କରିବା ଛଡ଼ା ଆଉ କୌଣସି ଉନ୍ନତି ହେଉ ନାହିଁ। ଜଳସେଚନ ପାଇଁ ମଧ ଗୋଟିଏ ହେଲେ କ୍ଷୁଦ୍ର ପ୍ରକଳ୍ପ ହୋଇ ନାହିଁ କିମ୍ବା ଉଠା ଜଳସେଚନ ପ୍ରକଳ୍ପରେ ଲୋକମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନାହିଁ। ଅନେକ ଚାଷୀ ଠିକ୍ ଭାବେ ଜଳସେଚନ କରି ନ ପାରି ଜମି ବିକି ଦେଉଛନ୍ତି ବା କେହି କେହି ଋଣ କରି ଆତ୍ମହତ୍ୟା କରୁଛନ୍ତି।

**–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସନ୍ତୁଷ୍ଟଙ୍କୁ ଏକାଠି କରି ଶକ୍ତି ବଢ଼ାଉଛନ୍ତି ଅସିତ




ଅସିତ୍ ପଟ୍ଟନାୟକଙ୍କ ଜନ୍ମଦିନରେ ଶୁଭେଚ୍ଛୁଙ୍କ ଭିଡ଼।

## ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ

**ଭଦ୍ରକ, ୧୧।୧୨ (ସନାତନ ରାଉତ)**

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ଶାସକ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ସେତିକି ବଢ଼ିଚାଲିଛି। ଗତ ୩ଟି ନିର୍ବାଚନରେ ଭଦ୍ରକ ନିର୍ବାଚନମଣ୍ଡଳୀ ଲଗାତର ବିଜେଡି ଅକ୍ତିଆରରେ ରହିଥିବାରୁ ଏହି ଦଳରୁ ଟିକେଟ ପାଇବା ଲାଗି ନେତାମାନେ ଉତ୍ସୁକତା ଦେଖାଉଛନ୍ତି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଭାଜପା ପ୍ରାର୍ଥୀ ଡ. ପ୍ରଦୀପ ନାୟକଙ୍କୁ ୩୩ ହଜାର ୩୮୯ ଭୋଟ୍‌ରେ ପରାସ୍ତ କରିଥିଲେ। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଯୁଗଳ କିଶୋର ପଟ୍ଟନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନରେନ ପଲାଇଙ୍କୁ ୨୩ ହଜାର ୫୮୭ ଭୋଟ୍‌ରେ ହରାଇ ଆସନ ଦଖଲ କରିଥିଲେ। ୨୦୦୯ରେ ମଧ୍ୟ ବିଜେଡିରୁ ଯୁଗଳ କିଶୋର ପଟ୍ଟନାୟକ ବିଜୟୀ ହୋଇଥିଲେ।

୨୦୧୯ରେ ଯୁଗଳଙ୍କ ପୁଅ ଅସିତ ପଟ୍ଟନାୟକ ପ୍ରାର୍ଥୀ ହେବା ନେଇ ଟିକେଟ ଦୌଡ଼ରେ ଆଗରେ ରହିଥିଲେ। ତାଙ୍କ ନାମ ଚର୍ଚ୍ଚାରେ ଥିବାବେଳେ ଦଳ ସଞ୍ଜୀବଙ୍କୁ ନୂଆ ମୁହଁ ଭାବେ ପ୍ରାର୍ଥୀ କରିଥିଲା। ସଞ୍ଜୀବ ପୁଣିଥରେ ପ୍ରାର୍ଥୀ ହେବେ ବୋଲି ଆଶାବାଦୀ ଥିବାବେଳେ ପୌର ନିର୍ବାଚନରେ ଦଳୀୟ ପୌରାଧ୍ୟକ୍ଷା ପ୍ରାର୍ଥୀଙ୍କ ପରାଜୟ ଦଳକୁ ଝଟ୍‌କା ଦେଇଥିଲା। ଅପରପକ୍ଷରେ ଏବେ ଅସିତ ପୌରାଧ୍ୟକ୍ଷାଙ୍କ ସହ ମିଶି ଟିକେଟ ହାତେଇବା ପାଇଁ ଗୋଟିଚାଳନା କରୁଥିବା ଚର୍ଚ୍ଚା ଚାଲିଛି। ସେ ଦଳରେ ସଞ୍ଜୀବଙ୍କ ବିରୋଧୀଙ୍କୁ ଏକାଠି କରି ସମାନ୍ତରାଳ ସଙ୍ଗଠନ ଚଳାଇଛନ୍ତି। ନିକଟରେ ତାଙ୍କ ଜନ୍ମଦିନ ପାଳନରେ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଉପସ୍ଥିତି ଭଦ୍ରକ ରାଜନୀତିକୁ ଚଳଚଞ୍ଚଳ କରିଦେଇଛି। ୨୦୧୯ରେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଦେଇ ଅସିତ ବିଦ୍ରୋହୀ ପାଲଟି ନ ଥିଲେ। ଚଳିତ ଥର ବିଜେଡି ଟିକେଟ ନ ମିଳିଲେ ସେ ସ୍ୱାଧୀନ ଭାବେ ଲଢ଼ିପାରନ୍ତି ବୋଲି ନିର୍ବାଚନମଣ୍ଡଳୀ ସାରା ଚର୍ଚ୍ଚା ହେଉଛି। କେତେକେ କହୁଛନ୍ତି, ଯୁଗଳ ପଟ୍ଟନାୟକଙ୍କ ଦୀର୍ଘ ଦିନର ରାଜନୀତି ଭିତରେ ତାଙ୍କର ନିର୍ଦ୍ଦିଷ୍ଟ ପକେଟ ଭୋଟ ରହିଛି, ଯାହା ପୁଅଙ୍କ ସପକ୍ଷରେ ଯିବା ଥୟ। ପୁଣି ପୌରାଧ୍ୟକ୍ଷା ମୁସଲମାନ ସମ୍ପ୍ରଦାୟର ହୋଇଥିବାରୁ ସେ ଅସିତଙ୍କ ପାଇଁ ଭୋଟ ଯୋଗାଡ଼ରେ ସାହାଯ୍ୟ କରିପାରନ୍ତି। ବର୍ତ୍ତମାନର ବିଧାୟକଙ୍କ କାର୍ଯ୍ୟ ନିର୍ବାଚନମଣ୍ଡଳୀ ପାଇଁ ଆଖିଦୃଶିଆ ହୋଇ ନ ଥିବା ଅଭିଯୋଗକରି କେତେକେ ତାଙ୍କଠାରୁ ଦୂରେଇ ଯାଉଥିବା ଚର୍ଚ୍ଚା ହେଉଛି। ତେଣୁ ସେହି ଅସନ୍ତୁଷ୍ଟଙ୍କୁ ଅସିତ ନିଜ ଆଡ଼କୁ ଆଣୁଥିବା କୁହାଯାଉଛି।

ବିଜେଡିରେ ଅନ୍ୟ ଆଶାୟୀ ଭାବେ ଜ୍ୟୋତି ପ୍ରକାଶ ମହାନ୍ତି ଓ ସାମାଜିକ କର୍ମୀ ରାମଚନ୍ଦ୍ର ବେହେରା ଟିକେଟ ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। ଉଭୟେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଲୋକପ୍ରିୟତା ହାସଲ ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏତଦ୍‌ବ୍ୟତୀତ ଆଉ କେତେଜଣ ବିଜେଡି ଟିକେଟ ନେବା ଲାଗି ଚେଷ୍ଟା ଜାରି ରଖିଥିବାବେଳେ ନିଜ ନାମ ପ୍ରକାଶ କରିବାକୁ ଚାହୁଁନାହାନ୍ତି। ଫଳରେ ଏକାଧିକ ଆଶାୟୀ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି। ଭଦ୍ରକ ନିର୍ବାଚନମଣ୍ଡଳୀରେ ମୁସ୍‌ଲିମ୍ ଭୋଟ୍ ୪୨ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ଭଦ୍ରକ ରାଜନୀତିକୁ ଏହି ଭୋଟ୍ ପ୍ରଭାବିତ କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଆଶାୟୀ ପ୍ରାର୍ଥୀଙ୍କ ଶକ୍ତି ପ୍ରଦର୍ଶନ, ଭୋଗରାଇ ବିଜେଡିରେ କମ୍ପନ

**ଭୋଗରାଇ, ୧୧।୧୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଏବେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ବିଜେଡି, କଂଗେସ ଓ ଭାଜପା ଦଳରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଥିବା ବେଳେ ରାଜନୈତିକ ପାଣିପାଗକୁ ଗୋଳମାଳିଆ କରିଛି। ଶାସକ ବିଜେଡି ଦଳରେ ଆଶାୟୀଙ୍କ ସଂଖ୍ୟା ସର୍ବାଧିକ ଥିବା ବେଳେ ଏହି ଦଳର ଟିକେଟ ହାତେଇବା ଲାଗି ଆଶାୟୀ ପ୍ରାର୍ଥୀ ବିଭିନ୍ନ ରଣକୌଶଳ ଆପଣାଇ ଭୋଟରଙ୍କ ମନ ଜିଣିବା ପାଇଁ କସରତ ଆରମ୍ଭ କରିଛନ୍ତି। ଭୋଗରାଇ ନିର୍ବାଚନମଣ୍ଡଳୀରେ ୩୩ ବର୍ଷଧରି ଜନତା ଦଳ ଓ ପରେ ବିଜୁ ଜନତା ଦଳ କ୍ଷମତାସୀନ ହୋଇଥିବା ବେଳେ ଏହି ନିର୍ବାଚନମଣ୍ଡଳୀର ୨୦ ବର୍ଷ ଧରି ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକ ଭାବେ ଅନନ୍ତ ଦାସ ଅଦ୍ୟାବଧି ଦଳର ମଙ୍ଗ ଧରିଛନ୍ତି। ବିଧାୟକ ଅନନ୍ତଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ଚଳିତ ନିର୍ବାଚନରେ ଦଳୀୟ ଟିକେଟରୁ ବଞ୍ଚିତ ହୋଇପାରନ୍ତି ବୋଲି ଦଳୀୟ ନେତାମାନେ ଆଶଙ୍କା କରୁଥିବା ବେଳେ ଉତ୍ତରାଧିକାରୀ ଭାବେ ତାଙ୍କ ପୁତ୍ର ଅଭିଜିତ ଦାସଙ୍କୁ ଦଳୀୟ ଟିକେଟ ଦେବା ଲାଗି ଦଳର ବହୁନେତା ଦାବି କରିଛନ୍ତି। ଏଭଳି ସ୍ଥିତିରେ ବିଜୁ ଜନତା ଦଳର ଅନ୍ୟତମ ବରିଷ୍ଠ ସଦସ୍ୟ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଇଂ. ବିଦୁବେନ୍ଦୁ ପାତ୍ର ଦଳୀୟ ଟିକେଟ ହାତେଇବା ଲାଗି ଅଣ୍ଟା ଭିଡ଼ିଛନ୍ତି। ସେ ବହୁ ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ସୋମବାର ଚନ୍ଦନେଶ୍ୱର ନିକଟସ୍ଥ ଗୋଛିଦା ତେଘରୀ ପଞ୍ଚାୟତ ଖେଳ ପଡ଼ିଆରେ ବନ୍ଧୁମିଳନ ଉତ୍ସବ କାର୍ଯ୍ୟକ୍ରମରେ ୧୦ହଜାର ଲୋକଙ୍କ ଆୟୋଜନ କରି ନିଜ ସପକ୍ଷରେ ଜିଲା ଓ ରାଜ୍ୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ ସହ ଶକ୍ତି ପ୍ରଦର୍ଶନ କରିଛନ୍ତି। ଦଳର ହୁଇପ ସତ୍ତ୍ୱେ ୧୧ ପଞ୍ଚାୟତର ସମିତି ସଦସ୍ୟା, ସଦସ୍ୟ, ସରପଞ୍ଚ ଓ ଛାମୁଆ ନେତାମାନେ ଏହି ବନ୍ଧୁମିଳନ ଉତ୍ସବରେ ଯୋଗଦେଇ ନୂତନ ଆଶାୟୀ ପ୍ରାର୍ଥୀଙ୍କୁ ଭୋଗରାଇରେ ସେବା ନିମନ୍ତେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେବା ଓ ଗରିବ ଲୋକଙ୍କୁ ୫ ହଜାର କମ୍ବଳ ବଣ୍ଟନ ଭୋଗରାଇ ବିଜେଡିରେ କମ୍ପନ ସୃଷ୍ଟି କରିଛି। ଏହି ବନ୍ଧୁମିଳନ ଉତ୍ସବରେ ଗୋଛିଦା ତେଘରୀ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ନଗେନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଜିଲା ଉପସଭାପତି ତପନ କୁମାର ପଣ୍ଡା, ଜିଲା ସମ୍ପାଦକ ପ୍ରଦୀପ ବେହେରା, ସରପଞ୍ଚ ଅଶୋକ ସାସମଲ, ପ୍ରାକ୍ତନ ସମିତି ସଦସ୍ୟ ସୁଶାନ୍ତ ନାୟକ ପ୍ରମୁଖ ବହୁ ଛାମୁଆ ନେତା ଯୋଗଦେଇ ଇଂ. ବିଦୁବେନ୍ଦୁ ପାତ୍ରଙ୍କ ଆଶାୟୀ ପ୍ରାର୍ଥିତ୍ୱକୁ ସମର୍ଥନ କରିଛନ୍ତି। ଏଭଳି କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳର ଶୃଙ୍ଖଳା ଭଙ୍ଗ ହୋଇଛି ବୋଲି ଭୋଗରାଇ ବିଜେଡି ଶାଖାର ସଭାପତି ରମାକାନ୍ତ କରଣ ସୂଚନା ଦେଇଛନ୍ତି।




ଭୋଗରାଇ ନିର୍ବାଚନମଣ୍ଡଳୀରେ ଆଶାୟୀ ପ୍ରାର୍ଥୀଙ୍କ ବନ୍ଧୁମିଳନ ଉତ୍ସବରେ ସାମିଲ ହେଲେ ୧୧ ପଞ୍ଚାୟତର ସରପଞ୍ଚ, ସମିତିସଦସ୍ୟା, ସଦସ୍ୟ।

# ୫ ଜିଲା ମହିଳା ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ୱର,୧୧।୧୨ (ଅନିଲ ଦାସ)**

ସାଧାରଣ ନିର୍ବାଚନ ଆଉ ମାସ କେଇଟା ରହିଲା। ଏହା ପୂର୍ବରୁ ବିଜେଡି ନିଜର ସଙ୍ଗଠନକୁ ପୁନର୍ଗଠନ କରିବାରେ ଲାଗିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୫ ଜିଲା ପାଇଁ ବିଜୁ ମହିଳା ଜନତା ଦଳ ପର୍ଯ୍ୟବେକ୍ଷକ ନିଯୁକ୍ତି କରିଥିବା ବେଳେ ମାଲକାନଗିରି ଓ ବାଲେଶ୍ୱର ଜିଲା ପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଛନ୍ତି।

ଜ୍ୟୋତ୍ସ୍ନା ପରିଡ଼ାଙ୍କୁ କଳାହାଣ୍ଡି ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିବା ବେଳେ ମୀରା ପରିଡ଼ା କୋରାପୁଟ, ଲୋରା ମହାପାତ୍ର ମାଲକାନଗିରି, ରୁନୁ ଜେନାଙ୍କୁ ନବରଙ୍ଗପୁର ଏବଂ ମିନତୀ ଦେବତାଙ୍କୁ ସମ୍ବଲପୁର ଓ ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି।

ସେହିପରି ମାଲକାନଗିରି ଜିଲା ବିଜୁ ମହିଳା ଜନତା ଦଳର ୭ ବ୍ଲକ ପାଇଁ ସଭାପତି ନିଯୁକ୍ତି ଦିଆଯାଇଛି। ଟିଙ୍କି ମଲ୍ଲିକଙ୍କୁ ମାଥିଲି ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଖଇରାପୁଟ ପାଇଁ ସାବିତ୍ରୀ ମୁଦୁଲି, ଚିତ୍ରକୋଣ୍ଡା ପାଇଁ ଲକ୍ଷ୍ମୀ ମାଣ୍ଡି, ମାଲକାନଗିରି ପାଇଁ ସମରି ମାଡକାମୀ, କାଲିମେଳା ପାଇଁ ବର୍ଣ୍ଣାଲି କୀର୍ତ୍ତନିଆ, କୋରୁକୋଣ୍ଡା ପାଇଁ ମିଥୁନ ସରକାର ଏବଂ ପଡିଆ ବ୍ଲକ ପାଇଁ ଦେବେ ମାଢ଼ିଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ବାଲେଶ୍ୱର ଜିଲା ବିଜୁ ଜନତା ଦଳ କମିଟି ପାଇଁ ରବି ରାଉତଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ମନୋଜ କୁମାର ରାଉତଙ୍କୁ ରେମୁଣା ବ୍ଲକ ସଭାପତି ଏବଂ ରାମନାରାୟଣ ବେହେରାଙ୍କୁ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାପତି ଭାବେ ନିଯୁକ୍ତି ଦଆଯାଇଛି।

# ବିଜେଡିରେ ମିଶିଲେ ଭାଜପା ଜିଲା ପରିଷଦ ପ୍ରାର୍ଥୀ ଦୁର୍ଗା ପ୍ରଧାନ



ଦୁର୍ଗାଚରଣ ପ୍ରଧାନ

**ଭୁବନେଶ୍ୱର,୧୧।୧୨(ଅନିଲ ଦାସ)**

ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅନୁଗୋଳ ବ୍ଲକର ଭାଜପା ଜିଲାପରିଷଦ ପ୍ରାର୍ଥୀ ଦୁର୍ଗାଚରଣ ପ୍ରଧାନ ସୋମବାର ଶଙ୍ଖଭବନଠାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ପ୍ରତାପ ତାଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ପ୍ରଧାନଙ୍କ ଏହା ହେଉଛି ଘରବାହୁଡ଼ା । ବିଜେଡିରେ ତାଙ୍କ ଯୋଗଦାନ ଫଳରେ ବିଶେଷକରି ଅନୁଗୋଳ ବ୍ଲକ ଏବଂ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ପ୍ରତାପ କହିଛନ୍ତି।

ବିଜେଡିରେ ସାମିଲ୍ ହେବା ପରେ ଦୁର୍ଗା କହିଛନ୍ତି, ମୁଁ ଦୀର୍ଘଦିନ ଧରି ବିଜେଡିରେ ଥିଲି, କିଛିଦିନ ପାଇଁ ଭାଜପାରେ ସାମିଲ୍ ହୋଇଥିଲି । ଭାଜପାର କାର୍ଯ୍ୟଶୈଳୀ ଭଲ ନ ଲାଗିବାରୁ ମୁଁ ପୁଣି ବିଜେଡିକୁ ଫେରିବାକୁ ମନସ୍ଥ କଲି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ସେ କହିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଅନୁଗୋଳ ଜିଲା ସଭାପତି ମହେନ୍ଦ୍ର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷ୍ଣ ଓ ରାମଙ୍କୁ ନେଇ ଟଣାଓଟରା

## ଢେଙ୍କାନାଳ ବିଧାନସଭା ଆସନ

**ଢେଙ୍କାନାଳ,୧୧।୧୨(ରତନ ନାୟାର)**

୨୦୨୪ ସାଧାରଣ ନିର୍ବାଚନକୁ ନେଇ ଢେଙ୍କାନାଳରେ ସରଗରମ ହେଲାଣି ରାଜନୈତିକ ବାତାବରଣ। ଢେଙ୍କାନାଳ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରୁ ୫୫ ନଂ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କାରଣ ଏହା ଅଧୀନରେ ଢେଙ୍କାନାଳ ସହର ବା ପୌରାଞ୍ଚଳର ଭୋଟର ଆସୁଥିବା ବେଳେ ସଦର ବ୍ଲକର ୨୧ ପଞ୍ଚାୟତ, ଗଁଦିଆ ବ୍ଲକର ୨୯ ପଞ୍ଚାୟତ ରହିଛି। ସହରୀ ଭୋଟରଙ୍କ ମୁଡ୍ କେଉଁ ଦଳ ବା ପ୍ରାର୍ଥୀଙ୍କ ସପକ୍ଷରେ ରହିବ ତାହା ଏବେ ଆଲୋଚନାର ବିଷୟ ହୋଇଛି। ତେବେ ବିଜେଡି ଓ କଂଗ୍ରେସ ଅପେକ୍ଷା ଏହି ନିର୍ବାଚନମଣ୍ଡଳୀ ୨୦୨୪ ନିର୍ବାଚନରେ ଭାଜପା ପାଇଁ କଠିନ ପରୀକ୍ଷା ହେବ ବୋଲି ଚର୍ଚ୍ଚା ଚାଲିଛି। ୨୦୦୪ରୁ ଏହି ଆସନରେ ଭାଜପା ବର୍ତ୍ତମାନ ସୁଦ୍ଧା ବିଜୟର ସ୍ୱାଦ ଚାଖି ନ ଥିବାରୁ ଆସନ୍ତା ସାଧାରଣ ନିର୍ବାଚନ ଏହି ଦଳ ପାଇଁ ବହୁ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି।

୨୦୨୪ ସାଧାରଣ ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ଶିବିରରେ ହଲଚଲ ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳୁଛି। ବିଶେଷକରି ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଏବଂ ତାଙ୍କ ବଡ଼ଭାଇ ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ଏଥର ଦଳୀୟ ଟିକେଟ୍ ପାଇଁ ପ୍ରମୁଖ ଆଶାୟୀ ଥିବା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହେଉଛି। ତେବେ ଏମାନଙ୍କ ମଧ୍ୟରୁ ଦଳ କାହାକୁ ବାଛିବ କିମ୍ବା ଅନ୍ୟ ଆଶାୟୀଙ୍କ ଆଶା ପୂରଣ କରିବ, ତାହା କହିବା କଷ୍ଟକର ହୋଇଥିଲେ ମଧ୍ୟ ଏହି ଦୁଇ ଭାଇଙ୍କ ସମର୍ଥକମାନେ କିନ୍ତୁ ନଛୋଡ଼ବନ୍ଧା। ସେମାନେ ନିଜ ନିଜ ନେତାଙ୍କ ସପକ୍ଷରେ ଯୁକ୍ତି ବାଢୁଥିବାରୁ ଏକପ୍ରକାର ଟଣାଓଟରା ସ୍ଥିତି ସୃଷ୍ଟି ହୋଇଥିବା ଶୁଣାଯାଉଛି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ୨୦୦୦ ମସିହା ସାଧାରଣ ନିର୍ବାଚନରେ ଭାଜପାରୁ ଟିକେଟ୍ ପାଇଥିଲେ। ସେତେବେଳେ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଭାବେ ସେ ଢେଙ୍କାନାଳ ବିଧାନସଭା ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ୨୦୦୪ ମସିହାରେ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ଥିଲେ ମଧ୍ୟ କୃଷ୍ଣଚନ୍ଦ୍ର ପୂର୍ବ ସଫଳତା ଦୋହରାଇପାରି ନ ଥିଲେ। ଭାଜପା ଟିକେଟ୍‌ରେ ଲଢ଼ିଥିବା କୃଷ୍ଣଚନ୍ଦ୍ର କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହୋଇଥିଲେ। ଏହାର ପରବର୍ତ୍ତୀ ନିର୍ବାଚନ ବେଳକୁ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିଯାଇଥିଲା। ଯଦିଓ କୃଷ୍ଣଚନ୍ଦ୍ର ପରବର୍ତ୍ତୀ ଲଗାତର ୩ ଥର ଅର୍ଥାତ୍ ୨୦୦୯, ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାରୁ ଟିକେଟ୍ ପାଇବାରେ ସକ୍ଷମ ହୋଇଥିଲେ, ହେଲେ ସଫଳତା ଆଉ ତାଙ୍କ ହାତରେ ଲାଗି ନ ଥିଲା। ଉକ୍ତ ୩ ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀଙ୍କ ଠାରୁ ପରାଜିତ ହୋଇଥିଲେ। ଅତୀତକୁ ଦେଖିଲେ ୧୯୯୫ରେ ତତ୍କାଳୀନ ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳରୁ ଭାଜପା ପ୍ରାର୍ଥୀ ଭାବେ ଲଢ଼ି ସେ ପରାଜିତ ହୋଇଥିଲେ। ତେଣୁ ୨୦୦୪ରୁ ଲଗାତର ୪ଥର ଏବଂ ଏଥିପୂର୍ବରୁ ଥରେ ପରାଜିତ ହୋଇଥିବା କୃଷ୍ଣଚନ୍ଦ୍ରଙ୍କ ସପକ୍ଷରେ ଦଳ ୨୦୨୪ ନିର୍ବାଚନ ପାଇଁ କିଭଳି ନିଷ୍ପତ୍ତି ନେଉଛି, ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। କିନ୍ତୁ ତାଙ୍କ ସମର୍ଥକମାନେ ଆଶା ଛାଡ଼ି ନାହାନ୍ତି। କୃଷ୍ଣଚନ୍ଦ୍ରଙ୍କ ଉପରେ ଦଳ ଆସ୍ଥା ରଖିବ ବୋଲି ସମର୍ଥକମାନେ ଦାବି କରୁଛନ୍ତି। ଅନ୍ୟପଟରେ କେତେଜଣ ଦଳୀୟ କର୍ମୀ ଆସନ୍ତା ନିର୍ବାଚନରେ ଭାଜପା ଜଣେ ଭଲ ପ୍ରାର୍ଥୀଙ୍କୁ ଟିକେଟ୍ ଦେବା ସପକ୍ଷରେ ମତ ପ୍ରଦାନ କରୁଛନ୍ତି।



ରାମଚନ୍ଦ୍ର ପାତ୍ର



କୃଷ୍ଣଚନ୍ଦ୍ର ପାତ୍ର

ସେହିପରି କୃଷ୍ଣଚନ୍ଦ୍ରଙ୍କ ବଡ଼ଭାଇ ରାମଚନ୍ଦ୍ର ପାତ୍ର ଭାଜପାର ଜଣେ ବରିଷ୍ଠ ସଦସ୍ୟ ହୋଇଥିବା ବେଳେ ସେ ପୂର୍ବରୁ କେବଳ କାଉନସିଲର ଏବଂ ରିଜିଓନାଲ କୋଅପରେଟିଭ୍ ମାର୍କେଟିଂ ସୋସାଇଟି (ଆର୍‌ସିଏମ୍‌ଏସ୍) ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଗତ ପୌର ନିର୍ବାଚନରେ ତାଙ୍କ ସ୍ତ୍ରୀ ଜୟନ୍ତୀ ପାତ୍ର ଭାଜପାରୁ ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ବିଜେଡି ପ୍ରାର୍ଥୀଙ୍କୁ ପରାସ୍ତ କରିବାରେ ସଫଳ ହୋଇଥିଲେ। ପୌର ନିର୍ବାଚନରେ ସ୍ତ୍ରୀ ଜୟନ୍ତୀଙ୍କୁ ବଡ଼ ସଫଳତା ଦେବାରେ ରାମଙ୍କ ପ୍ରମୁଖ ଭୂମିକା ରହିଥିଲା। ପୂର୍ବ ବିଧାନସଭା ନିର୍ବାଚନଗୁଡ଼ିକରେ ମଧ୍ୟ ଭାଇ କୃଷ୍ଣଚନ୍ଦ୍ରଙ୍କ ପାଇଁ ରାମ ନିର୍ବାଚନ ମଙ୍ଗ ଧରିଥିଲେ। କିନ୍ତୁ ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତିକୁ ଦେଖିଲେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ବୋଲି କୁହାଯାଉଛି। ଏପରିକି ଦଳର କେତେଜଣ ନେତା ପାତ୍ର ପରିବାର ମଧ୍ୟରେ ଟିକେଟ୍ ସୀମିତ ରହିବ ବୋଲି ଆଲୋଚନା କରୁଛନ୍ତି। ଏଥିସହ ଦୁଇ ଭାଇଙ୍କ ପକ୍ଷରୁ ମଧ୍ୟ ନିର୍ବାଚନ ପ୍ରସ୍ତୁତି ଜୋର୍‌ଦାର ଆରମ୍ଭ ହେଲାଣି। ଦଳର କେତେଜଣ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ଦଳୀୟ ପ୍ରାର୍ଥୀ ହେଲେ ଦଳ ପାଇଁ ଭଲ ବୋଲି ମତ ଦେଉଥିବା ବେଳେ ଅନ୍ୟ କେତେଜଣ ରାମଚନ୍ଦ୍ରଙ୍କ ସପକ୍ଷରେ ମତ ଦେଉଛନ୍ତି। ତେଣୁ ସବୁଠି ଏହି ଦୁଇ ଭାଇଙ୍କୁ ନେଇ ଚର୍ଚ୍ଚା ଚାଲିଛି। ଏମାନଙ୍କ ଛଡ଼ା ମହିଳା ପ୍ରାର୍ଥୀଙ୍କ ସପକ୍ଷରେ ମଧ୍ୟ ନିର୍ବାଚନୀ ବାତାବରଣ ସୃଷ୍ଟି ହେଲାଣି। ଦଳ ମହିଳାଙ୍କୁ ଗୁରୁତ୍ୱ ଦେଲେ ବରିଷ୍ଠ ନେତ୍ରୀ ନିରୋଜ ନଳିନୀ ମହାଲିକ ଓ ପୌରାଧ୍ୟକ୍ଷ ଜୟନ୍ତୀ ପାତ୍ର ମଧ୍ୟ ଆଶାୟୀ ଭାବେ ରହିଥିବା ସାଧାରଣରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁନୀଲ ଶର୍ମା କହିଛନ୍ତି, କାର୍ଯ୍ୟକର୍ତ୍ତାମାନେ ନୂଆ ମୁହଁ ଚାହୁଁଛନ୍ତି। ପାର୍ଟିର ନିଷ୍ପତ୍ତି ଯାହା ହେବ ସମସ୍ତେ ତାହାକୁ ଗ୍ରହଣ କରିବେ। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଏମ୍.ଜେ. ମହିମା ଯଶୋବନ୍ତ କହିଛନ୍ତି, କୃଷ୍ଣଚନ୍ଦ୍ରଙ୍କ ପାଇଁ ସମସ୍ତେ ସଙ୍ଗଠିତ ହେଉଛନ୍ତି। ରାମଚନ୍ଦ୍ର ମଧ୍ୟ ଆଶାୟୀ ଥିବା ଶୁଣାଯାଉଛି। ଏ ନେଇ ଦଳ ହିଁ ନିଷ୍ପତ୍ତି ନେବ। କାଉନସିଲର ସୂର୍ଯ୍ୟପ୍ରତାପ ରାଉତ କହିଛନ୍ତି, ଗତ ପୌର ନିର୍ବାଚନରେ ରାମଚନ୍ଦ୍ର ଦଳୀୟ ପ୍ରାର୍ଥୀଙ୍କ ପାଇଁ ବୁଲିବୁଲି ପ୍ରଚାର କରି ଜିତାଇଥିଲେ। ତେଣୁ ସେ ପ୍ରାର୍ଥୀ ହେଲେ ଭାଜପା ଭଲ କରିବ। ପୂର୍ବତନ ଜିଲା ପରିଷଦ ସଦସ୍ୟ ଚନ୍ଦନ ମହାନ୍ତି କହିଛନ୍ତି, କୃଷ୍ଣଚନ୍ଦ୍ର, ରାମଚନ୍ଦ୍ର ଓ ସୁନୀଲ ଶର୍ମା ଆଶାୟୀ ଥିବା ଆଲୋଚନା ହେଉଛି। ଦଳ ଯାହାଙ୍କୁ ପ୍ରାର୍ଥୀ କରିବ ତାଙ୍କୁ ସମର୍ଥନ ଦେବୁ।

## ଅନ୍ୟାନ୍ୟ ଖବର

# 'ବିକଶିତ ଭାରତ @୨୦୪୭: ଭଏସ୍ ଅଫ୍ ୟୁଥ୍'ର ଶୁଭାରମ୍ଭ

### ଅମୃତକାଳର ଆଲୋଚନା ଜନ ଆନ୍ଦୋଳନରେ ପରିଣତ ହେବାକୁ ଯାଉଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୧।୧୨(ସୁନୀତ୍ ମିଶ୍ର)**

ଦେଶ ଯେତେବେଳେ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ, ସେହି ସମୟରେ ବିକଶିତ ଭାରତ ସହ ନୂଆ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତୁଟ ପ୍ରତିବଦ୍ଧତା କୋଟି କୋଟି ଜନତାଙ୍କ ମନରେ ଆଶାର ନୂଆ କିରଣ ସୃଷ୍ଟି କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ବିକଶିତ ଭାରତ @୨୦୪୭: ଭଏସ୍ ଅଫ୍ ୟୁଥ୍'ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲହେବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା 'ବିକଶିତ ଭାରତ @୨୦୪୭: ଭଏସ୍ ଅଫ୍ ୟୁଥ୍' ମେଗା ଅଭିଯାନର ଶୁଭାରମ୍ଭ ଅମୃତକାଳର ଆଲୋଚନାକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ଯାଉଛି। ସ୍ୱାଧୀନତାର ୭୫ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଦେଶର ବିକାଶ ପାଇଁ, ଆଗାମୀ ଦିନର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ଲାଗି ବିକଶିତ ଭାରତ ପାଇଁ ଆହ୍ୱାନ କରିଥିଲେ। ବର୍ତ୍ତମାନ ସମାଜରେ ସମସ୍ତ ବିଦ୍ୟାର୍ଥୀ ତଥା ଶିକ୍ଷା ସହ ଯୋଡ଼ିହୋଇଥିବା ଦାୟିତ୍ୱବାନ ଲୋକଙ୍କୁ ଏକାଠିକରି ବିକଶିତ ଭାରତର ଆଲୋଚନାରେ ଯୋଡ଼ିବାର ଆବଶ୍ୟକତା ଅଛି। ଶିକ୍ଷା ବିଭାଗ ବିକଶିତ ଭାରତକୁ ଏକ ଜନ ଆନ୍ଦୋଳନର ରୂପ ଦେବାର ଆବଶ୍ୟକତା ରହିଛି। ଏକ ନୂଆ ଆଶା, ଆକାଂକ୍ଷା, ସମାଜ ସହ ଜଡ଼ିତ ସବୁ ବିଷୟ ଯଥା ରାଜନୀତି, ସମାଜନୀତି, ଅର୍ଥନୀତି, ବୈଷୟିକ ଜ୍ଞାନକୌଶଳ, ନବସୃଜନ, ନୂଆ ରୋଜଗାରର ସୁଯୋଗ ଏବଂ ବିଶ୍ୱକୁ ନୂଆ ଦୃଷ୍ଟିକୋଣରେ ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ ନୂଆ କଳ୍ପନା ଅଛି। ସ୍ୱାଧୀନତା ସଂଗ୍ରାମ ଲଢେଇରେ ଯେପରି ସମସ୍ତଙ୍କ ନିଜ ନିଜର ଦାୟିତ୍ୱ ଥିଲା ସେହିଭଳି ନୂଆ ପିଢ଼ି ସହ ଶିକ୍ଷା କ୍ଷେତ୍ରକୁ ଯୋଡ଼ି ସମସ୍ତେ ନିଜ ନିଜ କର୍ତ୍ତବ୍ୟ କରିବା। ଅମୃତ କାଳରେ ବିକଶିତ ଭାରତ ଆମ ସମସ୍ତଙ୍କ ବଡ ଲକ୍ଷ୍ୟ ହେଉ। ଶିକ୍ଷାକୁ ଆଧାରକରି ନୂଆ ଭାରତ ଓ ନୂଆ ବିଶ୍ୱ ତିଆରି କରିବା ଆମର ସଂକଳ୍ପ ହେବା ଉଚିତ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ସଂସ୍ଥା ଏବଂ ସମସ୍ତ ସଙ୍ଗଠନ ଏହି ସଂକଳ୍ପ ସହ ଆଗକୁ ବଢ଼ିବା ଦରକାର ଯେ, ଯାହା ବି କିଛି କରିବି ତାହା 'ବିକଶିତ ଭାରତ' ପାଇଁ ହେବା ଦରକାର।

## ସଂକ୍ଷେପରେ

### କ୍ଷତିପୂରଣ ଦାବିରେ ତେଜିଲା ଆନ୍ଦୋଳନ

**ବରପାଲି,୧୧।୧୨(ଚିତ୍ତରଞ୍ଜନ ସାହୁ):** ଲଗାଣ ବର୍ଷାରେ ପଦ୍ମପୁର ବ୍ଲକରେ ଧାନଚାଷ କ୍ଷୟକ୍ଷତି ହୋଇଛି। କରଜ, ଋଣ କରି ଚାଷ କରିଥିବାରୁ ଚାଷୀମାନଙ୍କୁ ଏବେ ଋଣ ପରିଶୋଧ ଚିନ୍ତା ଘାରିଛି। ଏହି ପରିପ୍ରେକ୍ଷୀରେ ବରଗଡ ଜିଲା ବରପାଲିଠାରେ ସୋମବାର ଚାଷୀମାନେ ଏକାଠି ହୋଇ ସ୍ଥାନୀୟ ତହସିଲଦାରଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ, ତୁରନ୍ତ ଫସଲ ବୀମା ରାଶି ପ୍ରଦାନ, ଚାଷୀ ଧାନ ବିକ୍ରି ବେଳେ କଟନି ଛଟନି ବନ୍ଦ, ସମସ୍ତ କୃଷି ଋଣ ଛାଡ, କୁଇଣ୍ଟାଲ ପିଛା ତିନିହଜାର ଟଙ୍କାରେ ଧାନ କ୍ରୟ କିଣିବା ସହ ସମସ୍ତ ପ୍ରକାର କୃଷି ଖଜଣା ଛାଡ କରିବାକୁ ଚାଷୀମାନେ ଦାବି କରିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ ଚାଷୀ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର, ନିପନ ଦାସ, କମଳେଶ ରାୟ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ବରିଷ୍ଠ ନାଗରିକ ସଂଘର ବୈଠକ

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସୋମବାର ସଂଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ପ୍ରମୋଦ ଝାଙ୍କର, ଉପସଭାପତି ଗୌନ୍ତିଆ କୁମାର ସାହୁ, ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ସହ ସମ୍ପାଦକ କାହ୍ନୁ ପୃଷ୍ଟି, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, କୋଷାଧ୍ୟକ୍ଷ ପ୍ରସନ୍ନ ପ୍ରଧାନ ମଞ୍ଚାସୀନ ଥିଲେ। ଆଗାମୀ ୨ବର୍ଷ ପାଇଁ ସଂଘର ଯୋଜନା ଉପରେ ଆଲୋଚନା ହୋଇଥିଲା। ସେହିପରି ସଂଘର ୭ ଉପଦେଷ୍ଟାଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ଅମୂଲ୍ୟ ପତି, ରକ୍ଷାକାରୀ ବିଶି, ଅମରେନ୍ଦ୍ର ନାରାୟଣ ଯାଦବ, ସୁଶିଲ ମହାପାତ୍ର, ଗୌରଚନ୍ଦ୍ର କର, ପ୍ରହଲ୍ଲାଦ ମହାପାତ୍ର, ଭାରତ ଭୂଷଣ ଦାଶ ପ୍ରମୁଖ ରହିଛନ୍ତି। ସେହିପରି ମୋତିଲାଲ ଅଗ୍ରୱାଲ, ଡଃ ବିଶ୍ୱାମିତ୍ର ମହାପାତ୍ର, ଯାଚକେଶ୍ୱର ପ୍ରଧାନ ନିମନ୍ତ୍ରିତ ଅତିଥି ରହିଛନ୍ତି । ବୈଠକରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିବାବେଳେ ଭାରତ ଭୂଷଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଞ୍ଚଳ କଲେଜରେ ଭାରତୀୟ ଭାଷା ଦିବସ ପାଳନ

**ପଦ୍ମପୁର,୧୧।୧୨ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଡ. ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଭାରତୀୟ ଭାଷା ଦିବସ ପାଳନ କରାଯାଇଛି। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରାଧ୍ୟାପକ ଖଗେଶ୍ୱର ଦାସ, ପ୍ରଭାତ ମହାପାତ୍ର, ଡ. ସରୋଜ ନାଏକ ଭାରତୀୟ ଭାଷା, ମାତୃଭାଷା, ଭାଷାର ଉତ୍ପତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ତାପିନୀ ପଣ୍ଡା, ଝୁନୁ ପରିଡା, ଅଧ୍ୟାପିକା ରୀନା ଧର୍ମବିନାୟକ, ସୁରେଶ୍ୱରୀ ପାଣ୍ଡେଙ୍କ ସହ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଜୟକୁମାର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବେଦନ ଅବଧି ବୃଦ୍ଧି ଦାବିକଲେ ଚାଷୀ

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)**

ଅଦିନିଆ ବର୍ଷା ଯୋଗୁ ବରଗଡ଼ ଜିଲାରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ କ୍ରମାଗତ ୩ଦିନ ବର୍ଷା ଯୋଗୁ କ୍ଷେତ, ଖଳାରେ ରହିଥିବା ଧାନ ପ୍ରଭାବିତ ହୋଇଥିଲା। ଏପରିକି କେତେକ ସ୍ଥାନରେ ମଣ୍ଡିରେ ବିକ୍ରି ପାଇଁ ରହିଥିବା ଧାନ ମଧ୍ୟ ପ୍ରଭାବିତ ହୋଇଥିବା ଚାଷୀମାନେ କହିଛନ୍ତି। ଏଭଳିସ୍ଥଳେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଚାଲିଛି। ମାତ୍ର ବୀମା କ୍ଷତିପୂରଣ ପାଇଁ ଆବେଦନ କରିବାକୁ କେବଳ ୪୮ଘଣ୍ଟା ସମୟ ଦିଆଯାଇଥିବାରୁ ଅନେକ ଚାଷୀ ଆବେଦନରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି କ୍ରମରେ ସୋମବାର ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଚାଷୀମାନେ ଆବେଦନ ଅବଧି ବୃଦ୍ଧି ଦାବି କରି ଧାରଣାରେ ବସିଥିଲେ। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମଧ୍ୟ ସେମାନଙ୍କ ସହିତ ସାମିଲ ହୋଇଥିଲେ। ପରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରାଙ୍କ ସହିତ



ଆବେଦନ ଅବଧି ବୃଦ୍ଧି ଦାବିରେ ଧାରଣା ।

ସେମାନେ ଆଲୋଚନା କରିଥିଲେ ଏବଂ ଆବେଦନ ଗ୍ରହଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଧାରଣାରୁ ଓହରିଥିଲେ।

ପ୍ରକାଶ ଯେ, ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନେ ବୀମା କ୍ଷତିପୂରଣ ପାଇଁ ସେମାନେ ଉଦ୍ଦିଷ୍ଟ ଆବେଦନ ଫର୍ମ ପୂରଣ ସହିତ ତାକୁ ଧରି ବିଭାଗୀୟ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ରବିବାରଠାରୁ ସେଥିପାଇଁ ଅବଧି ସରିଯାଇଥିବା ସମ୍ପୃକ୍ତ ଅଧିକାରୀମାନେ କହିଥିଲେ। ଏହାପରେ କ୍ଷତିଗ୍ରସ୍ତ ଚାଷୀମାନେ ସୋମବାର ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଚାଲିଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚିଥିଲେ। ବୀମା କ୍ଷତିପୂରଣ ପାଇଁ ଆବେଦନ ଫର୍ମ ଭରିବା ଅବଧି ବୃଦ୍ଧି ସହିତ ସେମାନଙ୍କ ଆବେଦନ ଫର୍ମକୁ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ମାତ୍ର କିଛି ଅଧିକାରୀ ସେଥିପାଇଁ ଅବଧି ସରିଯାଇ ଥିବା କହିବାରୁ ସେମାନେ ଭାଜପା ଜିଲା ସଭାପତି ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସେଠାରେ ଧାରଣାରେ ବସିଥିଲେ। ବରଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳର ଚାଷୀମାନେ ଏଥିରେ ସାମିଲ ହୋଇଥିଲେ।

# ବିପଦ ସାଜିଛି ମୁକୁଳା ଟ୍ରାନ୍ସଫର୍ମର

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ସରସରା ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲପାଲି ଗ୍ରାମରେ ଦୀର୍ଘବର୍ଷ ଧରି ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ପଡ଼ି ରହିଛି। ବୁଲା ଗାଈଗୋରୁ ଏହି ବିଦ୍ୟୁତ ଟ୍ରାନ୍ସଫର୍ମର ନିକଟକୁ ଯିବା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି । ଅନ୍ୟପଟେ ପାଖରେ ଗ୍ରାମର ପ୍ରାଥମିକ ସ୍କୁଲ ରହିଛି। ଟ୍ରାନ୍ସଫର୍ମର ରହିଥିବା ରାସ୍ତା ନିକଟ ଦେଇ ଛାତ୍ରୀଛାତ୍ର ସ୍କୁଲକୁ ଯିବା ଆସିବା କରୁଛନ୍ତି। ତେବେ ମୁକୁଳା ରହିଥିବା ସେହି ଟ୍ରାନ୍ସଫର୍ମର ଯୋଗୁ ଛାତ୍ରୀଛାତ୍ରଙ୍କ ଜୀବନ ମଧ୍ୟ ବିପଦରେ ରହିଛି। ଏହି ଦୃଷ୍ଟିରୁ ତୁରନ୍ତ ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମରରେ ପାଚେରୀ ଦେବା କିମ୍ବା ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହୋଇଛି। ତେବେ କେବଳ ଏହି ବିଦ୍ୟୁତ ଟ୍ରାନ୍ସଫମର ନୁହେଁ, ଜିଲାର ଅନେକ ସ୍ଥାନରେ ଏଭଳି ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ ଟ୍ରାନ୍ସଫର୍ମର ଗୁଡ଼ିକ ରହିଥିବା ଯୋଗୁ ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି ବୋଲି ମତପ୍ରକାଶ ପାଇଛି।



ରେଙ୍ଗାଲପାଲି ଗ୍ରାମରେ ମୁକୁଳା ପଡ଼ିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ।

# ସେଚ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କର

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା କଟାପାଲି ପଞ୍ଚାୟତ ବାଞ୍ଜିପାଲି ଗ୍ରାମକୁ ଗଙ୍ଗାଧର ମେହେର ସେଚ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏହି ଦାବି ନେଇ ସୋମବାର ଗ୍ରାମର ଚାଷୀ ପ୍ରତିନିଧିମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ର ଅନୁସାରେ, ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଏହି ପ୍ରକଳ୍ପରେ କଟାପାଲି ପଞ୍ଚାୟତର କଟାପାଲି ଏବଂ ସରଣ୍ଡାପାଲି ଗ୍ରାମକୁ ସାମିଲ କରାଯାଇ ଥିବାବେଳେ ସେଥିରୁ ବାଞ୍ଜିପାଲିକୁ ବାଦ୍ ଦିଆଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଗ୍ରାମର ତଳପଟେ



ସେଚ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ବରଗଡ଼ କେନାଲ ଯାଇଥିବାରୁ ଗ୍ରାମକୁ ଜଳସେଚନ ସୁବିଧା ମିଳିପାରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଗ୍ରାମର ଉପରପଟେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ କାମ ଚାଲୁଛି ଏବଂ ଏହି ପ୍ରକଳ୍ପରେ ତାଙ୍କ ଗ୍ରାମକୁ ଅନ୍ତର୍ଭୁକ୍ତ କରାଗଲେ ସେମାନେ ଜଳସେଚନ ସୁବିଧା ପାଇପାରିବେ ବୋଲି ଚାଷୀମାନେ କହିଛନ୍ତି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଗ୍ରାମର ଚାଷୀମାନେ ଜିଲାପାଳ ବାନାର୍ଜୀଙ୍କୁ ନିବେଦନ କରିଛନ୍ତି। ସରପଞ୍ଚ ଗଙ୍ଗାଧର ଦାଶଙ୍କ ସମେତ ବିଶ୍ୱେଶ୍ୱର ପ୍ରଧାନ, ଆଲୋକ ଦାଶ, ଜଗମୋହନ ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

# ବାଧାମୁକ୍ତ ରାସ୍ତା ଦାବିକଲେ ଦିବ୍ୟାଙ୍ଗ



ବାଧାମୁକ୍ତ ରାସ୍ତା ଦାବିରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାର ସମସ୍ତ କାର୍ଯ୍ୟାଳୟରେ ଦିବ୍ୟାଙ୍ଗମାନଙ୍କ ପାଇଁ ବାଧାମୁକ୍ତ ରାସ୍ତା କରିବାକୁ ସେମାନେ ଦାବି କରିଛନ୍ତି। ଏହି ଦାବି ନେଇ ବରଗଡ଼ ଆଦର୍ଶ ପଡ଼ାର ଜଣେ ଦିବ୍ୟାଙ୍ଗ ସାନନ୍ଦ ନାଗ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ବରଗଡ଼ ଜିଲାର ସରକାରୀ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା କୌଣସି ରାସ୍ତା ଦିବ୍ୟାଙ୍ଗଙ୍କ ପାଇଁ ସୁରକ୍ଷିତ ନୁହେଁ। ଏପରିକି ସରକାରୀ କାର୍ଯ୍ୟାଳୟକୁ ଯିବା ଆସିବା କରିବା ସକାଶେ ଦିବ୍ୟାଙ୍ଗଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଦିବ୍ୟାଙ୍ଗମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଅଭିଯୋଗ କରିଛନ୍ତି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି ।

### ପ୍ରତିଶ୍ରୁତି ପରେ ଅନଶନରୁ ଉଠିଲେ

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୪ ଜାନୁୟାରୀ ୧୫ତାରିଖରୁ ଆରମ୍ଭ ହେବ। ଧନୁଯାତ୍ରାକୁ ସମ୍ବଲପୁରୀ ଭାଷାରେ କରିବା, ଧନୁଯାତ୍ରା ମହୋତ୍ସବ ସମିତିର ପୁନର୍ଗଠନ ଆଦି ଦାବି ନେଇ ଗତ ୭ତାରିଖରୁ କୋଶଲ କ୍ରାନ୍ତି ସେନା ବରଗଡ଼ ଗାନ୍ଧୀ ଛକରେ ଅନଶନ ଚଳାଇଛି। କୋଶଲ କ୍ରାନ୍ତି ସେନାର ୫ଜଣ ଅନଶନରେ ବସିଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ଗାନ୍ଧୀଛକରେ ଅନଶନ ଜାରି ରହିଛି । ସୋମବାର ବରଗଡ଼ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ଉପଜିଲାପାଳ କୁମାର ନାଗଭୂଷଣ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରମୁଖ ଅନଶନସ୍ଥଳୀକୁ ପହଞ୍ଚିଥିଲେ। କୋଶଲ କ୍ରାନ୍ତି ସେନାର କର୍ମକର୍ତ୍ତା, ଅନଶନକାରୀଙ୍କ ସହିତ ସେମାନେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ଏହାପୂର୍ବରୁ ପଦ୍ମଶ୍ରୀ ହଳଧର ନାଗଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଅନଶନସ୍ଥଳୀକୁ ଆସି ସମର୍ଥନ ଜଣାଇଥିଲେ। ତେବେ ଧନୁଯାତ୍ରା ମହୋତ୍ସବ ସମିତିର ପୁଣି ଏକ ସାଧାରଣ ପରିଷଦ ବୈଠକ ବସିବ। ଉକ୍ତ ବୈଠକରେ ବରଗଡ଼ ଧନୁଯାତ୍ରାକୁ ସମ୍ବଲପୁରୀ ଭାଷାରେ କରାଯିବା ଦାବି ଉପସ୍ଥାପନ କରାଯିବ ଏବଂ ବୈଠକକୁ କୋଶଲ କ୍ରାନ୍ତିସେନାର ପ୍ରତିନିଧିମାନଙ୍କୁ ଡକାଯିବ ବୋଲି ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଲିଖିତ ପ୍ରତିଶ୍ରୁତି ପାଇବା ପରେ ରାତିପ୍ରାୟ ୮ଟାରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ତେବେ ସାଧାରଣ ପରିଷଦ ବୈଠକରେ ବରଗଡ଼ ଧନୁଯାତ୍ରାକୁ ସମ୍ବଲପୁରୀ ଭାଷାରେ କରିବାକୁ ନିଷ୍ପତ୍ତି ନିଆ ନ ଗଲେ ପୁଣି ଅନଶନ ଚାଲିବ ବୋଲି କୋଶଲ କ୍ରାନ୍ତି ସେନା ଚେତାବନୀ ଦେଇଛି।

# ସୌଖିନ ରଙ୍ଗମଞ୍ଚରେ ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀ

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସୌଖିନ ରଙ୍ଗମଞ୍ଚରେ ରବିବାର ଚିତ୍ରକଳା ଅନୁଷ୍ଠାନ 'କଳାକଳ୍ପନା'ର ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ସମାଜସେବୀ ଚନ୍ଦ୍ରଶେଖର ବାଗ, ବରିଷ୍ଠ ଚିତ୍ରଶିଳ୍ପୀ ଶୀତଳ ମହାପାତ୍ର, ଦିଲୀପ ସାୱାଡ଼ିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଡ଼ିଶାର ବିଭିନ୍ନ ଜିଲା ସମେତ ଦିଲ୍ଲୀ, କଲିକତା, ବସନା, ମଣିପୁର ଆଦି ଅଞ୍ଚଳର ଚିତ୍ରଶିଳ୍ପୀମାନେ ଏଥିରେ ଭାଗ ନେଇ ଚିତ୍ରକଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ୭୮ଜଣ ଶିଶୁ ଚିତ୍ରଶିଳ୍ପୀ ଏବଂ ୯ଜଣ ଯୁବ ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବରିଷ୍ଠ ଚିତ୍ରଶିଳ୍ପୀ ଶୀତଳ ମହାପାତ୍ର, ପ୍ରକାଶ ଚନ୍ଦ୍ର ବିଶ୍ୱାଳଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକଳ୍ପନାର ଅଧ୍ୟକ୍ଷ ତଥା ଓଡ଼ିଶା ଲଳିତ ଏକାଡ଼େମୀ ସଦସ୍ୟ ଅଶୋକ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ଦୁଃଖୀସେବକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଗୋଳର ଚିତ୍ରଶିଳ୍ପୀ ମନୋରଞ୍ଜନ ଦାଶ ଯୁଗଳବନ୍ଦୀରେ ସରସ୍ୱତୀଙ୍କ ଚିତ୍ର ଅଙ୍କନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଚିତ୍ରକଳା ପ୍ରଦର୍ଶନୀରେ କୃତୀ ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଉଛି ।

# ମୀରାବାଈଙ୍କୁ ସାବିତ୍ରୀ ବାଈ ଫୁଲେ ରାଷ୍ଟ୍ରୀୟ ପୁରସ୍କାର

**ପଦ୍ମପୁର,୧୧।୧୨(ପ୍ରଦୀପ୍ତ ଦାଶ)**

ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ପକ୍ଷରୁ ଦିଲ୍ଲୀରେ ଆୟୋଜିତ ୩୯ତମ ରାଷ୍ଟ୍ରୀୟ ଦଳିତ ସାହିତ୍ୟିକ ସମ୍ମିଳନୀରେ ବରଗଡ଼ ଜିଲା ପଦ୍ମପୁର ବ୍ଲକ ଖୁଣ୍ଟପାଲି ଗ୍ରାମର ମୀରାବାଈ ପାଣିଗ୍ରାହୀଙ୍କୁ ବିରାଙ୍ଗନା ସାବିତ୍ରୀ ବାଈ ଫୁଲେ ରାଷ୍ଟ୍ରୀୟ ପୁରସ୍କାର -୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଛି। ମୀରାବାଈ ସମ୍ବଲପୁରୀ ଭାଷାରେ ଦେଶର ପ୍ରଥମ ନାରୀ ଶିକ୍ଷୟିତ୍ରୀ ଫୁଲେ ବାଈଙ୍କ ବିଷୟରେ କବିତା ଲେଖିଥିଲେ। ଭାରତର କବି, କଳାକାର, ସମାଜସେବୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

# ସେମିରେ ବୋକାରୋ ସେଲ୍ ଫୁଟ୍‌ବଲ ଏକାଡେମୀ

### ସୋହେଲା କପ୍ ୨୦୨୩ ଉଦ୍‌ଘାଟିତ

**ସୋହେଲା,୧୧।୧୨(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ମିନି ଷ୍ଟାଡିୟମଠାରେ ସର୍ବଭାରତୀୟ ସୋହେଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ବରଗଡ଼ ଜିଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ସିଂ, ଡାକ୍ତର ଶିଶିର କୁମାର ସାହୁ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ସୋହେଲା ଆଥ୍‌ଲେଟିକ ଆସୋସିଏଶନ ସଭାପତି ସତ୍ୟନାରାୟଣ ଦେବତା, ସୁଶାନ୍ତ ମିଶ୍ର, ସୋହେଲା ଥାନାଧିକାରୀ ପ୍ରଣୟ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଝାଡ଼ଖଣ୍ଡର ବୋକାରୋ ସେଲ ଫୁଟ୍‌ବଲ ଏକାଡେମୀ ଏବଂ ଛତିଶଗଡ଼ର କୋରବା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବୋକାରୋ ଦଳ



ଅତିଥିମାନେ ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

୩ଟି ଓ ଦ୍ୱିତୀୟାର୍ଦ୍ଧରେ ପୁଣି ଆଉ ୨ଟି ଏପରି ଭାବେ ୫ଟି ଗୋଲ ଦେଇଥିଲା। କୋରବା ଦଳ ୨ଟି ଗୋଲ ପରିଶୋଧ କରିଥିଲା। ତେବେ ଖେଳ ଶେଷ ସୁଦ୍ଧା ବୋକାରୋ ଦଳ କୋରବା ଦଳକୁ ୫-୨ ଗୋଲରେ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ବୋକାରୋ ସେଲ୍ ଏକାଡେମୀର ଏଲ୍. ଖୋଙ୍ଗସାଇ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଫାଓ ରେଫରୀ ପ୍ରଶାନ୍ତ ବେହେରା, ସଚ୍ଚିକାନ୍ତ ଦାସିଆ, ଜିତେନ୍ଦ୍ରିୟ ଥନାପତି, ଲିଙ୍ଗରାଜ ପଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ ଦାସ ମ୍ୟାଚ୍ କମିଶନର ଥିଲେ। ମଙ୍ଗଳବାର ରାଉରକେଲା ଏବଂ ବିଏମ୍‌ପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ସଂସ୍କାର ସ୍କୁଲରେ ଶୈକ୍ଷିକ କର୍ମଶାଳା

**ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ସିବିଏସ୍‌ଇ ଦ୍ୱାରା ଏକ ଶୈକ୍ଷିକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ରହିଥିବା ସିବିଏସ୍‌ଇ ପରିଚାଳିତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦାନ କରିଥିଲେ। ଛତିଶଗଡ଼ ରାଜ୍ୟ ରାୟଗଡ଼ସ୍ଥିତ ସାଧୁରାମ ବିଦ୍ୟା ମନ୍ଦିରର ପ୍ରିନ୍ସପାଲ ଟୁନା ବିଶ୍ୱାଳ, କେନ୍ଦୁଝରସ୍ଥିତ ପ୍ରଣବ ବଲ୍ଲଭ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ଦିଲ୍ଲୀପ କୁମାର ମିଶ୍ର, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସପାଲ କରନ ସାହୁ, ଏକାଡ଼େମିକ କୋଅର୍ଡିନେଟର ସୀମା ସାହୁ, କୋଅର୍ଡିନେଟର ଗୀତା ନାୟକ, ମମତା ସିହ୍ନା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। କର୍ମଶାଳାରେ ବରଗଡ଼ ବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ୍ସ, ବେଥାନୀ ପବ୍ଲିକ ସ୍କୁଲ, ସମ୍ବଲପୁର ବିକାଶ ସ୍କୁଲ, ଇଣ୍ଡିଆନ ପବ୍ଲିକ ସ୍କୁଲ, ସିମେଣ୍ଟ ନଗର ବିକାଶ ସ୍କୁଲ, ନୂଆ ଖଇରପାଲିସ୍ଥିତ କୋଶଲ ସ୍କୁଲ, ବରପାଲିସ୍ଥିତ ଲିଟିଲ



ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ଚେୟାରମ୍ୟାନଙ୍କ ଗହଣରେ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ।

ଏଞ୍ଜେଲ ପବ୍ଲିକ ସ୍କୁଲ, କଣ୍ଟାବାଞ୍ଜିର ଲାୟନ୍ସ ପବ୍ଲିକ ସ୍କୁଲ, ସମ୍ବଲପୁରର ସୈନିକ ପବ୍ଲିକ ସ୍କୁଲ, ବ୍ରଜରାଜନଗରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ, ଝାରସୁଗୁଡ଼ା ଆଦି ସିବିଏସଇ ପରିଚାଳିତ ସ୍କୁଲର ୩୨ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପାଉଥିବା ଶିକ୍ଷାକୁ ଦୈନନ୍ଦିନ ଜୀବନରେ କିଭଳି ବ୍ୟବହାର କରିପାରିବେ ତାହା ଉପରେ ଶିକ୍ଷୟିତ୍ରୀ, ଶିକ୍ଷକ ନିଜ ମତ ରଖିଥିଲେ। ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରଧାନ ଶିକ୍ଷକ କରନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବବର୍ଗଙ୍କୁ ସାମିଲହେବାକୁ ଆହ୍ୱାନ

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ





ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କୋକସରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଯୁବ ବିକାଶ କାର୍ଯ୍ୟକ୍ରମ।

ବେହେରା/କୋକସରା, ୧୧।୧୨ (ଭୂପେଶ ତିୱାରୀ/ ଦୁଷ୍ମନ୍ତ କୁମାର ପାଢୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଧର୍ମଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ପଢୋଶୀ ଉଦଘାଟନ କରିଥିଲେ। କ୍ରୀଡା ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଯୁବ ବର୍ଗଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ହେଉଥିବା ଏହି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ ଜୋନ ୨ ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, କାର୍ଯ୍ୟକ୍ରମର ନୋଡାଲ ଅଫିସର ରଞ୍ଜନ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇ ୨୨ ତାରିଖ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ହେବ। କାର୍ଯ୍ୟକ୍ରମ ଅଧାପକ ଅକ୍ଷୟ କୁମାର ପଟ୍ଟନାୟକ ସଂଯୋଜନା କରିଥିବାବେଳେ କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅଧାପକ ମୋହନ ଚରଣ ବିଷି, ନିକୁଞ୍ଜ ବିହାରୀ ସାହୁ, ଫକୀର ଚଣ୍ଡି, ଅଶୋକ ଚଣ୍ଡି, ସାନୁର୍ଯ୍ୟ ଗୋପାଳଙ୍କ ସମେତ ଯୁବରେଡକ୍ରସର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

ସେହିପରି କୋକସରା ବ୍ଲକ ସଦର କୋକସରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଉପେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡିଶା ରାଜ୍ୟ ଓମଫେଡ ସଭାପତି ତଥା ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ମୁଖ୍ୟବକ୍ତା ଭାବେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ଜିଲା ପରିଷଦ ସଭ୍ୟ ଆମପାଣି ଜୋନ ହେମନ୍ତ ମାଝି, ଜିଲା ପରିଷଦ ସଭ୍ୟା ମୋଟେର ଜୋନ ବୈଜୟନ୍ତି ପୂଝାରୀ, କୋକସରା ଆତ୍ମା କମିଟି ଅଧ୍ୟକ୍ଷ ରତୁରାଜ ମାଝି ଯୋଗଦେଇ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ସଫଳ ରୂପାୟନ ଉପରେ ମତାମତ ଦେଇଥିଲେ। ମଞ୍ଚ ସଂଯୋଜନା ଅଧାପକ ସିଦ୍ଧାର୍ଥ ନନ୍ଦ କରିଥିବା ବେଳେ ଅଧାପକ ଦେବେନ୍ଦ୍ର ମେହେର ଅତିଥି ପରିଚୟ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅଭିଭାଷଣ ରଖିଥିଲେ। ଏହି ଯୋଜନା ମାଧ୍ୟମରେ ଯୁବବର୍ଗଙ୍କୁ ସାମିଲ ହୁଅନ୍ତୁ ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧାପକ ପ୍ରଭାତ ଶୁକ୍ଲା, ଯୁଗଳ ବାଗ, ରାମକୃଷ୍ଣ ଚୌଧୁରୀ, ଅନୀଲ କୁମାର ବାଗ, ଅଧାପିକା ଲିପ୍ସାରାଣି ଦାସ, କଳ୍ପନା ଭୋଇ, ଜ୍ୟୋତିର୍ମୟୀ ପାଣିଗ୍ରାହୀ, କ୍ରୀଡା ଶିକ୍ଷକ ନିରଞ୍ଜନ ନେଗି, ସୁଜିତ ପଣ୍ଡା ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବନ ବିଭାଗର ଚଢ଼ାଉ: ଜଙ୍ଗଲ ଜନ୍ତୁ ଶିକାର, ୨ ଗିରଫ



ଭବାନୀପାଟଣା,୧୧।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଥୁଆମୂଳ ରାମପୁର ରେଞ୍ଜ ଅନ୍ତର୍ଗତ କଲମପୁର ବ୍ଲକ ହେରାମାଲ ଗାଁରେ ଶିକାରୀମାନେ କୁଟୁରା ଶିକାର କରି ମାଂସ ଭାଗ ବଣ୍ଟା ବେଳେ ମାଡି ବସିଲା ବନ ବିଭାଗ। ଚଢ଼ାଉ ବେଳେ ବିଭାଗ କୁଟୁରା ମାଂସ ଜବତ କରିବା ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ଗିରଫ ଶିକାରୀ ହେଲେ ପରୁଆଗୁଡ଼ା ଗ୍ରାମର ରାମ ପଟେଲ ଓ ହାରାମାଲ ଗ୍ରାମର ଗୌରାଙ୍ଗ ରାଉତ ବୋଲି ଜଣାପଡିଛି। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଅନ୍ୟ ୪ଜଣ ଫେରାର ହୋଇଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ ହାଜର କରିବା ସମୟରେ ରେଞ୍ଜ କାର୍ଯ୍ୟାଳୟରେ ସ୍ଥାନୀୟ ଏସିଏଫ ବିମଳ ଟପ୍ପୋଙ୍କ ସମେତ ରେଞ୍ଜର ଜୟଦେବ ମାଝି, ବନପାଳ ସୀମା ଧଙ୍ଗଡାମାଝି ପ୍ରମୁଖ ଉପସ୍ଥିତ ଥିଲେ।

### କୋମନା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ

ନୂଆପଡ଼ା,୧୧।୧୨(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକସ୍ତରୀୟ ଲୋକ ମହୋତ୍ସବ ନିମନ୍ତେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ଅଦାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଏହି ମହୋତ୍ସବ ୩ ଦିନ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୩ ଦିନ ବ୍ଲକର ଲୋକଗୀତ, ଲୋକନୃତ୍ୟ ସହ ଜିଲା ତଥା ରାଜ୍ୟ ସହ ପଡୋଶୀ ରାଜ୍ୟରୁ ସାଂସ୍କୃତିକ ଦଳ ଯୋଗଦାନ କରିବେ। କୋମନା ଲୋକ ମହୋତ୍ସବ ପାଳନ ନିମନ୍ତେ ସଭାପତି ଜଗଦୀଶ ଦୁରିଆ, ଉପ ସଭାପତି ସହରୁଖ ଖାନ, ସାଧାରଣ ସମ୍ପାଦକ ମନୋଜ କୁମାର ଅଦା, ସହ ସମ୍ପାଦକ ଗୌତମ ଦୁରିଆ ଓ କୋଷାଧ୍ୟକ୍ଷ ଭାବେ ଆସଲମ ମହମ୍ମଦଙ୍କୁ ମନୋନୀତ କରାଯାଇଛି। ଆସନ୍ତା ମାର୍ଚ୍ଚ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ କୋମନାରେ ୩ ଦିନ ହେବା ସହ କୋମନା ବ୍ଲକର ୩ରୁ୪ଟି ସ୍ଥାନରେ ମଧ୍ୟ ଏହି ମହୋତ୍ସବ ଗୋଟିଏ ଦିନ ପାଇଁ ଆୟୋଜିତ ହେବ। ମହୋତ୍ସବରେ ମୀନା ବଜାର, ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ, ଦୋକାନ ବଜାର ମଧ୍ୟ ବ୍ୟବସ୍ଥା କରାଯାଇଛି। ରାଜ୍ୟର ଅନେକ ଅଭିନେତା ଅଭିନେତ୍ରୀ ମହୋତ୍ସବକୁ ଆସିବେ ବୋଲି ଆଲୋଚନା କରା ଯାଇଥିଲା। ମହୋତ୍ସବ କମିଟି ସଭାପତି ଜଗଦୀଶ ଚନ୍ଦ୍ର ଦୁରିଆ ଧନ୍ୟବାଦ ଦେଇଥିଲେ।

### ବିକଶିତ ଭାରତ ସଂକଳ୍ପ ଯାତ୍ରା

ନୂଆପଡ଼ା,୧୧।୧୨(ମକାରୁ ବେମାଲ)

ନୂଆପଡ଼ା ଜଲା କୋମନା ବ୍ଲକ ଶିଳଭା ଗ୍ରାମପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପ ଯାତ୍ରାକୁ ବିପୁଳ ସମ୍ବର୍ଦ୍ଧନ ଦିଆଯାଇଛି। ଏହି ଯାତ୍ରା କାଞ୍ଚନ ପ୍ରଭା ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ଯଦୁମଣି ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶନ୍ନ କୁମାର ପାଢୀ, ଆଇନଜୀବୀ ସୁଶାନ୍ତ ପତି, କୃଷି ବିଜ୍ଞାନ କେନ୍ଦ୍ରରୁ ବୈଜ୍ଞାନିକ ଶାଶତୀ ପଟ୍ଟନାୟକ, କୋମନା ବିଡ଼ିଓ ହିତାଂଶୁ କୁମାର ସାମଲ ବ୍ୟାଙ୍କ ପରାମର୍ଶଦାତା ରମେଶ କୁମାର ଠାକୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ବେକରେ ରଶି ଲଗାଇ ଶିକ୍ଷକଙ୍କ ଆତ୍ମହତ୍ୟା



ଲାଞ୍ଜିଗଡ଼,୧୧।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତଥା ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ କାଉଗୁଡା ଗ୍ରାମର ଜଣେ ଏକ୍ସକ୍ୟାଡ଼ର ଶିକ୍ଷକ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ କାଉଗୁଡ଼ା ଗାଁର ହରେକୃଷ୍ଣ ଶବର।

ସୂଚନାନୁସାରେ କାଉଗୁଡ଼ା ଗାଁର ହରେକୃଷ୍ଣ ଲାଞ୍ଜିଗଡ଼ ରୋଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ୍ସ କ୍ୟାଡର ଶିକ୍ଷକ ଭାବେ ଚାକିରି କରୁଥିଲେ। ରବିବାର ରାତିରେ ଘରେ ଶୋଇଥିଲେ। ସୋମବାର ସକାଳୁ ସେ ଶୋଇଥିବା କୋଠରୀକୁ ତାଙ୍କ ମା' ଝାଡୁ କରିବାକୁ ଯିବାବେଳେ ପୁଅର ଝୁଲନ୍ତା ମୃତଦେହ ଦେଖି କାନ୍ଦବୋବାଳି କରିଥିଲେ। ତାଙ୍କ ପାଟିଶୁଣି ପାଖପଡ଼ିଶା ଲୋକେ ଜମା ହେବା ସହିତ ସିକେରକୁପା ପୋଲିସକୁ ଖବର ଦେଇଥିଲେ। ସିକେରକୁପା ଫାଣ୍ଡି ଏସଆଇ ମୀନକେତନ ଶବର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। କୌଣସି କାରଣରୁ ରବିବାର ବିଳମ୍ବିତ ରାତିରେ ସେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ସୂଚନାନୁସାରେ ଶିକ୍ଷକଙ୍କ ସ୍ତ୍ରୀ କିଛିଦିନ ତଳେ ନିଖୋଜ ହୋଇଥିବା ନେଇ ସେ ପୋଲିସରେ ଅଭିଯୋଗ କରିଥିଲେ। ନିଖୋଜ ସ୍ତ୍ରୀଙ୍କୁ ଖୋଜି ଖୋଜି ନିରାଶ ହେବା ପରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଏ ନେଇ ନର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୩) ରୁଜୁ ହୋଇଛି।

# ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣରେ ଯୋଗଦେଇଥିବା ସେକ୍ଟର ଅଧିକାରୀ ଓ ପୋଲିସ ସେକ୍ଟର ଅଧିକାରୀ।

## ଅଂଶ ଗ୍ରହଣ କଲେ ସେକ୍ଟର ଅଧିକାରୀ, ପୋଲିସ ସେକ୍ଟର ଅଧିକାରୀ

ଭବାନୀପାଟଣା,୧୧।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ କିଭଳି ଏକ ସୁସ୍ଥ ଓ ଉପଯୁକ୍ତ ପରିବେଶରେ ଶାନ୍ତିଶୃଙ୍ଖଳା ସହ ଭୋଟଦାନ ସମାପନ ହେବ ସେ ନେଇ ଭବାନୀପାଟଣା ଟାଉନ ହଲଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ପୂର୍ବରୁ ସଂବେଦନଶୀଳ, ଅସୁରକ୍ଷିତ ଭୋଟଗ୍ରହଣ ଅଞ୍ଚଳ, ଗ୍ରାମ ଚିହ୍ନଟ ପାଇଁ ଜିଲାର ସମସ୍ତ ନିଯୁକ୍ତ ସେକ୍ଟର ଅଧିକାରୀ ଓ ପୋଲିସ ସେକ୍ଟର ଅଧିକାରୀ ସାମିଲ ହୋଇଥିଲେ। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ପ୍ରଶିକ୍ଷଣ ଅଧିକାରୀ ଭାବେ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲାପାଳ ଡ. ବିଶଜିତ ଦାସ, ଧର୍ମଗଡ ଉପଜିଲାପାଳ ବିରଞ୍ଚି ନାରାୟଣ ଦରୱାନ, ପି.ଡି. ଡ୍ରୁଡା ମୁନୀନ୍ଦ୍ର ହୁନାଙ୍ଗା ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ସ୍ୱାଗତ ଓ ଉପଜିଲାପାଳ ପ୍ରଶିକ୍ଷଣର ଉଦ୍ଦେଶ୍ୟ, ବିଭିନ୍ନ ଫର୍ମ ପୂରଣ, ନିର୍ଦ୍ଦେଶାବଳୀ ଉପସ୍ଥାପନ କରିଥିଲେ। ମୁକ୍ତ ଓ ନିରପେକ୍ଷ ଭୋଟଦାନ ପାଇଁ ଭୋଟରମାନେ ଯେଭଳି କୌଣସି ଭୟ, ଅର୍ଥ ପ୍ରଲୋଭନ, ବାହୁବଳ, ନିଶାର ପ୍ରଭାବରେ ନ ପଡନ୍ତୁ ବୋଲି ଜିଲାପାଳ କହିଥିଲେ। ପ୍ରଥମ ଥର ପାଇଁ ପୋଲିସ ସେକ୍ଟର ଅଧିକାରୀଙ୍କୁ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ସଂବେଦନଶୀଳ, ଅସୁରକ୍ଷିତ ଭୋଟଗ୍ରହଣ ଅଞ୍ଚଳ ଚିହ୍ନଟ ପାଇଁ ନିୟୋଜିତ କରାଯାଇଛି ବୋଲି ଏସ୍‌ପି କହିଥିଲେ। ୫ଟି ନିର୍ବାଚନମଣ୍ଡଳୀରୁ ୩୮୯ଜଣ ପୋଲିସ ସେକ୍ଟର ଅଧିକାରୀ ଓ ପ୍ରଶାସନ ନିଯୁକ୍ତ ସେକ୍ଟର ଅଧିକାରୀ ଯୋଗଦେଇଥିଲେ। ବୈଠକରେ ଡେପୁଟି କଲେକ୍ଟର ନିର୍ବାଚନ ରମେଶ ପଣ୍ଡା, ଡିଆଇପିଆରଓ ମନୋଜ ବେହେରା ମଧ୍ୟ ଉପସ୍ଥିତ ଥିଲେ।

## ଖଡ଼ିଆଳ ମହୋତ୍ସବ ପାଳନ କମିଟିର ବୈଠକ

ଖଡ଼ିଆଳ,୧୧।୧୨ (ସୁଜିତ୍ କୁମାର ପ୍ରଧାନ)

ଆସନ୍ତା ଜାନୁୟାରୀ ୩୦ରୁ ଫେବୃୟାରୀ ୩ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ପାଳନ ହେବ ଖଡ଼ିଆଳ ମହୋତ୍ସବ-୨୦୨୪। ମହୋତ୍ସବ ସଫଳତାର ଆୟୋଜନ କରିବା ପାଇଁ ଗଠନ କରାଯାଇଥିବା ଉପକମିଟିଗୁଡିକ ଅଗ୍ରଗତି ନେଇ ଖଡ଼ିଆଳସ୍ଥିତ ସାଂସ୍କୃତିକ ଅନୁଷ୍ଠାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ମହୋତ୍ସବ ପାଳନର ଅଗ୍ରଗତି ନେଇ ଆଲୋଚନା ହେବା ସହ ପ୍ରଥମ ଥର ପାଇଁ ମହୋତ୍ସବ ପାଳନରେ ସହାଭାଗିତା ପାଇଁ ମହିଳାମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇ ବିଭିନ୍ନ ଉପ କମିଟିରେ ମହିଳାମାନଙ୍କୁ ସାମିଲ କରାଯାଇଥିଲା। ଏଥିସହ ଚଳିତବର୍ଷ ମହୋତ୍ସବ ପାଳନରେ ମହିଳାମାନଙ୍କ ପାଇଁ ଦେଶୀ ଫେଶନ ଶୋ, ଦେଶୀ ଖାଦ୍ୟ ମେଳା ସହ ଏକ ରକ୍ତଦାନ ଶିବିର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସମ୍ପାଦକ ସୁନୀଲ କୁମାର ସାହୁ, ଅର୍ଥ କମିଟି ଆବାହକ ଅମରେଶ ପଟ୍ଟନାୟକ, ଉପଦେଷ୍ଟା ଡ଼ା ମେଜର ରାମଚନ୍ଦ୍ର ମିଶ୍ର, ପ୍ରଚାର ପ୍ରସାର ବିଭାଗ ଆବାହକ ବିମଳ ସିଂ ଦଳପତି, ଦଳଗତ ନୃତ୍ୟ କମିଟି ଆବାହକ ଗଙ୍ଗାଧର ମହାନ୍ତି, ଷ୍ଟଲ କମିଟି ଆବାହକ ଭୋଦେବ ସାହୁ, ଶୋଭାଯାତ୍ରା କମିଟି ଆବାହକ ସୁରେନ୍ଦ୍ର କୁମାର, ଦର୍ଶକ ଓ ଗ୍ୟାଲେରୀ ବିଭାଗ ଆବାହକ ରାଜକପୁର ବାରିକ, ମାନିନୀ ମେହେର, ତୃପ୍ତିରାଣୀ ସିଂ ଲାଲ, ଯମୁନା ରାୟ, ବବିତା ବାରିକ, ସରିତା ଶର୍ମା, ବିନୋଦ ଦୁରିଆ, ଅଶୋକ ବାରିକଙ୍କସମେତକର୍ମକର୍ତ୍ତାଉପସ୍ଥିତଥିଲେ।

## ଜିଲାସ୍ତରୀୟ ଶ୍ରୀଅରବିନ୍ଦ ଶିକ୍ଷା ଶିବିର ଉଦ୍‌ଘାଟିତ




ବୋରିଆସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରରେ ଉଦଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

କେସିଙ୍ଗା,୧୧।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବୋରିଆଗାଁସ୍ଥିତ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଜିଲାସ୍ତରୀୟ ଶ୍ରୀଅରବିନ୍ଦ ଶିକ୍ଷା ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ। ଅପରାହ୍ନରେ ମାତୃ ପତାକା ଉତ୍ତୋଳନ କରି ଜିଲା ସଂଯୋଜକ ଗଣେଶ ପ୍ରସାଦ ଭାଇ ଉଦଘାଟନ କରିଥିଲେ। ଶିବିରରେ ବ୍ରଜ ଭାଇ, ସୁବାଷ କର ଭାଇ, ମାଲବିକା ଅପା, କଳ୍ପନା ଅପା, ଦିଲୀପ ଭାଇ, ଡମ୍ବରୁଧର ଭାଇ ଓ ଗୋପିଚାନ୍ଦ ଭାଇ ବକ୍ତା ପ୍ରମୁଖ ବିଭିନ୍ନ ଆଧାତ୍ମିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ ରୋମି ଅପା, କଳ୍ପନା ଅପା, କ୍ଷିତିସୁତା ଅପା, ସରୋଜ ଭାଇ ଏବଂ ହରି ଭାଇ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠିତ ଶିବିରରେ ଶିକ୍ଷାକେନ୍ଦ୍ରର ସମସ୍ତ ଅପା,ଭାଇ ସହଯୋଗ କରିଥିଲେ। ଏହି ତିନି ଦିନିଆ ଜିଲାସ୍ତରୀୟ ଶିକ୍ଷା ଶିବିରରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ।

## ଓବିସି ଜନଜାଗରଣ ରଥ ସ୍ୱାଗତ ପାଇଁ ପ୍ରସ୍ତୁତି

ଖଡ଼ିଆଳ,୧୧।୧୨(ସୁଜିତ୍ କୁମାର ପ୍ରଧାନ)

ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ଓବିସି ବର୍ଗଙ୍କ ହକ ଓ ଅଧିକାର ନେଇ ଏକ ସଚେତନ ରଥ ଗତ ୨୬ ତାରିଖରୁ ଜିଲା ପରିଭ୍ରମଣ ପାଇଁ ବାହାରିଥିବା ବେଳେ ନୂଆପଡ଼ା ଜିଲା ବୋଡ଼େନ ବ୍ଲକରେ ୧୨ ଏବଂ ୧୩ ତାରିଖ ଖଡ଼ିଆଳରେ ପହଞ୍ଚିବ। ଏହି ରଥକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯିବା ନେଇ ଖଡ଼ିଆଳ ବିଧାନସଭା ମଣ୍ଡଳୀସ୍ତରୀୟ ଓବିସି ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆବାହକ ଜଗବନ୍ଧୁ ବାରିକଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, କପିଳେନ୍ଦ୍ର ଭୋଇ, ନିମାଇଁ ଚରଣ ବେହେରା ଯୋଗଦେଇଥିଲେ।

## ଥୁଆମୂଳ ରାମପୁରରେ 'ମିଶନ ଶକ୍ତି' କାଫେ ଉଦ୍‌ଘାଟିତ

ଥୁଆମୂଳ ରାମପୁର, ୧୧।୧୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦରମହକୁମାଠାରେ ମିଶନ ଶକ୍ତି କାଫେ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଳାହାଣ୍ଡି ଅତିରିକ୍ତ ମାଜିଷ୍ଟ୍ରେଟ ରେଭ୍ୟେନୁ ତ୍ରିଲୋଚନ ପାତ୍ର ଉଦ୍‌ଘାଟନ କରିଛନ୍ତି। ମହିଳାଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏହି ଯୋଜନାରେ ପ୍ରତି ବ୍ଲକରେ ମିଶନ ଶକ୍ତି କାଫେ କେନ୍ଦ୍ର ଖୋଲି ବ୍ଲକସ୍ତରୀୟ ଫେଡେରେଶନକୁ ଦାୟିତ୍ୱ ଦିଆଯାଇଛି। ଲୋକାର୍ପଣ ଉତ୍ସବରେ ବିଡିଓ ଧ୍ରୁବଚରଣ ମୁଦୁଲି, ବିପିଏମ ଓଏଲଏମ ସୌମ୍ୟ ରଞ୍ଜନ ମହାପାତ୍ର, ବିପିଏସିଏ ଦିବ୍ୟ ରଞ୍ଜନ ନାଏକ, ଏଭିଏସ ମିଲେଟ ମିଶନ, ବିପିସି, ସିଡିପିଓ ସବିତା ସମନଦାର ଯୋଗଦେଇଥିବା ବେଳେ ମିଶନ ଶକ୍ତି ସଭାପତି ରଶ୍ମିତା ନାଏକ ଓ ସେକ୍ରେଟାରୀ ସନ୍ତସିଲା ନାଏକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପ୍ରଶିକ୍ଷଣ ଶବିରରେ ଉପସ୍ଥିତ ଅତିଥି।

ଖଡ଼ିଆଳ,୧୧।୧୨ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଅଗ୍ରେସନ ଭବନଠାରେ ଚାଲିଥିବା ବିଜେଡିର ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଖଡ଼ିଆଳ ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ମନୋଜ ମିଶ୍ର ଯୋଗଦାନ କରିଥିଲେ। ତୃତୀୟ ଦିବସର ପ୍ରଶିକ୍ଷଣ ଶିବିର ବୋଡେନ ବ୍ଲକ ଓ ଖଡିଆଳ ଏନଏସିର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏଥିରେ ଭୁବନେଶ୍ୱର ଶଙ୍ଖ ଭବନରୁ ଆସିଥିବା ଦୁଇ ଟ୍ରେନର ରାଜ୍ୟ ବିଜେଡି ପ୍ରବକ୍ତା ଓମ ପ୍ରକାଶ ସାହୁ ଓ ତାଙ୍କ ସାଥି ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ଅଶୋକ ନାଏକ ସମସ୍ତ ପଦାଧିକାରୀ ଓ କର୍ମୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିଭଳି ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡିକୁ କିପରି ତୃଣମୂଳସ୍ତରର ଲୋକଙ୍କ ନିକଟରେ ପହଞ୍ଚିବ ଓ ଲୋକେ କିପରି ତାର ଲାଭ ପାଇପାରିବେ ସେ ନେଇ କର୍ମୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଡଲି ମାଝି ଓ ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସ୍ୱପ୍ନା ସ୍ମୃତି ସିଂ ମାଝି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କର୍ମୀମାନେ ବହୁମାତ୍ରାରେ ଯୋଗଦାନ କରିଥିଲେ। ତାଙ୍କ ଉତ୍ସାହ ଓ ଉତ୍କଣ୍ଠା ଦେଖି ଆଗାମୀ ଦିନରେ ଖଡିଆଳ ନିର୍ବାଚନ ମଣ୍ଡଳୀରୁ ନିଶ୍ଚିତ ଭାବେ ବିଜେଡିରୁ ବିଧାୟକ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ବୋଲି ମୁଖ୍ୟଅତିଥି ମିଶ୍ର ପ୍ରକାଶ କରିଥିଲେ।

# ୨୨ରୁ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୩

- ସମ୍ବର୍ଦ୍ଧିତ ହେବେ ବରିଷ୍ଠରୁ କନିଷ୍ଠ ପାଞ୍ଚ ପିଢିର କଳାକାର
- 'ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ଓଡ଼ିଶା ନାଟ୍ୟ ଜଗତକୁ ଅବଦାନ' ଶୀର୍ଷକରେ ଆଲୋଚନାଚକ୍ର




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଭବାନୀପାଟଣା,୧୧।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସ୍ମାରକୀ ନାଟ୍ୟ ସଂସ୍ଥା ଆସନ୍ତା ୨୨ତାରିଖଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଭବାନୀପାଟଣା ଟାଉନ ହଲଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ 'ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୩' ଅନୁଷ୍ଠିତ ହେବ ବୋଲି ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବରେ ଗରଜୟପୁର ସପ୍ତର୍ଷି, ପଶ୍ଚିମବଙ୍ଗର ଗୌତମ ଦାସନ୍ଦି ରଚିତ ଓ ନିର୍ଦ୍ଦେଶିତ ନାଟକ 'ଆଙ୍ଗିକ', ବିହାନ ଡ୍ରାମା ୱାର୍କସ, ଭୋପାଳର ବିମଳ ଚନ୍ଦ୍ର ପାଣ୍ଡେଙ୍କ ରଚିତ, ସୌରଭ ଆନନ୍ଦଙ୍କ ନିର୍ଦ୍ଦେଶିତ ନାଟକ 'ପ୍ରେମ ପତଙ୍ଗ', କାନମାସ, ପାରାଦୀପର ପରେଶ ପଟ୍ଟନାୟକଙ୍କ ରଚିତ, ଶ୍ରୀମନନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ମିଥ୍ୟାବାଦୀ ଜିନ୍ଦାବାଦ', ଇଫଟା, କୋଲକାତାର ଦେବାଶିଷ ଦତ୍ତଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'କ୍ରିଷ୍ଟା' ଏବଂ ସ୍ମାରକୀ ଭବାନୀପାଟଣାର ମନୋଜ କୁମାର ରଥଙ୍କ ରଚିତ ଏବଂ ନିର୍ଦ୍ଦେଶିତ ତଥା ସୌରଭ ମହାପାତ୍ରଙ୍କ ସହଯୋଗୀ ନିର୍ଦ୍ଦେଶିତ ନାଟକ 'ଜମପୁରରେ ନିର୍ବାଚନ ତାତି' ନାଟକ ମଞ୍ଚସ୍ଥ ହେବ। ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୧ଟାରେ ସ୍ମାରକୀ ପକ୍ଷରୁ 'ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ଓଡିଶା ନାଟ୍ୟ ଜଗତକୁ ଅବଦାନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏଥିରେ ଓଡିଶାର ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଆଲୋଚନାରେ ଭାଗ ନେବେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନାଟକ କ୍ଷେତ୍ରରେ ଏ ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠରୁ କନିଷ୍ଠ ପାଞ୍ଚ ପିଢିର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବରିଷ୍ଠ ବର୍ଗରୁ କ୍ରମରେ ଅଭିନେତା ଉମା ଶଙ୍କର ବାବୁ, ସୁରେଶ ସିଂ, ବିରଞ୍ଚି ନାରାୟଣ ମୁଣ୍ଡ, ଦେବାଶିଷ ତ୍ରିପାଠୀ ଏବଂ ଆଲୋକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୌରଭ ମହାପାତ୍ର ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ବୈଠକରେ ବରିଷ୍ଠ ଅଭିନେତା ଶୁଭେନ୍ଦୁ ମହାପାତ୍ର, ଦେବୀ ପ୍ରସାଦ ରଥ, ସୁଧୀର ରଥ, ରାମେଶର ତ୍ରିପାଠୀ, ଆଲୋକ କୁମାର ସାହୁ, ସୌମ୍ୟ ରଞ୍ଜନ ଜେନା, ଶୁଭମ ବେହେରା, ସୁଶୀଲ ଆଚାର୍ଯ୍ୟ, ତଥାଗତ ମିଶ୍ର, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, କେ. ଗୋପିଧର ନାୟର, ଅଜିତ କୁମାର ନାୟକ, ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଡିପାର୍ଟମେଣ୍ଟାଲ ଷ୍ଟୋରରେ ଅଗ୍ନିକାଣ୍ଡ

**ବେଦବ୍ୟାସ,୧୧।୧୨(ଆଲୋକ ସ୍ୱାଇଁ):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ୧୪୩ ଜାତୀୟ ରାଜପଥର ଜେପି ହସ୍ପିଟାଲ ନିକଟ ଭାରତ ବଜାର ଡିପାର୍ଟମେଣ୍ଟାଲ ଷ୍ଟୋରରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ହୋଇଛି। ଏହି ଅଗ୍ନିକାଣ୍ଡରେ ୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତି ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ରାଜ୍ୟ ଅଗ୍ନିଶମ ବିଭାଗର ୨ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ ବୋଲି ଷ୍ଟୋରର ମାଲିକ ସଞ୍ଜୟ ମହାକୁଡ଼ କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଲେଫ୍ରିପଡା,୧୧।୧୨(ଦେଶରଞ୍ଜନ ପଟେଲ):** ସୁନ୍ଦରଗଡ଼ ଜିଲା ଏମ୍‌ସିଏଲ ରାସ୍ତାର ବାଲିଚୁଆଁଠାରେ ରବିବାର ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲେଫ୍ରିପଡା ଥାନା କୁଲାବିରା ଗ୍ରାମର ଅରୁଣ କାଲୋ (୧୮)। ତୁରନ୍ତ ରାସ୍ତା ମରାମତି ଓ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଏମ୍‌ସିଏଲ ରାସ୍ତା ଅବରୋଧ କରିଥିଲେ। ସୋମବାର ହେମଗିର ଥାନା ବଲିଙ୍ଗା ଫାଣ୍ଡିର ପୋଲିସ ଏବଂ ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ପହଞ୍ଚି ରାସ୍ତା ଅବରୋଧ କରିଥିବା ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଟ୍ରକ ମାଲିକ ସଂଘ ପକ୍ଷରୁ ୮୦ହଜାର ଏବଂ ଜିଲା ରେଡ୍‌କ୍ରସ୍ ପକ୍ଷରୁ ୨୦ହଜାର ଟଙ୍କା ମୃତ ଯୁବକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ରାସ୍ତା ମରାମତି ଖୁବ୍ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଘଟଣା ସ୍ଥଳରୁ ଉଠିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଏମ୍‌ସିଏଲ ପଟୁ ଅରୁଣ ଏକ ବାଇକ୍ ଯୋଗେ ନିଜ ଗ୍ରାମକୁ ଯାଉଥିବା ବେଳେ ୧୮ ଚକିଆ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡି ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ସବ୍‌ଡେଗାରେ ବିଜେଡି କର୍ମୀ ବୈଠକ

**ସବ୍‌ଡେଗା,୧୧।୧୨(ଅନନ୍ତ ପଟେଲ):** ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀ ସବ୍‌ଡେଗା ବ୍ଲକର ୧୪ ପଞ୍ଚାୟତର ମୁଖ୍ୟ କର୍ମୀଙ୍କୁ ନେଇ କରମଡ଼ିହିଠାରେ ଜିଲା ପରିଷଦ ସଭ୍ୟ ତଥା ବ୍ଲକ ସଭାପତି ମନୋଜ ବାରୁଆଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ହେବାକୁଥିବା ବିଭିନ୍ନ ଉନ୍ନତିମୂଳକ କାମ ଗୁଡିକୁ ଠିକ ଭାବେ ତୁଲାଇବାକୁ କର୍ମୀଙ୍କ ନାମ ଘୋଷଣା କରାଯାଇଥିଲା। କର୍ମୀମାନେ ଜେଇଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ସଭାପତି କହିଥିଲେ। ତଳସରା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ କୌଣସି ସଭା କରିବେ ତାହା ଉକ୍ତ ଅଞ୍ଚଳରେ କରିବେ ସେଥିରେ ଅନ୍ୟ ନିର୍ବାଚନ ମଣ୍ଡଳୀର କର୍ମୀମାନେ ଉପସ୍ଥିତ ରହିବେ ନାହିଁ। ଏଥିପ୍ରତି ଜିଲା ସଭାପତିଙ୍କୁ ଦୃଷ୍ଟି ଦେବାକୁ କହିଥିଲେ। ବୈଠକରେ ପ୍ରତ୍ୟେକ ପଞ୍ଚାୟତର ସଭାପତି ଓ ଯୁବ ସଭାପତିଙ୍କ ସହ ମୁଖ୍ୟ କର୍ମୀମାନେ ଯୋଗଦେଇଥିଲେ।

# ୬ ମାସରେ ଗଲାଣି ୪୫ ଜୀବନ

## ରେଲୱେ ଫାଟକ ନିୟମକୁ ଉଲ୍ଲଂଘନ

**ରାଉରକେଲା,୧୧।୧୨(ଦିନେଶ ମିଶ୍ର)**

ରାଉରକେଲା ରେଳ ଷ୍ଟେଶନର ବିକାଶ ସାଙ୍ଗକୁ ଟ୍ରେନ ଚଳାଚଳରେ ଉନ୍ନତି ପାଇଁ ବିଭାଗ ପକ୍ଷରୁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ରାଉରକେଲା ସହରରେ ବିଗତ ୧୨ ବର୍ଷ ଭିତରେ ବାସନ୍ତୀ କଲୋନୀରୁ ଉଦିତନଗର ଆମ୍ବେଡ଼କର ଛକକୁ ସଂଯୋଗ କରୁଥିବା ବାସନ୍ତୀ ରେଲୱେ ଓଭରବ୍ରିଜ, ଏସ୍‌ଟିଆଇ ଓଭରବ୍ରିଜ, ପାନପୋଷ ଓଭର ବ୍ରିଜ, ଆଇଟିଆଇ ରେଲୱେ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ବର୍ତ୍ତମାନ ମାଲଗୋଦାମ ଫାଟକ ରେଲୱେ ଓଭରବ୍ରିଜ କାମ ପାଇଁ ମାପଚୁପ ସରିବା ପରେ ଆସନ୍ତା ୩ବର୍ଷ ଭିତରେ ଏହି ବ୍ରିଜ କାମ ସରିବ ବୋଲି ଜଣାପଡିଛି। ଯେଉଁ ସ୍ଥାନରେ ରେଲୱେ ପକ୍ଷରୁ ଓଭରବ୍ରିଜ କାର୍ଯ୍ୟ ଶେଷ ହୋଇଛି ସେଠାରେ ଲେଭଲ କ୍ରସିଂ ବନ୍ଦ କରାଯାଇଛି। ଏହାସତ୍ତ୍ୱେ ଲୋକମାନେ ବନ୍ଦ ଫାଟକ ଦେଇ ଯାତାୟାତ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନହାନି ହେଉଛି। ଏଭଳି ଭାବେ ଗତ ୬ ମାସ ଭିତରେ ୪୫ଜଣ ଦୁର୍ଘଟଣାର ଶିକାର ହୋଇ ଜୀବନ ହାରିଥିବା ଜଣାପଡିଛି।



ଫାଟକ ବନ୍ଦ ଥିବାବେଳେ ଲୋକେ ଟ୍ରେନ ଲାଇନ ପାର ହେଉଛନ୍ତି।

ରାଉରକେଲା ସହରରେ ରେଲୱେ ଲାଇନ ଉପରେ ବାସନ୍ତୀ କଲୋନୀ ଓଭରବ୍ରିଜ, ଏସ୍‌ଟିଆଇ ଓଭରବ୍ରିଜ, ଆଇଟିଆଇ ଓଭରବ୍ରିଜ ଓ ମାଲଗୋଦାମ ରେଳ ଫାଟକ ରହିଛି। ଯେଉଠି ଓଭରବ୍ରିଜ୍ ନିର୍ମାଣ କରାଯାଇଛି ସେଠାରେ ରେଳ ଫାଟକକୁ ବନ୍ଦ କରିଦିଆଯାଇଛି। ତେବେ ବନ୍ଦ କରାଯାଇଥିବା ଫାଟକ ରାସ୍ତାକୁ ବିଶେଷ କରି ରେଳ ଲାଇନ କଡରେ ଥିବା ବସ୍ତିବାସୀ ବ୍ୟବହାର କରୁଛନ୍ତ। ଏହି ରେଳ ଫାଟକ ବନ୍ଦ ଥିବା ବେଳେ କିଛି ଅମାନିଆ ଲୋକ ଯାତାୟାତ କରୁଥିବାରୁ ଦୁର୍ଘଟଣା ହେଉଛି। ରାଉରକେଲା ରେଳ ଷ୍ଟେଶନ ଦେଇ ପ୍ରତିଦିନ ୧୬୦ରୁ ଊର୍ଦ୍ଧ୍ୱ ଟ୍ରେନ ଚଳାଚଳ କରୁଛି। ଏହି ସମୟରେ ରେଳ ଲାଇନ ପାରି ହେବା ପାଇଁ ନିୟମକୁ ମାନୁ ନ ଥିବାରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି।

ରାଉରକେଲା ପାନପୋଷ ରେଳ ଫାଟକରୁ ମାଲଗୋଦାମ ରେଳ ଫାଟକ ମଧ୍ୟରେ ଗତ ୬ ମାସ ଭିତରେ ୪୫ ଜଣଙ୍କ ଜୀବନ ଯାଇଥିବା ରାଉରକେଲା ଜିଆରପି ପୋଲିସ ସୂତ୍ରରୁ ଜଣାପଡିଛି। ପାନପୋଷରୁ ମାଲଗୋଦାମ ପର୍ଯ୍ୟନ୍ତ ୪ଟି ଫାଟକରେ ପ୍ରତିଦିନ ଶତାଧିକ ଲୋକ ନିୟମ ନ ମାନି ଯାତାୟାତ କରୁଛନ୍ତି। ଏମିତିକି ଲାଇନ କ୍ଲିଅର ନ ଥିବା ସମୟରେ ଯଦି ମାଲଗାଡି ଛିଡା ହୋଇଥାଏ ତେବେ ଲୋକେ ମାଲଗାଡି ତଳେ ଲାଇନ ପାରି ହେଉଥିବା ଦେଖିବାକୁ ମିଳିଛି। ସେହିପରି ମାଲଗୋଦାମ ଫାଟକ ନିକଟରେ ସ୍ୱତନ୍ତ୍ର ରେଳ ଫାଟକ ବ୍ୟବସ୍ଥା ରହିଛି। ଉକ୍ତ ଫାଟକରେ ଜଣେ କର୍ମଚାରୀ ନିୟୋଜିତ ଥିବାବେଳେ ଟ୍ରେନ ଆସିବା ପୂର୍ବରୁ ସାଇରନ୍ ବଜାଇ ଫାଟକ ପକାଇଥାନ୍ତି। ତଥାପି ଉକ୍ତ ଅଞ୍ଚଳରେ ଥିବା ମାଲଗୋଦାମ, ଗାନ୍ଧିୟାନବସ୍ତି, ଲାଲବିଲ୍‌ଡିଙ୍ଗ, ମଧୁସୂଦନପାଲିର କିଛି ଲୋକ ରେଳ ଫାଟକ ପଡିଥିଲେ ମଧ୍ୟ ଟ୍ରେନ ଯିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ସାଇକେଲ, ବାଇକ୍‌କୁ ଫାଟକ ତଳେ ଗଳାଇ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି।

ତେବେ ରେଲୱେ ପକ୍ଷରୁ ଫାଟକ ନିକଟରେ ନିୟମାବଳୀ ସୂଚନା ଫଳକ ମାଧ୍ୟମରେ ସୂଚିତ କରାଯାଇଥିଲେ ମଧ୍ୟ ଲୋକେ ଏହାକୁ ଅଣଦେଖା କରୁଛନ୍ତି। ଏଥିପ୍ରତି ସଚେତନ ହେବା ଆବଶ୍ୟକ ବୋଲି ରାଉରକେଲା ରେଲୱେ ଷ୍ଟେଶନ ମାଷ୍ଟର ପ୍ରଭାସ ରଞ୍ଜନ ଦାସ କହିଛନ୍ତି। ଏ ନେଇ ରାଉରକେଲା ଜିଆପରି ଥାନା ଅଧିକାରୀ ରେସମା ଏକ୍କାଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ଜିଆରପି ପୋଲିସ ବର୍ତ୍ତମାନ ସୁଦ୍ଧା ବିଭିନ୍ନ କାରଣରୁ ୮୦ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ରେଲୱେ ପକ୍ଷରୁ ରେଳ ଫାଟକ ପାରିହେବା ପାଇଁ ସୂଚନା ଫଳକ ମାଧ୍ୟମରେ ନିୟମ ଅବଗତ କରାଯାଉଛି। ଏଥିସହ ଗେଟ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ମଧ୍ୟ ଅମାନିଆ ଲୋକଙ୍କୁ ଫାଟକ ପଡିଥିବା ସମୟରେ ରେଳ ଲାଇନ ଅତିକ୍ରମ ନ କରିବା ପାଇଁ ସତର୍କ କରୁଛନ୍ତି। ତଥାପି କିଛି ଅମାନିଆ ରେଳ ଲାଇନ ଅତିକ୍ରମ କରୁଥିବାରୁ ଜୀବନହାନି ହେଉଛି। ତେଣୁ ଏଥିପ୍ରତି ପ୍ରତ୍ୟେକ ସଚେତନ ହେବା ଜରୁରୀ ବୋଲି ଏକ୍କା କହିଥିଲେ।

## ପ୍ଲାଣ୍ଟସାଇଟ୍ ଅଞ୍ଚଳରୁ ୬ ଶିଶୁ ଶ୍ରମିକ ଉଦ୍ଧାର

**ରାଉରକେଲା, ୧୧।୧୨(ସଙ୍ଗୀତା ଜେନା)**

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା କର୍ମସଂସ୍ଥାରୁ ସୋମବାର ଶ୍ରମ ବିଭାଗ ୬ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କୁ ପ୍ରଥମେ ଶିଶୁ କଲ୍ୟାଣ ସମିତି (ସିଡ଼ବ୍ଲ୍ୟୁସି) ସମ୍ମୁଖରେ ଉପସ୍ଥାପନ କରାଯିବା ପରେ ବିଶ୍ରା ସ୍ଥିତ ଦିଶା ଶିଶୁ କଲ୍ୟାଣ କେନ୍ଦ୍ରକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ଶିଶୁ ଝାଡ଼ଖଣ୍ଡ ଓ ଅନ୍ୟ ୩ ଜଣ ଓଡ଼ିଶାର ମଧୁସୂଦନପାଲ୍ଲୀ, ଝିରପାଣି ଓ ବାସନ୍ତୀକଲୋନୀ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କ ଅଭିଭାବକଙ୍କୁ ଠାବ କରି ସିଡ଼ବ୍ଲ୍ୟୁସି ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଶ୍ରମ ବିଭାଗର ସ୍ୱତନ୍ତ୍ର ଅଭିଯାନ ଜରିଆରେ ପ୍ଲାଣ୍ଟସାଇଟ୍ ଥାନା ପୋଲିସ, ଉପ ଶ୍ରମ ଅଧିକାରୀ ହେମନ୍ତ ପ୍ରଧାନ, ସିଡ଼ବ୍ଲ୍ୟୁସି ସଦସ୍ୟ ବାଳମୁକୁନ୍ଦ ଶୁକ୍ଲା, ଦିଶା କର୍ମଚାରୀଙ୍କ ଉପସ୍ଥିତିରେ ପ୍ଲାଣ୍ଟସାଇଟ୍ ଅଞ୍ଚଳର ଏକ ଗ୍ୟାରେଜରୁ ୫ଜଣ ଓ ଏକ ପନିପରିବା ଦୋକାନରୁ ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା।

# ମାନବବାଦୀ ହେବା ହିଁ ବାସ୍ତବିକ ମାନବିକତା

## ବିଶ୍ୱ ମାନବ ଅଧିକାର ଦିବସ

**ରାଉରକେଲା,୧୧।୧୨(ବିପ୍ଳବ ରନ ଦାଶ)**

ରାଉରକେଲା ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାଉରକେଲା ଅଞ୍ଚଳର ମାନବାଧିକାର ସମ୍ବଳ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସହିତ ମାନବାଧିକାର ସଙ୍ଗଠନଗୁଡିକର ପ୍ରମୁଖ ଦାୟିତ୍ୱବୋଧକୁ ନେଇ ଭଞ୍ଜ ଭବନରେ ସୋମବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସହରରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ସେବା, ରକ୍ତଦାନ, ଗରିବ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା, ଅଚିହ୍ନା ବ୍ୟକ୍ତିଙ୍କ ଶବ ସତ୍କାର ଓ ଭିନ୍ନକ୍ଷମଙ୍କ ସେବା ଜନିତ କାର୍ଯ୍ୟ ତୃଣମୂଳ ସ୍ତରରେ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସଙ୍ଗଠନର ସଦସ୍ୟ।

ପର୍ଯ୍ୟାପ୍ତ ମାତ୍ରାରେ ସମ୍ପାଦନ ହେଉନାହିଁ। ଏ ଦିଗରେ ସହରର ମାନବାଧିକାର ସଙ୍ଗଠନଗୁଡିକର ରହିଥିବା ଦାୟିତ୍ୱବୋଧ ଉପରେ ସେ ଆଲୋକପାତ କରିଥିଲେ। ଜାତିବାଦୀ ନ ହୋଇ ମାନବବାଦୀ ହେବା ହିଁ ବାସ୍ତବିକ ମାନବିକତା। ରାଉରକେଲା ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଅସହାୟ ଲୋକଙ୍କ ସେବାରେ ବ୍ରତୀ ହେବାକୁ ରାୟ କହିଥିଲେ। ସଙ୍ଗଠନର ଅଧ୍ୟକ୍ଷ ଏମ୍‌ଡି ପରଭେଜ ମାନବ ଅଧିକାର ପାଇଁ ଲଢେଇ କରିବା ହିଁ ମାନବାଧିକାର ସଙ୍ଗଠନର କର୍ତ୍ତବ୍ୟ ବୋଲି କହିଥିଲେ। ପରେ ସହରର ବରିଷ୍ଠ ବ୍ୟକ୍ତି ଓ ସଙ୍ଗଠନରେ କାର୍ଯ୍ୟରତ କର୍ମକର୍ତ୍ତାଙ୍କ ମାତାପିତାଙ୍କୁ ସମ୍ମାନୀତ କରାଯାଇଥିଲା। ସଙ୍ଗଠନର ବିଜୟ ନନ୍ଦ ସୁନ୍ଦରରାୟ, ନମିତା ରାଉତ, ପପୁ, ସରିତା ସ୍ୱାଇଁ, ମାନସୀ ସରକାର, ଏମ୍‌ଡି ସାହିଦ, ତସ୍ଲିମ ଆଲମ, ଚଞ୍ଚଳ ବିକାଶ, ସନ୍ତୋଷ ଏବଂ ପ୍ରଦୀପ ସହଯୋଗ କରିଥିଲେ।

## ମିଷ୍ଟାନ୍ନ ଦୋକାନରୁ ଲୁଟିନେଲେ ୩୫ ହଜାର

**ରାଉରକେଲା,୧୧।୧୨(ଦିନେଶ ମିଶ୍ର)**

ରଘୁନାଥପାଲି ଥାନା ଅନ୍ତର୍ଗତ ଏସ୍‌ଟିଆଇ ଯୋଡାପାଣି ଟାଙ୍କି ସମ୍ମୁଖ ଆରସିଏମ୍‌ଏସ୍ ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ମିଷ୍ଟାନ୍ନ ଦୋକାନରୁ ମିଠା ସାମଗ୍ରୀ ସହ ୩୫ ହଜାର ଟଙ୍କା ଚୋରି ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୪୫୦/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସିଭିଲଟାଉନଶିପ୍‌ର ଜୟକୃଷ୍ଣ ବେହେରା ଆରସିଏମ୍‌ଏସ୍ ମାର୍କେଟ କମ୍ପ୍ଲେକ୍ସରେ ମିଷ୍ଟାନ ଦୋକାନ କରିଛନ୍ତି। ରବିବାର ରାତି ସାଢେ ୧୦ଟାରେ ଜୟକୃଷ୍ଣ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସ୍କାଏଲାଇଟ୍ ଭାଙ୍ଗି ଦୋକାନରୁ ୩୫ ହଜାର ଟଙ୍କା ସହ ମିଠା ତିଆରି ସାମଗ୍ରୀ ଚୋରି କରିନେଇଥିଲେ। ସୋମବାର ସକାଳେ ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ମଦଭାଟିରୁ କଳାଟଙ୍କା ଜବତ ଘଟଣାରେ ଭାଜପାର ବିକ୍ଷୋଭ

**ରାଉରକେଲା,୧୧।୧୨(ସଙ୍ଗୀତା ଜେନା)**

ଓଡିଶାରେ କେନ୍ଦ୍ରୀୟ ଆୟକର ବିଭାଗ ଚଢ଼ାଉ ସମୟରେ ବିଭିନ୍ନ ମଦଭାଟିରୁ ବିପୁଳ ପରିମାଣର କଳାଟଙ୍କା ଜବତ ହୋଇଛି। ଏହାର ପ୍ରତିବାଦରେ ସୋମବାର ଅପରାହ୍ନରେ ପାନପୋଷ ସାଙ୍ଗଠନିକ ଜିଲା ତରଫରୁ ସ୍ଥାନୀୟ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି କହିଥିଲେ, ଜବତ କଳା ଟଙ୍କା ସବୁ କଂଗ୍ରେସ ସାଂସଦ ଧୀରଜ ସାହୁଙ୍କ ମାଲିକାନାରେ ଥିବା ମଦଭାଟିରୁ ବାହାରୁଛି। ଏହି କଳା ବେପାରରେ କଂଗ୍ରେସ ଦଳର ବହୁ ବଡ ବଡ ନେତାଙ୍କ ସମ୍ପୃକ୍ତି ରହିଛି। ଦିଲ୍ଲୀରେ ଯେଉଁଭଳି ଆପ୍ ସରକାର ସେମାନଙ୍କ ନୂଆ ଅବକାରୀ ନୀତିରେ ବିପୁଳ ପରିମାଣର ଦୁର୍ନୀତି କରିଛନ୍ତି। ଏବେ ଓଡିଶାରେ ମଧ୍ୟ ସେଭଳି ସମାନ ଢଙ୍ଗରେ ଦୁର୍ନୀତି ଚାଲିଛି ବୋଲି ସେନାପତି କହିଥିଲେ। ଲତିକା ପଟ୍ଟନାୟକ, ବରିଷ୍ଠ ନେତା ନିହାର ରାୟ, ଜଗବନ୍ଧୁ ବେହେରା, ଦୁର୍ଗା ତନ୍ତୀ, ସୁବ୍ରତ ପଟ୍ଟନାୟକ, ରୋହିତ ତନ୍ତୀ, ରାଜକିଶୋର ଭଞ୍ଜ, କୈଳାସ ରାଉତ, ଶଶାଙ୍କ ଜେନା ପ୍ରମୁଖ ଏହି ଘଟଣାର ସମାଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ସାହୁ, ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି, ମଣ୍ଡଳ ସଭାପତି ଅବୋଧ ରାୟ, ପ୍ରଶାନ୍ତ ପଣ୍ଡା, ବିନ୍ଦର ସିଂ, ଆଇ. ରାଜା, ମନୋଜ ସେନାପତି, ସନ୍ତୋଷ ଦାଶ, ପ୍ରମିଳା ସୋନା, କେଦାର ମହାନ୍ତି, ହିରୋଜ ରାୟଙ୍କ ସମେତ ଦଳୀୟ କମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ।




ବିଶ୍ରା ଛକରେ ଆୟୋଜିତ ବିକ୍ଷୋଭରେ ଭାଜପା କାର୍ଯ୍ୟକର୍ତ୍ତା।

# ନାଟକ ଭଲ ପାଇବାର ରଙ୍ଗ ମଞ୍ଚସ୍ଥ

## ଇସ୍ପାତ ନାଟ୍ୟ ମହୋତ୍ସବ

**ରାଉରକେଲା,୧୧।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସିଭିକ ସେଣ୍ଟରଠାରେ ଚାଲିଥିବା ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ର ଏକାଦଶ ରଜନୀରେ ନାଟ୍ୟାନୁଷ୍ଠାନ ସଂକଳ୍ପ ଦ୍ୱାରା ନାଟକ 'ଭଲ ପାଇବାର ରଙ୍ଗ' ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ଦିଲେଶ୍ୱର ମହାରଣାଙ୍କ ରଚିତ ଓ କୁନଲାଲ ବୋଷ ନିର୍ଦ୍ଦେଶନା ଓ ପ୍ରକାଶ ସାହାଣୀ ସହ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକରେ ଶ୍ୟାମସୁନ୍ଦର ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଲକ୍ଷ୍ମୀକାନ୍ତ ଦୋରା ଓ ଇତି ପଟ୍ଟନାୟକ



ଏକାଦଶ ରଜନୀରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

କଣ୍ଠଦାନ କରିଥିଲେ। ପୁଲିନ ରାଉତରାୟ ଓ ପ୍ରଳୟ ଶତପଥି ମଞ୍ଚ ପରିଚାଳନା କରିଥିଲେ। ପ୍ରେମ ମଧ୍ୟରେ ରହିଥିବା ଚିରନ୍ତନ ଏବଂ ଶାଶ୍ୱତ ପ୍ରେମକୁ ଜାଗ୍ରତ କରିଥିଲା ଏହି ନାଟକ। ପ୍ରେମ ଯୁଗେ ଯୁଗେ ଅମର ଓ ପ୍ରେମ ବିନା ଜୀବନ କିଭଳି ମୂଲ୍ୟହୀନ ତାକୁ ନାଟକରେ ପ୍ରତିପାଦନ କରାଯାଇଥିଲା। ସରୋଜ ଚନ୍ଦ୍ର କବି, ବାସୁଦେବ ଷଡଙ୍ଗୀ, ମନୋଜ ନାୟକ, ପ୍ରବୀର ଜେନା, ରମେଶ ଚନ୍ଦ୍ର ସେଠୀ, ମମତାଞ୍ଜଳୀ ଦାସ ପ୍ରମୁଖ କଳାକାର ନିଖୁଣ ଅଭିନୟ କରିଥିଲେ। ଏକାଦଶ ରଜନୀରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ଭାରତୀୟ ଜୀବନ ବୀମା ନିଗମର ପ୍ରବନ୍ଧକ ଶରତ କୁମାର ପଣ୍ଡା ଯୋଗଦାନ କରିଥିଲେ। ପ୍ରଦୀପ ପଣ୍ଡା ସ୍ୱାଗତ ଭାଷଣ ଓ ବିଭୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗାଣ ବର୍ଷାରେ ଧାନ, ଟମାଟୋ ଚାଷ ପ୍ରଭାବିତ

**ନୂଆଗାଁ,୧୧।୧୨ (ବିଜୟ ତ୍ରିପାଠୀ)**

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକରେ ଲଗାଣ ବର୍ଷା ଯୋଗୁ ଧାନ ଓ ଟମାଟୋ ଚାଷ ନଷ୍ଟ ହୋଇଛି। ଫଳରେ ଚାଷୀ ମୁଣ୍ଡରେ ଚଡକ ପଡିଛି। ଏ ଦିଗରେ କୃଷି ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ଭାଇମାନେ ଦାବି କରିଛନ୍ତି।

# ଗ୍ରାମୀଣ ମହିଳାଙ୍କୁ ଛତୁଚାଷ ତାଲିମ

**ରାଉରକେଲା,୧୧।୧୨(ବିପ୍ଳବ ରଞ୍ଜନ ଦାଶ)**

ଆରଏସପି ପକ୍ଷରୁ ଲାଠିକଟା ବ୍ଲକ ଅଧୀନ ହାତୀବନ୍ଧ ଗ୍ରାମପଞ୍ଚାୟତର ଅଚ୍ଛଘାଟଟୋଲାର ୭ଟି ମହିଳା ଗୋଷ୍ଠୀର ୨୦ଜଣଙ୍କୁ ଧିଙ୍ଗିରୀ ଛତୁଚାଷ ତାଲିମ ପ୍ରଦାନ କରାଯାଇଛି। ଶିବିରରେ ଧିଙ୍ଗିରୀ ଛତୁଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ଅଞ୍ଚଳରେ ଛତୁ ଚାଷ କରିବା ଓ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଛତୁ ମଞ୍ଜି ଦିଆଯାଇଥିଲା। ଶିବିରରେ ସିଏସ୍‌ଆର ବିଭାଗର ମାଷ୍ଟର ଟ୍ରେନର ଟିଣ୍ଟସ ଭେଙ୍ଗରା ଏବଂ ଦଳପୋଷ ଆଦର୍ଶ ଇସ୍ପାତ ଗ୍ରାମର ସୁମନ ସ୍ୱୟଂ ସହାୟକ ଗୋଷ୍ଠୀର ମାଷ୍ଟର ଟ୍ରେନର ସୁଶ୍ରୀ କମଳା ଟପ୍ପୋ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଇସ୍ପାତ ଇଂରାଜୀ ମାଧ୍ୟମ ସ୍କୁଲର ଅଧ୍ୟକ୍ଷା ଡାକ୍ତର ସୁଶ୍ରୀତା ଦାସ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ ମିତ୍ର ତାଙ୍କ ସ୍ୱାଗତ ଭାଷଣରେ ଆରଏସପିର ବିଭିନ୍ନ ସିଏସ୍‌ଆର କାର୍ଯ୍ୟଧାରା ଉପରେ ସୂଚନା ଦେଇଥିଲେ। ଏଜିଏମ୍ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି.ଏକ୍କା ଶିବିର ସଂଯୋଜନା କରିଥିଲେ।



ଶିବିରରେ ମହିଳାମାନେ ତାଲିମ ନେଉଛନ୍ତି।

# ୭ ଦଫା ଦାବିରେ ଆର୍‌ଏମ୍‌ସି କର୍ମଚାରୀ ସଂଘର ଆନ୍ଦୋଳନ

**ରାଉରକେଲା,୧୧।୧୨(ସଙ୍ଗୀତା ଜେନା)**

୨୦୧୪ରେ ସ୍ଥାୟୀ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ସର୍ବନିମ୍ନ ପେନସନ୍, ୱାର୍କଚାର୍ଜ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ସହ ସ୍ଥାୟୀ ନିଯୁକ୍ତି ଆଦି ୭ଦଫା ଦାବିରେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଏମ୍ପ୍ଲୟିଜ୍ ୟୁନିୟନ ଆନ୍ଦୋଳନକୁ ଓହ୍ଲାଇଛି। ସୋମବାର କର୍ମଚାରୀମାନେ ମୁହଁରେ କଳା କପଡ଼ା ବାନ୍ଧି ଆର୍‌ଏମ୍‌ସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ମଙ୍ଗଳବାରଠାରୁ ଏଭଳି ଅଧଘଣ୍ଟା ଲେଖାଏ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ସଂଘ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି କହିଥିଲେ, ପୂର୍ବରୁ ୭ ଦଫା ଦାବି ନେଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଚିଠି ଦିଆଯାଇଥିଲା। ବିଭିନ୍ନ ଆଳ ଦେଖାଇ କର୍ମଚାରୀମାନଙ୍କ ନିୟମଭିତ୍ତିକ ଦାବିଗୁଡ଼ିକ ପୂରଣ




ଆର୍‌ଏମ୍‌ସି ସମ୍ମୁଖରେ ଆନ୍ଦୋଳନରତ ସଂଘ ସଦସ୍ୟବୃନ୍ଦ।

କରାଯାଇ ନ ଥିଲା। ଫଳରେ ଆନ୍ଦୋଳନ ପାଇଁ ଗତ ୪ ତାରିଖରେ ଏକ ନୋଟିସ ଦିଆଯାଇଥିଲା। ତେବେ କର୍ତ୍ତୃପକ୍ଷଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ସଂଘ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିବା ମହାନ୍ତି କହିଥିଲେ। ଆସନ୍ତା ୩ ଦିନ ବ୍ୟାପୀ କାର୍ଯ୍ୟାଳୟ ସମ୍ମୁଖରେ ଅଧଘଣ୍ଟା ଲେଖାଏ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ରସାନନ୍ଦ ନାୟକ, ଉପସଭାପତି ସଚ୍ଚିନ୍ଦ୍ର ଦାସ, ଧରଣୀଧର ବେହେରା, ମହେନ୍ଦ୍ର ଦାସ, ଅଞ୍ଜନ ଦାସ, ଆଇ. ଏ. ଖାନ୍‌ଙ୍କ ସମେତ ଶତାଧିକ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲାସ୍ତରୀୟ ବାଲ ବିଜ୍ଞାନ ପ୍ରଦର୍ଶନୀ, ସିଏସ୍‌ବି ଜିଲା ସ୍କୁଲ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା।
- ଶ୍ରୀମଦ୍ କଥା ଜ୍ଞାନଯଜ୍ଞ, ମନ୍ଦଲିଆ ପଡିଆ, ଅପରାହ୍ନ ସାଢ଼େ ୩ଟା।
- ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ରାତି ୭ଟା।

## ଲୋକ ମହୋତ୍ସବରେ ଚିତ୍ରକଳା ପ୍ରଦର୍ଶନୀ ପାଇଁ ବୈଠକ

ସମ୍ବଲପୁର,୧୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଲୋକ ମହୋତ୍ସବରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକମହୋତ୍ସବ ପ୍ରଦର୍ଶନୀ ଉପସମିତି ପକ୍ଷରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମର ହିଣ୍ଡାଲ୍‌କୋ ହଲ୍‌ରେ ଆୟୋଜିତ ବୈଠକରେ ସମିତିର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସହ ମେଗା ଚିତ୍ରକଳା କର୍ମଶାଳାର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି, କ୍ରୀଡ଼ା, ଐତିହ୍ୟ, ପରମ୍ପରା ବିଷୟ ବସ୍ତୁ ଆଧାରିତ ଚିତ୍ରକଳା କର୍ମଶାଳାରେ ଅଂଶଗ୍ରହଣ କରିବେ ବୋଲି ଉପସମିତି ଆବାହକ ସୂଚନା ଦେଇଛନ୍ତି।

## ମଦ ଦୁର୍ନୀତି ବିରୋଧରେ ଭାଜପାର ବିକ୍ଷୋଭ

କୁଚିଣ୍ଡା,୧୧।୧୨(ବିରଞ୍ଚି ଦର୍ଶୀ)

ଓଡିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଛି। ମଦ ବେପାରୀ ଧିରଜ ସାହୁଙ୍କ ଘରୁ କୋଟି କୋଟି କଳା ଟଙ୍କା ଜବତ ହେବା ଘଟଣା ଓଡିଶାର ଭାବମୂର୍ତ୍ତିକୁ ମଳିନ କରିଥିବା ବେଳେ ଏଥିରେ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବା ଭାଜପା ଅଭିଯୋଗ କରିଛି। ଏହି ମଦ ଦୁର୍ନୀତି ବିରୋଧରେ ସୋମବାର କୁଚିଣ୍ଡା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ତଥା କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ, ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, କୁଚିଣ୍ଡା ନଗର ସଭାପତି କାହ୍ନୁଚରଣ ନାୟକ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ଶ୍ରୀକାନ୍ତ ଦ୍ୱିବେଦୀ, ଜୟନ୍ତ ବାଘଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାଷା ଦିବସ

ସମ୍ବଲପୁର,୧୧।୧୨(ପ୍ରମୋଦ ବହିଦାର)

ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଯାଗେଶ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଚାର୍ଯ୍ୟା ରାଧାପ୍ୟାରୀ ନନ୍ଦ ସଂସ୍କୃତରେ ନିଜ ଅଭିଭାଷଣରେ ମାତୃଭାଷାକୁ ସର୍ବଦା ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ପଣ୍ଡା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଭାଷାର ସୁରକ୍ଷା ତଥା ବିକାଶ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଓଡ଼ିଆ, ହିନ୍ଦୀ, ବଙ୍ଗାଳି, ତେଲୁଗୁ ଆଦି ଭାଷାରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ନିହାରୀକା ଜେନା ପରିଚାଳନା କରିଥିବା ବେଳେ ବବିରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମିଟି କା ଗୁମାନ ସମାରୋହ

# ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ



ଅତିଥିଙ୍କ ଗହଣରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର, ୧୧।୧୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମିଟି କା ଗୁମାନ ସମାରୋହ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରୀ ଭାଷା, ସଂସ୍କୃତି , କଳା ତଥା ସମାଜସେବା କ୍ଷେତ୍ରରେ ୪ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମଶ୍ରୀ ହଳଧର ନାଗଙ୍କୁ ମିଟି କା ଗୁମାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସଂଗୀତଜ୍ଞ ରମେଶ ମହାନନ୍ଦଙ୍କୁ ଆମ ମାଟିର କଳା ସମ୍ମାନ, ଅଭିନେତ୍ରୀ ଡ. ତପସ୍ୱିନୀ ଗୁରୁଙ୍କୁ ସ୍ଥାପନା କଳା ସମ୍ମାନ ଓ ସମାଜସେବିକା ପ୍ରାଧାପିକା ମୀନା ମହାରଣାଙ୍କୁ ସ୍ୱପ୍ନ ବିନୋଦିନୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବହୁ କଳାକାର, ଶିଳ୍ପୀ, କ୍ରୀଡାବିତ୍‌ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଜାଗରଣ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟର ସଂସ୍ଥାପିକା ନିବେଦିତା ନାୟକ ଅଧ୍ୟକ୍ଷତା କରିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ନୃପରାଜ ସାହୁ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ବୈଦ୍ୟ ସମ୍ମିଳନୀ କରାଯାଇ ପଶ୍ଚିମ ଓଡିଶା ବିକାଶରେ ପଶ୍ଚିମ ଓଡିଶାବାସୀଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଖବରଦାତା, ଲେଖକ ଗୋରେଖନାଥ ସାହୁ, ଲେଖକ ଦୀପକ ପଣ୍ଡା, ଡ. ରଘୁନାଥ ମେହେର, ଗୌର ମିଶ୍ର, ରମେଶ ମହାନନ୍ଦ, ଡ. ତପସ୍ୱିନୀ ଗୁରୁ, ଡ. ଘାସିରାମ ମିଶ୍ର, ଗୋପାଳକୃଷ୍ଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସରୋଜ କୁମାର ଭୂୟାଁ ସଂଯୋଜନା କରିଥିଲେ।

## ଲୋକମୁକ୍ତି ସଙ୍ଗଠନର ବିଶ୍ୱ ମାନବାଧିକାର ଦିବସ



ସଭାରେ ଯୋଗଦେଇଥିବା କମିଟି ସଭ୍ୟାସଭ୍ୟ।

କୁଚିଣ୍ଡା,୧୧।୧୨(ବିରଞ୍ଚି ଦର୍ଶୀ)

ବାମରା ବ୍ଲକ ଅନ୍ତର୍ଗତ ରଙ୍ଗିଆଟିକିରା ପଞ୍ଚାୟତର ଘୁନଘୁଟି ଠାରେ ଲୋକମୁକ୍ତି ସଂଗଠନ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ରବୀନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ହୋଇଥିବା ସଭାକୁ କେନ୍ଦ୍ରୀୟ ସମ୍ପାଦକ ଗ୍ରେଗୋରୀ ସାମାଦ ପରିଚାଳନା କରିଥିଲେ। ସଂଗଠନର ସଂଯୋଜକ ଜିନିତ ସାମାଦ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ଅନନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଦିବସର ଐତିହାସିକ ପୃଷ୍ଠଭୂମି ଓ ମାନବ ଅଧିକାର ବିଷୟରେ ଅବଗତ କରିଥିଲେ। ଏହାସହ ଜଙ୍ଗଲ ଅଧିକାର ଆଇନ ଓ ଆମ ଜଙ୍ଗଲ ଜମି ଯୋଜନା ବାବଦରେ ଆଲୋଚନା କରି ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଜଙ୍ଗଲ ଅଧିକାର ସମ୍ମିଳନୀରେ ସାମିଲ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦପୁର ସରପଞ୍ଚ ବିମଲ ଲାକ୍ରା, ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ, ପ୍ରେମ ସୋରେଙ୍ଗ, ସଂଯୋଜକ କୈଳାଶ ପିଙ୍ଗ, ଉମ୍ଲାନ ଟପ୍ପୋ, ବିଲଟୁସ ସାମାଦ, ଉତ୍ତମ କୁଲୁ, ଆବେନର ଲୁଗୁନ, ପାତ୍ରାସ ସାମାଦ, ସୀମା ବାର୍ଲା ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ବିଭିନ୍ନ ପଞ୍ଚାୟତର ଶତାଧିକ ଜଙ୍ଗଲ ଅଧିକାର କମିଟି ସଭ୍ୟାସଭ୍ୟ ଯୋଗଦେଇଥିଲେ।

## ବିକାଶ ଫାଉଣ୍ଡେଶନ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ସମ୍ବଲପୁର,୧୧।୧୨
(ଭବାନୀ ଶଙ୍କର ଭୋଇ)

ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କାବ୍ୟାଶ୍ରୀ ଦଳବେହେରା ପ୍ରଥମ, ଅକ୍ଷୟ ଭୋଇ ଦ୍ୱିତୀୟ ଓ ଦୀପ୍ତିମୟୀ ରାଉଳ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବକ୍ତୃତା ପ୍ରତିଯୋଗିତାରେ ଦୀପା ପଟ୍ଟନାୟକ, ଶୀତଳ ଶର୍ମା ଓ ସସ୍ମିତା ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଗୀତାଞ୍ଜଳି ଓରାମ ପ୍ରଥମ, ଈଶାରାଣୀ ଗଣ୍ଡ ଦ୍ୱିତୀୟ ଓ ଦମୟନ୍ତୀ ପଟେଲ ତୃତୀୟ ହୋଇଥିବାବେଳେ ନୃତ୍ୟ ପ୍ରତିଯୋଗିତାରେ ବିଦୁସ୍ମିତା ମେହେର, ଆରତୀ ଟଣ୍ଡନ ଓ ପୂଜା ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ, ରାଜ୍ୟ ସଂଯୋଜକ ରବି ନାରାୟଣ ଦାଶ, ସମ୍ବଲପୁର ଜିଲା ସଂଯୋଜକ ଚନ୍ଦ୍ରଶେଖର ପାତ୍ର, ସରସ୍ୱତୀ ଶିଶୁ ମନ୍ଦିର ଅଧ୍ୟକ୍ଷ ଦେବେନ୍ଦ୍ର ପଣ୍ଡା ଓ ସମ୍ପାଦକ ଜୟଶଙ୍କର ପାଢ଼ୀ ପୁରସ୍କାର ବିତରଣ କରିଥିଲେ।

## ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଶ୍ରାଦ୍ଧବାର୍ଷିକୀ

ସମ୍ବଲପୁର,୧୧।୧୨(ବି.ଶଙ୍କର)

ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଶ୍ରାଦ୍ଧବାର୍ଷିକୀ ସୋମବାର ସମ୍ବଲପୁର ଜିଲା ଧମା ଥାନା ମହାନଦୀ ତୀର କଲ୍ୟାଣ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ମହାନଦୀରେ ତିଳତର୍ପଣ, କୀର୍ତ୍ତନ, ଗୀତାପାଠ ପରେ ଡ଼ା. ଜନାର୍ଦ୍ଦନ ପୂଜାରୀ ଓ ବ୍ରଜମୋହନ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ସଭାରେ ଅର୍ଜୁନ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଅଧାପକ ସ୍ୱୟଂ ପ୍ରକାଶ ପଣ୍ଡା ଅତିଥି ବକ୍ତା ଭାବେ ଯୋଗଦେଇ ଆଧ୍ୟାତ୍ମିକତା କ୍ଷେତ୍ରରେ ଡାକ୍ତର ଜନାର୍ଦ୍ଦନଙ୍କ ଭୂମିକା ସମ୍ପର୍କରେ କହିଥିଲେ। କଲ୍ୟାଣ ଆଶ୍ରମ ପରିଚାଳନା କମିଟି ସଭାପତି ରାହାସ ବିହାରୀ ପଣ୍ଡା ଆସନ୍ତା ବର୍ଷ କଲ୍ୟାଣ ଆଶ୍ରମ ସ୍ଥାପନର ୭୫ ବର୍ଷ ପାଳନ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଐତିହାସିକ ଦୀପକ କୁମାର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସୂର୍ଯ୍ୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ ସାହିତ୍ୟ ଏକାଡେମୀ ପକ୍ଷରୁ ଦୀପକ ପାଣ୍ଡେ ସମ୍ବର୍ଦ୍ଧିତ

ସମ୍ବଲପୁର,୧୧।୧୨
(ଭବାନୀ ଶଙ୍କର ଭୋଇ)

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୩୯ତମ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ଜାତୀୟ ସମାବେଶରେ ରବିବାର ସମ୍ବଲପୁରର ସାମାଜିକ କର୍ମୀ ଦୀପକ ପାଣ୍ଡେ ଦଳିତ ଓ ପଛୁଆ ବର୍ଗ ସେବା ତଥା ଦଳିତ ସାହିତ୍ୟ କାର୍ଯ୍ୟକ୍ରମ ସକାଶେ ୨୦୨୩ର ଛତ୍ରପତି ଶିବାଜୀ ମହାରାଜ ଜାତୀୟ ପୁରସ୍କାର ପାଇଛନ୍ତି। ଏହି ପୁରସ୍କାର ପାଇବା ପରେ ଦୀପକ ସମ୍ବଲପୁର ଜନସାଧାରଣ ଓ ଜିଲାପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ଏହାସହ ଏଭଳି ଦଳିତ ସେବାକାର୍ଯ୍ୟ ଆଗକୁ ଜାରି ରଖିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ବାବୁ ଜଗଜ୍ଜୀବନ ରାମଙ୍କ ଦ୍ୱାରା ପ୍ରତିଷ୍ଠିତ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ସାରା ଦେଶରେ ଦଳିତ ସାହିତ୍ୟର ପ୍ରସାର ଓ ଦଳିତମାନଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଙ୍ଗଠନକୁ ପ୍ରତିବର୍ଷ ସମ୍ମାନିତ କରିଆସୁଛି।

## ମାଷ୍ଟର ବୁକ୍ କିପରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ସମ୍ବଲପୁର,୧୧।୧୨(ବି.ଶଙ୍କର)

ମାଷ୍ଟର ବୁକ କିପରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ସମ୍ବଲପୁର ଜିଲାର ସମସ୍ତ ବ୍ଲକ ଓ ଜିଲା ଓସ୍ୱାନ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ସୁଜାତା ଆର୍ କାର୍ତ୍ତିକେୟନ ଆଭାସୀ ମାଧ୍ୟମରେ ବୈଠକରେ ଅଧ୍ୟକ୍ଷତା କରି ପ୍ରଶିକ୍ଷଣାର୍ଥୀମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ରାଜ୍ୟ ମିଶନ ଶକ୍ତି ଦ୍ୱାରା ପ୍ରାୟୋଜିତ ହେଉଛି। ମିଶନ ଶକ୍ତି, ଓଡିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓସିଏସି) ଓ ଓକେସିଏଲ୍ ସହାୟତାରେ କାର୍ଯ୍ୟକ୍ରମ ପରିଚାଳନା କରାଯିବ। ସମସ୍ତ ମାଷ୍ଟର ବୁକ୍ କିପରଙ୍କୁ ମୌଳିକ ଆଇଟି ସାକ୍ଷରତା, ଆକାଉଣ୍ଟିଂ ଏବଂ ଇ-ଗଭର୍ଣ୍ଣାନ୍ସ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ଏହି ତାଲିମ ୨୦ ଦିନ ହେବ। ସମ୍ବଲପୁର ଜିଲାର ମୋଟ ୧୩୬ ଜଣ ମାଷ୍ଟର ବୁକ୍ କିପରଙ୍କୁ ୯ଟି ତାଲିମ କେନ୍ଦ୍ରରେ ନିଯୁକ୍ତି ଦିଆଯାଇଛି। ବୈଠକରେ ଜିଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ଭାରତୀ ବେସରା, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ଡା. ପୁଷ୍ପଶ୍ରୀ ନାୟକ, ଜିଲା ସଂଯୋଜକ ଓକେସିଏଲ ଉମେଶ ଚନ୍ଦ୍ର ଶତପଥୀ, ଜିଲା ସମାଜ କଲ୍ୟାଣ ବିଭାଗର ସହ ମାଷ୍ଟର ବୁକ କିପର ଟ୍ରେନର ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଜମନକିରା,୧୧।୧୨
(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ ସୁଚାରୁରୂପେ ସମ୍ପାଦିତ ହୋଇଯାଇଛି। ଏଥିରେ ଯୁକ୍ତ ୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ମୋଟ ୨୫୦ ଛାତ୍ରୀଛାତ୍ରଙ୍କ ସମେତ ନୋଡାଲ ଅଫିସର ରଞ୍ଜନ କୁମାର ମହାକୁଳ, ଅଧ୍ୟାପକ ସତ୍ୟ ନାରାୟଣ ପଟ୍ଟନାୟକ, ଅଧ୍ୟାପିକା ତୃପ୍ତିମୟୀ ମଲ୍ଲିକ, ଅଧ୍ୟାପିକା ଦିପ୍ତିମୟୀ ପ୍ରଧାନ, ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷକ ଅମିୟ ରଞ୍ଜନ ସା ପ୍ରମୁଖ ସାମିଲ ରହି ଅଭିଯାନକୁ ସଫଳ କରାଇଥିଲେ। ଏହି ଅଭିଯାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜମନକିରା ପର୍ଯ୍ୟନ୍ତ ସଫେଇ ହୋଇଥିଲା। ଡ. ସିଦ୍ଧାର୍ଥ ବେହେରା ପରିବେଶକୁ ସ୍ୱଚ୍ଛ ରଖିବା ନେଇ ବକ୍ତବ୍ୟ ମାଧ୍ୟମରେ ବୁଝେଇଥିଲେ।

## ନୂଆ- ଓ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

ଜମନକିରା,୧୧।୧୨(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆଠାରେ ସୋମବାର ନୂଆ-ଓ କାର୍ଯ୍ୟକ୍ରମରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶଙ୍କ ଅଧ୍ୟକ୍ଷତାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତ ଭୋଇ, ଜିଲା ପରିଷଦ ଜୋନ-୧ ସଭ୍ୟା ସୁଜାତା ଖୁଣ୍ଟିଆ, ଯୁକ୍ତ ୩ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅରୁଣ କୁମାର ପଟେଲ, ସହ ଶିକ୍ଷା ଅଧିକାରିଣୀ ଦେବକୀ ନାୟକ, ସରପଞ୍ଚ ବିଜୟ କୁମାର ନାୟକ, ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଉଚ୍ଚ ଡିଆଁ, ଲମ୍ବଡିଆଁ, ଦୌଡ଼, ଫୁଚି, ଫୁଟବଲ, କବାଡି ଆଦି ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଶିକ୍ଷକ ପ୍ରଦୀପ ପଟେଲ, ନାରାୟଣ ପ୍ରଧାନ, ଶିବ ନାରାୟଣ ବେହେରା, ପ୍ରିୟ ରଞ୍ଜନ ସାଥୁଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଭାଷା ଉତ୍ସବ

ସମ୍ବଲପୁର,୧୧।୧୨(ବି.ଶଙ୍କର)

ଭାରତୀୟ ଭାଷା ଦିବସରେ ଭାଷା ଉତ୍ସବ ସୋମବାର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଅବସରପ୍ରାପ୍ତ ହିନ୍ଦୀ ପ୍ରାଧ୍ୟାପକ ଡ. ଜୟନ୍ତ କରଶର୍ମା ଆଲୋଚକ ଭାବରେ ଯୋଗ ଦେଇଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ରେ ଆଞ୍ଚଳିକ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବା ସନ୍ଦର୍ଭରେ ସେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, କୃତ୍ରିମ ମେଧାର ପ୍ରୟୋଗ ଯୋଗୁ ଆମେ ବର୍ତ୍ତମାନ ଏକ ଭାଷା ନିରପେକ୍ଷ ସମାଜରେ ବସବାସ କରିବାକୁ ଯାଉଛୁ। ଆଞ୍ଚଳିକ ଭାଷାରେ ଥିବା ଜ୍ଞାନଭଣ୍ଡାରକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ରଖିବାରେ କୃତ୍ରିମ ମେଧାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଞ୍ଚଳିକ ଭାଷା ଓ କୃତ୍ରିମ ମେଧାର ସମନ୍ୱୟ ଜ୍ଞାନ ରାଜ୍ୟରେ ନୂଆ ଦ୍ୱାର ଖୋଲିବ। ଅଧ୍ୟାପକ ଅଖିଳ ବିଶ୍ୱାଳ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପକ ଭୋଜରାଜ ରୋହିଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସଭାରେ ସମସ୍ତ ଭାଷା ବିଭାଗର ଛାତ୍ରୀ, ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଭାଜପାର ବିକ୍ଷୋଭ ସମାବେଶ

ସମ୍ବଲପୁର,୧୧।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ଭାଜପା ପକ୍ଷରୁ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ଜିଲା ଭାଜପା କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ନେତା ଓ କର୍ମୀମାନେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ଲେଖାଥିବା ପ୍ଲାକାର୍ଡ ଧରି ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନକାରୀ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସୁରକ୍ଷାରେ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ସେମାନଙ୍କୁ ବାଧା ଦେଇଥିଲେ। ପରେ ସେମାନେ ଜିଲା ପୋଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ସମୟରେ ରାଜ୍ୟ ସଭା ସାଂସଦ ଧିରଜ ସାହୁଙ୍କ ଦ୍ୱାରା ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଘୋଟାଲା, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସ୍ଲୋଗାନ ଦେଇଥିଲେ। । ଧିରଜଙ୍କ ସହ ରାଜ୍ୟ ସରକାରରେ ଥିବା ମନ୍ତ୍ରୀ ଓ ବିଧାୟକ ଏବଂ ଅଧିକାରୀମାନେ ସାମିଲ ଥିବା ଅଭିଯୋଗ କରିଥିଲେ। ସେମାନଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ବରିଷ୍ଠ ନେତା ଦାମୋଦର କର, ଅନୀଲ ବେହେରା, ଫଣିଭୂଷଣ ମିଶ୍ର, ଅଶ୍ୱିନୀ ମାଝି ପ୍ରମୁଖ ସାମିଲ ଥିଲେ।




ବିକ୍ଷୋଭରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଅତାବିରା,୧୧।୧୨(ହୃଷୀକେଶ ଖମାରୀ)

ଭାରତୀୟ ଶିକ୍ଷା ବିସ୍ତାର ସଂସ୍ଥାନ ସହିତ ସହବନ୍ଧିତ ବିଦ୍ୟାଳୟ ଗୁଡ଼ିକର ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ବରଗଡ଼ ଜିଲା ଅତାବିରା ବ୍ଲକ ଦୁଲମପୁରସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଏସ. ଡୁମ୍ମେରପାଲି ସରସ୍ୱତୀ ଶିଶୁ ମନ୍ଦିର, ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର, ଟିଙ୍ଗିପାଲି ଭାରତୀୟ ବିଦ୍ୟା ନିକେତନ, ନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସିଆରସିସି ରଶ୍ମିରାଣୀ ନନ୍ଦ, ସରପଞ୍ଚ ଭି. ଏଙ୍କେନା ବାବୁ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁନିଲ ସିଂ, ସୁଶିଲ ସିଂ ଖେଳ ପରିଚାଳନା କରିଥିଲେ। ଗୁରୁମା, ଗୁରୁଜୀମାନେ ସହଯୋଗ କରିଥିଲେ। ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ମନୋରଞ୍ଜନ ନାଗ, ପୂଜା ଛନ୍ଦ, ରଶ୍ମିତା ପ୍ରଧାନ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ପ୍ରଧାନ ଶିକ୍ଷକ ବେଣୁଧର ଛନ୍ଦ ସଭାପତିତ୍ୱ କରିଥିଲେ। ରେବତୀ କରନ, ସୁନେଲୀ ଅମାତ, କିରଟି ଭୋଇ, ନାରାୟଣ ଗଣିତ, ବେଣୁଧର ସାହୁ, ଯଦୁନନ୍ଦନ ସେଟ୍ ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ତଃ ଜିଲା ବାଇକ୍ ଚୋରି: ୧୨ ଗାଡ଼ି ଉଦ୍ଧାର




ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି । ଉଦ୍ଧାର ହୋଇଥିବା ବାଇକ୍ ।

ସୋନପୁର,୧୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

- ଜଣେ ଯୁବକ ଗିରଫ
- ସୋନପୁର ଟାଉନ ପୋଲିସର ସଫଳତା

ସୋନପୁର ଟାଉନ ପୋଲିସକୁ ବଡ ସଫଳତା ମିଳିଛି। ଆନ୍ତଃଜିଲା ବାଇକ୍ ଚୋରଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ବୌଦ୍ଧ ଜିଲା କନ୍ଧମାଳର ଚିତ୍ତରଞ୍ଜନ ପାଣିଗ୍ରାହୀ(୪୭)। ତାଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୧୨ଟି ଚୋରି ବାଇକ୍ ଉଦ୍ଧାର ହୋଇଛି। ଏହି ସମସ୍ତ ବାଇକ୍ ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ରାଉରକେଲା, କନ୍ଧମାଳ, ବରଗଡ ଓ ଅନୁଗୋଳ ଜିଲାରୁ ଚୋରି ହୋଇଥିଲା। ଚିତ୍ତରଞ୍ଜନ ଦୀର୍ଘ ବର୍ଷ ହେବ ବାଇକ୍ ଚୋରି କରିବା ସହ ଅନ୍ୟ ଚୋରଙ୍କ ନିକଟରୁ ଚୋରି ବାଇକ୍ କିଣି ଅଧିକ ଦାମରେ ବିକ୍ରି କରୁଥିଲେ। ଏହି ଚୋରି ପଛରେ ଏକ ବଡ ର୍‍ୟାକେଟ୍ କାମ କରୁଛି। ପୋଲିସ ସେ ଦିଗରେ ତଦନ୍ତ ଜାରି ରଖିଥିବା ସୁବର୍ଣ୍ଣପୁର ଅତିରିକ୍ତ ଏସ୍‌ପି (ଆରକ୍ଷୀ ଅଧୀକ୍ଷକ) ହେମନ୍ତ କୁମାର ପାଢୀ ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୋମବାର ସୂଚନା ଦେଇଛନ୍ତି। ବୀରମହାରାଜପୁର ଥାନା ଷଣ୍ଢା ଅଞ୍ଚଳର ରାଜକିଶୋର ଡାଙ୍ଗ ଗତ ଶୁକ୍ରବାର ସୋନପୁର ଦୈନିକ ବଜାରକୁ ବାଇକ୍ ନଂ ଓଆର ୩୧-୫୮୮୪ ଯୋଗେ ଆସିଥିଲେ। ସେ ବାଇକ୍ ତାଲା ପକାଇ ନିକଟକୁ ଯାଇଥିବାବେଳେ ତାଲା ଭାଙ୍ଗି ଚୋରି ହୋଇଥିଲା। ରାଜକିଶୋର ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋନପୁର ଥାନାରେ ଏକ ମାମଲା (ନଂ.୩୧୯/୨୩) ରୁଜୁ ହୋଇଥିଲା। ଏଏସଆଇ ରଞ୍ଜିତ କୁମାର ମହାପାତ୍ର ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତନାଘନା ସମୟରେ ଚିତ୍ତରଞ୍ଜନଙ୍କ ବାଇକ୍ ଚୋରିର ଲିଙ୍କ୍ ଜଣାପଡିଥିଲା। ପୋଲିସ୍ ଟିମ୍ କନ୍ଧମାଳରେ ଚଢାଉ କରି ବାଇକ୍ ନଂ ଓଡି ୩୧-୨୫୩୮, ଓଡି ୩୧ଏଫ-୨୩୩୯, ଓଆର ୦୩ ଜି-୯୭୫୯, ଓଆର ୧୪ଭି-୦୧୩୭, ଓଆର୧୫ଏନ-୮୫୦୩, ଓଡି୩୩ ଆର-୧୭୨୨, ଓଆର ୩୧-୩୬୪୧, ଓଡି ୧୭ଜି-୦୨୯୦, ଓଡି ୦୩ କ୍ୟୁ-୧୦୯୫, ନମ୍ବର ବିହୀନ ଏକ ମୋଟର ସାଇକେଲ, ଓଡି୧୯ଜି-୪୩୦୪ ଏବଂ ଓଆର୩୧-୫୮୮୪କୁ ଉଦ୍ଧାର କରିଛନ୍ତି। ଅନ୍ୟ ଚୋରି ବାଇକ୍ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ ।

# ସେବା ପାଇଁ ସମ୍ମାନିତ ହେଲେ କଲେଜ ଅଧ୍ୟକ୍ଷା

ବିନିକା, ୧୧।୧୨(ରାମଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିଅର କଲେଜର ଅଧ୍ୟକ୍ଷା ରେଖା ପଧାନ ରବିବାର ଦିଲ୍ଲୀଠାରେ ସମ୍ମାନିତ ହୋଇଛନ୍ତି। ରାଷ୍ଟ୍ରୀୟ ଦଳିତ ସାହିତ୍ୟ ଏକାଡେମୀ ତରଫରୁ ପଞ୍ଚଶିଳା ଆଶ୍ରମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିରଙ୍ଗନା ଝଲକାରୀ ବାଇ ନ୍ୟାଶନାଲ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଛି। ନ୍ୟାଶନାଲ ସେମେନରୀ ସଭାପତି ଡା. ଏସପି ସୁମନ ଶେଖରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେପାଳ ରାଜା ସତ୍ୟନାରାୟଣ ଝାଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷା ପଧାନଙ୍କୁ ଉପଢୌକନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ପଧାନ ପେସାରେ ଜଣେ କର୍ମଚାରୀ କିନ୍ତୁ ନିଶା ତାଙ୍କର ସମାଜସେବା। ଜଣେ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ। ବରଗଡ ଧନୁଯାତ୍ରାରେ ଏକାଧିକ ଥର ଦେବକୀ ଭୂମିକାରେ ଅଭିନୟ କରିଛନ୍ତି। ବିଭିନ୍ନ ଅନୁଷ୍ଠାନରୁ ମଧ ସମ୍ମାନିତ ହୋଇଛନ୍ତି।



ଦିଲ୍ଲୀଠାରେ ନେପାଳ ରାଜା ଅଧ୍ୟକ୍ଷାଙ୍କୁ ସମ୍ମାନିତ କରୁଛନ୍ତି।

# ଶୋକସଭାରେ ଆନନ୍ଦ ମୋହନ ରଥଙ୍କ ସ୍ମୃତିଚାରଣ

ଡୁଙ୍ଗୁରିପାଲି,୧୧।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ପୁରୁଣା କରତ ମିଲ ଠାରେ ସୋମବାର ସନ୍ଧ୍ୟାରେ ଆନନ୍ଦମୋହନ ରଥଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱର୍ଗତ ରଥଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଡୁଙ୍ଗୁରିପାଲିର ବଣିକ ସଂଘ ସହ ବିଭିନ୍ନ ଅନୁଷ୍ଠିତ, ଶିକ୍ଷାବିତ୍, ସଚେତନ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ସଦସ୍ୟମାନେ ଆନନ୍ଦ ମୋହନ ରଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଜଣେ ଶିକ୍ଷାବିତ ବ୍ୟବସାୟୀ ଭାବେ ଆନନ୍ଦଙ୍କ ନାମ ଥିଲା। ଡୁଙ୍ଗୁରିପାଲିର ବିଭିନ୍ନ ସାମୂହିକ କାର୍ଯ୍ୟରେ ସେ ସାମିଲ ହୋଇ କରିଥିବା ଜନହିତକର କାମର ସ୍ମୃତିଚାରଣ କରାଯାଇଥିଲା। ଶୋକସଭା ଗୋପାଳ ବାରିକଙ୍କ ଆବାହନରେ ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲିର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗରୁଡ଼ଧ୍ୱଜ ରଥଙ୍କ ପୁଅ ଆନନ୍ଦ ମୋହନ ରଥଙ୍କ ଗତ ୧୦ ତାରିଖ ତାଙ୍କ ବାସଭବନରେ ବିୟୋଗ ଘଟିଥିଲା। ସେ କିଛି ଦିନ ହେଲା ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ।



ଶୋକସଭାରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ବୃନ୍ଦ।

# ଫୁଟବଲରେ ଉଲ୍‌ବା ଚାମ୍ପିୟନ

ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଫୁଟବଲ ପଡ଼ିଆରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବଗେଇବିରା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲ ଖେଳରେ ଉଲ୍‌ବା ପ୍ରତିପକ୍ଷ ସୋଡ଼ାପାଲିର ମହାବୀର ଇଲେଭେନ ଦଳକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ମହାବୀର ଇଲେଭେନ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ସମିତିସଭ୍ୟ ଜ୍ଞାନ ବିଶ୍ୱାଳ, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ୱାର୍ଡସଭ୍ୟ ରାଜୁ କୁଅଁର, ରବିଶଙ୍କର ପ୍ରଧାନ, ଶୟନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନିବାସ ରାଓ, ଅଶ୍ୱିନୀ ମେହେର, ଅନିଲ ବାଗ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଜିତେଶ ଆଚାର୍ଯ୍ୟ, ବିକାଶ ନାଏକ, ମନୋଜ ପୁରୋହିତ, ଅରୁଣ ବିଶି, ପୁରନ୍ଦର ଭୋସାଗର ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଯଜ୍ଞ କମିଟିର ପ୍ରତିନିଧିବୃନ୍ଦ ।

ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲ ପଡ଼ିଆରେ ଆସନ୍ତା ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ୨ଶହ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତବାର୍ଷିକୀ ଜୟନ୍ତୀ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ବରଗଡ଼ସ୍ଥିତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ସଙ୍ଗଠନ ମନ୍ତ୍ରୀ ଧନୁର୍ଦ୍ଧର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଅଧ୍ୟାପକ ଅଶୋକ ମେହେର, ପବିତ୍ର ସାହୁ, ପଣ୍ଡିତ ଧର୍ମରାଜ ବ୍ରହ୍ମଚାରୀ, ଗଣେଶ ଅଗ୍ନିହୋତ୍ରୀ, ରମେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାଧୁ, ସନ୍ୟାସୀ, ବିଦ୍ୱାନଙ୍କ ସମେତ ପଶ୍ଚିମ ଓଡ଼ିଶାର ୧୧ଜିଲାର ସହସ୍ରାଧିକ ଆଚାର୍ଯ୍ୟ ଯୋଗ ଦେବେ ଏବଂ ବରଗଡ଼ ସହର ପରିକ୍ରମା କରି ବେଦ ଉଦ୍ଧାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସନ୍ଦେଶ ପ୍ରଚାର ପ୍ରସାର କରାଯିବ ବୋଲି ସୂଚନା ଦିଆଯାଇଛି। ଏହାସହିତ ୨ଶହ କୁଣ୍ଡୀୟ ଯଜ୍ଞ ପାଇଁ ୨ଶହ କୁଣ୍ଡ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୨୫ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବାକୁ ଥିବାବେଳେ ଏହାର ସଫଳ ଆୟୋଜନ ପାଇଁ ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା । ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ହରଭଙ୍ଗା ବ୍ଲକରେ ମାଣ୍ଡିଆ ରଥର ଶୁଭାରମ୍ଭ

ତଳଗାଁ, ୧୧।୧୨(କୁନା ବେହେରା )

ସୋମବାର ହରଭଙ୍ଗା ବ୍ଲକରେ ମାଣ୍ଡିଆ ରଥ ଶୁଭାରମ୍ଭ ହୋଇଯାଇଛି। ଲୋକକଳା ବିକାଶ କେନ୍ଦ୍ର ସହଯୋଗୀ ସଂସ୍ଥା ଭାବରେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଉଦ୍‌ଘାଟାନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ର ଯୋଗଦେଇ ରଥର ଉଦଘାଟନ କରିଥିଲେ। ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ ପାଣିଗ୍ରାହୀ, ବିଡ଼ିଓ ସ୍ୱପ୍ନିତା ନାୟକ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ

ଇ-ଟେଣ୍ଡର ସଂ.41-eT-SDENC-SBP-23

କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ୍ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର

PR-871/O/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-

ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-868/O/23-24

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବିରମାଲ ହାଇସ୍କୁଲ ୧୯୯୭ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ମୁରଲୀ ଦାଶ, ଶିକ୍ଷକ ଦାଶରଥି ସାହୁ, ଦୁର୍ଗାଚରଣ ପଟେଲ, ନନ୍ଦଲାଲ ସାହୁ, କ୍ରୀଡ଼ା ଶିକ୍ଷକ ଲୁବାନ ରଣା ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାଶ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ବିରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଜଗନ୍ନାଥ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ବିଦ୍ୟାଳୟର କର୍ମଚାରୀ ଶ୍ରଦ୍ଧାକର ଭୁଏ, ଗୁରୁଦେବ ସାହୁ, ପ୍ରଦୀପ ସାହୁ ଉପସ୍ଥିତ ଥିଲେ।




ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

# ଶ୍ରୀରାମ କଲେଜରେ ସଚେତନତାମୂଳକ ପଥପ୍ରାନ୍ତ ନାଟକ

ଡୁଙ୍ଗୁରିପାଲି,୧୧।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ନୂଆ ଓ - ଯୁବ ଓଡ଼ିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ ସାମାଜିକ ସେବା ଓ କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ବିଭିନ୍ନ ପଥପ୍ରାନ୍ତ ନାଟକ ପଣ୍ଡକିଟାଲ ତଥା ଆଖପାଖ ଅଞ୍ଚଳରେ ସୋମବାର ମଞ୍ଚସ୍ଥ ହୋଇଯାଇଛି। ନୋଡାଲ ଅଫିସର ଡ. ଗୁଣନିଧି ବାରିକ, ବିଜୟଲକ୍ଷ୍ମୀ ମହାନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଯୌତୁକ ପ୍ରଥା ନିବାରଣ, ବାଲ୍ୟ ବିବାହ ନିରାକରଣ,ଏଡସ ରୋଗ ସଚେତନତା, ନିଶା ନିବାରଣ, ପରିମଳ ଓ ସ୍ୱଚ୍ଛତା ଉପରେ କଂସ ଦରବାର ସହିତ ପଥପ୍ରାନ୍ତ ନାଟକ କରାଯାଇଥିଲା। ଦେବେନ୍ଦ୍ର ଭୁଏ ଓ ବିଜୟ ଲକ୍ଷ୍ମୀ ମହାନନ୍ଦଙ୍କ ରଚିତ ପଥପ୍ରାନ୍ତ ନାଟକରେ ଡ. ଲିଙ୍ଗରାଜ ସାହୁ ନିର୍ଦ୍ଦେଶନା ଦେଇଥିଲେ। ଗୀତ ରଚନା ଲମ୍ବୋଦର ପଧାନ, ସ୍ଲୋଗାନ ଲିଖନ ଦଶରଥ ସୁନା କରିଥିଲେ। +୨ ଶ୍ରେଣୀର ଛାତ୍ର ଶୁଭମ ଘିବେଲା କଂସ ଭୂମିକାରେ ଓ +୨ର ଅନ୍ୟାନ୍ୟ ଛାତ୍ରୀଛାତ୍ର ମନ୍ତ୍ରୀ ପରିଷଦ ଭୂମିକାରେ ଅଭିନୟ କରିଥିଲେ। +୩ ଛାତ୍ରୀଛାତ୍ର ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଲୁମିନି ଆସୋସିଏଶନର ସମ୍ପାଦକ ଶଙ୍କର ପ୍ରସାଦ ସାହୁ, ପଣ୍ଡକିଟାଲ ସରପଞ୍ଚ ଗୋବିନ୍ଦ ସେଠ ଯୋଗଦେଇଥିଲେ। ଡ. ଦିଲୀପ କୁମାର ସାହୁ, ସତ୍ୟବନ୍ତ ଭୋଇ, ଦେବେନ୍ଦ୍ର ଭୁଏ, ସୁଜାତା ସାହୁ, ମୋନାଲିସା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ କର୍ମଚାରୀ ତଥା ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।



ସଚେତନତା ମୂଳକ ପଥପ୍ରାନ୍ତ ନାଟକର ଏକ ଦୃଶ୍ୟ।

**कार्यपालक अभियंता का कार्यालय,**
**ग्रामीण विकास विशेष प्रमंडल, जमशेदपुर**
**Email ID- rdsdjamshedpur@gmail.com**

:-शुद्धि पत्रः-

इस कार्यालय का ई0-निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :- 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :-

1. वेबसाइट में निविदा प्रकाशन की तिथि – 12.12.2023
2. ई-निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई-निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई-निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई-निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्तें यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर

PR313163 (Rural Development)23-24*D

# ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବୌଦ୍ଧ, ୧୧।୧୨
(ଅଜିତ କୁମାର ବାରିକ)

ଆୟକର ବିଭାଗ ପକ୍ଷରୁ ମଦ ବ୍ୟବସାୟୀ ରାଜ୍ୟସଭା ସଦସ୍ୟ ଧୀରଜ ସାହୁ ଓ ତାଙ୍କ ମଦ ବ୍ୟବସାୟ ଉପରେ ଚଢାଉ କରାଯାଇ କୋଟି କୋଟି ଟଙ୍କା ଜବତ ଘଟଣାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ସୋମବାର ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ରାଜ୍ୟସଭା ସଦସ୍ୟ ଧୀରଜ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧିରଜ ସାହୁଙ୍କ ସଭ୍ୟପଦ ରଦ୍ଦ କରିବାକୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ଉପସଭାପତି କୃଷକ ମୋର୍ଚ୍ଚା ସୂର୍ଯ୍ୟନାରାୟଣ ମହାପାତ୍ର, ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ମାଗୁଣି ଗାଇଗୌରିଆ, ଶିଶିର ଘୋଷ, ତାପସ ପଟ୍ଟନାୟକ, ମନୋରଞ୍ଜନ ଦାଶ, ନମିତାରାଣୀ ଦାଶ, ନିବେଦିତା ମହାକୁଡ, ବନମାଳି ରଣା, ତ୍ରିପୁରାରୀ ବେହେରା, ବିକାଶ ମହାକୁଡ, ଶ୍ୟାମସୁନ୍ଦର ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।



ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଶପୁତ୍ତଳିକା ଦାହ କରାଯାଉଛି ।

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No.: OCPL/SITE-98/2023 Date: 12.12.2023

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)

# ବିଲୁପ୍ତପ୍ରାୟ କଳା ସଂସ୍କୃତିର ପୁନରୁଦ୍ଧାରକୁ ଗୁରୁତ୍ୱ

## ପ୍ରଥମ ସୁକ୍‌ତେଲ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗୀର, ୧୧।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗାଁ ଶ୍ରୀରାମ ମନ୍ଦିର ନିକଟ ପଡିଆରେ ଆୟୋଜିତ ଦୁଇଦିନିଆ ପ୍ରଥମ ସୁକ୍‌ତେଲ ମହୋତ୍ସବ ଉଦ୍‌ଯାପିତ ହୋଇଛି। ନ୍ୟାଶନାଲ ସର୍ଭିସ ଫାଉଣ୍ଡେସନ ଓ ସୁକତେଲ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଉଦ୍‌ଘାଟନୀ ଅବସରରେ ମଶାଲ ଶୋଭାଯାତ୍ରା ଓ ଜିଲା କଳାକାର ସମାବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ, ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସମ୍ମାନୀତ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଶାଶ୍ୱତ ତ୍ରିପାଠୀ, ସୁକତେଲ ମହୋତ୍ସବ କମିଟି ସଭାପତି ବିଧୁଭୂଷଣ ସିଂଦେଓ, ସମ୍ପାଦକ ପ୍ରଣୟ ଆନନ୍ଦ ତ୍ରିପାଠୀ ମଞ୍ଚାସୀନ ଥିଲେ। ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠୀ ସଭା ସଂଯୋଜନା କରିଥିଲେ।

ମନ୍ତ୍ରୀ ପାତ୍ର ତାଙ୍କ ବକ୍ତବ୍ୟରେ ସୁକତେଲ ନଦୀ ଅବବାହିକାରେ ବସବାସ କରୁଥିବା କଳାକାରଙ୍କ ପାଇଁ ଏହି ଉତ୍ସବ ଏକ ଅପୂର୍ବ ସୁଯୋଗ। ବିଲୁପ୍ତପ୍ରାୟ କଳା ସଂସ୍କୃତିର ପୁନରୁଦ୍ଧାର ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ସୁକତେଲ ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ କଳାକାରଙ୍କ କଳା, ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଏହି ମହୋତ୍ସବ ଏକ ମଞ୍ଚ ହେବା ସହ ଏଠାରୁ ଅନ୍ତର୍ଜାତୀୟ ସ୍ତରରେ ବହୁ କଳାକାର ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି କଳାକାର ବ୍ୟାସଦେବ ପୁରୋହିତ ଏବଂ ରୁମ୍‌କୁ ଝୁମାନା ସୁବର୍ଣ୍ଣପୁର, ଆରଆର କଲୋନୀ ଝାଙ୍କରପାଲି ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଜିଲା ପରିଷଦ ସଦସ୍ୟା ଅନାମିକା ହୋତା, ମୁଖ୍ୟବକ୍ତା ଭାବେ ଗୀତିକାର ତଥା କଳାକାର ବ୍ରହ୍ମାନନ୍ଦ ବନଛୋର, ଉପସଭାପତି ସୁବଳ ଗୁରାଣ୍ଡି ମଞ୍ଚାସୀନ ଥିଲେ। ସୁକତେଲ ମହୋତ୍ସବ କାର୍ଯ୍ୟକ୍ରମ ନିଷ୍ପାଦକ ହାଡିବନ୍ଧୁ ତ୍ରିପାଠୀ, ଶ୍ରୀଧର ବାରିକ, ଆବାହକ ଟିଙ୍କୁ ପ୍ରଧାନ, ସଂଯୋଜକ ସତ୍ୟନାରାୟଣ ଗହୀର, ମନ୍ମୟ ଆନନ୍ଦ ତ୍ରିପାଠୀ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଥିଲେ। କଳା ସଙ୍ଗଠକ ଜୟକୃଷ୍ଣ ମିଶ୍ର, କୋଶଲୀ ସାହିତ୍ୟିକ ଲମ୍ବୋଦର ତ୍ରିପାଠୀ, ସଂସ୍କୃତି ଗବେଷକ ଅଖୋଜ ଷାଣ୍ଡ, ଧରଣୀଧର ନାଏକ, ପରମାନନ୍ଦ ମାଝିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।। ପରେ ସଂଜୋତ କଳାକେନ୍ଦ୍ରର ସଙ୍ଗୀତା ଦାଶ ଓ ସାଥୀମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଅତିଥି କଳାକାର ବର୍ଷିୟାନ ସଙ୍ଗୀତକାର ମନୋଜ ମହାନ୍ତି, ନବୀନ କୁଅଁର, ବଳରାମ ସା, ଦିଲୀପ ଦୀପ, ବିକାଶ ଷଡଙ୍ଗୀ ଓ ଦୁଲଦୁଲି କଳା ପରିଷଦର ବାସୁଦେବ ସା କଳା ପରିବେଷଣ କରିଥିଲେ। ଶେଷରେ ସଞ୍ଜୟ ଆନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ମହୋତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବକ୍ତବ୍ୟ ରଖୁଛନ୍ତି।

# ରୋତ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ ଦଳ ସହ ଅଧ୍ୟକ୍ଷ ଓ କାର୍ଯ୍ୟକ୍ରମ ଅଧିକାରୀ।

ଲୋଇସିଂହା,୧୧।୧୨
(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ବାଣୀନିକେତନ ରୋତରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗରେ ପୃଥକ ଭାବେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟ, ଗୀତ, କ୍ଷୁଦ୍ରନାଟକ, ଷ୍ଟାଣ୍ଡଅପ କମେଡି, ପାରମ୍ପରିକ ଫେଶନ ଶୋ, ମେହେନ୍ଦି, ରଙ୍ଗୋଲି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇ ଶତାଧିକ ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଅଧ୍ୟାପକ ସୁବିଞ୍ଜ ଗଡତ୍ୟା, ଗତିକୃଷ୍ଣ ଯୋହୀ, ବାମଦେବ ମେହେରେ, ଶାନ୍ତନୁ ପାଢୀ, ବୁଦ୍ଧଦେବ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ବିଭିନ୍ନ ବିଭାଗର ବିଚାରକ ଥିଲେ। କଲେଜ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଓ କାର୍ଯ୍ୟକ୍ରମର ଅଧିକାରୀ ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଗୁଡଭେଲା,୧୧।୧୨
(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ରୁଷୁଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ନୂତନ ଓଡ଼ିଶା ଯୁବ ଓଡ଼ିଶା ଅଧିନରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଛି। ଶିକ୍ଷାବିତ୍ ସୁବାସ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଗିରିଜା ପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ହେମସାଗର ସାହୁ ଓ ପୃଥୀରାଜ ନନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ନୋଡାଲ ଅଫିସର ସୁରେଶ ଦ୍ୱାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଙ୍ଗୀତ, ଓଡିଆ ତର୍କବିତର୍କ, ରଙ୍ଗୋଲି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ଆୟୋଜକ କମିଟିପକ୍ଷରୁ କୁହାଯାଇଛି। ଅଧ୍ୟାପକ ଜୟକିଶୋର ଆଚାର୍ଯ୍ୟ, ସୁଧୀର କୁମାର ଷଡଙ୍ଗୀ, ଚାରୁପମା ମିଶ୍ର, କିଶୋର ବେହେରା, ପୀତବାସ ଚନ୍ଦନ, ଶରତ କୁମାର ଭୋଇ, ଦୁର୍ଲଭ ମାଝି, ଗୋକୁଳ ଥାପା, ରାଜୀବ ଚନ୍ଦନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୃଦ୍ଧାଙ୍କ ମୃତଦେହ ଛୁଇଁଲେନି ସମ୍ପର୍କୀୟ

## ସତ୍କାର କଲେ ସ୍ୱେଚ୍ଛାସେବୀ

ଲୋଇସିଂହା, ୧୧।୧୨
(ସୁଶାନ୍ତ ବାରିକ)

ଡିଜିଟାଲ ଇଣ୍ଡିଆ ଓ ମେକଇନ ଓଡ଼ିଶା କାର୍ଯ୍ୟକ୍ରମ ଚାଲିଛି। ହେଲେ ଆମ ମାନସିକତାରେ ପରିବର୍ତ୍ତନ ଆସିନାହିଁ। ଆଜି ବି ମଣିଷ ମନରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ବସା ବାନ୍ଧିଛି। ପରିବାର ଇଚ୍ଛା ବିରୋଧରେ ଯାଇ ବିବାହ କରିଥିଲେ ବୋଲି ଜଣେ ମହିଳାଙ୍କ ମୃତଦେହ ତାଙ୍କ ସମ୍ପର୍କୀୟମାନେ ଛୁଇଁ ନାହାନ୍ତି। ସ୍ୱେଚ୍ଛାସେବୀମାନେ ଅନ୍ତିମ ସତ୍କାର କରିଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମ ପଞ୍ଚାୟତ ସଦର ଗ୍ରାମରେ ଏହିଭଳି ଏକ ଘଟଣା ଘଟିଛି। ରବିବାର ରାତିରେ ଗ୍ରାମର ପ୍ରତିମା ବିଶ୍ୱାଳ(୬୦)ଙ୍କ ମୃତ୍ୟୁ ଘଟିଥିଲା। ହେଲେ ଏକମାତ୍ର ପୁଅ ଏବଂ ସମ୍ପର୍କୀୟ ସତ୍କାର କରିବା ଦୂରେ ଥାଉ ମୃତଦେହ ପାଖ ମାଡି ନ ଥିଲେ। ଦୀର୍ଘ ୧୨ଘଣ୍ଟା ଧରି ମୃତଦେହ ଘରେ ପଡିରହିଥିଲା। ଖବର ପାଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସରଗାଡ ଆସି ଶବ ସତ୍କାର କରିଥିଲେ।

ସୂଚନା ଅନୁଯାୟୀ, ପ୍ରମିଳାଙ୍କ ସ୍ୱାମୀଙ୍କ ୨୦ବର୍ଷ ତଳେ ମୃତ୍ୟୁ ଘଟିଥିଲା। ଏକମାତ୍ର ପୁଅ ବିବାହ ପରେ ଅନ୍ୟତ୍ର ରହୁଥିଲେ। ଏହାପରେ ଜଣଙ୍କ ଘରେ ସେ ଆଶ୍ରୟ ନେଇଥିଲେ। ରବିବାର ରାତିରେ ପ୍ରମିଳାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣା ପଡିବା ପରେ ଜନ୍ମକଲା ପୁଅ ଓ ସମ୍ପର୍କୀୟ ତାଙ୍କ ପାଖ ମାଡି ନ ଥିଲେ। ସେମାନେ ଶବ ସତ୍କାର କରିବାକୁ ପଛଘୁଞ୍ଚା ଦେଇଥିଲେ। ସୋମବାର ଦୀର୍ଘ ସମୟ ଧରି ମୃତଦେହ ଘରେ ପଡି ରହିଥିଲା। ଖବର ପାଇ ମଧ୍ୟାହ୍ନରେ ସ୍ୱେଚ୍ଛାସେବୀ ସୁମିତ ମିଶ୍ର, ସନ୍ତୋଷ ପଟ୍ଟନାୟକ, ଲିଙ୍କନ ସେଠ, ରବୀନ୍ଦ୍ର ପଧାନ, ଜିତୁ ସାହୁ, ଆଲୋକ ପଟେଲ, ରାଜୀବ ପରମାଣିକ, ଏମଡି ବାବଲୁ, ତନ୍ମୟ ପଟେଲ, ସୁବାଷ ଯାଦବ, ପିଙ୍କୁ ପଟେଲ ପ୍ରମିଳାଙ୍କ ମୃତଦେହ ଗାଁ ଶ୍ମଶାନକୁ ନେଇ ହିନ୍ଦୁ ରୀତିନୀତିରେ ସତ୍କାର କରିଥିଲେ। ବର୍ତ୍ତମାନ ସମୟରେ ପ୍ରେମ ବିବାହ ସାଧାରଣ କଥା ହେଲାଣି। ଏହାକୁ ନେଇ ଏଭଳି ଅବିଚାରକୁ ଦୃଢ ନିନ୍ଦା କରିଛନ୍ତି ଶବ ସତ୍କାର କରିଥିବା ସ୍ୱେଚ୍ଛାସେବୀ। ସଂକୀର୍ଣ୍ଣ ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି ମାନବିକତାର ପରିଚୟ ଦେବାକୁ ସେମାନେ ଆହ୍ୱାନ ଜଣାଇଛନ୍ତି। ବୃଦ୍ଧାଙ୍କୁ ପଞ୍ଚାୟତରୁ ଭତ୍ତା ଓ ଚାଉଳ ପ୍ରଦାନ କରାଯାଉଥିବା କହିଛନ୍ତି ସ୍ଥାନୀୟ ସରପଞ୍ଚ ସରୋଜ ବେହେରା।


ସ୍ୱେଚ୍ଛାସେବୀମାନେ ମୃତଦେହ ସତ୍କାର ପାଇଁ ନେଉଛନ୍ତି।

# କୃଷି ଅଧିକାରୀଙ୍କୁ ଭାଜପାର ଦାବିପତ୍ର

କଣ୍ଟାବାଞ୍ଜି, ୧୧।୧୨
(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକରେ ଗତ ୭ ଓ ୮ତାରିଖ ଦୁଇଦିନ ଧରି ହୋଇଥିବା ଅଦିନିଆ ବର୍ଷାରେ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏହାର ଆକଳନ କରି କ୍ଷତିପୂରଣ ଦେବାକୁ ଭାଜପା କଣ୍ଟାବାଞ୍ଜି ତରଫରୁ ସୋମବାର ଜିଲା କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ସହକାରୀ କୃଷି ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଲଘୁଚାପଜନିତ ବର୍ଷାରେ ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତର ଚାଷୀଙ୍କ କପା, ଧାନ, ମୁଗ, ବିରି, କୋଳଥ ସହିତ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ବେଳେ ଏମ୍‌ପି ପ୍ରତିନିଧି ସୁଦର୍ଶନ କଟା, ଯୁଧିଷ୍ଠିର ଜାଲ, ପ୍ରଦୀପ ବନଛୋର, ଟିଙ୍କୁ ଥପା ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନୂଆ-ଓ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା

ମୁରିବାହାଲ, ୧୧।୧୨
(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଜୁନିୟର ମହାବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ୫ମ ଦିବସରେ ପହଞ୍ଚିଛି। ଉକ୍ତ ଦିବସରେ କ୍ରୀଡ଼ା ପ୍ରତିଯୋଗିତାମାନ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ତହସିଲଦାର ଆୟୁବ ମଣ୍ଡଳ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଡ଼ମିଣ୍ଟନ, ଭଲିବଲ, କ୍ରିକେଟ, ଫୁଟବଲ, ୧୦୦, ୨୦୦, ୪୦୦ ଓ ୮୦୦ ମିଟର ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଖେଳ ଶିକ୍ଷକ ରାଧେଶ୍ୟାମ ବଘାର, ନରେନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ବିକ୍ରମ ତାଣ୍ଡି, ହୃଦାନନ୍ଦ ପୁହାଣ, ରାଧେଶ୍ୟାମ ତ୍ରିପାଠୀ, ମମତା ସାହୁ, ନରେଶ ସତ୍‌ନାମୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି।

# ଯୁବଗୋଷ୍ଠୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ

## ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୧୧।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବିନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ଶୈବପୀଠ ହରିଶଙ୍କରରୁ ଏକ ମଶାଲ ଯାତ୍ରା ବାହାରି ଖପ୍ରାଖୋଲରେ ପହଞ୍ଚିଥିଲା। ମଶାଲକୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ କରି ଅଧିଷ୍ଠାତ୍ରୀ ଦେବୀ ମା' ଡୁମେରତଳେନଙ୍କଠାରେ ପୂଜାର୍ଚ୍ଚନା ପରେ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ବଳଭଦ୍ର ଦାସ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ସମ୍ମାନୀତ ଅତିଥି ବ୍ଲକ ଅଧକ୍ଷା ନିରୂପମା ପଟେଲ, ଏବିଓ ମିନିକେତ ବରିହା, ଅଧାପକ ଅରୁଣ ପଟ୍ଟନାୟକ ଯୋଗଦେଇଥିଲେ। ଯୁବ ସମାଜର ସାମଗ୍ରିକ ବିକାଶ ସହ ନବୀନ ଓଡ଼ିଶା ଗଢ଼ିବାକୁ ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ମହା ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ନବୀନ ବେହେରା, ଗୋବିନ୍ଦ ବାରିକ, ନିରାକାର ବାରିକ, ବୃନ୍ଦାବନ ବାରିକ, ସୀତାରାମ ବାଗ, ପ୍ରମୋଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୀତାଞ୍ଜଳି ସାହୁ, ସୁନନ୍ଦା ଭୋଇ, ମିନତି ସାହୁ, ପ୍ରଶାନ୍ତ ତ୍ରିପାଠୀ, ହରିଶ ବେହେରା, ନିରଜ ବାରିକ, କିଶୋର ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଷ୍ଠିତ ସଭାରେ ବିଧାୟକ ସରୋଜ ମେହେର ବକ୍ତବ୍ୟ ରଖୁଛନ୍ତି।

# ଦାବି ପୂରଣ ନ ହେଲେ ୨୦ରୁ ସମୂହ ଛୁଟିରେ ଯିବେ ଅମଲା

ନୂଆପଡ଼ା,୧୧।୧୨
(ମକାରୁ ବେମାଲ)

ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣଠାରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ନୂଆପଡା ଜିଲା ଶାଖାର ଏକ ଜରୁରି ବୈଠକ ମଞ୍ଚ ଅଧ୍ୟକ୍ଷ ଆଶାରାମ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରୀୟ ଅମଲାମାନଙ୍କ ଏକମାତ୍ର ଦାବି ବିଷୟରେ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ ଏବଂ ଆଲୋଚନା କରାଯାଉଥିଲେ ମଧ୍ୟ ଦାବି ପୂରଣ କରିବା ପାଇଁ ଅହେତୁକ ବିଳମ୍ବ କରୁଥିବାରୁ ଉପସ୍ଥିତ ସମସ୍ତ ସଦସ୍ୟ ଏବଂ ସଦସ୍ୟା ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ଡିସେମ୍ବର ୧୯ ସୁଦ୍ଧା ପୂରଣ କରା ନ ଗଲେ ରାଜ୍ୟ ସଂଘ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଆସନ୍ତା ୨୦ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମଞ୍ଚର ସଭାପତି ଧର୍ମରାଜ ନାଏକ, ସମ୍ପାଦକ ପବନ କୁମାର ସୋନି, ଉପସଭାପତି ଅମରେନ୍ଦ୍ର ରଥ, ମନୋଜ ମହାରଣା, ଲୋକନାଥ ରଥ, ବଳଭଦ୍ର ମାଝି, ସରୋଜ ହୋତା, ରଞ୍ଜନ ସୁନାନି, ମଦନସୁନ୍ଦର ସାହୁ, ଧନାନ୍ତରୀ ନାରାୟଣ ଚଲାନ, ସଞ୍ଜିତା ସାହୁ, ପ୍ରିୟଦର୍ଶିନୀ ସାହୁ, ସଞ୍ଜୟ କୁମାର ନାୟକ, ଲକ୍ଷ୍ମଣ ଦଣ୍ଡସେନା, ମନୋଜ କୁମାର ଭୋଇ ଏବଂ ଅନ୍ୟାନ୍ୟ ସଦଶ୍ୟ ସଦଶ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ପ୍ରକଳ୍ପକୁ ୨ଥର ଶିଳାନ୍ୟାସ

- ଦେଓଗାଁ ବ୍ଲକରେ ଶ୍ରେୟ ରାଜନୀତି
- ନରସିଂହଙ୍କ ପରେ କଳିକେଶ

ଦେଓଗାଁ, ୧୧।୧୨
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ନିକଟ ଚାନ୍ଦଲି ପାହାଡରେ ଉନ୍ନୟନ କାମର ଗୋଟିଏ ପ୍ରକଳ୍ପକୁ ରବିବାର ବିଧାୟକ ମିଶ୍ର ଶିଳାନ୍ୟାସ କରିଥିଲେ। ସୋମବାର ସେହି ପ୍ରକଳ୍ପକୁ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ପୁନଃ ଶିଳାନ୍ୟାସ କରିଛନ୍ତି। ଏହାକୁ ନେଇ ବ୍ଲକରେ ଏବେ ରାଜନୈତିକ ବାତାବରଣ ସମରଗରମ ହୋଇଛି। ସ୍ଥାନୀୟ ସରପଞ୍ଚ ଯଶୋଦା ମେହେରଙ୍କ ସଭାପତିତ୍ୱରେ ଚାନ୍ଦଲି ପାହାଡର ବିକାଶ ପାଇଁ ଆସିଥିବା ୧କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ଦେବାକୀ ସାହୁ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, କୈଳାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଅତିଥିବୃନ୍ଦ ଆଲୋକପାତ କରିବାସହ ବିରୋଧୀ ଗୋଷ୍ଠୀ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ସମସ୍ତ ପ୍ରକଳ୍ପକୁ ଆମେ କରୁଛୁ ବୋଲି କହି ଅଞ୍ଚଳରେ ହୀନ ରାଜନୀତି କରୁଛନ୍ତି ବୋଲି ସିଂଦେଓ ଅଭିଯୋଗ କରିଥିଲେ। ଚାନ୍ଦଲି ପାହାଡରେ ରାଜ୍ୟ ସରକାର ପାନୀୟ, ବିଦ୍ୟୁତ୍ ଓ ଭିତ୍ତିଭୂମିର ବିକାଶ ପାଇଁ ୧କୋଟି ଟଙ୍କା ମଞ୍ଜୁର କରିଥିଲେ। ଦୀର୍ଘ୨୨ ମାସ ଧରି ଅନୁଦାନ ରାଶି ଖର୍ଚ୍ଚ ହୋଇପାରି ନ ଥିଲା। ଏଣୁ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଟେଣ୍ଡର ପ୍ରକ୍ରିୟା ସରିବାପରେ ଏବେ ଉଭୟ ଦଳ ଶ୍ରେୟ ନେବାପାଇଁ ଉଦ୍ୟମ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।


ଚାନ୍ଦଲି ପାହାଡରେ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଶିଳାନ୍ୟାସ କରୁଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ
ଇ-ଟେଣ୍ଡର ସଂ.41-eT-SDENC-SBP-23
କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର
PR-871/O/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-
ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-868/O/23-24

**कार्यपालक अभियंता का कार्यालय,
ग्रामीण विकास विशेष प्रमंडल, जमशेदपुर
Email ID- rdsdjamshedpur@gmail.com**

:–शुद्धि पत्र:–

इस कार्यालय का ई0–निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :– 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :–
1. वेबसाइट में निविदा प्रकाशन की तिथि – 12.12.2023
2. ई–निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई–निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई–निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्तें यथावत् रहेगा।
कार्यपालक अभियंता
ग्रामीण विकास विशेष प्रमंडल, जमशेदपुर
PR313163 (Rural Development)23-24*D

**ODISHA COAL AND POWER LTD.**
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No.: OCPL/SITE-98/2023 Date: 12.12.2023
Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.
Sd./- Sr. Manager (Commercial & Contracts)

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଅତାବିରା,୧୧।୧୨(ହୃଷୀକେଶ ଖମାରୀ)

ଭାରତୀୟ ଶିକ୍ଷା ବିସ୍ତାର ସଂସ୍ଥାନ ସହିତ ସହବନ୍ଧିତ ବିଦ୍ୟାଳୟ ଗୁଡ଼ିକର ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ବରଗଡ଼ ଜିଲା ଅତାବିରା ବ୍ଲକ ଦୁଲମପୁରସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଏସ. ଡୁମେରପାଲି ସରସ୍ୱତୀ ଶିଶୁ ମନ୍ଦିର, ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର, ଟିଙ୍ଗିପାଲି ଭାରତୀୟ ବିଦ୍ୟା ନିକେତନ, ନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସିଆରସିସି ରଶ୍ମିରାଣୀ ନନ୍ଦ, ସରପଞ୍ଚ ଭି. ଏଙ୍କେନା ବାବୁ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁନିଲ ସିଂ, ସୁଶିଲ ସିଂ ଖେଳ ପରିଚାଳନା କରିଥିଲେ। ଗୁରୁମା, ଗୁରୁଜୀମାନେ ସହଯୋଗ କରିଥିଲେ। ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ମନୋରଞ୍ଜନ ନାଗ, ପୂଜା ଛନ୍ଦ, ରଶ୍ମିତା ପ୍ରଧାନ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ପ୍ରଧାନ ଶିକ୍ଷକ ବେଣୁଧର ଛନ୍ଦ ସଭାପତିତ୍ୱ କରିଥିଲେ। ରେବତୀ କରନ, ସୁନେଲୀ ଅମାତ, କିରଟି ଭୋଇ, ନାରାୟଣ ଗଣିତ, ବେଣୁଧର ସାହୁ, ଯଦୁନନ୍ଦନ ସେଟ୍ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଆଇଏମ୍‌ଏସ୍‌ର ପ୍ରଥମ ପ୍ରତିଷ୍ଠା ଦିବସ

ରାଉରକେଲା,୧୧।୧୨
(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ କାର୍ଯ୍ୟରତ ପ୍ରତ୍ୟକ୍ଷ ଓ ପରୋକ୍ଷ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ଶ୍ରମିକ ସଙ୍ଗଠନ ସକ୍ରିୟ ରହିଛି। ଏହି କ୍ରମରେ ଏକ ନୂତନ ଶ୍ରମିକ ସଙ୍ଗଠନ ଗଠନ କରାଯାଇଛି। ସୋମବାର ଉକ୍ତ ଶ୍ରମିକ ସଙ୍ଗଠନ ରାଉରକେଲା ଇସ୍ପାତ ମଜଦୁର ସଂଘ (ଆର୍‌ଆଇଏମ୍‌ଏସ୍)ର ପ୍ରଥମ ପ୍ରତିଷ୍ଠା ଦିବସ ସେକ୍ଟର-୭ ପ୍ରଜାପତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅପରାହ୍ନରେ ସଂଘ ସଭାପତି ରଙ୍ଗବଲ୍ଲଭ ପଣ୍ଡାଙ୍କ ପୌରହିତ୍ୟରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ହାଲଦାରଙ୍କ ନେତୃତ୍ୱରେ ପ୍ରତିଷ୍ଠାତା ସଦସ୍ୟ ପ୍ରଶାନ୍ତ ତରାଇ, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ସାହୁ, ସୂର୍ଯ୍ୟନାରାୟଣ ଦାଶ, ଏସ୍. କେ. ହାସିମ ମହମ୍ମଦ, ସମୀର ମହାନ୍ତି, ଗଙ୍ଗାଧର ବେହେରା, ଉପସଭାପତି ବେନେଡିକ୍ଟ ତିର୍କୀ, ସହ ସାଧାରଣ ସମ୍ପାଦକ ଜଗଦୀଶ ପଣ୍ଡା, ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଜୟଦୀପ ମୋଦକ, ମହେନ୍ଦ୍ର ମାହାଲି, ଅଭିମନ୍ୟୁ ମହାପାତ୍ର, ମନୋଜ ମଲିକ, ପ୍ରଶାନ୍ତ ତିର୍କୀ, ଟିକେଶ୍ୱର ତାଣ୍ଡିଆ, ଯୋଗେନ୍ଦ୍ର ମାରାଣ୍ଡି, କାଳୀପ୍ରସାଦ ଡାଙ୍ଗୁଆ, ରତ୍ନାକର ରାଉଳ, ଅଜୟ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ହାଲଦାର କହିଥିଲେ, ଇସ୍ପାତ ଶ୍ରମିକଙ୍କ ଛୋଟ ଛୋଟ ଅଧିକାରକୁ ସୁରକ୍ଷିତ ରଖିବା ସଂକଳ୍ପ ନେଇ ଏହି ୟୁନିୟନ ଅଗ୍ରସର ହେବ। ଆଗାମୀ ଦିନରେ ଶ୍ରମିକମାନେ ଏକଜୁଟ ହୋଇ ନିଜର ଅଧିକାର ଓ ସ୍ୱାଭିମାନର ରକ୍ଷା ଉଦ୍ଦେଶ୍ୟରେ ସ୍ୱର ଉତ୍ତୋଳନ କରିବାକୁ ହେବ ବୋଲି ହାଲଦାର ଆହ୍ୱାନ ଦେଇଥିଲେ। ସେହିପରି ସଭାପତି ପଣ୍ଡା ଶ୍ରମିକ ଅଧିକାର ହନନ କରୁଥିବା ଗ୍ରାଚ୍ୟୁଇଟି ସିଲିଂ, ଅନୁକମ୍ପାମୂଳକ ନିଯୁକ୍ତି ପାଇଁ କଠୋର ସର୍ତ୍ତାବଳୀ ପ୍ରଣୟନ, ଏକତରଫା ବୋନସ ପ୍ରଦାନ, ୩୯ ମାସର ବକେୟା ରାଶି ପ୍ରଦାନରେ କୁଣ୍ଠାବୋଧ ଆଦିରୁ ମୁକୁଳିବାକୁ ହେବ ବୋଲି କହିଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଆର୍‌ଏସ୍‌ପିରେ ୧୬ଟି ୟୁନିୟନ ରହିଥିବା ବେଳେ ଆର୍‌ଆଇଏମ୍‌ଏସ୍ ନୂତନ ଭାବେ ପାଦ ଥାପିଛି। ଏହା ଗତ ୯ ତାରିଖରେ ପଞ୍ଜୀକୃତ ହୋଇଛି। ଆସନ୍ତା ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନରେ ଶ୍ରମିକଙ୍କ ସମୂହ ସ୍ୱାର୍ଥକୁ ପ୍ରାଥମିକତା ଦେବା ଲାଗି ଏହା ପ୍ରତିଶ୍ରୁତିବଦ୍ଧ ବୋଲି ସଦସ୍ୟମାନେ କହିଛନ୍ତି।



ସେକ୍ଟର-୭ ପ୍ରଜାପତି ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦସ୍ୟବୃନ୍ଦ।

# ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ଅଧିକାରୀ ପୁରସ୍କୃତ

ରାଉରକେଲା,୧୧।୧୨
(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ନୂତନ ପ୍ଲେଟ ମିଲ ବିଭାଗର ପରିଚାଳକ ସୁମନ କୁମାର ଓ ସୁରକ୍ଷା ଜନିତ ଯନ୍ତ୍ରୀ ବିଭାଗୀୟ ଉପପରିଚାଳକ ଗୁରଜିତ ମହାପାତ୍ରଙ୍କୁ କାର୍ଯ୍ୟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ଉକ୍ତ ଅଧିକାରୀଙ୍କୁ ଇଡି ୱାର୍କସ ସମ୍ମିଳନୀ କକ୍ଷରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ପ୍ରଦାନ ଦିବସରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ତଥା କାରଖାନାର ଅନ୍ୟାନ୍ୟ ସବୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂର୍ଯ୍ୟବଂଶୀ ଅଧିକାରୀମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ଏହାସହ ଏହି ସ୍ୱୀକୃତି ଆଗକୁ ସାମୂହିକ ଉତ୍କର୍ଷର ସଂସ୍କୃତି ପାଇଁ ବିକାଶ ସାଧକ ସାଜିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟ ବିଭାଗ ସଚିବାଳୟର ବରିଷ୍ଠ ପରିଚାଳକ ରିକି ଅଗ୍ରୱାଲ ସଂଯୋଜନା କରିଥିଲେ।



କାର୍ଯ୍ୟ ବିଭାଗ ଅଧିକାରୀ ପୁରସ୍କୃତ ହେଉଛନ୍ତି।

# ୬ ଅଭିଯୋଗର ତତ୍‌କ୍ଷଣାତ ସମାଧାନ



ସବ୍‌ଡେଗା,୧୧।୧୨(ଅନନ୍ତ ପଟେଲ )

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ରାଜୀବଗାନ୍ଧୀ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଡ.ପରାଗ ହର୍ଷଦ ଅନୁପସ୍ଥିତ ଥିବାବେଳେ ଡିଆର୍‌ଡିଏ ପିଡି, ଏଡିଏମ୍, ଏସ୍‌ପି ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସବ୍‌ଡେଗା ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁ ଧାନ ଗଜା ହୋଇଥିବାରୁ ଚାଷୀମାନେ କ୍ଷୟ କ୍ଷତି ପାଇଁ ଅଭିଯୋଗ କରିଥିଲେ। ଏଥିପ୍ରତି ବିଚାର କରାଯିବ ବୋଲି ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିଲା। ଏସ୍‌ପିଙ୍କ ସହ ବିଜୁଳି ବିଭାଗ, କୃଷି, ଉଦ୍ୟାନ, ଶିକ୍ଷା, ମହିଳା ଓ ଶିଶୁବିକାଶ, ସ୍ୱାସ୍ଥ୍ୟ, ଫରେଷ୍ଟ, ମୃତ୍ତିକା, ଜଳ ଯୋଗାଣ,ଏରିଗେସନ, ପ୍ରାଣୀ ଚିକିତ୍ସକର ବରିଷ୍ଠ ଅଧିକାରୀଙ୍କ ସହ ସହ କର୍ମଚାରୀ ଉପସ୍ଥିତ ଥିଲେ। ମୋଟ ୬୬ ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୬ ଟି ଅଭିଯୋଗର ସଙ୍ଗେ ସଙ୍ଗେ ବିଚାର କରାଗଲା। ଜଣକୁ ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଓ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪୦ ହଜାର ଲେଖାଏଁ ପ୍ରଦାନ କରାଯାଇଛି। ବୈଠକରେ ବିଡିଓ ସାଗର ମୁର୍ମୁ, ତହସିଲଦାର ବେଦବ୍ୟାସ ଭୋଇଙ୍କ ସହ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ଫୁଟ୍‌ବଲରେ ଉଲ୍‌ବା ଚାମ୍ପିୟନ

ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଫୁଟବଲ ପଡ଼ିଆରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବଗେଇବିରା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲ ଖେଳରେ ଉଲ୍‌ବା ପ୍ରତିପକ୍ଷ ସୋଡ଼ାପାଲିର ମହାବୀର ଇଲେଭେନ ଦଳକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ମହାବୀର ଇଲେଭେନ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ସମିତିସଭ୍ୟ ଜ୍ଞାନ ବିଶ୍ୱାଳ, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ୱାର୍ଡସଭ୍ୟ ରାଜୁ କୁଅଁର, ରବିଶଙ୍କର ପ୍ରଧାନ, ଶୟନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନିବାସ ରାଓ, ଅଶ୍ୱିନୀ ମେହେର, ଅନିଲ ବାଗ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଜିତେଶ ଆଚାର୍ଯ୍ୟ, ବିକାଶ ନାଏକ, ମନୋଜ ପୁରୋହିତ, ଅରୁଣ ବିଶି, ପୁରନ୍ଦର ଭୋସାଗର ପ୍ରମୁଖ ସହଯୋଗ କରିଥିଲେ।

# ଅଦିନିଆ ବର୍ଷାରେ ଧାନ ଚାଷ ନଷ୍ଟ, କ୍ଷତିପୂରଣ ଦାବି

ସବ୍‌ଡେଗା,୧୧।୧୨ (ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲାରେ ଗତ ୪ ଦିନ ଧରି ଲାଗି ରହିଥିବା ଅଦିନିଆ ବର୍ଷା ଯୋଗୁ ଧାନ ଚାଷ ନଷ୍ଟ ହୋଇଛି। ଫଳରେ ଚାଷୀ ଏବେ ଚିନ୍ତାରେ। ଚଳିତବର୍ଷ ବିଳମ୍ବରେ ମୌସୁମୀ ବର୍ଷା ଆସିଥିବାରୁ ଚାଷ କାମ ବିଳମ୍ବ ହୋଇଥିଲା। ହେଲେ ଅମଳ ଭଲ ହୋଇଥିଲା। କିନ୍ତୁ ଅଦିନିଆ ବର୍ଷା ଦାଉ ସାଜିଲା। ବର୍ଷା ଯୋଗୁ ବିଲରେ ପାଣି ପଶି ଅମଳ ଧାନ ସବୁ ଗଜା ହୋଇ ନଷ୍ଟ ହୋଇଯାଇଛି। ତେବେ କ୍ଷତିପୂରଣ ଦାବିନେଇ ଚାଷୀମାନେ ସବ୍‌ଡେଗା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।


ଜଣେ ଚାଷୀଙ୍କ ଅମଳ ହୋଇଥିବା ଧାନ ନଷ୍ଟ ହୋଇଯାଇଛି।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବିରମାଲ ହାଇସ୍କୁଲ ୧୯୯୭ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ମୁରଲୀ ଦାଶ, ଶିକ୍ଷକ ଦାଶରଥି ସାହୁ, ଦୁର୍ଗାଚରଣ ପଟେଲ, ନନ୍ଦଲାଲ ସାହୁ, କ୍ରୀଡ଼ା ଶିକ୍ଷକ ଲୁବାନ ରଣା ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାଶ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ବିରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଜଗନ୍ନାଥ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ।

# ବନ ବିଭାଗର ଚଢ଼ାଉ: ଜଙ୍ଗଲ ଜନ୍ତୁ ଶିକାର, ୨ ଗିରଫ

ଭବାନୀପାଟଣା,୧୧।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଥୁଆମୂଳ ରାମପୁର ରେଞ୍ଜ ଅନ୍ତର୍ଗତ କଲମପୁର ବ୍ଲକ ହେରାମାଲ ଗାଁରେ ଶିକାରୀମାନେ କୁଟୁରା ଶିକାର କରି ମାଂସ ଭାଗ ବଣ୍ଟା ବେଳେ ମାଡି ବସିଲା ବନ ବିଭାଗ। ଚଢ଼ାଉ ବେଳେ ବିଭାଗ କୁଟୁରା ମାଂସ ଜବତ କରିବା ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ଗିରଫ ଶିକାରୀ ହେଲେ ପରୁଆଗୁଡ଼ା ଗ୍ରାମର ରାମ ପଟେଲ ଓ ହାରାମାଲ ଗ୍ରାମର ଗୌରାଙ୍ଗ ରାଉତ ବୋଲି ଜଣାପଡିଛି। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ
ଇ-ଟେଣ୍ଡର ସଂ.41-eT-SDENC-SBP-23

କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ୍ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର
PR-871/O/23-24

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-

ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-868/O/23-24


# ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୦୦ ଛାତ୍ରୀଛାତ୍ର ସାମିଲ



ସୁନ୍ଦରଗଡ,୧୧।୧୨(ଜୟ ନାରାୟଣପମେଣ୍ଡୁଲି)

ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଏବଂ ସୁନ୍ଦରଗଡ ଜିଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ବୟସ ଅନୁସାରେ ସେମାନଙ୍କୁ ୫ଟି ଗ୍ରୁପରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମୀ,ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀରାମ କଲେଜରେ ସଚେତନତାମୂଳକ ପଥପ୍ରାନ୍ତ ନାଟକ

ଡୁଙ୍ଗୁରିପାଲି,୧୧।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ନୂଆ ଓ - ଯୁବ ଓଡ଼ିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ ସାମାଜିକ ସେବା ଓ କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ବିଭିନ୍ନ ପଥପ୍ରାନ୍ତ ନାଟକ ପଣ୍ଡକିଟାଲ ତଥା ଆଖପାଖ ଅଞ୍ଚଳରେ ସୋମବାର ମଞ୍ଚସ୍ଥ ହୋଇଯାଇଛି। ନୋଡାଲ ଅଫିସର ଡ. ଗୁଣନିଧି ବାରିକ, ବିଜୟଲକ୍ଷ୍ମୀ ମହାନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଯୌତୁକ ପ୍ରଥା ନିବାରଣ, ବାଲ୍ୟ ବିବାହ ନିରାକରଣ,ଏଡସ ରୋଗ ସଚେତନତା, ନିଶା ନିବାରଣ, ପରିମଳ ଓ ସ୍ୱଚ୍ଛତା ଉପରେ କଂସ ଦରବାର ସହିତ ପଥପ୍ରାନ୍ତ ନାଟକ କରାଯାଇଥିଲା। ଦେବେନ୍ଦ୍ର ଭୁଏ ଓ ବିଜୟ ଲକ୍ଷ୍ମୀ ମହାନନ୍ଦଙ୍କ ରଚିତ ପଥପ୍ରାନ୍ତ ନାଟକରେ ଡ. ଲିଙ୍ଗରାଜ ସାହୁ ନିର୍ଦ୍ଦେଶନା ଦେଇଥିଲେ। ଗୀତ ରଚନା ଲମ୍ବୋଦର ପଧାନ, ସ୍ଲୋଗାନ ଲିଖନ ଦଶରଥ ସୁନା କରିଥିଲେ। +୨ ଶ୍ରେଣୀର ଛାତ୍ର ଶୁଭମ ଘିବେଲା କଂସ ଭୂମିକାରେ ଓ +୨ର ଅନ୍ୟାନ୍ୟ ଛାତ୍ରୀଛାତ୍ର ମନ୍ତ୍ରୀ ପରିଷଦ ଭୂମିକାରେ ଅଭିନୟ କରିଥିଲେ। +୩ ଛାତ୍ରୀଛାତ୍ର ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଲୁମିନି ଆସୋସିଏଶନର ସମ୍ପାଦକ ଶଙ୍କର ପ୍ରସାଦ ସାହୁ, ପଣ୍ଡକିଟାଲ ସରପଞ୍ଚ ଗୋବିନ୍ଦ ସେଠ ଯୋଗଦେଇଥିଲେ। ଡ. ଦିଲୀପ କୁମାର ସାହୁ, ସତ୍ୟବନ୍ତ ଭୋଇ, ଦେବେନ୍ଦ୍ର ଭୁଏ, ସୁଜାତା ସାହୁ, ମୋନାଲିସା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ କର୍ମଚାରୀ ତଥା ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।


ସଚେତନତା ମୂଳକ ପଥପ୍ରାନ୍ତ ନାଟକର ଏକ ଦୃଶ୍ୟ।


## कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर
Email ID- rdsdjamshedpur@gmail.com

:-शुद्धि पत्र:-

इस कार्यालय का ई0-निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :- 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :-

1. वेबसाइट में निविदा प्रकाशन की तिथि - 12.12.2023
2. ई-निविदा प्राप्ति की तिथि एवं समय - दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई-निविदा खोलने की तिथि एवं समय - 21.12.2023 अपराह्न 02:00 बजे।
5. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई-निविदा प्रकोष्ठ का दूरभाष सं0 - 7903003903
7. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्तें यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर

PR313163 (Rural Development)23-24*D


# ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବୌଦ୍ଧ, ୧୧।୧୨
(ଅଜିତ କୁମାର ବାରିକ)

ଆୟକର ବିଭାଗ ପକ୍ଷରୁ ମଦ ବ୍ୟବସାୟୀ ରାଜ୍ୟସଭା ସଦସ୍ୟ ଧୀରଜ ସାହୁ ଓ ତାଙ୍କ ମଦ ବ୍ୟବସାୟ ଉପରେ ଚଢାଉ କରାଯାଇ କୋଟି କୋଟି ଟଙ୍କା ଜବତ ଘଟଣାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ସୋମବାର ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ରାଜ୍ୟସଭା ସଦସ୍ୟ ଧୀରଜ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧିରଜ ସାହୁଙ୍କ ସଭ୍ୟପଦ ରଦ୍ଦ କରିବାକୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ଉପସଭାପତି କୃଷକ ମୋର୍ଚ୍ଚା ସୂର୍ଯ୍ୟନାରାୟଣ ମହାପାତ୍ର, ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ମାଗୁଣି ଗାଇଗୌରିଆ, ଶିଶିର ଘୋଷ, ତାପସ ପଟ୍ଟନାୟକ, ମନୋରଞ୍ଜନ ଦାଶ, ନମିତାରାଣୀ ଦାଶ, ନିବେଦିତା ମହାକୁଡ, ବନମାଳି ରଣା, ତ୍ରିପୁରାରୀ ବେହେରା, ବିକାଶ ମହାକୁଡ, ଶ୍ୟାମସୁନ୍ଦର ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।


ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଶପୁତ୍ତଳିକା ଦାହ କରାଯାଉଛି ।


## ODISHA COAL AND POWER LTD.
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

### TENDER NOTICE

NIT No.: OCPL/SITE-98/2023 Date: 12.12.2023

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)

# ବାଲ୍ୟ ବିବାହ ମୁକ୍ତ ଦେବଗଡ଼ ପାଇଁ ସଂକଳ୍ପ ଯାତ୍ରା

ଦେବଗଡ,୧୧।୧୨
(ଶଶାଙ୍କ ଶେଖର ଝାଙ୍କର)



ଜଣେ ଛାତ୍ରୀ ନାଟକ ପ୍ରଦର୍ଶନ କରୁଛନ୍ତି।

୨୦୨୪ ସୁଦ୍ଧା ଦେବଗଡ ଜିଲାକୁ ସମ୍ପୂର୍ଣ୍ଣଭାବେ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ କାର୍ଯ୍ୟକ୍ରମମାନ ୨ ବର୍ଷ ଧରି ଆୟୋଜିତ ହୋଇ ଆସୁଛି। ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ଦ୍ୱାରା ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଗୁଡିକ ବାଲ୍ୟ ବିବାହ ମୁକ୍ତ ଅଞ୍ଚଳ ଓ ବାଲ୍ୟ ବିବାହ ସୂଚନା ପ୍ରଦାନକାରୀଙ୍କ ପାଇଁ ୩ ହଜାର ପୁରସ୍କାର ଘୋଷଣା, ପ୍ରତ୍ୟେକ ଗ୍ରାମ , ପଞ୍ଚାୟତ ଓ ବ୍ଲକରେ ବାଲ୍ୟ ବିବାହ ବିରୋଧ ମଞ୍ଚ ଗଠନ , ଗ୍ରାମରେ ହେଉଥିବା ପ୍ରତ୍ୟେକ ବିବାହକୁ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଯାଞ୍ଚ ଓ ପଞ୍ଜୀକରଣ ଏବଂ ଅନେକ ସଚେତନତା ଧର୍ମୀ କାର୍ଯ୍ୟକ୍ରମ କରାଯାଉଛି। ଗତ ୧୦ରୁ ଜିଲା ଶିଶୁ ସୁରକ୍ଷା ବିଭାଗର ସହାୟତା ଓ ତତ୍ତ୍ୱାବଧାନରେ ପିଲାମାନେ ଏକ ନାଟ୍ୟଦଳ ଗଠନ କରି ପ୍ରତ୍ୟେକ ଶନିବାର ଓ ରବିବାର ଗ୍ରାମକୁ ଗ୍ରାମ ବୁଲି ପଥପ୍ରାନ୍ତ ନାଟକ ମାଧ୍ୟମରେ ବାଲ୍ୟ ବିବାହର କୁପ୍ରଭାବ ଓ ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବାପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ପ୍ରଯୋଜିତ, ଦାମୋଦର ସାହୁଙ୍କ ଦ୍ୱାରା ରଚିତ ଓ ସୁଶାନ୍ତ ମହାରଣାଙ୍କ ଦ୍ୱାରା ନିର୍ଦ୍ଦେଶିତ ପଥପ୍ରାନ୍ତ ନାଟକ ଜହରକୁ ରିଆମାଳର କେଜିବିଭିର ଶିଶୁ କଳାକାର ନମିତା ତଣ୍ଡ, ମନୀଷା କିଷାନ, ଇଲା ବେହେରା, ଲଳିତା ସୁନା, ବିଜୟଲକ୍ଷ୍ମୀ ନାୟକ, ମଞ୍ଜରି ପ୍ରଧାନ, ସୁରତି ମାଝି , ନନ୍ଦିନୀ ପାତ୍ର , ଶିବାନୀ ବେହେରା ଓ ଲଭଲୀ ନାୟକ ଅଭିନୟ କରି ବାଲ୍ୟ ବିବାହ ଦାୟିତ୍ୱରୁ ମୁକ୍ତି ନୁହେଁ ବରଂ ଶୈଶବ ପ୍ରତି ଅନ୍ୟାୟ ବୋଲି ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି। ଏହି ଶିଶୁ ପଥପ୍ରାନ୍ତ ନାଟ୍ୟ ଦଳ ରବିବାର ରେଙ୍ଗାଲବେଡାରୁ ଅଭିଯାନ ଆରମ୍ଭ କରି ଜିଲା ସଦର ମହକୁମାର ହାତୀଶାଳ ସାହି, ଗୋପବନ୍ଧୁ ଛକ ଓ ସୋମବାର ବୁଢାପାଳ, ନଉଲିପଡ଼ା ଓ କଣ୍ଠାବାହାଲରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଜିଲା ସଦର ମହକୁମାର କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥିଭାବେ ଉପନଗରପାଳ ପ୍ରଜିତ ଭୋଜ, ମଞ୍ଜୁଲ ନାୟକ, ପୂର୍ଣ୍ଣଚନ୍ଦ୍ର ବୁଢ, ଉପେନ୍ଦ୍ର ଭଞ୍ଜ , ଅବନୀ ମିଶ୍ର ଉପସ୍ଥିତରହି କୁନି କଳାକାରଙ୍କୁ ପୁରସ୍କୃତ କରିଥିଲେ। ଏହି ପଥପ୍ରାନ୍ତ ନାଟକ ଅଭିଯାନକୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ଆକସନଆଡ ଜିଲା ସଂଯୋଜକ ବିରେନ୍ଦ୍ର ମହାପାତ୍ର , କେଜିବିଭିର ଶୁଭଲକ୍ଷ୍ମୀ ମହାପାତ୍ର, ସବିତା ଭୋଇ , କୁମୁଦିନୀ ମାହାକୁଡ ଓ ତପନ ପ୍ରଧାନ ପରିଚାଳନା କରୁଛନ୍ତି। ଜିଲାକୁ ବାଲ୍ୟ ବିବାହ ମୁକ୍ତର ଲକ୍ଷ୍ୟ ନେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଅଭିଯାନରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ଶିଶୁ କଳାକାର ସାମିଲ ହୋଇ ଆଗକୁ ବାରକୋଟ ବ୍ଲକର ବଲମ, କନ୍ଧଳ, ବିଜୟନଗର, ରମ୍ଭେଇ , ଦାନ୍ତରିବାହଲ ଅଞ୍ଚଳରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କର୍ମଶାଳା

ଦେବଗଡ଼,୧୧।୧୨
(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ ଓ ଜନସେବା କେନ୍ଦ୍ରର ମିଳିତ ସହଯୋଗରେ ବାରକୋଟ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସଂପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ପ୍ରଦୀପ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ତାଲିମ୍ ଶିଳ୍ପ ଅନୁଷ୍ଠାନର ଅଧ୍ୟକ୍ଷ ସାମା ଓରାମ, ତାଲିମ୍ ଅଧିକାରୀ ସୁରେଶ ଚନ୍ଦ୍ର ଶାମାସି, ଜାତୀୟ ଦକ୍ଷତା ବିକାଶ ନିଗମର ରାଜ୍ୟ ମୁଖ୍ୟ ସ୍ମୃତି ରଞ୍ଜନ ବିଶ୍ୱାଳ, ଜନ ସେବା କେନ୍ଦ୍ରର ପରିଚାଳକ ପରେଶ କୁମାର ପ୍ରଧାନ, ନେହେରୁ ଯୁବ କେନ୍ଦ୍ର ସଂଗଠନର ସହକାରୀ ନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂ ପ୍ରମୁଖ ଯୋଗଦେଇ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଯୋଜନାରେ କିପରି ପଞ୍ଜିକରଣ କରିବା ଏବଂ ଏହାର ସୁଫଳ ପାଇ ପାରିବା ସେ ବିଷୟରେ ପରାମର୍ଶ ଦେଇଥିଲେ। ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନର ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଶୁଭମ୍ ପୃଷ୍ଟି, ମନୋରଞ୍ଜନ ବେହେରା, ନରେନ୍ଦ୍ର ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ରଞ୍ଜିତ ପ୍ରଧାନ, ଅର୍ଚ୍ଚନା ଦଳେଇ, କୁମୁଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୧୧।୧୨
(ପ୍ରମୋଦ ବହିଦାର)

ସମ୍ବଲପୁର ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା–୨୦୨୩ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଭୁବନେଶ୍ୱର ଓ ସମ୍ବଲପୁର ଶିଶୁ ସୁରକ୍ଷା ଭିଭାଗର ମିଳିତ ଆନୁକୂଲ୍ୟରେ ପ୍ରତିଯୋଗିତ ଆୟୋଜିତ ହୋଇଛି। ଏଥିରେ ମୋଟ ୫ଟି ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସାଧାରଣ ବର୍ଗ ମଧ୍ୟରେ ସବ ଜୁନିୟର, ଜୁନିୟର ଓ ସିନିୟର ଏବଂ ଭିନ୍ନକ୍ଷମ ବିଭାଗରେ ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ମୁଖ୍ୟଅତିଥି ଓ ଜିଲା ଶିଶୁ ସୁରକ୍ଷା ବିଭାଗର କାଉନସେଲର ଉତ୍ତମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ସମିତିର ବିଧୁ ମୋହନ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପୁଷ୍ପାଞ୍ଜଳି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ଭବ୍ୟ ସ୍ୱାଗତ

କୁଚିଣ୍ଡା,୧୧।୧୨(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକର କୁନ୍ତରା ଓ କୁସୁମୀ ପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସଂକଳ୍ପ ଯାତ୍ରା ରଥକୁ ଉଭୟ ପଞ୍ଚାୟତରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, କୁନ୍ତରା ସରପଞ୍ଚ ସୁନୀତା କିଷାନ, କୁସୁମୀ ସରପଞ୍ଚ ସଂକୀର୍ତ୍ତନ କିଷାନ, ସମିତିସଭ୍ୟ ଧ୍ରୁବଚରଣ କିଷାନ, ବିଡିଓ ନିରଞ୍ଜନ ସା, ଏବିଡିଓ ସହଦେବ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ। ପରେ ଏଲଇଡି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ କୁନ୍ତରାରେ ବିପିଏମ୍ ଟିପେନ୍‌ସନ୍ ବେହେରା ପରିଚାଳନା କରିଥିବା ବେଳେ କୁସୁମୀ କାର୍ଯ୍ୟକ୍ରମକୁ ଏବିଡିଓ ସହଦେବ ନନ୍ଦ ପରିଚାଳନା କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡି, ଆଶାକର୍ମୀ, ସିଆର୍‌ପି, ଏମ୍‌ବିକେ, ଏଏନ୍‌ଏମ୍, କୃଷିମିତ୍ର, ଗୋମିତ୍ର, ବ୍ୟାଙ୍କମିତ୍ର, ସ୍ୱେଚ୍ଛାସେବୀ ସଂଗଠନ, ଏସ୍‌ଏଚ୍‌ଜି ସଦସ୍ୟ ଯୋଗଦେଇ ରାଷ୍ଟ୍ର ଏକତା, ଅଖଣ୍ଡତା, ସୁରକ୍ଷା ସମ୍ପର୍କିତ ସାମୂହିକ ଶପଥ ପାଠ କରି ସଂକଳ୍ପ ନେଇଥିଲେ।

## ବାମଣ୍ଡା ସାହିତ୍ୟ ସଂସଦର ବାର୍ଷିକ ସମାରୋହ


ସମାରୋହରେ ମଞ୍ଚାସୀନ ଅତିଥିମାନେ।

ଦେବଗଡ଼,୧୧।୧୨(ଶଶାଙ୍କ ଶେଖର ଝାଙ୍କର )

ଦେବଗଡସ୍ଥିତ ସଂସ୍କୃତି ଭବନଠାରେ ବାମଣ୍ଡା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ ଏବଂ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଆବାହକତ୍ୱ ଏବଂ ମୁରଲୀଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ, ସମ୍ମାନିତ ଅତିଥି ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ,ଶୋଭାରାମ ନାୟକ,ରୋହିତ କୁମାର ପଟେଲ ଓ କବୟିତ୍ରୀ ତଥା କବିତା ସଂଯୋଜିକା ସୁମିତ୍ରା ପୁରୋହିତ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅପରାହ୍ନରେ ଆୟୋଜିତ ୨ୟ ଅଧିବେଶନର କାର୍ଯ୍ୟକ୍ରମରେ ଉପରୋକ୍ତ ଅତିଥିଙ୍କ ସହିତ ସମ୍ମାନିତ ଅତିଥିଭାବେ ନାରାୟଣ ନାୟକ ଓ ଶଶୀଭୂଷଣ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମୁରଲୀଧର ନାୟକ, ନିତ୍ୟାନନ୍ଦ ମିଶ୍ର ଓ ଗୌରହରି ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ସୁମିତ୍ରା ପୁରୋହିତଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ତଥା ବାହାରୁ ଆସିଥିବା ୬୮ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ନିତ୍ୟାନନ୍ଦ ଖମାରୀ,କରୁଣାକର ବାରିକ ଓ ନୃତ୍ୟଶିଳ୍ପୀ ସରିତା କର୍ମୀଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନୃତ୍ୟଶିଳ୍ପୀ ସରିତା କର୍ମୀ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଭୂତି ଗଙ୍ଗଦେବ,ଗୌରହରି ଷଡ଼ଙ୍ଗୀ, ପ୍ରମୋଦ ନାୟକ, ଯତୀନ୍ଦ୍ର ପ୍ରଧାନ, ଜଗମୋହନ ସାହୁ ଓ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ସଂସଦର ସମସ୍ତ ସଦସ୍ୟା ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ। ବାମଣ୍ଡା ସାହିତ୍ୟ ସଂସଦର କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରେଢାଖୋଲ,୧୧।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବ୍ଲକ ଚାରମାଳ ପଞ୍ଚାୟତରେ ଚାଲିଥିବା ବିଜେଡିର ୩ ଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିବସରେ ନାକ୍ଟିଦେଉଳ ବ୍ଲକ ଜୋନ ୧, ରେଢାଖୋଲ ଏନ୍‌ଏସି ଓ ଯୁଯୁମୁରା ଜୋନ ୧ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ଯୁଯୁମୁରା ଜୋନ ୨, ରେଢାଖୋଲ ଜୋନ ୨ ଓ ନାକ୍ଟିଦେଉଳ ଜୋନ ୨ ଏବଂ ଉଦ୍‌ଯାପନୀ ଦିବସରେ ରେଢାଖୋଲ ଜୋନ ୧ ଓ ମାନେଶ୍ୱର ବ୍ଲକର କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରରେ ବିଧାୟକ ରୋହିତ ପୂଜାରୀ, ରେଢାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପଧାନ, ନାକ୍ଟିଦେଉଳ ବ୍ଲକ ସଭାପତି ମୁଳିଆ ରାଉଳ, ରେଢାଖୋଲ ବ୍ଲକ ସଭାପତି ଉଦିତ ତ୍ରିପାଠୀ, ଯୁଯୁମୁରା ବ୍ଲକ ସଭାପତି ବିନୋଦ ବଡପଣ୍ଡା, ମାନେଶ୍ୱର ସଭାପତି ଗୋପିରଞ୍ଜନ ବେହେରା, ଜିଲାପରିଷଦ ସଭ୍ୟା ଶ୍ରାବଣୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱରରୁ ଆସିଥିବା ବିଜେଡି ନେତା ପାର୍ଥସାରଥି ମହାପାତ୍ର, ଅବିନାଶ ଠାକୁର ଓ ବିଶ୍ୱପ୍ରସାଦ ସାହୁ ପ୍ରମୁଖ କର୍ମକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## କୃଷକ ସଂଘର ୧୨ଦଫା ଦାବିପତ୍ର


କୃଷକ ସଂଘ କର୍ମକର୍ତ୍ତା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରେଢାଖୋଲ,୧୧।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବ୍ଲକ ସନ୍ଥକବି ଭୀମଭୋଇ କୃଷକ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଅଦିନିଆ ବର୍ଷା ସହିତ ବନ୍ୟଜନ୍ତୁଙ୍କ ଦ୍ୱାରା ନଷ୍ଟ ହୋଇଥିବା ଫସଲ ବାବଦରେ କ୍ଷତିପୂରଣ ପ୍ରଦାନ, ମଣ୍ଡିରେ କଟ୍‌ନୀଛଟ୍‌ନୀ ବନ୍ଦ କରିବା, ଧାନ କୁଇଣ୍ଟାଲ ପିଛା ୩୨ଶହ ଟଙ୍କାକୁ ବୃଦ୍ଧି, ଚାଷୀମାନଙ୍କୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ, ବିଦ୍ୟୁତ୍ ଦେୟ ଛାଡ ଆଦି ଉଲ୍ଲେଖ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ତଥା ଲୁହାପଙ୍କ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଂଘର ପ୍ରମୋଦ ପ୍ରଧାନ, ଅଜୟ ସାହୁ, ଭଗାନ ପ୍ରଧାନ, ଉମେଶ ଧଳ, ମହେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ

ଦେବଗଡ଼,୧୧।୧୨(ଶଶାଙ୍କ ଶେଖର ଝାଙ୍କର )

କଂଗ୍ରେସ ଦଳର ଏମ୍‌ପି ଧିରଜ ସାହୁଙ୍କ ପାଖରୁ ୫ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବାହାରିବା ପ୍ରତିବାଦରେ ଦେବଗଡ ଜିଲା ଭାଜପା ପକ୍ଷରୁ ସୋମବାର ଜିଲାପଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଭାଜପା ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ଧିରଜଙ୍କ ବିରୋଧରେ ବର୍ଷିବା ସହ ବିଜେଡି ସରକାରର ଅନୁକମ୍ପାରେ ସାହୁ ଏଭଳି ବେଆଇନ ଟଙ୍କା ଠୁଳ କରିଥିବା ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପ ସଭାପତି ସତ୍ୟନାରାୟଣ ପାଣି, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଉପ ନଗରପାଳ ପ୍ରଜିତ କୁମାର ଭୋଜ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ସନ୍ତୋଷ କୁମାର ଭୁଟିଆ, କାଉନସିଲର କାର୍ତ୍ତିକ ମହାକୁଳ,ଦିବ୍ୟଶଙ୍କର ଖୁଣ୍ଟିଆ, ଯୋଗେଶ ଚନ୍ଦ୍ର ପ୍ରଧାନ, ନରୋତମ ସାହୁ, ସୁଧିର କୁମାର ପ୍ରଧାନ, ରମଣୀ ରଞ୍ଜନ ଆଚାର୍ଯ୍ୟ, ଆଲୋକ କୁମାର ଦ୍ୱିବେଦୀ, ବାବୁଲି କର, ଚନ୍ଦ୍ରଶେଖର ମହାପାତ୍ର, ଜଗନ୍ନାଥ ବେହେରା, ପ୍ରତାପ ପଣ୍ଡା, ବାବୁଲି ପ୍ରଧାନ, ରାଘବ ମହାରଣାଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

## ନୂଆ–ଓ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା

ପଡିଆବାହାଲ, ୧୧।୧୨
(ରାଧାମୋହନ ଷଡ଼ଙ୍ଗୀ)

ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସୋମବାର ଯୁଯୁମୁରା ବ୍ଲକ ପଡିଆବାହାଲ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଛି। ସମ୍ବଲପୁର ଜୋନ ସିଏଚ୍‌ଏସ୍‌ଇ ଡେପୁଟି ସେକ୍ରେଟାରୀ ମହେନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଅକ୍ଷୟ ମହାପାତ୍ରଙ୍କ ନେତୃତ୍ୱରେ ନୋଡାଲ ଅଫିସର ପ୍ରମୋଦ ନାୟକ ଓ ଅମିତ ନାଗଙ୍କ ପରିଚାଳନାରେ ଛାତ୍ରୀଛାତ୍ର ଏକ ମଶାଲ ଶୋଭାଯାତ୍ରାରେ ବାହାରି ପଡିଆବାହାଲ ବଜାର ପରିକ୍ରମା କରି ପଧାନପାଲିସ୍ଥିତ ଖେଳପଡିଆରେ ପହଞ୍ଚିଥିଲା। ଏ ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟା କବିତା ସାହୁ, ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ପୂର୍ବତନ ସରପଞ୍ଚ ମିତ୍ରଭାନୁ ପଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶରେ ସହାୟକ ହେବ ବୋଲି କହିଥିଲେ। ପ୍ରଥମ ଦିନରେ ଶହେ ମିଟର ଦୌଡ଼ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ

ଇ-ଟେଣ୍ଡର ସଂ.41-eT-SDENC-SBP-23

କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ୍ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ୍), ସମ୍ବଲପୁର
PR-871/O/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-

ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-868/O/23-24

**कार्यपालक अभियंता का कार्यालय,**
**ग्रामीण विकास विशेष प्रमंडल, जमशेदपुर**
**Email ID- rdsdjamshedpur@gmail.com**

:–शुद्धि पत्र:–

इस कार्यालय का ई0–निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :– 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :–

1. वेबसाइट में निविदा प्रकाशन की तिथि – 12.12.2023
2. ई–निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई–निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई–निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्त्ते यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल,
जमशेदपुर

PR313163 (Rural Development)23-24*D


## ପଶ୍ଚିମ ଓଡ଼ିଶାର ପାରମ୍ପରିକ ଗଣ୍ଡା ବାଜାକୁ ମାନ୍ୟତା ଦାବି

ସମ୍ବଲପୁର,୧୧।୧୨(ବି.ଶଙ୍କର)


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପଶ୍ଚିମ ଓଡିଶାର ପାରମ୍ପରିକ ବାଦ୍ୟ ହେଉଛି ଗଣ୍ଡା ବାଜା। ଏହି ବାଦ୍ୟ ରାଜ୍ୟ, ଦେଶ ଓ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗଣ୍ଡା ବାଜା ବାଜିବା ମାତ୍ରେ ଆବାଳ ବୃଦ୍ଧ ବନିତା ନାଚିଉଠନ୍ତି। ବିଦେଶୀମାନେ ମଧ୍ୟ ନାଚୁଥିବା ନଜିର ରହିଛି। ଏହି ବାଦ୍ୟକୁ କେବଳ ଗଣ୍ଡାମାନେ ବଜାଇଥାନ୍ତି। କିନ୍ତୁ ପରିତାପର ବିଷୟ ସମ୍ପ୍ରତି ଏହି ବାଜାକୁ ବିକୃତ କରାଯାଉଛି। ନାମ ପରିବର୍ତ୍ତନ କରାଯାଇ ପଞ୍ଚବାଦ୍ୟ ଓ ଦୁଲଦୁଲି ବୋଲି କୁହାଯାଉଛି। ତେଣୁ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାର ପାରମ୍ପାରିକ ଗଣ୍ଡା ବାଜାକୁ ସ୍ୱୀକୃତି ଦେବାର ଆବଶ୍ୟକତା ରହିଛି। ସୋମବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ କର୍ମକର୍ତ୍ତାମାନେ ଏହା କହିଛନ୍ତି। ସେମାନେ ଆହୁରି କହିଥିଲେ, ଗଣ୍ଡା ବାଜା ନାମକୁ ବିକୃତ କରୁଥିବା କଳାକାର, କଳା ଅନୁଷ୍ଠାନଗୁଡିକ ପ୍ରତି ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ଉଚିତ। ନଚେତ ଆଗାମୀ ଦିନରେ ଗଣ୍ଡା ସମାଜ ଓ କଳାକାରମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଖବରଦାତା ସମ୍ମିଳନୀରେ ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦର ସଭାପତି ନିହାଲ ସିଂ, ଉପଦେଷ୍ଟା ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ, ଜିଲା ଆବାହକ ଆଶିଷ ମହାନନ୍ଦ ଉପସ୍ଥିତ ରହି ଗଣ୍ଡା ବାଜା ବିଷୟରେ ସୂଚିତ କରିଥିଲେ।


**ODISHA COAL AND POWER LTD.**
OCPL Odisha Coal and Power Limited
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No.: OCPL/SITE-98/2023 Date: 12.12.2023

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)

## ସଂକ୍ଷେପରେ

### ସୁବଳୟା କଲେଜରେ ଖାଉଟି ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୧।୧୨(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ରେଆର ତରଫରୁ ଯୁବ ଓଡିଶା ନବୀନ ଓଡ଼ିଶା ଅନ୍ତର୍ଗତ ଯୁବ ବିକାଶ କାର୍ଯ୍ୟକ୍ରମରେ ଏକ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦେବାଶିଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଯୋଗଦେଇ ଖାଉଟି ସୁରକ୍ଷା ଆଇନ ୨୦୧୯ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ । ଖାଉଟି ଠକେଇର ଶିକାର ହେଲେ ଖାଉଟି ଅଦାଲତର ଆଶ୍ରୟ ନେଇ ପାରିବେ ବୋଲି କହିବା ସହ ଜିନିଷ କିଣିଲା ସମୟରେ ବିଲ୍ ମାଗିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଖାଉଟି ପରାମର୍ଶ କେନ୍ଦ୍ରର ପରାମର୍ଶଦାତା ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବିନିକା ମହିଳା କଲେଜରେ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ

**ବିନିକା ୧୧।୧୨(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ଜୁନିୟର ମହିଳା କଲେଜଠାରେ ସୋମବାର ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଏଲଏଫଏମ ଦିଲ୍ଲୀପ ବେହେରା ଯୋଗଦେଇ ସମସ୍ତ ବିପର୍ଯ୍ୟୟର ମୁକାବିଲା କିପରି କରାଯାଇ ପାରିବ ସେ ଉପରେ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ବୈଜନ୍ତି ସାହୁ ମଞ୍ଚ ପରିଚାଳନା କରିଥିଲେ। ଯୁବ ଓଡ଼ିଶା ନବୀନ ଓଡ଼ିଶାର ନୋଡାଲ ଅଫିସର ସବ୍ୟସାଚୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ମଞ୍ଚସ୍ଥ ହେଲା ନାଟକ ସମ୍ଭବାମୀ ଯୁଗେ ଯୁଗେ

**ବୌଦ୍ଧ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା**

ବୌଦ୍ଧ, ୧୧।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ନାଟ୍ୟୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସ୍ଥାନୀୟ କଳାକାରଙ୍କୁ ନେଇ ନାଟକ ଆରମ୍ଭ ପୂର୍ବରୁ ଏକ ନୃତ୍ୟ ନାଟିକା ଭୃଗୁପତି ଭାର୍ଗବ ପରିବେଷିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ନାଟକ ପରିବେଷଣ ହୋଇଥିଲା ସମ୍ଭବାମୀ ଯୁଗେ ଯୁଗେ। ଏହି ନାଟକରେ ବଳରାମଙ୍କ ଜନ୍ମଠାରୁ ଆରମ୍ଭ ହୋଇ କୃଷ୍ଣ ଜନ୍ମ, ନନ୍ଦ ଉତ୍ସବ, ପୁତନା ବଧ ସହ କୃଷ୍ଣଙ୍କ ଅନ୍ନପ୍ରାସନ୍ନ, ଶକଟାଶୁର ବଧ ପର୍ଯ୍ୟନ୍ତ ପରିବେଷିତ ହୋଇଥିଲା। ଏହି ନାଟ୍ୟୋତ୍ସବରେ ସମସ୍ତ ନାଟକଗୁଡିକ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ହୋଇଥିବାବେଳେ ଓ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହେଉଛି। ଏହି ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ସହରର ବିଭିନ୍ନ ଛକଜାଗାରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଛି। ନାଟକରେ କଂସ ଚରିତ୍ରରେ



ଧନୁଯାତ୍ରା ନାଟକର ଏକ ଦୃଶ୍ୟ।

ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର, ଦେବକୀ ଆନନ୍ଦ ସିଂ, ନନ୍ଦ ଇନ୍ଦ୍ରମଣୀ ମେହେର, ଯଶୋଦା ସାନୁର୍ଯ୍ୟ ବାରିକ, ପୁତନା ବିଶ୍ୱରଞ୍ଜନ ସାହୁ, ଶକଟାଶୁର ଭୂମିକାରେ ପୀତବାସ ମେହେର ଅଭିନୟ କରିଥିଲେ। ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମିନାବଜାର ଓ ବାଣିଜ୍ୟମେଳାର ଆୟୋଜନ କରାଯାଇଛି। ଶୀତୁଆ ସନ୍ଧ୍ୟାରେ ନାଟକ ଦେଖିବା ପାଇଁ ଲୋକଙ୍କ ଗହଳି ହେଉଥିବା ଦେଖିବାକୁ ମିଳିଛି। ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର ଓ ସମ୍ପାଦକ ପଙ୍କଜ ମେହେର ଓ ନାଟ୍ୟ ପରିଷଦର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳନା ହେଉଛି। ତୃତୀୟ ରଜନୀରେ ନାଟକ ମଥୁରାର କଳଚାନ୍ଦ ଗୋପରେ ବଢୁଛି ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ପଙ୍କଜ ମେହେର ପ୍ରକାଶ କରିଛନ୍ତି।

# ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ସଭାନେତ୍ରୀ ସମ୍ମାନିତ



ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭ୍ୟାମାନଙ୍କ ଉପସ୍ଥିତିରେ ସଭାନେତ୍ରୀ ମୀନା ମହାରଣାଙ୍କୁ ସମ୍ମାନିତ କରାଯାଉଛି।

ସୋନପୁର,୧୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସମାଜସେବା ପାଇଁ ସୋନପୁରର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ଓ ଏହାର ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ସ୍ଥାପନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଆୟୋଜିତ ମିଟି କା ଗୁମାନ ସମାରୋହ-୨୦୨୩ ଉପଲକ୍ଷେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରକୁ ପ୍ରଶଂସାଯୋଗ୍ୟ ସମାଜସେବା ପାଇଁ ସମ୍ମାନିତ କରାଯାଇଥିବା ବେଳେ ଏହାର ସଭାନେତ୍ରୀ ମହାରଣାଙ୍କୁ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ 'ସ୍ୱପ୍ନ ବିନୋଦିନୀ' ଗୌରବାବହ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମାରୋହ ସଭାରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳପତି ଡ. ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟ୍ରଷ୍ଟର ସଂସ୍ଥାପିକା ନିବେଦିତା ନାୟକ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ତରଫରୁ ସଭାନେତ୍ରୀଙ୍କ ସହ ସମ୍ପାଦିକା ମଞ୍ଜୁଳା ମିଶ୍ର, ଉପ ସଭାପତି ଭଗବତୀ ରାୟଗୁରୁ, ଉର୍ମିଳା ସାହୁ, ଇନ୍ଦୁମତି ପୁରୋହିତ, ମଞ୍ଜୁଲତା ଝାଙ୍କର, ଆରତୀ ଖମାରି, ଗୀତା ବହିଦାର, ପଙ୍କଜିନୀ ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନୀତା ମିଶ୍ର, ବାସନ୍ତୀ ପାତ୍ର ଓ ପ୍ରଦୀପ ବଣ୍ଡକି ପ୍ରମୁଖ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ।

## ଉଲୁଣ୍ଡା ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା, ପୁତନା ପ୍ରେରଣ

ଉଲୁଣ୍ଡା,୧୧।୧୨(ଉରୁକ୍ରମ ପାଣ୍ଡିଆ)

ଉଲୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ସୋମବାର ଚତୁର୍ଥ ଦିବସରେ ପୌରାଣିକ କଥାବସ୍ତୁକୁ ଆଧାର କରି ରାଜ ଦରବାର ଅନୁଷ୍ଠିତ ହୋଇଥିଲା। ବିଜୁଳି କନ୍ୟାର ଚେତାବନୀରେ କଂସ ବ୍ୟତିବ୍ୟସ୍ତ ହୋଇଥିଲେ। ଦେବକୀଙ୍କ ଅଷ୍ଟମଗର୍ଭ ସନ୍ତାନ କୃଷ୍ଣଙ୍କୁ ବଧ କରିବା ପାଇଁ ଚକ୍ରାନ୍ତ କରନ୍ତି। ମନ୍ତ୍ରୀ ସତ୍ରାଜିତଙ୍କ ପରାମର୍ଶ କ୍ରମେ ବିଷ କନ୍ୟା ପୁତନାକୁ ଗୋପପୁରରେ ବଢୁଥିବା ସମସ୍ତ ଦୁଗ୍ଧ ପୌଷ୍ୟ ଶିଶୁଙ୍କୁ ନିହତ କରିବା ପାଇଁ ମଥୁରାରୁ ଗୋପପୁରକୁ କଂସଙ୍କ ପ୍ରେରଣ ଅଭିନୀତ ହୋଇଥିଲା। ରାଜ ଅତିଥି ଭାବରେ ଯୁବନେତା ଆକାଶ ମିଶ୍ର ଏବଂ ସନ୍ତୋଷ ମିଶ୍ର ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦରବାରରେ ଫବସି ପଥରିଏନ କଳା ପରିଷଦ ଓ ଆଞ୍ଚଳିକ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା

ବାଉଁଶୁଣୀ, ୧୧।୧୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିପଦର ଓ ତାଳସରଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଣ୍ଡିପଦର ସରପଞ୍ଚ ସୁରୁଚି ଧଳ, ପିଇଓ ସୌଦାମିନୀ ନାୟକ, ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ, ତାଳସରଡା ସରପଞ୍ଚ ସସ୍ମିତା ପାଣ୍ଡେ, ତାଳସରଡା ଜିଆରଏସ୍ ଅମିତ କର୍ଣ୍ଣ, ପିଇଓ ପ୍ରଣୀତ ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ । ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ସଂକଳ୍ପ ଯାତ୍ରାର ପୁସ୍ତିକା ଓ କ୍ୟାଲେଣ୍ଡର ବଣ୍ଟନ କରାଯାଉଛି। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଉପରେ ସଚେତନ କରାଯାଇଥିଲା । ସ୍ୱାସ୍ଥ୍ୟ ଓ କୃଷି ବିଭାଗ ପକ୍ଷରୁ କ୍ୟାମ୍ପ କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ପଞ୍ଚାୟତରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକେ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ ।



ଭାରତ ସଂକଳ୍ପ ରଥକୁ ସ୍ୱାଗତ କରାଯାଉଛି।

# ସମ୍ବଲପୁରକୁ ଟାଇଟଲ

**ରାଧାଗୋବିନ୍ଦ ମେମୋରିଆଲ କ୍ରିକେଟ**

ତରଭା, ୧୧।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଏନଏସି ଖେଳ ପଡିଆରେ ରଧାଗୋବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଟିଟିଲାଗଡ଼ ଓ ସମ୍ବଲପୁର ୪ସି ମଧ୍ୟରେ ମୁକାବଲା ହୋଇଥିଲା। ଟସ୍ ଜିତି ଟିଟିଲାଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ରନ କରିଥିଲା। ଜବାବରେ ସମ୍ବଲପୁର ୪ସି ଦଳ ୨୧.୪ଓଭରରେ ୪ଉଇକେଟ ବିନିମୟରେ ୧୫୨ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ତରଭା ଏଇଏସ କଲେଜ ଅଧ୍ୟକ୍ଷା ସୁଶ୍ରୀ ମିନତୀ ମିଶ୍ର, ସମ୍ମାନୀତ ଅତିଥିଭାବେ ପବିତ୍ର ମୋହନ ସାହୁ, ତରଭା କ୍ରିକେଟ କ୍ଲବ ସଭାପତି ଆକବର ଅଲ୍ଲୀ, ମାନଭଞ୍ଜନ ମିଶ୍ର, ବିନୋଦ ପାଣିଗ୍ରାହୀ, ସୁନିଲ ଝାଝରିଆ, ରଶ୍ମିରଞ୍ଜନ ଦାସ, ଅର୍ଜୁନ ମହାପାତ୍ର, ସତ୍ୟବ୍ରତ ମିଶ୍ର, ନବାବ ଖାଁ, ଶେଖର ସାହୁ, ମୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ଏବଂ ରନର ଅପ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ସମ୍ବଲପୁରର ଅମିତ ସୁନା, ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର ସମ୍ବଲପୁରର ବିମଳ କର୍ମକାର, ଅଧିକ ରନ ସଂଗ୍ରହକାରୀ ତରଭାର ଲିକୁନ ପଣ୍ଡା, ଅନଲାଇନ ସ୍କୋରର ଫରିଦ ଖାଁଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିଜୟ ଯୁଆଡି



@ ଦାମୋଦର ମାଝି



@ ସଞ୍ଜୀବ ପ୍ରଧାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର: ୨୪୨ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

ଘଣ୍ଟାପଡ଼ା, ୧୧।୧୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ସରକାରୀ ହାଇସ୍କୁଲରେ ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗଙ୍କ ମିଳିତ ସହଯୋଗରେ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୁନେତ୍ର ଶିବିରରେ ୨୪୨ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଆବଶ୍ୟକ ଚଷମା ପ୍ରଦାନ କରାଯିବା ପାଇଁ ଚୟନ କରାଯାଇଥିଲା। ୮ଜଣଙ୍କୁ ଉଚ୍ଚ ଚିକିତ୍ସା ପାଇଁ ଉଚ୍ଚଚିକିତ୍ସାଳୟକୁ ପଠାଯାଇଛି। କଣ୍ଟାମାଳ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ବଲ୍ଲଭ ପ୍ରଧାନ, ଚକ୍ଷୁ ପରୀକ୍ଷକ ସନ୍ତୋଷ କୁମାର ବରାଡ ଓ ମହାନଦୀ ନେତ୍ର ଚିକିତ୍ସାଳୟର ଚିକିତ୍ସକମାନେ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ବାଳିକା ହାଇସ୍କୁଲରେ ତମାଖୁ ବର୍ଜନ ସଚେତନତା

ଅମରପାଲି,୧୧।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସୋମବାର ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଯୁଏଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଶତାଧିକ ଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ହୋତା ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହା ସହିତ ଏକ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଡାକ୍ତର ପ୍ରଣବ କୁମାର ମହାପାତ୍ର ତମାଖୁ ସେବନ ଯୋଗୁଁ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି, ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିପ୍ରତି ଛାତ୍ରୀଛାତ୍ର ବିଶେଷ ଧ୍ୟାନ ଦେବା କଥା ବୋଲି ସେ କହିଥିଲେ। ଏହି ଅବସରରେ ତମାଖୁ ବ୍ୟବହାର ନ କରିବାକୁ ଛାତ୍ରୀମାନେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଏକ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଆକାଶ ବେହେରା, ଆନନ୍ଦ ଦାୟିନୀ ସିଂ, ଅରୁନ୍ଧତୀ ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ ।



ତମାଖୁ ବର୍ଜନ ପାଇଁ ଶପଥ କରୁଛନ୍ତି ଛାତ୍ରୀ।

# ଦଳୀୟ କର୍ମୀଙ୍କୁ ପରାମର୍ଶ: ଭୋଟରଙ୍କ ପାଖକୁ ଯାଅ

**ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛି ବିଜେଡି**

ସୋନପୁର,୧୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କଲେଣି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରେ ଶାସକ ବିଜୁ ଜନତା ଦଳ ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତିକୁ ଜୋରଦାର କରିଛି। ସୋମବାର ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଓ ସୋନପୁର ବ୍ଲକର ହଜାର ହଜାର ସକ୍ରିୟ ସଦସ୍ୟା ସଦସ୍ୟଙ୍କୁ ନେଇ ଦଳ ପକ୍ଷରୁ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ନୂତନ ଟାଉନ ହଲ ପରିସରରେ ଆୟୋଜିତ ଶିବିରରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ନିଜ ବୁଥ୍‌ର ଭୋଟରଙ୍କ ନିକଟକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ପଚାରି



ପ୍ରଶିକ୍ଷଣ ଶିବିରରେ ବିଜେଡିର ନେତୃବୃନ୍ଦ ।

ବୁଝିବାକୁ ମନ୍ତ୍ରୀ ପୂଜାରୀ ଏହି ଅବସରରେ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବରଗଡ ବିଧାୟକ ତଥା ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବାକୁ ଆଚାର୍ଯ୍ୟ ଗୁରୁତ୍ୱାରୋପ କରିଥିଲେ। ବିଜେଡି ଜିଲା ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ସଭାରେ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ବିଜେଡି ସୋନପୁର ବ୍ଲକ ସଭାପତି ଶଙ୍କର ପ୍ରସାଦ ସା, ସୁବର୍ଣ୍ଣପୁର ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ମୀନତି ସାହୁ, ଛାତ୍ର ବିଜେଡି ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର, ନୀଳାମ୍ବର ଶତପଥୀ, ମାନଭଞ୍ଜନ ବେଦ୍‌ବାକ, ଗୋପାଳ ବରେଇ, ରାଜକୁମାର ସୁନାଙ୍କ ସମେତ ସମସ୍ତ ଦଳୀୟ କାଉନସିଲର, ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ଶିବିରରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ସଞ୍ଜିବ ପୃଷ୍ଟି ଓ ଦେବାଶିଷ ସ୍ୱାଇଁ ଦଳୀୟ ରଣକୌଶଳ ଓ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କର୍ଲାମୁଣ୍ଡା କପ୍ ଫୁଟ୍‌ବଲ: ବୌଦ୍ଧ ବିଜୟୀ

କର୍ଲାମୁଣ୍ଡା,୧୧।୧୨(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁସ୍ଥିତ ଚିନାବାଡ଼ି ପଡିଆଠାରେ ଚାଲିଥିବା କର୍ଲାମୁଣ୍ଡା କପ ଫୁଟବଲ ଟୁର୍ଣାମେଣ୍ଟ ସୋମବାର ଥିଲା ଦ୍ୱିତୀୟ ଦିବସ। ସୋନପୁର ଓ ବୌଦ୍ଧ ମଧ୍ୟରେ ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଦଳ ବିଜୟୀ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ କଂଗ୍ରେସ ସଭାପତି ସମୀର ଚାନ୍ଦ, ସମ୍ମାନିତ ଅତିଥି ଭାବେ ଜୋରାଡବରା ସରପଞ୍ଚ କ୍ଷିତିସୁତା ସାହୁ, ସରୋଜ ସାହୁ, ଆୟୋଜକ କମିଟି ସଭାପତି ଡୁଲାମଣି ଭୋଇ, ସମ୍ପାଦକ ଦୁର୍ଲଭ ମେହେର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଚଞ୍ଚଳ ମାଝି, ରାଜେଶ କୁମାର, ବିଶେଶ୍ୱର ପଧାନ ଖେଳ ପରିଚାଳନା କରିଥିଲେ। ଫୁଟବଲ ଟିମ ସଦସ୍ୟ ନୀଳମାଧବ ଭୋଇ, ବିରେନ ସାହୁ, ଅନିଲ ସାହୁ, ମୁକେଶ କୁମାର ସାହୁ, ସଲଟି ବର୍ଗର୍ତି, ସୀତୁ ସାହୁ, ବିରୁ ସାହୁ, ବବଲୁ ସାହୁ, ଜିତ ସାହୁ, ବିପିନ ସାହୁ, ମଣି ମେହେର, ନମିତ ସୁନା, ରାଜା ସାହୁ, ତପନ ଛତ୍ରିଆ , ଅଭିଷେକ ସାହୁ, ଟୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ଚିର୍ଲା ଓ ବୌଦ୍ଧ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ମ୍ୟାନେଜର ମୁକେଶ କୁମାର ସାହୁ ସୂଚନା ଦେଇଛନ୍ତି।

### ଭାଜପା ପକ୍ଷରୁ ମଦ ବେପାରୀଙ୍କ କୁଶ ପୁତ୍ତଳିକା ଦାହ

ନୂଆପଡ଼ା,୧୧।୧୨(ମକାରୁ ବେମାଲ)

ବଲାଙ୍ଗୀର ଜିଲାର ମଦଭାଟି, ଅଫିସ ଓ ମଦ ବ୍ୟବସାୟୀଙ୍କ ବାସଭବନରେ ଚଢ଼ାଉ କରି ଆୟକର ବିଭାଗ ଅନେକ ଶହକୋଟି ଟଙ୍କା ଜବତ କରିଛି। ଏହି ପ୍ରସଙ୍ଗକୁ ନେଇ ସୋମବାର ନୂଆପଡା ଜିଲା ଭାଜପା ଶାଖା ପକ୍ଷରୁ ଜିଲା ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ କରାଇଥିଲା। ଜିଲା ସଭାପତି ସୁବ୍ରତ ଠାକୁରଙ୍କ ନେତୃତ୍ୱରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି ନୂଆପଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜଣେ ମଦବ୍ୟାପାରୀଙ୍କ ଘରୁ ଟଙ୍କାର ପାହାଡ ଠାବ ହେବା ଘଟଣାକୁ ନେଇ ବକ୍ତାମାନେ ଉଭୟ କଂଗ୍ରେସ ଓ ବିଜେଡିକୁ ଦାୟୀ କରିଥିଲେ। ବିକ୍ଷୋଭ ସମୟରେ ଭାଜପା ପକ୍ଷରୁ ମଦବେପାରୀ ଧିରଜ ସାହୁର କୁଶ ପୁତ୍ତଳିକା ମଧ୍ୟ ଦାହ କରାଯାଇଥିଲା। ଏହି ଅବସରରେ ଭାଜପା ଜିଲା ସମ୍ପାଦକ ତୁଲସ ପଟେଲ, ଜିଲା କୋଷାଧକ୍ଷ ପ୍ରଶାନ୍ତ କୁମାର ପତି, ବିଜୟ ଚନ୍ଦ୍ରପାର, ଲାଲା ରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା ଶୋଭାଯାତ୍ରା କଲେ ଛାତ୍ରୀଛାତ୍ର

ଲୋଇସିଂହା,୧୧।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ସେକେଣ୍ଡାରୀ ସ୍କୁଲରେ ଯୁବ ଓଡ଼ିଶା ନୀବନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ଉଦ୍‌ଘାଟନ କରିଥିଲେ। ଏହା ଅସନ୍ତା ୨୦ ତାରିଖ ଯାଏ ଚାଲିବ। ଏହି ସମୟ ମଧ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ ଏବଂ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ରଘୁନାଥ ସାହୁ

**ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**



ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ଜନ ସଚେତନତା ରାଲି।

ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟା ବେହେରାଙ୍କ ସହ ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ନୋଡାଲ ଅଫିସର ଅଧ୍ୟାପକ ଭଗବାନ ଶତପଥୀ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବେହେରା ରାଜ୍ୟ ସରକାରଙ୍କ ଏହି ଅଭିନୟ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନା ବୃଦ୍ଧି ପାଇବା ସହ ପ୍ରତିଭା ଅନ୍ୱେଷଣରେ ସହାୟକ ହେବ। ଅଧିକରୁ ଅଧିକ ଛାତ୍ରୀଛାତ୍ର ଭାଗ ନେବାକୁ ସେ ପରାମର୍ଶ ଦେଇଥିଲେ। ନୋଡାଲ ଅଫିସର ଶତପଥୀ ୧୦ଦିନିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଅଧ୍ୟକ୍ଷ ସାହୁଙ୍କ ନେତୃତ୍ୱରେ ବାଲ୍ୟ ବିବାହ ନିଷେଧ, ନାରୀ ସଶକ୍ତିକରଣ, ଏଚଆଇଭି ଉପରେ ଜନ ସଚେତନତା ପାଇଁ ଛାତ୍ରୀଛାତ୍ର କଲେଜରୁ ବସ୍ତି ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରିଥିଲେ।

## ୬ ପ୍ରକଳ୍ପର ଶିଳାନ୍ୟାସକଲେ ବିଧାୟକ

ଦେଓଗାଁ ୧୧।୧୨
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ପାଞ୍ଚଟି ରାସ୍ତା ଓ ଗୋଟିଏ ବ୍ରିଜର ଶିଳାନ୍ୟାସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ବିଧାୟକ ନରସିଂହ ମିଶ୍ର ଯୋଗଦେଇ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପ୍ରଥମେ ୪ କୋଟି ୨୧ ଲକ୍ଷ ୪୮ ହଜାର ବ୍ୟୟ ଅଟକଳରେ ହେବାକୁ ଥିବା ସାଗରପାଲି-ଚନ୍ଦ୍ରପୁର ରାସ୍ତା, ୧ କୋଟି ୯ ଲକ୍ଷ ୬୧ ହଜାର ବ୍ୟୟରେ ହେବାକୁ ଥିବା କୁଲିଆବାହାଲ-ବର୍ଲା ରାସ୍ତା, ୨କୋଟି ୧୬ ଲକ୍ଷ ୪୫ ହଜାର ବ୍ୟୟରେ ହେବାକୁ ଥିବା ତୁର୍ଲା ଗୌରଗୋଠ ଭାୟା ରତାଖଣ୍ଡି ରାସ୍ତା, ୬ କୋଟି ୨୯ ଲକ୍ଷ ୬୯ ହଜାର ଅଟକଳରେ ରାମଚନ୍ଦ୍ରପୁର-ଗୋଏଲପିଟା ରାସ୍ତା ଓ ୬କୋଟି ୭୪ହଜାର ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ସୋନଗଡ


ସାଗରପାଲି ରାସ୍ତା କାମ ପାଇଁ ବିଧାୟକ ଶିଳାନ୍ୟାସ କରୁଛନ୍ତି।

ନଦୀରେ ଡଙ୍ଗରପଡା ସନ୍ଧିଯୋର ବ୍ରିଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିସହ ୩ କୋଟି ୧୧ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟ ଅଟକଳରେ ବଲାଙ୍ଗୀର ସଦର ବ୍ଲକର କୁଡାସିଂହା, ଶିରିଶ ଭାୟା କୁଠୁର୍ଲା ରାସ୍ତା ଓ ଗୋଟିଏ ବ୍ରିଜ ନୂତନ ଭାବେ ନିର୍ମାଣ ହେବ ବୋଲି ବିଧାୟକ ମିଶ୍ର ସୂଚନା ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ବ୍ଲକ କଂଗ୍ରେସ ଯୁବ ସଭାପତି ସମୀର ସାହୁ, କୁନା ସାହୁ, ନୀଳମଣି ଦୀପ, ଶିବ ପଣ୍ଡା, ଜନ୍ମେଜୟ ସାହୁ, ଦୁର୍ଗା ପ୍ରସାଦ ସିଂଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ଭିକାରୀ ପଧାନ ଉପସ୍ଥିତ ଥିଲେ।

## ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ

ଲାଞ୍ଜିଗଡ଼,୧୧।୧୨
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଗ୍ରାମପଞ୍ଚାୟତ ପୋଖରୀବନ୍ଧଠାରେ ପ୍ରଥମ ବର୍ଷ ଧନୁଯାତ୍ରା ଆସନ୍ତା ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ହୃଷିକେଶ ଭୋଇଙ୍କ ତତ୍ତ୍ୱାବଧାନରେ ତାଙ୍କର ମନ୍ତ୍ରୀ ପରିଷଦ ତଥା କଳାକାରମାନଙ୍କ ସହିତ ପୋଖରୀବନ୍ଧଠାରେ ପହଞ୍ଚିଥିଲେ। ଏହି ଧନୁଯାତ୍ରାରେ କଂସ ଭୂମିକାରେ ନରେନ୍ଦ୍ର ପ୍ରଧାନ, ମନ୍ତ୍ରୀ ଭୂମିକାରେ ନନ୍ଦିଘୋଷ ମହାପାତ୍ର, ସେନାପତି ଭୂମିକାରେ ଅରୁଣ ଖର୍ସେଲ ଅଭିନୟ କରିବେ ଏଥିପାଇଁ ପାଇଁ ଧନୁଯାତ୍ରା କମିଟି ସଦସ୍ୟ ତଥା ପୋଖରୀବନ୍ଧ ଅଞ୍ଚଳବାସୀ ରୀତିନୀତି ଅନୁସାରେ ଫୁଲ, ନଡ଼ିଆ ଉପଢୌକନ ଦେଇ ବରଣ କରିଥିଲେ। ଏହି ଅବସରରେ ବିଭିନ୍ନ ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନା ବଜାର, ଅପେରା, ରାମଦୋଳି ଓ ଅନେକ କଳାକାରମାନ ଆସୁଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ରମେଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ସନାତନ ବିଶି, ଉପସଭାପତି ପବିତ୍ର ବିଭାର, କଣ୍ଠ ମାଝି, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ବାଣୁଆଁ, ସମ୍ପାଦକ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ସମ୍ପାଦକ ଭଗବାନ ରାଉତ, କୋଷାଧ୍ୟକ୍ଷ ଶଙ୍କର ପ୍ରଧାନ, ଜୟମୁନୀ ବେହେରା, ଶାନ୍ତିଶୃଙ୍ଖଳା କମିଟି ମୁଖ୍ୟ ଭାଗିରଥ ବାଣୁଆ, ସ୍ୱେଚ୍ଛାସେବୀ ମୁଖ୍ୟ ତିରୁପତି ପାତ୍ର, ରବିନ୍ଦ୍ର ବେହେରାଙ୍କ ସମେତ କମିଟି କର୍ମକର୍ତ୍ତା ଏବଂ ଅଞ୍ଚଳବାସୀ ଉପସ୍ଥିତ ରହଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com


@ ବିଜୟ ଯୁଆଡି


@ ଦାମୋଦର ମାଝି


@ ସଞ୍ଜୀବ ପ୍ରଧାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ କର୍ମଚାରୀଙ୍କୁ ତାଲା ପକାଇଲେ

ଲାଞ୍ଜିଗଡ଼,୧୧।୧୨(ରମେଶ ଚନ୍ଦ୍ର ନାୟକ)

- ତହସିଲଦାର, ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ମୁକ୍ତ ହେଲେ କର୍ମଚାରୀ
- ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ ପ୍ରଦାନ
- ୩ ଦିନରେ ସମାଧାନ ନ ହେଲେ ରାଜରାସ୍ତା ଅବରୋଧ ଚେତାବନୀ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳଠାରେ ଭାରତ ସଞ୍ଚାର ନିଗମ ଲିମିଟେଡ଼ (ବିଏସ୍‌ଏନ୍‌ଏଲ୍) ନେଟୱର୍କ ସମସ୍ୟା ଠିକ କରିବାକୁ ଆସିଥିବା କର୍ମଚାରୀଙ୍କୁ ଗ୍ରାମବାସୀ ସୋମବାର ତାଲା ପକାଇ ରଖିଥିଲେ। ଅଞ୍ଚଳବାସୀ ଉତ୍ତ୍ୟକ୍ତ ହୋଇ ଟିଡ଼ିଏମ ଆସିଲେ ଛାଡିବାକୁ କହିଲେ। ଟିଡ଼ିଏମ ଆସିବା ପାଇଁ କହି ସନ୍ଧ୍ୟା ପର୍ଯ୍ୟନ୍ତ ଆସିଲେନାହିଁ। ଟିଡ଼ିଏମ ଜିଲାପାଳଙ୍କୁ ଜଣାଇବା ପରେ ଜିଲାପାଳ ଲାଞ୍ଜିଗଡ ତହସିଲଦାର ଏବଂ ବିଶନାଥପୁର ଥାନାଧିକାରୀଙ୍କୁ ପଠାଇଲେ। ତହସିଲଦାର କିରଣ କୁମାର ମହାନ୍ତି ଏବଂ ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ କର୍ମଚାରୀଙ୍କୁ ଗ୍ରାମବାସୀ ମୁକ୍ତ କରିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୩ ଦିନ ମଧ୍ୟରେ ନେଟୱାର୍କ ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ ଏବଂ ରାସ୍ତା ଅବରୋଧ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନାନୁସାରେ ସପ୍ତାହ ହେଲା ମୂଷାନାଳଠାରେ ନେଟୱର୍କ ନ ଥିଲା, ଦୁଇଦିନ ହେବ ଆସିଲା। କିନ୍ତୁ ଠିକ ଭାବରେ କାମ କରୁ ନ ଥିଲା। ଡିଜିଟାଲ ଇଣ୍ଡିଆର ଆଧୁନିକ ଯୁଗରେ ଭାରତ ସରକାର ଦେଶର ସମସ୍ତ ଅପହଞ୍ଚ ଅଞ୍ଚଳ ଗ୍ରାମକୁ ସଂଯୋଗ କରିବାକୁ ଚେଷ୍ଟା କରୁଛନ୍ତି। ତଥାପି ଆମ ଅଞ୍ଚଳରେ ନିର୍ଭରଯୋଗ୍ୟ ନେଟୱାର୍କ ସଂଯୋଗରୁ ବଞ୍ଚିତ। ଦେଶରେ ୫ ଜି ସେବା ଉପଲବ୍ଧ ଥିବାବେଳେ ଆମ ଅଞ୍ଚଳରେ କେବଳ ବିଏସଏନଏଲ ଟୁଜି ସେବା ପ୍ରଦାନ କରାଯାଉଛି ଯାହା ନିର୍ଭରଯୋଗ୍ୟ ନୁହେଁ।

## ଭାଜପାର ପ୍ରତିବାଦ, ଏମ୍‌ପି ଧୀରଜ ସାହୁଙ୍କ କୁଶପୁତ୍ତଳିକା ଦାହ

ଭବାନୀପାଟଣା,୧୧।୧୨
(ଉତ୍ତମ କୁମାର ଦାଶ)

**ମଦ ବ୍ୟବସାୟୀଙ୍କଠୁ କୋଟି କୋଟି ଟଙ୍କା ଜବତ ଘଟଣା**

ବଲାଙ୍ଗୀର ମଦ ବ୍ୟବସାୟୀଙ୍କଠାରୁ ଶହ ଶହ କୋଟି ଟଙ୍କା ଜବତ ଘଟଣାରେ ବିଜେଡି ଲିଙ୍କକୁ ନେଇ ସୋମବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ଭବାନୀପାଟଣା ସହର ଘୋଡାଘାଟ ଛକଠାରେ ସ୍ଥାନୀୟ ନଗର ଭାଜପା ପକ୍ଷରୁ ପ୍ରତିବାଦ ବିକ୍ଷୋଭ କରାଯାଇଛି। ଏହାର ପ୍ରତିବାଦ କରି ଝାଡ଼ଖଣ୍ଡ କଗ୍ରେସ ରାଜ୍ୟ ସଭା ସଦସ୍ୟ ଧୀରଜ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଶଙ୍ଖ ଖୋଳାପାରେ କଂଗ୍ରେସ ମଦ ବେପାରୀ ରହିଥିଲେ ବୋଲି ଅଭିଯୋଗ ଆଣିଛି ଭାଜପା। କଂଗ୍ରେସ ଓ ବିଜେଡିର ମଧୁଚନ୍ଦ୍ରିକାରେ ମଦ କାରବାର ଚାଲୁଥିବା ଓ ଜଣେ ମଦ ବ୍ୟବସାୟୀଙ୍କ ପାଖରେ ଏତେ ମାତ୍ରାରେ ଟଙ୍କା ବାହାରିବା ଦେଶ ବାଶୀଙ୍କୁ ଚକିତ କରିଛି। ଯଦି ମୁଖ୍ୟମନ୍ତ୍ରୀ ନିଜେ ସ୍ୱଚ୍ଛ ବୋଲି କହୁଛନ୍ତି, ତାହାହେଲେ ନିଜର ଓ ଦଳର ସ୍ୱଚ୍ଛତା ତଥା ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଏଭଳି କଳାକାରନାମାର ସିବିଆଇ ଦ୍ୱାରା ତଦନ୍ତ କରାନ୍ତୁ ବୋଲି ଭାଜପା ଦାବି କରିଛି। ନଗର ସଭାପତି ସନ୍ତୋଷ ବିଶିଙ୍କ ନେତୃତ୍ୱରେ ନଗର ସାଧାରଣ ସମ୍ପାଦକ ଜଗବନ୍ଧୁ ସାହୁ, ଯୁବ ନେତା ରୋହିତ ଦୁର୍ଗା, ମହିଳା ନେତ୍ରୀ ସୁନିତୀ ମୁଣ୍ଡ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝି, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ନରହରି ପଟ୍ଟନାୟକ, ଭଣ୍ଡେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରେଣ୍ଡୋ ମାଝି, ବୀରନାରାୟଣ ସିଂଙ୍କ ଶହୀଦ ଦିବସ ପାଳିତ

ନୂଆପଡ଼ା,୧୧।୧୨(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କେନ୍ଦୁବାହାରା ପଞ୍ଚାୟତ ଶିରଗିଡି ଗାଁଠାରେ ଶହୀଦ ରେଣ୍ଡୋ ମାଝି ଓ ବୀର ନାରାୟଣ ସିଂହଙ୍କ ଶହୀଦ ଦିବସ ପାଳନ ହୋଇଯାଇଛି। ରେଣ୍ଡୋ ମାଝି କଳାହାଣ୍ଡି ଜିଲା ଉର୍ଲାଦାନୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହ ଆଦିବାସୀଙ୍କ ହକ ପାଇଁ ଲଢି ଆସିଥିଲେ। ଇଂରେଜମାନେ ତାଙ୍କୁ ଫାସୀ ଦଣ୍ଡରେ ଦଣ୍ଡିତ କରିଥିଲେ। ସେଭଳି ପଡୋଶୀ ଛତିଶଗଡ ବୋଲଦାବଜାର ଜିଲା କୋମାଖାନ ଗ୍ରାମରେ ଜମିଦାର ପରିବାରରେ ବୀର ନାରାୟଣ ସିଂହ ଜନ୍ମ ଗ୍ରହଣ କରିଥିଲେ। ସେ ଜନ୍ମରୁ ଧନୁ, ମଲ ଯୁଦ୍ଧ, ତଲବାର, ଘୋଡା ସାରୀ ସହ ଅନେକ ବିଦ୍ୟାରେ ପାରଙ୍ଗମ ଥିଲେ। ଇଂରେଜମାନେ ତାଙ୍କୁ ଗିରଫ କରି ରାୟପୁରର ଜୈତମ ଛକଠାରେ ଫାସୀ ଦେଇଥିଲେ। ଏହି ଅବସରରେ ୨ଜଣଙ୍କ ଜିବନୀ ଉପରେ ବକ୍ତାମାନେ ମତପ୍ରକାଶ କରିଥିଲେ। ସତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଭଗତ ରାମ ମାଝି ମୁଖ୍ୟଅତିଥି, କେନ୍ଦୁବାହାରା ସରପଞ୍ଚ ଉଦ୍ଧବ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ତଥା ଜିଲା ଆଦିବାସୀ କଲ୍ୟାଣ ସଂଘ ଭକ୍ତବନ୍ଧୁ ଧରୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଦୁରାମ ମାଝି, ରଞ୍ଜନ ମାଝି, ନେହେରୁ ଖଇରା, ବିଷ୍ଣୁ ମିର୍ଦ୍ଧା, ରାମରତନ ମିର୍ଦ୍ଧା, ସୁରେଶ ମିର୍ଦ୍ଧା, ଗ୍ୟାନେଶ୍ୱର୍ ମାଝି, ଶ୍ରୀସାଧୁରାମ ଶବର, ଭୋକସିଂ ମାଝି, ପୁନିତ ରାମ ଶବର, ପରମେଶ୍ୱର ଜଗତ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀ ଭୂପେନ୍ଦ୍ର ମାଝି, ପିତାମ୍ବର ମାଝି, ଭିକମ ମାଝି, ହରିଚନ୍ଦନ ମାଝି ପ୍ରମୁଖ ସହଯୋଗ କରିଥିଲେ।

## ବିକାଶିତ ଭାରତ ସଙ୍କଳ୍ପ ଯାତ୍ରାର ଶୁଭାରମ୍ଭ

ଲୋଇସିଂହା,୧୧।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତି ପକ୍ଷରୁ ସଦର ଗ୍ରାମ ପଞ୍ଚାୟତରୁ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ସୋମବାର ଶୁଭାରମ୍ଭ ହୋଇଛି। ଏହାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଉଦ୍‌ଘାଟନ କରିଥିଲେ। ବିଡିଓ ଯୁଧିଷ୍ଠିର ମେହେର, ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ, ଜିପିଓ କିଶୋର ମାନସିଂ, ଆଇଆଇସି ଯାଜ୍ଞସିନୀ ନାୟକଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଏବଂ ଭାଜପା କର୍ମୀ ଉପସ୍ଥିତ ଥିଲେ। ବିକାଶିତ ଭାରତ ସଙ୍କଳ୍ପ ଯାତ୍ରା ରଥରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା ଶୁଣାଇବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଉଜ୍ଜ୍ୱଳା, ପ୍ରଧାନମନ୍ତ୍ରୀ ଆବାସ, ନଳରୁ ଜଳ, ପିଏମ କିଷାନ ଆଦି ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଫଟୋଚିତ୍ର ଥିବା ୨୦୨୪ ନବବର୍ଷ କ୍ୟାଲେଣ୍ଡର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣଙ୍କୁ ଆମର ସଙ୍କଳ୍ପ ବିକଶିତ ଭାରତ ପାଇଁ ଶପଥ ପାଠ କରାଇଥିଲେ ଜିପିଓ ମାନସିଂ। ଅପରାହ୍ନରେ ବ୍ଲକର ହୀରାପୁର ପଞ୍ଚାୟତ ପ୍ରାଙ୍ଗଣରେ ସରପଞ୍ଚ ରାମାକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ସଙ୍କଳ୍ପ ଯାତ୍ରା ରଥ ଶୁଭାରମ୍ଭ ଅବସରରେ ଅଧିକାରୀ ଓ ଜନପ୍ରତିନିଧି।

## ହୀନ ରାଜନୀତି ଛାଡ଼ି ବିକାଶ ରାଜନୀତି କରିବାକୁ ଆହ୍ୱାନ

- ବିଧାୟକଙ୍କ ଲୋକପ୍ରିୟତାକୁ ସହିପାରୁନି ବିରୋଧୀ
- ବିଜେଡିର ଖବରଦାତା ସମ୍ମିଳନୀ

ଜୁନାଗଡ଼,୧୧।୧୨
(ସୁନୀଲ କୁମାର ସିଂହ)


ବିଜେଡିର ଖବରଦାତା ସମ୍ମିଳନୀ।

କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ଲୋକପ୍ରିୟତାକୁ ବିରୋଧୀ ଭାଜପା ସହି ପାରୁନି। ବିକାଶର ରାଜନୀତି ଛାଡି ଭାଜପା ହୀନ ରାଜନୀତି କରୁଛି। ମହାଲିଙ୍ଗ ମମିତା ମେହେର ପ୍ରସଙ୍ଗରେ ଗତ ୮ ତାରିଖରେ ହାଇକୋର୍ଟ ଜୁନାଗଡ ବିଧାୟକଙ୍କୁ ନିର୍ଦ୍ଦୋଶ ବୋଲି ରାୟ ଦେଇଛନ୍ତି। ଏହି ଘଟଣା ଲୋକମାନେ ମନରୁ ଭୁଲିଯାଇଥିବାବେଳେ ଆଗାମୀ ସାଧାରଣ ନିର୍ବାଚନ ପାଇଁ କିଛି ମୁଦ୍ଦା ନ ଥିବାରୁ ଡିସେମ୍ବର ୨୫ରୁ ମମିତା ମେହେର ରଥ ବାହାର କରି ସ୍ଥାନୀୟ ନିର୍ବାଚନ ମଣ୍ଡଳୀରେ ଲୋକଙ୍କୁ ଭ୍ରମିତ କରିବାକୁ ଭାଜପା ଲକ୍ଷ୍ୟ ରଖିଛି ବୋଲି ସୋମବାର କଳାହାଣ୍ଡି ଜିଲା ଜୁନାଗଡ ଆରଏମସି ସଭାଗୃହଠାରେ ଖବରଦାତା ସମ୍ମିଳନୀରେ ବିଜେଡି ଦଳୀୟ କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି। ଲୋକମାନେ ଏହି ଅପପ୍ରଚାରକୁ ପ୍ରତ୍ୟାଖ୍ୟାନ କରିବେ। ଆସନ୍ତା ୨୦ରେ ଜୁନାଗଡ ବିଧାୟକଙ୍କ ନେତୃତ୍ୱରେ ବ୍ଲକର ଚିର୍ଚୈଗୁଡାଠାରୁ ବିଜେଡିର ବିକାଶ ରଥ ବାହାରିବ। ଏହି ରଥ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ଓ ସ୍ଥାନୀୟ ବିଧାୟକଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବ ଏବଂ ମହାଲିଙ୍ଗରେ ଏହା ଶେଷ ହେବ। ଭାଜପା ହୀନ ରାଜନୀତି ଛାଡ଼ି ବିକାଶ ରାଜନୀତି କରିବାକୁ ଆହ୍ୱାନ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ବ୍ଲକ ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ଜିଲା ସାଧାରଣ ସମ୍ପାଦକ ମହେଶ ସାହୁ, ଜିଲା ସମ୍ପାଦକ ମଳୟ ରଞ୍ଜନ ଆଚାର୍ଯ୍ୟ, କାଳିଆ କନ୍ଦପାନ, କାଉନସିଲର ସଚିନ ଅନ୍ଦାନୀ, ଚକ୍ର ବାଗ, ଭୁପେନ୍ଦ୍ର ଦଣ୍ଡସେନା, କାହ୍ନୁ ବୈଠାରୁ, ନଗର ଯୁବ ସଭାପତି ବାପି ରାଉତ, ମିଡିଆ ସଂଯୋଜକ ସତିଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ମହେଶ ସାହୁ ପରିଚାଳନା କରିଥିଲେ।

# ଭାଜପା ଯୁବମୋର୍ଚ୍ଚାର ଦାବିପତ୍ର

## ପ୍ରତିଶ୍ରୁତି ପାଳନରେ ପ୍ରଶାସନର ଟାଳଟୁଳ ନୀତି

ବ୍ରଜରାଜନଗର,୧୧।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ବନହରପାଲିସ୍ଥିତ ଓପିଜିସି ପାୱାର ପ୍ଲାଣ୍ଟର ଆଶପଣ୍ଡ ବନ୍ଧ ଭାଙ୍ଗିବା ଘଟଣା ଆଜକୁ ତିନିଦିନ ବିତିଗଲାଣି। ଜିଲା ପ୍ରଶାସନ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସୋମବାର ଲଖନପୁର ତହସିଲଦାର ସଦାକର କୁମ୍ଭାର ଗ୍ରାମବାସୀଙ୍କୁ ଡାକି କମିଟି ଗଠନ କରି ଓପିଜିସି କର୍ତ୍ତୃପକ୍ଷଙ୍କୁ ଭେଟିବାକୁ କହି ଫେରିଆସିଛନ୍ତି। ହେଲେ କ୍ଷତିପୂରଣ ପ୍ରଦାନ ଦିଗରେ ସେଭଳି ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନର ଏହି ଟାଳଟୁଳ ନୀତି ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ଏକ ଶୋଭାଯାତ୍ରା କରି ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ବନ୍ଧର ମଇଳା ପାଣି ଦ୍ୱାରା କଣ୍ଟାଟିକ୍ରା, ଶରଧାପାଲି ଓ ରେଙ୍ଗାଲି ଗ୍ରାମବାସୀଙ୍କର ଯେଉଁ କ୍ଷତି ହୋଇଛି ତାହା ତୁରନ୍ତ ପ୍ରଦାନ କରିବା, ଦୁର୍ବଳ ବନ୍ଧ ତିଆରି କରି ଥିବା ଠିକାଦାରଙ୍କୁ ଗିରଫ କରିବାଳ କମ୍ପାନୀର ଯେଉଁ ପଦାଧିକାରୀ ଠିକାଦାର ସହ ମିଶି ନିମ୍ନମାନର ବନ୍ଧ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଆନ୍ଦୋଳନରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସିଜିତ ସିଂ, ଯୁବନେତା ରାଧେଶ୍ୟାମ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାମିଲ ଥିଲେ।



ଭାଜପା କର୍ମକର୍ତ୍ତାଙ୍କ ଶୋଭାଯାତ୍ରା।

# ବରିଷ୍ଠ ନାଗରିକ ସେବାମଞ୍ଚର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଲାଠିକଟା,୧୧।୧୨(ରାମେଶ୍ୱର ଖାଡ଼ଙ୍ଗ)

ରାଉରକେଲା ବରିଷ୍ଠ ନାଗରିକ ସେବାମଞ୍ଚ, ନବକୃଷ୍ଣ ନଗର ତରଫରୁ ଶିକ୍ଷା ସମିତି ସଭାଗୃହରେ ବରିଷ୍ଠ ନାଗରିକ ସେବାମଞ୍ଚର ନୂତନ ଭାବେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେବାମଞ୍ଚର ଜଣେ ସକ୍ରିୟ ସଦସ୍ୟ ସ୍ୱର୍ଗତ ଶଶିକାନ୍ତ ପଶାୟତ ନବକୃଷ୍ଣ ନଗରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସେବାମଞ୍ଚର ମୁଖ୍ୟ ଉପଦେଷ୍ଟା ବୃଷକେତୁ ସ୍ୱାଇଁ ନବ ନିର୍ବାଚିତ ସମସ୍ତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ ଓ ନିର୍ବାଚନ ଅଧିକାରୀ ବାସୁଦେବ ସାହୁ ସମସ୍ତଙ୍କ ପରିଚୟ ପତ୍ର ପ୍ରଦାନ କରିଥିଲେ। ସେବାମଞ୍ଚର ନୂତନ ସଭାପତି କେଶବ ଚନ୍ଦ୍ର ରାଉତ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସେବାମଞ୍ଚର ନିଜସ୍ୱ ସଭାଗୃହ ନିର୍ମାଣ ଉପରେ ସଭାପତି ରାଉତ ଗୁରୁତ୍ୱ ଦେଇଥିଲେ। ନୂତନ ବର୍ଷରେ ସେବା ମଞ୍ଚର ସମସ୍ତ ସଦସ୍ୟଙ୍କୁ ନେଇ ଏକ ବନ୍ଧୁମିଳନର ଆୟୋଜନ କରାଯିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଶେଷରେ ସମ୍ପାଦକ ଅକ୍ଷୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।


ଉପସ୍ଥିତ ବରିଷ୍ଠ ନାଗରିକ ସେବାମଞ୍ଚର କର୍ମକର୍ତ୍ତା ଓ ଅନ୍ୟମାନେ।

# ଛାତ୍ରୀଛାତ୍ରଙ୍କ ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ

## ସରସ୍ୱତୀ ଶିଶୁ ମନ୍ଦିରର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା


କୃତୀ ଛାତ୍ରୀଛାତ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସୁନ୍ଦରଗଡ,୧୦।୧୨(ଜୟ ନିର ମେଣ୍ଢୁଲି)

ସୁନ୍ଦରଗଡ ଜିଲା ସଦର ବ୍ଲକ ବିରିବିରା ପଞ୍ଚାୟତ ଦୌଡାପଡା ସରସ୍ୱତୀ ଶିଶୁ ମନ୍ଦିର ଦ୍ୱାରା ସଙ୍କୁଳ ସ୍ତରୀୟ (ଜୋନ ସ୍ତରୀୟ) ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳର ୭ଟି ସରସ୍ୱତୀ ଶିଶୁ ମନ୍ଦିରର ୧୦୫ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରତିଯୋଗିତାରେ ୪୬ ପ୍ରକାରର ଖେଳ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ମନ୍ଦିର ଦୌଡାପଡାର ପ୍ରଧାନ ଆଚାର୍ଯ୍ୟ ଭିକାରୀ ଚରଣ ମହାକୁଡ, ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ମଧୁସୂଦନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସବ୍‌ଡେଗା ସରସ୍ୱତୀ ଶିଶୁ ମନ୍ଦିରର ସୃଷ୍ଟି ବଞ୍ଚୁଆ ଓ ଆଦିତ୍ୟ ନାଏକ ଶ୍ରେଷ୍ଠ ବାଳିକା ଓ ବାଳକ ପ୍ରତିଯୋଗୀ ଭାବେ ବିବେଚିତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛାସେବୀ ଅନୁଷ୍ଠାନ ସେବକର ବିତ୍ତ ପରିଚାଳକ ନୀଳାମ୍ବର ଉପାଧ୍ୟାୟ ଜିଲାକୁ ବିଭିନ୍ନ ପାରମ୍ପାରିକ କ୍ରୀଡାର ପେଣ୍ଠସ୍ଥଳୀ ଭାବେ ବର୍ଣ୍ଣନା କରିବା ସହ ଆଜିର ଛାତ୍ରୀଛାତ୍ର ଆଗାମୀ ଦିନରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଟାଙ୍ଗରପାଲି ମିଲେଟ ମିଶନର ସହକାରୀ ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା, ସେବକର ଜଳଛାୟା ବିଭାଗର ଯନ୍ତ୍ରୀ ଇଂ. ଅଭିଷେକ ତନ୍ତୀ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ପ୍ରତିଭାର ବିକାଶ ନିମନ୍ତେ ଆହ୍ୱାନ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଭେଟେରାନ ଫୁଟ୍‌ବଲ ଟୁର୍ନାମେଣ୍ଟ: ପ୍ରଗତି କ୍ଲବ ଚାମ୍ପିୟନ

ବନ୍ଧମୁଣ୍ଡା,୧୧।୧୨(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡୁମେରତାସ୍ଥିତ ପ୍ରଗତି ଖେଳ ପଡ଼ିଆରେ ଆୟୋଜିତ ଭେଟେରାନ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଏସଟି ଏସସି କ୍ଲବ ରାଉରକେଲା ସେକ୍ଟର ୧ ଏବଂ ପ୍ରଗତି କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଗତି କ୍ଲବ ଟ୍ରାଇ ବ୍ରେକରରେ ଜିତ ହାସିଲ କରିଛି। ଏହି ଅବସରରେ ସାନ୍ତୋଶପୁର ସରପଞ୍ଚ ରାଜକୁମାର କେରକେଟ୍ଟା, ବନ୍ଧମୁଣ୍ଡା ସମିତି ସଦସ୍ୟ ରବି ନାରାୟଣ ମାଝି, ଜିତେନ୍ଦ୍ର ନାଥ ମହାତୋ, କ୍ଲବ ପ୍ରତିଷ୍ଠାତା ସଦସ୍ୟ ଜିତୁ ମିଞ୍ଜ, ଡୋଗୋ ଲାକ୍ରା, ପ୍ରକାଶ ମିଞ୍ଜ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଶେଷରେ ବିଜେତା ଏବଂ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଆୟୋଜନରେ କ୍ଲବର ସିଦ୍ଧେଶ୍ୱର ବୋଦ୍ରା, ରାମୁ ଦାସ ତନ୍ତୀ, ଥୋମାସ୍ ଭେଙ୍ଗ୍ରା, କାର୍ତ୍ତିକ ମହାତୋ, ସୁରେନ୍ଦ୍ର ମାଝି, ପରେଶ ମହାତୋ, ସୁଲଜର ଏକ୍କା, ରୋନି ଖାଲକୋ, ମହାବୀର ଏକ୍କା, ସନ୍ଦୀପ ବାରଲା, ଡଗୁରୁ ଏକ୍କା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ପବ୍ଲିକ ସ୍କୁଲ ପ୍ରକଳ୍ପ ଜାତୀୟ ସ୍ତରକୁ ମନୋନୀତ



ସୁନ୍ଦରଗଡ,୧୧।୧୨(ଜୟ ନାରାୟଣ ମେଣ୍ଢୁଲି)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲଠାରେ ଗତ ୮ରୁ୯ ପର୍ଯ୍ୟନ୍ତ ଆଞ୍ଚଳିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ଅଷ୍ଟମ ଶ୍ରେଣୀର ଛାତ୍ର ପୁଷ୍କର ମାଝି ଭାଗରେ ନେଇଥିଲେ। ତାଙ୍କର କମ୍ୟୁନିକେଶନ ଓ ଟ୍ରାନ୍ସପୋର୍ଟ ପ୍ରକଳ୍ପ ଜାତୀୟ ସ୍ତରର ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛି। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କରାଯାଇଥିଲା। ୧ମ ରାଉଣ୍ଡରେ ୬ଟି ପ୍ରକଳ୍ପ ଚୟନ କରାଯାଇଥିଲା। ୨ୟ ଦିନ ୬ଟି ପ୍ରକଳ୍ପ ମଧ୍ୟରୁ ସୁନ୍ଦରଗଡ ପବ୍ଲିକ ସ୍କୁଲର ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତର ମେଳାକୁ ମନୋନୀତ ହୋଇଥଇଲା। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମାଇକେଲା ଖାଲକୋ, ପ୍ରିୟଙ୍କା ଜେନା, ରାଜଲକ୍ଷ୍ମୀ ନାୟକ, ସୂର୍ଯ୍ୟ କାନ୍ତି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷା ହରିପ୍ରିୟା ପଟେଲ, ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀ, ଟ୍ରଷ୍ଟି ମେମ୍ବର ଛାତ୍ର ପୁଷ୍କର ମାଝିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟସେବା ଶିବିର

କୋଲାବିରା,୧୧।୧୨(ଚିନ୍ମୟ କୁମାର ବହିଦାର)

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସୋମବାର କୋଲାବିରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁମେହ, ରକ୍ତ ନମୁନା ଚିହ୍ନଟ, ଚକ୍ଷୁରୋଗ ଆଦି ପରୀକ୍ଷା କରାଯାଇଥିଲା। ମଧୁମେହ ରୋଗ ବିଶେଷଜ୍ଞ ଡା. ଏନ୍.ଏନ୍. ଡୋରା, ଚକ୍ଷୁ ବିଶେଷଜ୍ଞ ଡା. ଅଦ୍ୟାଶା ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ। ଏଇ ଅବସରରେ ଆୟୋଜିତ ସାଧାରଣ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶିଲ କୁମାର ନାୟକ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ ମୁଖ୍ୟଅତିଥି, ପରିଚାଳନା କମିଟି ସଭାପତି ରଘୁରାମ ନାଏକ ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ଚେତାନନ୍ଦ ନଇ, ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଘନାଦ ପଟେଲ, ଅଧ୍ୟାପିକା ସନ୍ଧ୍ୟାରାଣୀ ପୂଜାରୀ, ସମିତିସଭ୍ୟ ଦୀନବନ୍ଧୁ ଧୁରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ସରୋଜ କୁମାର ପଟେଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିବିରରେ ୬୩ ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ଶହେ ଜଣଙ୍କ ମଧୁମେହ ପରୀକ୍ଷା କରାଯାଇଥିଲା। ରକ୍ତଦାନ ଶିବିରରେ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ବିଜୟ ଯୁଆଡି


@ ଦାମୋଦର ମାଝି


@ ସଞ୍ଜୀବ ପ୍ରଧାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କାମ ଦେଉନି ଉଠାଜଳସେଚନ ପ୍ରକଳ୍ପ




ବିଶ୍ରା,୧୧।୧୨( ବଟକୃଷ୍ଣ ସ୍ୱାଇଁ)

ବିଶ୍ରା ବ୍ଲକ ଡରେଇକେଲା ପଞ୍ଚାୟତ ଯୋଡାବନ୍ଧ ଗ୍ରାମରେ ୩ ବର୍ଷ ହେବ ୨୦ ହେକ୍ଟର ଜମିରେ ଚାଷ ପାଇଁ ଉଠାଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ପରିତାପର ବିଷୟ ନିର୍ମାଣ ହେବା ଦିନଠାରୁ ଏହା ଗୋଟିଏ ଦିନ ଚାଲିଲା ନାହିଁ। ଫଳରେ ଚାଷୀକୂଳ ପାଣି ପାଇଁ ହତାଶ ହୋଇପଡ଼ିଛନ୍ତି। ଏହି ବିଷୟରେ କନିଷ୍ଠ ଯନ୍ତ୍ରୀ ପଲ୍ଲବୀ ଆଚାର୍ଯ୍ୟଙ୍କୁ ପଚାରିବାରୁ, ଯାହା ସବୁ ଅଭିଯୋଗ ରହିଛି ଏକ ମାସ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବୁଥ୍ ସ୍ତରରେ ସଙ୍ଗଠନକୁ ସକ୍ରିୟ କରିବାକୁ ଆହ୍ୱାନ

## ଜିଲା କଂଗ୍ରେସ ପକ୍ଷରୁ ନେତୃତ୍ୱ ବିକାଶ ମିଶନ ବୈଠକ

ସୁନ୍ଦରଗଡ,୧୦।୧୨(ଜୟ ନାରାୟଣ ମେଣ୍ଢୁଲି)

ଜିଲା କଂଗ୍ରେସ କମିଟି ପକ୍ଷରୁ ରବିବାର କଂଗ୍ରେସ ଭବନଠାରେ ନେତୃତ୍ୱ ବିକାଶ ମିଶନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ନେତୃତ୍ୱ ବିକାଶ ମିଶନର ଜାତୀୟ ସଂଯୋଜକ ତଥା ଓଡିଶା ଦାୟିତ୍ୱରେ ଥିବା ମାନସ କୁମାର ମଲ୍ଲିକ ଯୋଗଦେଇଥିଲେ। ବୁଥ୍ ସ୍ତରରେ ସଙ୍ଗଠନକୁ ଆହୁରି ସକ୍ରିୟ ତଥା ସୁସଙ୍ଗଠିତ କରିବା ପାଇଁ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ସୁନ୍ଦରଗଡ ଓ ତଳସରା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ଅନିମା ମିଞ୍ଜ,ରାଜ୍ୟ ସେବା ଦଳର ମୁନୁ ସରାଫ, ଟାଉନ କଂଗ୍ରେସ ସଭାପତି ଦେବାଶିଷ ଦାସ, ଜିଲା କଗ୍ରେସର ବାବଲୁ ବେନିୱାଲ, ଶ୍ୟାମ ନନ୍ଦନ ସହାୟ, ଲବଣୀଧର ବାଗ, ସୁବ୍ରତ ପୁରୋହିତ, ଜିଲା ସେବାଦଳ ସଭାପତି ଭୀଷ୍ମଦେବ ସିଂ, ଯୁବ କଂଗ୍ରେସର ବିଶ୍ୱଜୀତ ପଟ୍ଟନାୟକ, ବିଶ୍ୱାମିତ୍ର ପ୍ରଧାନ, ହୋତେଶ୍ୱର ତନ୍ତୀ, ବିକାଶ ରାଓ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା ଓ ଅନ୍ୟମାନେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବଡ଼ଗାଁ,୧୧।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ସୋମବାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ଓ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ସହିତ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଅଧ୍ୟକ୍ଷା ସୋରେଙ୍ଗ ବକ୍ତବ୍ୟ ରଖିଥିଲେ। ଅତିଥି ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନର ଭବିଷ୍ୟତ ରୂପେ ବର୍ଣ୍ଣନା କରିବା ସହିତ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ପରାମର୍ଶ ଦେଇଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଦଶରଥ ନାଏକ ସଭାପତିତ୍ୱ କରିଥିଲେ। ସେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସରକାରଙ୍କ ବିକାଶ ମୁଖି ପ୍ରୟାସ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଉଭୟ ଛାତ୍ରୀଛାତ୍ର ବର୍ଗର କବାଡି ପ୍ରତିଯୋଗିତା ହୋଇଥିଲା। ବାଳକ ବର୍ଗରେ ପ୍ରଥମ ବର୍ଷର ଛାତ୍ର ଓ ବାଳିକା ବର୍ଗରେ ୨ୟ ବର୍ଷର ଛାତ୍ରୀ ବିଜୟୀ ହୋଇଥିଲେ। ଶେଷରେ ରସାୟନ ବିଜ୍ଞାନ ଅଧ୍ୟାପକ ନିରୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ।

## ସଂକ୍ଷେପରେ

### ସୁବଳୟା କଲେଜରେ ଖାଉଟି ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୧।୧୨(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ରେଆର ତରଫରୁ ଯୁବ ଓଡିଶା ନବୀନ ଓଡ଼ିଶା ଅନ୍ତର୍ଗତ ଯୁବ ବିକାଶ କାର୍ଯ୍ୟକ୍ରମରେ ଏକ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦେବାଶିଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଯୋଗଦେଇ ଖାଉଟି ସୁରକ୍ଷା ଆଇନ ୨୦୧୯ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ । ଖାଉଟି ଠକେଇର ଶିକାର ହେଲେ ଖାଉଟି ଅଦାଲତର ଆଶ୍ରୟ ନେଇ ପାରିବେ ବୋଲି କହିବା ସହ ଜିନିଷ କିଣିଲା ସମୟରେ ବିଲ୍ ମାଗିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଖାଉଟି ପରାମର୍ଶ କେନ୍ଦ୍ରର ପରାମର୍ଶଦାତା ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବିନିକା ମହିଳା କଲେଜରେ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ

**ବିନିକା ୧୧।୧୨(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ଜୁନିୟର ମହିଳା କଲେଜଠାରେ ସୋମବାର ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଏଲଏଫଏମ ଦିଲ୍ଲୀପ ବେହେରା ଯୋଗଦେଇ ସମସ୍ତ ବିପର୍ଯ୍ୟୟର ମୁକାବିଲା କିପରି କରାଯାଇ ପାରିବ ସେ ଉପରେ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ବୈଜନ୍ତି ସାହୁ ମଞ୍ଚ ପରିଚାଳନା କରିଥିଲେ। ଯୁବ ଓଡ଼ିଶା ନବୀନ ଓଡ଼ିଶାର ନୋଡାଲ ଅଫିସର ସବ୍ୟସାଚୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ‘ରେଙ୍ଗାଳି ବିସ୍ଥାପିତଙ୍କୁ ବର୍ଦ୍ଧିତ କ୍ଷତିପୂରଣ ରାଶି ପ୍ରଦାନ କରାଯାଉ

**ଭୁବନେଶ୍ୱର, ୧୧।୧୨(ସୁନୀତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ରେଙ୍ଗାଳି ବିସ୍ଥାପିତଙ୍କୁ ବର୍ଦ୍ଧିତ କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ସେମାନଙ୍କ ୭ ଦଫା ଦାବିକୁ ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ରେଙ୍ଗାଳି ବହୁମୁଖୀ ନଦୀବନ୍ଧ ଯୋଜନା ଓଡ଼ିଶାର ୨ୟ ବୃହତ୍ତମ ନଦୀବନ୍ଧ ଯୋଜନା। ଏହା ରାଜ୍ୟର ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ବହୁଗୁଣିତ କରିଥିଲେ ମଧ୍ୟ ଏହି ପ୍ରକଳ୍ପ ବିସ୍ଥାପିତ ହୋଇଥିବା ଅନେକ ହଜାର ସ୍ଥାନୀୟ ବାସିନ୍ଦାଙ୍କ ଚିରକାଳ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଛି। ପ୍ରାୟ ୪ଦଶନ୍ଧିର ଏ ଦୁର୍ଦ୍ଦଶା ବର୍ତ୍ତମାନ ବି ଆମକୁ ମର୍ମାହତ କରୁଛି ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି, ରେଙ୍ଗାଳି ଯୋଜନାରେ ୧୯୭୩ରେ ଅନୁଗୋଳ ଜିଲାର ପାଲଲହଡ଼ା, ତାଳଚେର ଏବଂ ଦେବଗଡ଼ ଜିଲାର ମୋଟ ୨୬୩ ଗ୍ରାମ ଜଳମଗ୍ନ ହେବା ସହ ପ୍ରାୟ ୧୩ ହଜାର ପରିବାର ବାସହରା ହୋଇଥିଲେ। ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ଅଭାବରୁ ଅନେକଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଥିଲା। କୌଣସି ସ୍ପଷ୍ଟ ବିସ୍ଥାପନ ନୀତି ନ ଥାଇ କିମ୍ବା କୌଣସି ଗ୍ରାମସଭା, ପଲ୍ଲିସଭା ଅବା ଜନଶୁଣାଣି କରା ନ ଯାଇ ସ୍ଥାନୀୟ ବାସିନ୍ଦାଙ୍କୁ ବିସ୍ଥାପନ ପାଇଁ ବାଧ୍ୟ କରାଗଲା। ଏହା ଭିତରେ ବ୍ରାହ୍ମଣୀରେ ଅନେକ ପାଣି ବହିଗଲାଣି। ନ୍ୟାୟ ପାଇଁ ଅନେକ ଗଣଧାରଣା, ଅନଶନ, ପ୍ରତିବାଦ ଓ ବିକ୍ଷୋଭ ମଧ୍ୟ ହୋଇଗଲାଣି। ତଥାପି ବିସ୍ଥାପିତଙ୍କ ଅବସ୍ଥାରେ କିଛି ପରିବର୍ତ୍ତନ ଆସିନାହିଁ। ବିସ୍ଥାପିତଙ୍କ ହକ୍ ପାଇଁ ଗଡ଼ଜାତ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ପବିତ୍ର ମୋହନ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**



ପ୍ରଧାନ ଏକଦା ଆନ୍ଦୋଳନର ଡାକରା ଦେଇଥିଲେ। ତାଙ୍କ ଅବର୍ତ୍ତମାନରେ ଅନୁରୂପ ବଳିଷ୍ଠ ନେତୃତ୍ୱର ଅଭାବରୁ କ୍ଷତିଗ୍ରସ୍ତଙ୍କୁ ଆଉ ନ୍ୟାୟ ମିଳିଲା ନାହିଁ, ଯାହା ଦୁଃଖର ବିଷୟ। ଗରିବ, ଖଟିଖିଆ, ଚାଷୀ, ପଛୁଆବର୍ଗ, ତଥା ଦଳିତ ଓ ଆଦିବାସୀ ଜନସାଧାରଣ ବର୍ଗର ପ୍ରାୟ ୮୦%ରୁ ଊର୍ଦ୍ଧ୍ୱ ବିସ୍ଥାପିତ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପାଇଁ ସମ୍ବଳ ନ ଥିବାରୁ ଆଜି ନିଜକୁ ଉପେକ୍ଷିତ ଓ ଅପମାନିତ ମଣୁଛନ୍ତି। ଏପରିକି ଗଡ଼ଜାତ ଅଞ୍ଚଳ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ଏହା ଚରମ ପ୍ରତିଫଳନ ବୋଲି ମଧ୍ୟ ବିଚାରୁଛନ୍ତି।

ପାଲଲହଡ଼ା ରେଙ୍ଗାଳି ବିସ୍ଥାପିତ କ୍ଷତିଗ୍ରସ୍ତ ପ୍ରଜା ସଂଘର ବାସଚ୍ୟୁତ ଜନସାଧାରଣଙ୍କ ଦୁରବସ୍ଥା ବର୍ତ୍ତମାନ ସୀମା ଟପିବାକୁ ବସିଲାଣି। ସଂଘର ସଭ୍ୟମାନେ ୭ ଦଫା ଦାବି ନେଇ ରେଙ୍ଗାଳି ଜଳଭଣ୍ଡାର ସଂଲଗ୍ନ ପାଲଲହଡ଼ାରେ ୨ୟ ଚିଲିକା କୁହାଯାଉଥିବା ସ୍ଥାନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏବେ ଜଳ ସତ୍ୟାଗ୍ରହ କରୁଛନ୍ତି। ଆବଶ୍ୟକ ପଡ଼ିଲେ ଉକ୍ତ ଜଳଭଣ୍ଡାରରେ ସେମାନେ ଜଳସମାଧି ନେବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ବିସ୍ଥାପିତମାନଙ୍କ ସମସ୍ତ ଦାବିକୁ ସମ୍ମାନ ଜଣାଇ ଏଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ଆନ୍ତରିକତା ଦେଖାଇବା ସହ ସମୟୋଚିତ ପଦକ୍ଷେପ ଗ୍ରହଣ ପୂର୍ବକ ବିସ୍ଥାପିତଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ତତ୍ପରତା ପ୍ରକାଶ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବିଜୟ ଯୁଆଡି



@ ଦାମୋଦର ମାଝି



@ ସଞ୍ଜୀବ ପ୍ରଧାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ସଭାନେତ୍ରୀ ସମ୍ମାନିତ

**ସୋନପୁର,୧୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସମାଜସେବା ପାଇଁ ସୋନପୁରର ସୁବର୍ଣ୍ଣ ନାରୀ ଜାଗରଣ କେନ୍ଦ୍ର ଓ ଏହାର ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ସ୍ଥାପନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଆୟୋଜିତ ମିଟି କା ଗୁମାନ ସମାରୋହ-୨୦୨୩ ଉପଲକ୍ଷେ ସୁବର୍ଣ୍ଣ ନାରୀ ଜାଗରଣ କେନ୍ଦ୍ରକୁ ପ୍ରଶଂସାଯୋଗ୍ୟ ସମାଜସେବା ପାଇଁ ସମ୍ମାନିତ କରାଯାଇଥିବା ବେଳେ ଏହାର ସଭାନେତ୍ରୀ ମହାରଣାଙ୍କୁ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ‘ସ୍ୱପ୍ନବିନୋଦିନୀ’ ଗୌରବାବହ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମାରୋହ ସଭାରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳପତି ଡ. ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟ୍ରଷ୍ଟର ସଂସ୍ଥାପିକା ନିବେଦିତା ନାୟକ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣ ନାରୀ ଜାଗରଣ କେନ୍ଦ୍ର ତରଫରୁ ସଭାନେତ୍ରୀଙ୍କ ସହ ସମ୍ପାଦିକା ମଞ୍ଜୁଳା ମିଶ୍ର, ଉପ ସଭାପତି ଭଗବତୀ ରାୟଗୁରୁ, ଉର୍ମିଳା ସାହୁ, ଇନ୍ଦୁମତି ପୁରୋହିତ, ମଞ୍ଜୁଲତା ଝାଙ୍କର, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନୀତା ମିଶ୍ର, ବାସନ୍ତୀ ପାତ୍ର ଓ ପ୍ରଦୀପ ବଣ୍ଡକି ପ୍ରମୁଖ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ।



ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭ୍ୟାମାନଙ୍କ ଉପସ୍ଥିତିରେ ସଭାନେତ୍ରୀ ମୀନା ମହାରଣାଙ୍କୁ ସମ୍ମାନିତ କରାଯାଉଛି।

## ଉଲୁଣ୍ଡା ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା, ପୁତନା ପ୍ରେରଣ

**ଉଲୁଣ୍ଡା,୧୧।୧୨(ଉରୁକ୍ରମ ପାଣ୍ଡିଆ)**

ଉଲୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ସୋମବାର ଚତୁର୍ଥ ଦିବସରେ ପୌରାଣିକ କଥାବସ୍ତୁକୁ ଆଧାର କରି ରାଜ ଦରବାର ଅନୁଷ୍ଠିତ ହୋଇଥିଲା। ବିଜୁଳି କନ୍ୟାର ଚେତାବନୀରେ କଂସ ବ୍ୟତିବ୍ୟସ୍ତ ହୋଇଥିଲେ। ଦେବକୀଙ୍କ ଅଷ୍ଟମଗର୍ଭ ସନ୍ତାନ କୃଷ୍ଣଙ୍କୁ ବଧ କରିବା ପାଇଁ ଚକ୍ରାନ୍ତ କରନ୍ତି। ମନ୍ତ୍ରୀ ସତ୍ରାଜିତଙ୍କ ପରାମର୍ଶ କ୍ରମେ ବିଷ କନ୍ୟା ପୁତନାକୁ ଗୋପପୁରରେ ବଢ଼ୁଥିବା ସମସ୍ତ ଦୁଗ୍ଧ ପୌଷ୍ୟ ଶିଶୁଙ୍କୁ ନିହତ କରିବା ପାଇଁ ମଥୁରାରୁ ଗୋପପୁରକୁ କଂସଙ୍କ ପ୍ରେରଣ ଅଭିନୀତ ହୋଇଥିଲା।

# ବିକଶିତ ଭାରତ ସଂକଳ୍ପ ଯାତ୍ରା

**ବାଉଁଶୁଣୀ, ୧୧।୧୨(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିପଦର ଓ ତାଳସରଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଣ୍ଡିପଦର ସରପଞ୍ଚ ସୁରୁଚି ଧଳ, ପିଇଓ ସୌଦାମିନୀ ନାୟକ, ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ, ତାଳସରଡା ସରପଞ୍ଚ ସସ୍ମିତା ପାଣ୍ଡେ, ତାଳସରଡା ଜିଆରଏସ୍ ଅମିତ କର୍ଣ୍ଣ, ପିଇଓ ପ୍ରଣୀତ ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ । ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ସଂକଳ୍ପ ଯାତ୍ରାର ପୁସ୍ତିକା ଓ କ୍ୟାଲେଣ୍ଡର ବଣ୍ଟନ କରାଯାଉଛି। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଉପରେ ସଚେତନ କରାଯାଇଥିଲା । ସ୍ୱାସ୍ଥ୍ୟ ଓ କୃଷି ବିଭାଗ ପକ୍ଷରୁ କ୍ୟାମ୍ପ କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ପଞ୍ଚାୟତରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକେ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ ।



ଭାରତ ସଂକଳ୍ପ ରଥକୁ ସ୍ୱାଗତ କରାଯାଉଛି।

# ସମ୍ବଲପୁରକୁ ଟାଇଟଲ

**ରାଧାଗୋବିନ୍ଦ ମେମୋରିଆଲ କ୍ରିକେଟ**

**ତରଭା, ୧୧।୧୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଏନଏସି ଖେଳ ପଡିଆରେ ରଧାଗୋବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଟିଟିଲାଗଡ଼ ଓ ସମ୍ବଲପୁର ୪ସି ମଧ୍ୟରେ ମୁକାବଲା ହୋଇଥିଲା। ଟସ୍ ଜିତି ଟିଟିଲାଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ରନ କରିଥିଲା। ଜବାବରେ ସମ୍ବଲପୁର ୪ସି ଦଳ ୨୧.୪ଓଭରରେ ୪ଉଇକେଟ ବିନିମୟରେ ୧୫୨ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ତରଭା ଏଇଏସ କଲେଜ ଅଧ୍ୟକ୍ଷା ସୁଶ୍ରୀ ମିନତୀ ମିଶ୍ର, ସମ୍ମାନୀତ ଅତିଥିଭାବେ ପବିତ୍ର ମୋହନ ସାହୁ, ତରଭା କ୍ରିକେଟ କ୍ଲବ ସଭାପତି ଆକବର ଅଲ୍ଲୀ, ମାନଭଞ୍ଜନ ମିଶ୍ର, ବିନୋଦ ପାଣିଗ୍ରାହୀ, ସୁନିଲ ଝାଝରିଆ, ରଶ୍ମିରଞ୍ଜନ ଦାସ, ଅର୍ଜୁନ ମହାପାତ୍ର, ସତ୍ୟବ୍ରତ ମିଶ୍ର, ନବାବ ଖାଁ, ଶେଖର ସାହୁ, ମୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ଏବଂ ରନର ଅପ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ସମ୍ବଲପୁରର ଅମିତ ସୁନା, ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର ସମ୍ବଲପୁରର ବିମଳ କର୍ମକାର, ଅଧିକ ରନ ସଂଗ୍ରହକାରୀ ତରଭାର ଲିକୁନ ପଣ୍ଡା, ଅନଲାଇନ ସ୍କୋରର ଫରିଦ ଖାଁଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର: ୨୪୨ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

**ଘଣ୍ଟାପଡ଼ା, ୧୧।୧୨(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ସରକାରୀ ହାଇସ୍କୁଲରେ ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗଙ୍କ ମିଳିତ ସହଯୋଗରେ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୁନେତ୍ର ଶିବିରରେ ୨୪୨ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଆବଶ୍ୟକ ଚଷମା ପ୍ରଦାନ କରାଯିବା ପାଇଁ ଚୟନ କରାଯାଇଥିଲା। ୮ଜଣଙ୍କୁ ଉଚ୍ଚ ଚିକିତ୍ସା ପାଇଁ ଉଚ୍ଚଚିକିତ୍ସାଳୟକୁ ପଠାଯାଇଛି। କଣ୍ଟାମାଳ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ବଲ୍ଲଭ ପ୍ରଧାନ, ଚକ୍ଷୁ ପରୀକ୍ଷକ ସନ୍ତୋଷ କୁମାର ବରାଡ ଓ ମହାନଦୀ ନେତ୍ର ଚିକିତ୍ସାଳୟର ଚିକିତ୍ସକମାନେ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ବାଳିକା ହାଇସ୍କୁଲରେ ତମାଖୁ ବର୍ଜନ ସଚେତନତା

**ଅମରପାଲି,୧୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସୋମବାର ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଯୁଏଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଶତାଧିକ ଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ହୋତା ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହା ସହିତ ଏକ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଡାକ୍ତର ପ୍ରଣବ କୁମାର ମହାପାତ୍ର ତମାଖୁ ସେବନ ଯୋଗୁଁ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି, ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିପ୍ରତି ଛାତ୍ରୀଛାତ୍ର ବିଶେଷ ଧ୍ୟାନ ଦେବା କଥା ବୋଲି ସେ କହିଥିଲେ। ଏହି ଅବସରରେ ତମାଖୁ ବ୍ୟବହାର ନ କରିବାକୁ ଛାତ୍ରୀମାନେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଏକ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଆକାଶ ବେହେରା, ଆନନ୍ଦ ଦାୟିନୀ ସିଂ, ଅରୁନ୍ଧତୀ ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ ।



ତମାଖୁ ବର୍ଜନ ପାଇଁ ଶପଥ କରୁଛନ୍ତି ଛାତ୍ରୀ।

# ଦଳୀୟ କର୍ମୀଙ୍କୁ ପରାମର୍ଶ: ଭୋଟରଙ୍କ ପାଖକୁ ଯାଅ

**ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛି ବିଜେଡି**

**ସୋନପୁର,୧୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**

୨୦୨୪ ସାଧାରଣ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କଲେଣି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରେ ଶାସକ ବିଜୁ ଜନତା ଦଳ ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତିକୁ ଜୋରଦାର କରିଛି। ସୋମବାର ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଓ ସୋନପୁର ବ୍ଲକର ହଜାର ହଜାର ସକ୍ରିୟ ସଦସ୍ୟା ସଦସ୍ୟଙ୍କୁ ନେଇ ଦଳ ପକ୍ଷରୁ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ନୂତନ ଟାଉନ ହଲ ପରିସରରେ ଆୟୋଜିତ ଶିବିରରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ନିଜ ବୁଥ୍‌ର ଭୋଟରଙ୍କ ନିକଟକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବାକୁ ମନ୍ତ୍ରୀ ପୂଜାରୀ ଏହି ଅବସରରେ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବରଗଡ ବିଧାୟକ ତଥା ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବାକୁ ଆଚାର୍ଯ୍ୟ ଗୁରୁତ୍ୱାରୋପ କରିଥିଲେ। ବିଜେଡି ଜିଲା ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ସଭାରେ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ବିଜେଡି ସୋନପୁର ବ୍ଲକ ସଭାପତି ଶଙ୍କର ପ୍ରସାଦ ସା, ସୁବର୍ଣ୍ଣପୁର ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ମୀନତି ସାହୁ, ଛାତ୍ର ବିଜେଡି ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର, ନୀଳାମ୍ବର ଶତପଥୀ, ମାନଭଞ୍ଜନ ବେଦ୍‌ବାକ, ଗୋପାଳ ବରେଇ, ରାଜକୁମାର ସୁନାଙ୍କ ସମେତ ସମସ୍ତ ଦଳୀୟ କାଉନସିଲର, ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ଶିବିରରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ସଞ୍ଜିବ ପୃଷ୍ଟି ଓ ଦେବାଶିଷ ସ୍ୱାଇଁ ଦଳୀୟ ରଣକୌଶଳ ଓ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ବିଜେଡିର ନେତୃବୃନ୍ଦ ।

# ଟିଟିଲାଗଡ଼ ଆକ୍ସିସ ବ୍ୟାଙ୍କ ଲକରରୁ ବାହାରିଲା ସୁନା ବିସ୍କୁଟ

**ମଦଭାଟିରେ ଆୟକର ଚଢ଼ାଉ ପ୍ରସଙ୍ଗ**

ଟିଟିଲାଗଡ, ୧୧।୧୨ (ଶରତ ମିଶ୍ର)

ଆୟକର ବିଭାଗ ପକ୍ଷରୁ ସୋମବାର ଟିଟିଲାଗଡ ସ୍ଥିତ ଆକ୍ସିସ ବ୍ୟାଙ୍କ ଲକର ରୁମ୍ ଯାଞ୍ଚ ବେଳେ କିଛି ସୁନା ବିସ୍କୁଟ, ଅଳଙ୍କାର ଓ କାଗଜପତ୍ର ବାହାରିଥିବା ଜଣାପଡିଛି। ଆୟକର ବିଭାଗ ଅଧିକାରୀ ମଦ ବ୍ୟବସାୟୀ ସଞ୍ଜୟ ସାହୁଙ୍କ ସ୍ତ୍ରୀ ଆରତୀ ସାହୁଙ୍କୁ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଆକ୍ସିସ ବ୍ୟାଙ୍କକୁ ନେଇ ଲକର ଖୋଲିବାକୁ କହିଥିଲେ। ଆରତୀ ଆକ୍ସିସ ବ୍ୟାଙ୍କରେ ପହଞ୍ଚି ଆୟକର ଅଧିକାରୀଙ୍କ ଉପସ୍ଥିତିରେ ଲକର ଖୋଲିଥିଲେ। ସେଠାରୁ ୪ଟି ସୁନା ବିସ୍କୁଟ, କିଛି ଅଳଙ୍କାର ବାହାରିଥିଲା। ସୂଚନାଯୋଗ୍ୟ, ଗତ ୫ ଦିନ ହେଲା ଟିଟିଲାଗଡ ସହରର ମଦ ବ୍ୟବସାୟୀ ସଞ୍ଜୟ ସାହୁଙ୍କ ଘରେ ଆୟକର ଚଢ଼ାଉ କରାଯାଇଥିଲା। ଏହା ସହିତ ମଦ ବ୍ୟବସାୟୀ ଦୀପକ ସାହୁଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଥିଲା। ବଲାଙ୍ଗୀର ସହରରେ ମଧ୍ୟ ମଦଭାଟି ଗୁଡିକରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଟଙ୍କା ଜବତ ଘଟଣା ପରେ ଆୟକର ବିଭାଗ ଟିଟିଲାଗଡର ମଦ ବ୍ୟବସାୟୀଙ୍କ ଅନ୍ୟ ଠିକଣା ଉପରେ ମଧ୍ୟ ନଜର କଡାକଡି କରିଛି। କୌଣସି ସ୍ଥାନରେ ନଗଦ ଟଙ୍କା ରଖାଯାଇଛି କି ସେନେଇ ତନାଘନା କରାଯାଉଛି।

# ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରେ ଉତ୍ସବ



ଶୀତ ଉତ୍ସବରେ ଉପସ୍ଥିତ ଅତିଥି ସଞ୍ଜୟ କୁମାର ଛୁଆଳସିଂ, ସଂଗ୍ରାମ ଜେନା, ବିପିନ ବିହାରୀ ବିଶ୍ୱାଳ, ଡ. ହୃଷୀକେଶ ମଲ୍ଲିକ ଓ ପ୍ରବୋଧ ରଥ ।

**ରାଜ୍ୟସ୍ତରୀୟ ଶୀତ ଉତ୍ସବ ଉଦ୍‌ଘାଟିତ**

**ଯୋଗଦେଲେ ବହୁ ସାହିତ୍ୟିକ, କଳାକାର**

ଜଳେଶ୍ୱର, ୧୧।୧୨ (ରବିନାରାୟଣ ପାତ୍ର)

ଶୀତ ଉତ୍ସବ ଏକ ଆମୋଦ ପ୍ରମୋଦ କାର୍ଯ୍ୟକ୍ରମ ନୁହେଁ ବରଂ ସାହିତ୍ୟିକ, ସଙ୍ଗୀତକାର, ନାଟ୍ୟକାର ସୃଷ୍ଟି କରିବା ସହିତ ସଂସ୍କୃତି, ପରମ୍ପରାକୁ ଉଦ୍‌ଜୀବିତ କରିବା ଏହାର ଲକ୍ଷ୍ୟ ବୋଲି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଶୀତ ଉତ୍ସବକୁ ସୋମବାର ପୂର୍ବାହ୍ନରେ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିଶ୍ୱାଳ ରସକଲୋଳର ରଚୟିତା କବି ଦୀନକୃଷ୍ଣ ଦାସ ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଭାରତୀୟ ସାହିତ୍ୟକୁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ସାହିତ୍ୟ ଏକାଡେମୀ ଉପସଭାପତି ସଂଗ୍ରାମ ଜେନା ପ୍ରମୁଖ ଯୋଗଦେଇ ଉପାନ୍ତ ଅଞ୍ଚଳରେ ଭାଷା, ସାହିତ୍ୟ, ସଂସ୍କୃତି, କଳା କ୍ଷେତ୍ରରେ ବିକାଶରେ ଏହା ସହାୟକ ହେବ ବୋଲି କହିଥିଲେ । ସଞ୍ଜୟ କୁମାର ଛୁଆଳସିଂ ମଞ୍ଚ ସଂଯୋଜନା କରିଥିବା ବେଳେ ରାଜ୍ୟର ବହୁ ଖ୍ୟାତିସମ୍ପନ୍ନ ସାହିତ୍ୟିକ, କବି, ଲେଖକ, ଗବେଷକ, ସ୍ଥାନୀୟ ନେତୃମଣ୍ଡଳୀ, ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣ ଯୋଗଦେଇଥିଲେ । ପୂର୍ବାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶରେ କାଳୀମନ୍ଦିର ନିକଟରୁ ଶହ ଶହ ଛାତ୍ରୀଛାତ୍ର ଏକ ବିଶାଳ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲେ। ୨ୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଡ. ମନୋରାମ ବିଶ୍ୱାଳ ମହାପାତ୍ର ଅଧ୍ୟକ୍ଷତା କରି ଶୀତ ଏକ ଅଫୁରନ୍ତ ଚେତନା ବୋଲି କହିଥିଲେ । ଏଥିରେ ଅନେକ ସ୍ୱଲିଖିତ କବିତା ପାଠ କରାଯାଇଥିଲା ।

# ପ୍ରାତଃ ଭ୍ରମଣରେ ଯାଇଥିବା ବୃଦ୍ଧଙ୍କ ଗଳା କାଟିଦେଲେ

**୨ ମାସରେ ୫ମ ହତ୍ୟାକାଣ୍ଡ**

ବ୍ରହ୍ମପୁର,୧୧।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲାରେ ଏବେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। କଥା କଥାକେ ଆକ୍ରମଣ, ପ୍ରତି ଆକ୍ରମଣ ଏପରିକି ହତ୍ୟାକାଣ୍ଡ ମଧ୍ୟ ଘଟୁଛି। ଏହିକ୍ରମରେ ବ୍ରହ୍ମପୁର ସହରରେ ସୋମବାର ପ୍ରାତଃଭ୍ରମଣରେ ଯାଇଥିବା ଜଣେ ବୃଦ୍ଧଙ୍କ ଗଳାକାଟି ହତ୍ୟା କରାଯାଇଛି। ତାଙ୍କୁ କିଏ ଓ କାହିଁକି ଏଭଳି ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ। ଗତ ଦୁଇମାସ ମଧ୍ୟରେ ଏହା ୫ମ ହତ୍ୟାକାଣ୍ଡ ବୋଲି ଜଣାପଡିଛି।

ଟାଉନ ଥାନା ଅନ୍ତର୍ଗତ ବିଜିପୁର ଅମ୍ବିକା ନଗର ଦ୍ୱିତୀୟ ଲାଇନ୍‌ର ରଙ୍କ ସେଠୀ (୬୭) ସବୁଦିନ ଭଳି ସୋମବାର ଭୋରରୁ ପ୍ରାତଃଭ୍ରମଣରେ ଯାଇଥିଲେ। ସକାଳ ପ୍ରାୟ ୬ଟାରେ ଗାନ୍ଧୀ ନଗର ଦ୍ୱିତୀୟ ଲାଇନରେ ଏକ ଘର ସମ୍ମୁଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତକଙ୍କର ୨ ପୁଅ ରାମ ସେଠୀ ଓ ସନ୍ତୋଷ ସେଠୀ ଘଟଣାସ୍ଥଳରେ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ। ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ., ଟାଉନ ଥାନାଧିକାରୀ ସୁରେଶ ତ୍ରିପାଠୀ ସେଠାରେ ପହଞ୍ଚିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍‌ପି କହିଛନ୍ତି, ରଙ୍କ ସେଠୀଙ୍କ ବେକକୁ କାତିରେ ହାଣି ହତ୍ୟା କରାଯାଇଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଦୁଇଟି ଟିମ ଗଠନ ହୋଇଛି। ଗୋଟିଏ ଟିମ ଉକ୍ତ ଅଞ୍ଚଳର ସିସି ଟିଭି ଫୁଟେଜ ଯାଞ୍ଚ କରୁଛି। ଅନ୍ୟ ଏକ ଟିମ୍ ଅପରାଧୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି। ହତ୍ୟାକାରୀକୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବାପାଙ୍କ କାହାରି ସାଥିରେ ଶତ୍ରୁତା ନ ଥିଲା ବୋଲି ରଙ୍କଙ୍କ ୨ ପୁଅ କହିଛନ୍ତି। ପୋଲିସ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେମାନେ ଦାବି କରିଛନ୍ତି।

# ଆକାଶବାଣୀ କଟକର ଖବର ପାଠକଙ୍କ ପରଲୋକ



ଅମୂଲ୍ୟ କୁମାର ହୋତା

କଟକ,୧୧।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଆକାଶବାଣୀ କଟକର ଲୋକପ୍ରିୟ ଖବର ପାଠକ ଅମୂଲ୍ୟ କୁମାର ହୋତା(୫୪)ଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଛି। ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥା ତାଙ୍କର ମୃତ୍ୟୁ ଘଟିଛି। ଜଗତ୍‌ସିଂପୁର ଜିଲା ବିରିଡି ନିକଟ ବାଲିଆ ଗୋପୀନାଥପୁରରେ ସେ ଜନ୍ମଗ୍ରହଣ କରିଥିଲେ। ସାମ୍ବାଦିକତାରେ ଡିଗ୍ରୀ ହାସଲ କରିବା ପରେ ସେ ବିଭିନ୍ନ ଖବରକାଗଜ ଓ ଦୂରଦର୍ଶନରେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୦୧ରୁ ସେ ଆକାଶବାଣୀରେ ଖବର ପାଠକ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ମରଶରୀରକୁ ଆକାଶବାଣୀ କଟକ ପରିସରକୁ ନିଆଯିବା ପରେ ମୁଖ୍ୟ କାର୍ଯ୍ୟକ୍ରମ ନିଷ୍ପାଦକ ତରୁଣକାନ୍ତି ରାଉତ, ସମାଚାର ବିଭାଗର ବାର୍ତ୍ତା ସମ୍ପାଦକ ତପନ କୁମାର ମହାରଣା, କେନ୍ଦ୍ରର କର୍ମଚାରୀ ଓ ଖବରପାଠକମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ତ୍ରୀ ସଙ୍ଗୀତା ଦାଶ ରେଲୱେ ସେଟଲମେଣ୍ଟ ୟୁପିଏସ୍‌ରେ ସିଆର୍‌ସିସି ଭାବେ କାର୍ଯ୍ୟରତ ଅଛନ୍ତି। ପୈତୃକ ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଆୟାଂଶୁ ଅଭିଜିତ୍ ହୋତା ମୁଖାଗ୍ନି ଦେଇଥିଲେ।

# ସାନ ପରେ ବଡ଼ଭାଇଙ୍କ ଜୀବନ ଗଲା

**ସରୁନି ଦାଦନ ଦୁଃଖ**

ରାୟଗଡ଼ା,୧୧।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ସରୁନି ଦାଦନ ଦୁଃଖ । କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ମକାପଦର ଗ୍ରାମର ୨ ଭାଇ ରୋଜଗାର ଆଶାରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିଲେ। ସେଠାରେ ଜ୍ୱରରେ ପୀଡ଼ିତ ହେବା ସହ ନିର୍ଯାତନା ମିଳିବାରୁ ବାଧହୋଇ ଶନିବାର ଲୁଚିକରି ନିଜ ଭିଟାମାଟିକୁ ଫେରୁଥିଲେ। ହେଲେ ୨ ଭାଇଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନେ ଘରକୁ ନ ଯାଇ ଗତ ଶନିବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେହିଦିନ ରାତିରେ ସାନଭାଇ ନାବାଳକ ରଙ୍ଗାଧର ମାଝି(୧୭)ଙ୍କ ମୃତ୍ୟୁ ହୋଇଥିବାବେଳେ ରବିବାର ରାତିରେ ବଡ଼ଭାଇ ମହେଶ୍ୱର ମାଝି(୨୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

ଗତ ୪ମାସ ତଳେ ମକାପଦର ଗ୍ରାମର ୨ ଭାଇ ମହେଶ୍ୱର ଓ ତାଙ୍କ ଦାଦାପୁଅ ଭାଇ ନାବାଳକ ରଙ୍ଗାଧର ବିଶାଖାପାଟଣା ଜିଲା ପାଲମନପେଟାସ୍ଥିତ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରିବା ସମୟରେ ନଭେମ୍ବରରେ ୨ ଭାଇ ଜ୍ୱରରେ ପୀଡ଼ିତ ହୋଇଥିଲେ। ଫ୍ୟାକ୍ଟ୍ରି ମାଲିକ ୨ଭାଇଙ୍କୁ ଅସୁସ୍ଥ ଅବସ୍ଥାରେ କାମ କରାଇବା ସହ ନିର୍ଯାତନା ଦେଉଥିଲେ। ଏହା ଅସହ୍ୟ ହେବାରୁ ୨ ଭାଇ ବାଧହୋଇ ଗତ ଶନିବାର ଲୁଚି ବିଶାଖାପାଟଣା ଆସି ଟ୍ରେନ୍ ଯୋଗେ ରାୟଗଡ଼ାରେ ପହଞ୍ଚିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଶନିବାର ରାତିରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ରଙ୍ଗାଧରଙ୍କ ମୃତ୍ୟୁ ହୋଇଥିବାବେଳେ ଏହାର ୨୪ ଘଣ୍ଟା ନ ପୂରୁଣୁ ରବିବାର ରାତିରେ ବଡ଼ଭାଇ ମହେଶ୍ୱରଙ୍କ ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି ମେଡିକାଲକୁ ଯାଇଥିଲେ। ମହେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ଦେଖି ମେଡିକାଲ କର୍ତ୍ତୃପକ୍ଷଙ୍କୁ କହି ସେଠାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ ପାଇଁ ବ୍ୟବସ୍ଥା କରିଥିଲେ। ତେବେ ବ୍ରହ୍ମପୁର ଯିବା ରାସ୍ତାରେ ଗଜପତି ଜିଲା ମୋହନା ନିକଟରେ ମହେଶ୍ୱର ମୃତ୍ୟୁବରଣ କରିଥିଲେ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁଙ୍କୁ ପଚାରିବାରୁ ଉଭୟେ କାମ କରିବା ସମୟରେ ରୋଗରେ ପୀଡ଼ିତ ହୋଇଥିଲେ ମଧ୍ୟ କୌଣସି ଚିକିତ୍ସା ହୋଇ ନ ଥିଲା। ଫଳରେ ସେମାନଙ୍କ ଅବସ୍ଥା ଗୁରୁତର ହୋଇ ନିମୋନିଆର ଶିକାର ହୋଇଥିବା ଚିକିତ୍ସାଧୀନ ଡାକ୍ତର ସୂଚନା ଦେଇଛନ୍ତି। ସେମାନେ କୌଣସି ପଞ୍ଜୀକୃତ ଠିକାଦାରଙ୍କ ମାଧ୍ୟମରେ କାମ ପାଇଁ ଯାଇ ନ ଥିବା ଜିଲା ଶ୍ରମ ଅଧିକାରୀ ଯସ୍ମିନ କହିଛନ୍ତି । ତେବେ ଘଟଣାର ତଦନ୍ତ ଆରମ୍ଭ କରାଯାଉଥିବା ସେ କହିଛନ୍ତି।

# ବସ୍‌କୁ ଧକ୍କାଦେଇ ଓଲଟିଲା ଆଇରନ ବୋଝେଇ ଟ୍ରକ୍

ବାଙ୍ଗିରିପୋଷି, ୧୧।୧୨ (ସଂଜୟ କୁମାର ଅଗ୍ରୱାଲ)




ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇଯାଇଥିବା ୪୯ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତାରେ ବାରମ୍ବାର ଘଟୁଛି ଦୁର୍ଘଟଣା । ସୋମବାର ଏକ ବସ୍‌କୁ ଧକ୍କା ଦେଇ ଓଲଟି ପଡିଛି ଆଇରନ ବୋଝେଇ ଟ୍ରକ। ଏଥିରେ ଉଭୟ ଗାଡି ଚାଳକ ଆହତ ହୋଇଥିବା ବେଳେ ବସ୍‌ର ସମସ୍ତ ଯାତ୍ରୀ ରକ୍ଷା ପାଇଯାଇଛନ୍ତି। ସୂଚନା । ଅନୁଯାୟୀ କୋଲକାତାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଅଗ୍ରୱାଲା ନାମକ ଏକ ଘରୋଇ ବସ୍ (ନଂ. ଓଡି୦୯ଇ୪୮୯୫)କୁ ଘାଟି ତଳକୁ ଓହ୍ଲାଉଥିବା ଏକ ଆଇରନ ବୋଝେଇ ଟ୍ରକ (ନଂ. ଜେଏଚ୦୯ଏୱାଇ ୪୧୬୭)ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ଚାଳକ ଛପରା ଅଞ୍ଚଳର ବିଦ୍ୟାଧର ଓଝା(୪୨) ଟ୍ରକ ତଳେ ଚାପି ହୋଇ ରହିଯାଇଥିଲେ। ବାଙ୍ଗିରିପୋଷି ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଟ୍ରକ ଓଲଟି ରହିଥିବାରୁ ରାସ୍ତାର ଉଭୟପାର୍ଶ୍ୱରେ ଦୀର୍ଘ ସମୟ ଧରି ଗାଡି ଜାମ୍ ହୋଇ ରହିଥିଲା। କ୍ରେନ ସାହାଯ୍ୟରେ ଟ୍ରକକୁ ରାସ୍ତାରୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଦୁର୍ଘଟଣାର କିଛି ସମୟ ନ ଯାଉଣୁ ପଛରେ ଆସୁଥିବା ପୁଣି ଏକ ଆଇରନ ବୋଝେଇ ଟ୍ରକ(ନଂ.ଜେଏଚ ୦୯ଏୱାଇ୯୭୯୬) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ଟ୍ରକ ନିକଟରେ ପାହାଡରେ ଯାଇ ଧକ୍କା ଖାଇଥିଲା । ଫଳରେ ଚାଳକ ସାମାନ୍ୟ ଆହତ ହୋଇଥିଲେ ।

# ଜାହାଜର ତଳଭାଗ ପାଣିରେ ଖୋଜା ଚାଲିଛି

**କୋକେନ ଜବତ ଘଟଣା**

ପାରାଦୀପ, ୧୧।୧୨(ଶରତ ରାଉତ)

ନଭେମ୍ବର ୩୦ରେ ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଥିବା ପାନାମା ଜାହାଜ ଏମ୍‌ଭି ଦେବୀ ମଧ୍ୟରୁ ୨୨ ପ୍ୟାକେଟ କୋକେନ୍ ଜବତ କରାଯାଇଥିଲା। ଏହାର ବଜାର ମୂଲ୍ୟ ୨୨୦ କୋଟି ଟଙ୍କା ବୋଲି କଷ୍ଟମ୍ସ ବିଭାଗ ସୂଚନା ଦେଇଥିଲା। ଇତିମଧ୍ୟରେ ୧୨ ଦିନ ଅତିକ୍ରାନ୍ତ କଲାପରେ ବି ତଦନ୍ତ ଜାରି ରହିଛି। ଏହି କ୍ରମରେ ରବିବାରଠାରୁ ସ୍ୱତନ୍ତ୍ର ବୁଡ଼ାଳି ଜରିଆରେ ଜାହାଜର ନିମ୍ନ ଭାଗ ପାଣିରେ ଖୋଜା ଚାଲିଛି। ଏହାଛଡ଼ା ଡଗ୍ ସ୍କ୍ୱାଡ୍ ଓ ଭିନ୍ନ ଭିନ୍ନ ତଦନ୍ତ ଏଜେନ୍ସି ଆସି ଯାଞ୍ଚ କରୁଛନ୍ତି। ଏହି କୋକେନ ଘଟଣାରେ ଅନ୍ତର୍ଜାତୀୟ ଲିଙ୍କ ଥିବାରୁ ସମସ୍ତ ତଥ୍ୟ ଗୋପନୀୟ ରଖାଯାଇଛି। ତେବେ ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ଏବେ ସୁଦ୍ଧା ଜାହାଜରେ ବୋଝେଇ ଖଲାସ କରୁଥିବା ୧୨ ଅପରେଟରଙ୍କ ମଧ୍ୟରୁ ୬ ଜଣ, ୩ ନାବିକ ଓ ପିଆଇସିଟି କମ୍ପାନୀର ଜଣେ କର୍ମଚାରୀଙ୍କୁ ମାରାଥନ୍ ଜେରା କରାଯାଇଛି।



ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ଅନୁବାଦକ ଜରିଆରେ ଭିଏଟନାମ ନାବିକମାନଙ୍କର ବୟାନ ରେକର୍ଡ କରାଯାଉଛି। ଇଣ୍ଡୋନେସିଆରୁ ଜାହାଜ ଖାଲି ଆସିଥିଲା। ଖାଲି ଜାହାଜ ସମୁଦ୍ରରେ ଯାତାୟାତ ପାଇଁ ଅସୁବିଧା ହୋଇଥାଏ। ସେତେବେଳେ ସେତିକି ମାତ୍ରାରେ ପାଣି ବୋଝେଇ କରାଯାଇଥାଏ। ଏନେଇ ଦେବୀ ଜାହାଜରେ ସେହିଭଳି ପାଣି ଥିଲା। ସେହି ପାଣି ଭିତରେ କୋକେନ ଥିବା ସନ୍ଦେହରେ ସ୍ୱତନ୍ତ୍ର ବୁଡ଼ାଳି ଜରିଆରେ ଯାଞ୍ଚ ଚାଲିଛି। କେତେବେଳେ ଜାହାଜକୁ ସାଉଥ କେ ନିଆଯାଇ ତଦନ୍ତ କରାଯାଉଛି ତ ଆଉ କେତେବେଳେ ପିଆଇସିଟି ୧ ରେ ବର୍ଥିଂ କରି ଯାଞ୍ଚ କରାଯାଉଛି। ଏ ସମସ୍ତ ଘଟଣାରେ ବଡ଼ ଧରଣର ରହସ୍ୟ ଥିବା ଜଣେ ଅଧିକାରୀ ଅନୌପଚାରିକ ଭାବେ କହିଛନ୍ତି।

# ୧୭ ତେଲିଆ ବୋରେଇ ମାଛ ୨୫ ଲକ୍ଷରେ ବିକ୍ରି



ପାରାଦୀପ,୧୧।୧୨(ଶରତ ରାଉତ)

ପାରାଦୀପ ମାଛଧରା ବନ୍ଦରରୁ ସମୁଦ୍ରକୁ ଯାଇଥିବା ପାର୍ବତୀ ନାମକ ଏକ ମାଛଧରା ବୋଟ୍ ସୋମବାର ୧୭ଟି ତେଲିଆ ବୋରେଇ ମାଛ ଧରିଛି। ଏହାପରେ ଉକ୍ତ ମାଛଗୁଡ଼ିକ ୨୫ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି। ଉକ୍ତ ମାଛଗୁଡ଼ିକୁ ମଧ୍ୟରୁ ୧୧ଟି ୨୦ରୁ ୨୫ କିଲୋ ଲେଖାଏ ଓଜନର ହୋଇଥିବାବେଳେ ୬ଟି ୧୦ରୁ ୧୫ କିଲୋ ମଧ୍ୟରେ ରହିଛି। ଆନ୍ତର୍ଜାତିକ ବଜାରରେ ଏହିମାଛର ଚାହିଦା ଅଧିକ। କାରଣ ଏହିମାଛ ପୁଟିରେ ଔଷଧୀୟ ଗୁଣ ରହିଛି। ଏଥିଯୋଗୁ ଏହା ବିଦେଶକୁ ରପ୍ତାନି ହୋଇଥାଏ। ବୋଟ ଚାଳକ ପୂର୍ଣ୍ଣଚନ୍ଦ୍ର ମାଛ ବିକ୍ରି କଲାପରେ ଖୁସି ବ୍ୟକ୍ତ କରିଛନ୍ତି। ସମୁଦ୍ର କୂଳଠାରୁ ୨୦ ମାଇଲ ଦୂରରେ ବିଛାଯାଇଥିବା ଜାଲରେ ଏହି ମାଛ ପଡ଼ିଥିବା ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ୨ ବନ କର୍ମଚାରୀ

ବ୍ରଜରାଜନଗର,୧୧।୧୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ରେଞ୍ଜ ଅନ୍ତର୍ଗତ ବନ୍ଧବାହଲ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ମହିଳା ଫରେଷ୍ଟ ଗାର୍ଡ ଝରଣା ସାହୁ ଓ ୱାଚର ସଞ୍ଜୟ ବାରିକ ସୋମବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ବନ୍ଧବାହାଲ ଫରେଷ୍ଟ ସେକ୍ସନ ଅଧୀନ ଦଳଙ୍ଗାର ଜଣେ ବ୍ୟକ୍ତିଙ୍କ ଗଛ କାଟିବା ପାଇଁ ଅନୁମତି ଦେବା ଲାଗି ଏହି କର୍ମଚାରୀମାନେ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବ୍ୟକ୍ତି ଜଣକ ଏ ନେଇ ସମ୍ବଲପୁର ଓ ସୁନ୍ଦରଗଡ ଭିଜିଲାନ୍ସ ବିଭାଗକୁ ଅବଗତ କରିଥିଲେ। ସୋମବାର ଟଙ୍କା ନେବା ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଟିମ୍ ଟଙ୍କା ଜବତ ସହ ଉଭୟଙ୍କୁ ଗିରଫ କରିଥିଲେ।

Health & Family Welfare Department,
Govt. of Odisha
Lok Seva Bhawan, Bhubaneswar-751001
Phone: 0674-2393050

Advt. No. 01/2023

REQUEST FOR PROPOSAL OF AGENCIES FOR EVENT MANAGEMENT

No.E-Proposals are invited from agencies for Event Management (1 day) of the Orientation of Medical Officers (Allopathy) and Dental Surgeons for around 3000 participants and VIP delegates at **Kalinga Stadium, Bhubaneswar on Dt. 28.12.2023.** The document with details of eligibility criteria and other terms & conditions can be downloaded from the website: **www.health.odisha.gov.in.** Interested agencies may submit their proposals in sealed envelope with all details as per the prescribed formats mentioned in the tender document. The sealed envelope should be superscribed as **"Proposal for event management of Orientation of Medical Officers (Allopathy) and Dental Surgeons of Health & Family Welfare Dept., Govt. of Odisha."** A pre-bid meeting shall be held on **Dt.12.12.2023 at 3.30 PM.** Any change in tender document due to pre-bid meeting including extensions if any shall only be notified in the website mentioned above. The bid for the tender addressed to the **Commissioner-cum-Secretary to Government, Health & Family Welfare Department, Bhubaneswar** must reach the office of the **Director of Health Services, (DHS) Odisha, Bhubaneswar** on or before **16.12.2023, 3.00 PM.** The bids shall be opened on **16.12.2023, 3.30 PM.** The undersigned reserves the right to reject any or all the bids or cancel the tender notice without assigning any reason thereof.

Sd/-
Commissioner-cum-Secretary
OIPR-10001/11/0127/2324

Health & Family Welfare Department,
Govt. of Odisha
Lok Seva Bhawan, Bhubaneswar-761001
Phone: 0674-2393060

Advt. No. 02/2023

REQUEST FOR PROPOSAL FOR CATERING SERVICES AT STATE LEVEL EVENT

Proposals are invited from agencies for **catering services (Only Dinner)** for Orientation of Medical Officers (Allopathy) and Dental Surgeons around 3000 participants and VIP delegates at **Kalinga Stadium, Bhubaneswar on Dt. 28.12.2023**. The document with details of eligibility criteria and other terms & conditions can be downloaded from the website: **www.health.odisha.gov.in**. Interested agencies may submit their proposals in sealed envelope with all details as per the prescribed formats mentioned in the tender document. The sealed envelope should be superscribed as **"Proposal for catering services for Orientation of Medical Officers (Allopathy) and Dental Surgeons of Health & Family Welfare Dept., Govt. of Odisha."** A pre-bid meeting shall be held on **Dt.13.12.2023 at 03.30 PM.** Any change in tender document due to pre-bid meeting including extensions if any shall only be notified in the website mentioned above. The bid for the tender addressed to the **Commissioner-cum-Secretary to Government, Health & Family Welfare Department, Bhubaneswar** must reach the office of the **Director of Health Services, (DHS) Odisha, Bhubaneswar** on or before **18.12.2023, 3.00 PM**. The bids shall be opened on **18.12.2023, 3.30 PM.** The undersigned reserves the right to reject any or all the bids or cancel the tender notice without assigning any reason thereof.

Sd./-
Commissioner-cum-Secretary

# ପ୍ଲାଷ୍ଟିକ୍ ଚେୟାର କିପରି ସଫା କରିବେ

**ଘରେ ଥିବା ଧଳା ଜିନିଷ ସୁନ୍ଦର ଲାଗିଥାଏ। କିନ୍ତୁ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିଲେ ଏଗୁଡିକ ଭଲ ଦେଖାଯାଇ ନ ଥାଏ। ଏଠାରେ କେତୋଟି ଟିପ୍ସ ଦିଆଯାଉଛି ଯାହାଦ୍ୱାରା ଆପଣ ଅସନା ଚେୟାରକୁ ସଫା କରିପାରିବେ...**

- ଘରେ ଥିବା ପ୍ଲାଷ୍ଟିକ୍ ଚେୟାରକୁ ସଫା କରିବାକୁ ହେଲେ ଆପଣଙ୍କୁ ଆବଶ୍ୟକ କେବଳ ଟଙ୍କିକିଆ ଶାମ୍ପୋ ପାଉଚ୍। ଏହି ଶାମ୍ପୋରେ ଭଲ କ୍ଲିନର ପ୍ରସ୍ତୁତ ହୋଇପାରିବ। ଯାହା ସାହାଯ୍ୟରେ ଆପଣଙ୍କ ଚେୟାର ଚମକିବ।
- ଚେୟାରରେ ଲାଗିଥିବା ଦାଗକୁ ସଫା କରିବାକୁ ହେଲେ ସର୍ବ ପ୍ରଥମେ ବାଓଲରେ ଉଷୁମ ପାଣି ନିଅନ୍ତୁ।
- ଏବେ ଏହି ପାଣିରେ ଭଲଭାବେ ଶାମ୍ପୋ ମିଶାଇ ଦିଅନ୍ତୁ। ଯେତେବେଳେ ପାଣିରେ ଫେଣ ହୋଇଯିବ ସେଥିରେ ଏକ ଚାମଚ ବେକିଂ ସୋଡା ପକାନ୍ତୁ।
- ଏବେ ଏହି ପାଣିରେ ସ୍କ୍ରବ୍ ପକାଇ ଦାଗ ଲାଗିଥିବା ଚେୟାରକୁ ଭଲ ଭାବେ ରଗଡି ସଫା କରନ୍ତୁ। ଏପରି କରିବା ଦ୍ୱାରା ଚେୟାରରେ ଲାଗିଥିବା ଅସନା ଦାଗ ଛାଡିଯିବ। ଏଥିରେ ଏହି ଶାମ୍ପୋ ପାଣି ସହିତ ୩–୪ଚାମଚ ସିର୍କା ମିଶାନ୍ତୁ। ଦେଖିବେ ଏହି ଉପାୟ ଦ୍ୱାରା ଚେୟାରରେ ଲାଗିଥିବା ଦାଗ ସମ୍ପୂର୍ଣ୍ଣ ଛାଡିଯାଉଛି।



# ଘରକୁ ଥଣ୍ଡା ଦାଉରୁ ରକ୍ଷା କରିବାକୁ ହେଲେ

**ଶୀତଦିନ ବହୁତ ଭଲ ଲାଗିଥାଏ ସମସ୍ତଙ୍କୁ । କିନ୍ତୁ ଯଦି ଏହି ଦିନରେ ଘରର ଠିକ୍ ଧ୍ୟାନ ନ ନିଆଯାଏ ତେବେ ଘରେ ଥଣ୍ଡା ଅନୁଭୂତ ହେବାର ଆଶଙ୍କା ରହିଛି। ଏଥିପାଇଁ ଘରକୁ କିପରି ଉଷୁମ ରଖିବେ, ଯାହାଫଳରେ ଏହି ସିଜନ୍‌ର ମଜା ଉଠାଇ ପାରିବେ । ଏମିତି କେତୋଟି ଉପାୟ ରହିଛି ଯାହାକୁ ଆପଣାଇ ପାରିବେ । ଜାଣନ୍ତୁ ଏ ସମ୍ପର୍କରେ...**



- ଶୀତଦିନରେ ଘରେ ପର୍ଯ୍ୟାପ୍ତ ପରିମାଣରେ ଆଲୋକ ନ ପହଞ୍ଚିବା କାରଣରୁ ଘର ଅନ୍ଧାର ଦେଖାଯାଇଥାଏ। ଘରେ ଲାଇଟ୍ ଲାଗିବା ସତ୍ତ୍ୱେ ବି ଅନ୍ଧକାର ଦେଖାଯାଇଥାଏ। ଘରେ ରହୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ପଡିଥାଏ। ସେଥିପାଇଁ ଦିନ ବେଳା ଘରର ଝରକା କିଛି ସମୟ ଖୋଲା ରଖନ୍ତୁ।
- କମ୍ ଆଲୋକରେ ରହୁଥିବା ବ୍ୟକ୍ତିଙ୍କ ଏନର୍ଜି ଲେବଲରୁ ଆରମ୍ଭ କରି ମୁଡ୍ ମଧ୍ୟ ପ୍ରଭାବିତ ହୋଇଥାଏ।
- ଘରର ସିଲିଂ କୋଣରେ କାଚ ବ୍ୟବହାର କରନ୍ତୁ କିମ୍ବା କାନ୍ଥରେ ବଡ ସାଇଜ୍‌ର ଆର୍ଟିକ୍ ଫ୍ରେମ୍‌ରେ କାଚ ଲଗାଇ ପାରିବେ।
- ରୁମ୍‌ରେ ଧଳା ରଙ୍ଗର ପରଦା ଲଗାଇବା ଦ୍ୱାରା ରୁମ୍ ସଫା ଲାଗିବା ସହ ଏହା ରୁମ୍‌କୁ ବଡ ଲୁକ୍ ଦେବାରେ ସହାୟକ ହୋଇଥାଏ।
- ଘରକୁ ଉଷୁମ ରଖିବା ଲାଗି ଘରେ ରୁମ୍ ହିଟର ବ୍ୟବହାର କରନ୍ତୁ।

# ବିବାହ ପରେ ଦାୟିତ୍ୱ

**ହାତକୁ ଦି' ହାତ ହେବା ପରେ ଜଣେ ଝିଅରୁ ବୋହୂ ସାଜିଥାଏ । ଏହି ସମୟରେ ସେ ଅନ୍ୟ ଏକ ଅପରିଚିତ ପରିବାର ସହ ଯୋଡି ହୋଇଯାଏ । ଜଣେ ବୋହୂ ଭାବରେ ଅନେକ ପ୍ରକାର ଦାୟିତ୍ୱ ନିର୍ବାହ କରିବାକୁ ପଡ଼େ। ଜାଣନ୍ତୁ ସେ ସମ୍ପର୍କରେ...**





ବିବାହ ହେଉଛି ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ହୁଏତ ବେଳେବେଳେ ଜଣେ ଝିଅ ଖୋଜୁଥିବା ପରିବାରଟିଏ ମିଳି ନ ପାରେ, ହେଲେ ସେଠାରେ ଯଦି ସେ ନିଜ ବୁଦ୍ଧି ବଳରେ ଅନ୍ୟମାନଙ୍କର ମନ ଜିଣିପାରିଲା ତେବେ ତାହାର ବୈବାହିକ ଜୀବନ ସୁରୁଖୁରୁରେ ଗତି କରିଥାଏ। ସ୍ୱାମୀ ଏବଂ ସେହି ପରିବାରର ସମସ୍ତ ସଦସ୍ୟଙ୍କ ସହ କିପରି ଖୁସିର ମାହୋଲ ଭିତରେ ଚାଲିବ ସେ ନେଇ ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ। ବିବାହ ପରେ ବହୁତ କିଛି ନୂଆ ଦାୟିତ୍ୱ ତୁଲାଇବାକୁ ହୋଇଥାଏ। ନିଜ ଘର ଛାଡି ନୂଆ ଘର ସହ ଯୋଡି ହୋଇଯାଏ ନୂଆ ସମ୍ପର୍କ। ବିବାହ ପରେ ଝିଅକୁ ତା' ସହର କିମ୍ବା ଗାଁ ଛାଡିବାକୁ ପଡିଥାଏ। ବାହାଘର ପରେ ଝିଅ କେବଳ ଝିଅ କିମ୍ବା ଭଉଣୀ ହୋଇ ରୁହେନି, ସେ ଏହାପରେ କାହାର ଭାଉଜ, ସ୍ତ୍ରୀ, ବୋହୂ , ମା' ମଧ୍ୟ ହୋଇଥାଏ। ଏହା ଭୁଲ୍ ହେବନି ଯେ ଝିଅ ବାହାଘର ପରେ ତା' ଜୀବନ ସମ୍ପୂର୍ଣ୍ଣ ବଦଳିଯାଏ। ବିବାହ ପୂର୍ବରୁ ବାପଘରେ ବିନା ଚିନ୍ତାରେ ରହୁଥିବା ଝିଅ ହଠାତ୍ ବିବାହ ପରେ ଦାୟିତ୍ୱ ସମ୍ଭାଳିବାକୁ ଚେଷ୍ଟା କରିଥାଏ। ତାହାର ପ୍ରାଥମିକତା ବସିବା–ଉଠିବା ସବୁ ବଦଳିଯାଏ।

**ତୁଲାଇବାକୁ ପଡ଼େ ନୂଆ ଦାୟିତ୍ୱ:** ଘର ସଂସାର କରିବା ପରେ ନବବିବାହିତାକୁ କେତେକ ନୂଆ ଦାୟିତ୍ୱ ନେବାକୁ ପଡିଥାଏ। ବିବାହ ପରେ ନିଜ ଘରକୁ ଯିବା ସମୟରେ ବିନା କୌଣସି ଟେନ୍‌ସନ୍‌ରେ ଯାଇଥାଏ। କେବଳ ସ୍ୱାମୀ ନୁହେଁ ବରଂ ଶାଶୁଘର ଲୋକଙ୍କର ଦାୟିତ୍ୱ ସମ୍ଭାଳିବାକୁ ହୋଇଥାଏ। ତେଣୁ ଏହି ସମୟରେ ବେଶ୍ ସତର୍କତାର ସହ ଚାଲିବାକୁ ପଡେ। ଏଭଳି ଦାୟିତ୍ୱକୁ ତୁଲାଇବା ଏତେଟା ସହଜ ନୁହେଁ। ସେଥିଲାଗି ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡିଥାଏ। ଏହି ସମୟରେ ନବବିବାହିତା ଟେନ୍‌ସନରେ ରହିବା ଆଦୌ ଠିକ୍ ନୁହେଁ।

**ପ୍ରାଥମିକତା ବଦଳିଯାଏ:** ଝିଅ ଜୀବନରେ ସବୁଠାରୁ ବଡ଼ ପରିବର୍ତ୍ତନ ଆଣେ ବିବାହ। ନିଜ କ୍ୟାରିୟରକୁ ଗଢ଼ିବା ଲାଗି ନିଜ ସବୁ ଚେଷ୍ଟା ଜାରି ରଖେ। ସେହି ପରିଶ୍ରମ କରୁଥିବା ଝିଅ ବିବାହ ପରେ ପ୍ରାଥମିକତା ତା'ର ବଦଳିଯାଏ। ନୂଆ ଜାଗାରେ, ନୂଆ ଲୋକଙ୍କ ସହିତ ତାଳମେଳ ପକାଇ ଘର ସମ୍ଭାଳିବା ଏବଂ ଶାଶୁଘର ଲୋକଙ୍କ ଦାୟିତ୍ୱ ନେବାରେ ତା' ସମୟ ଧୀରେ ଧୀରେ ଗଡିଚାଲେ । ସମୟକ୍ରମେ ସେ ନୂଆ ଦୁନିଆ ସହ ନିଜକୁ ଖାପ୍ ଖୁଆଇ ନିଏ।

**ପରିଧାନ:** ବିବାହ ପରେ ନିଜ ଶାଶୁଘର ଲୋକଙ୍କ ଚିନ୍ତାଧାରା ଅନୁଯାୟୀ ସେ ତା'ର ପରିଧାନ ସିଲେକ୍ଟ କରିଥାଏ। ଯଦି ଶାଶୁଘର ଲୋକ ବହୁତ ରୁଢ଼ିବାଦୀ ହୋଇଥାନ୍ତି ତେବେ ତାଙ୍କ ପସନ୍ଦ ଅନୁଯାୟୀ ପରିଧାନ ପିନ୍ଧିବାକୁ ପଡିଥାଏ। ଯଦି ଝିଅ କୌଣସି ୱେଷ୍ଟର୍ନ ଡ୍ରେସ ପିନ୍ଧୁଥାଏ ତେବେ ତା'ର ପସନ୍ଦ ଅନୁଯାୟୀ ଡ୍ରେସ୍ ପିନ୍ଧିପାରି ନ ଥାଏ।

**ଧୈର୍ଯ୍ୟ :** ଘର ସଂସାର କରିବା ପରେ ଅନେକ ନୂଆ ନୂଆ କଥାର ସାମନା କରିବାକୁ ପଡିଥାଏ। ତେଣୁ ଏହି ସମୟରେ ଧୈର୍ଯ୍ୟର ଆବଶ୍ୟକତା ରହିଛି। ବେଳେବେଳେ ଏଭଳି ଘଟଣା ଘଟେ, ଯାହା ଲାଗି ଧୈର୍ଯ୍ୟଚ୍ୟୁତି ଘଟିବା ସ୍ୱାଭାବିକ କଥା। କିନ୍ତୁ ଏହି ସମୟରେ ସାହସର ସହ ଘଟଣାକୁ ସାମନା କରିବା ଦରକାର। କୌଣସି କଥାରେ ବିଚଳିତ ହୁଅନ୍ତୁ ନାହିଁ। କିଛି କହିବା କିମ୍ବା କରିବା ପୂର୍ବରୁ ସେ ନେଇ ଭଲ ଭାବରେ ଚିନ୍ତା କରନ୍ତୁ।

**ଖର୍ଚ୍ଚ:** ସାଧାରଣତଃ ବିବାହ ପୂର୍ବରୁ ଝିଅମାନେ ଶପିଂ କରିବା ଓ ମନଲାଖି ସ୍ଥାନ ବୁଲିବାକୁ ପସନ୍ଦ କରନ୍ତି। ସେତେବେଳେ କେତେକ ଖର୍ଚ୍ଚ ପ୍ରତି ସଚେତନ ନ ଥାନ୍ତି। ହେଲେ ବିବାହ ପରେ ନିଜକୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ବିଶେଷଭାବରେ ଅଯଥା ଖର୍ଚ୍ଚ କିପରି ନ ହେବ ସେ ନେଇ ସତର୍କ ରହିବାକୁ ପଡେ। ଘର ଚଳାଇବା ସମୟରେ ଆୟ କେତେ ହେଉଛି ତାହା ଦୃଷ୍ଟି ଦିଅନ୍ତୁ। ଘରେ କ'ଣ ଖର୍ଚ୍ଚ ହେବ ସେ ନେଇ ସ୍ୱାମୀଙ୍କ ସହ ଆଲୋଚନା କରନ୍ତୁ। ଯଦି କିଛି ନୂଆ ଜିନିଷ କରିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ସ୍ୱାମୀଙ୍କ ସହ ଆଲୋଚନା କରିବାକୁ ଭୁଲନ୍ତୁ ନାହିଁ। ଯଦି ଖର୍ଚ୍ଚକାଟ କରି କିଛି ସଞ୍ଚୟ କରିପାରିଲେ ତେବେ ତାହା ବଡ କଥା।

**ନିଷ୍ପତ୍ତି:** ଅବିବାହିତ ଅବସ୍ଥାରେ ଜଣେ ଝିଅ ବେଳେବେଳେ ନିଜେ କିଛି ନିଷ୍ପତ୍ତି ନେଇଥାଆନ୍ତି। ହେଲେ ବିବାହ ପରେ ଏହାକୁ ପରିବର୍ତ୍ତନ କରିବା ଦରକାର। କାରଣ ଏହାର ଶାଶୁଘର ସହ ମଧ୍ୟ ସଂଯୋଗ ରହିଛି। ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ନିଜ ପାଇଁ ଏବଂ ପରିବାର ଲାଗି କେତେ ଲାଭପ୍ରଦ ତାହା ତର୍ଜମା କରନ୍ତୁ। କିଛି ନିଷ୍ପତ୍ତି ନେବା ପୂର୍ବରୁ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରନ୍ତୁ।

**କର୍ମଜୀବୀ ହୋଇଥିଲେ...**

ଆଜିକାଲି ଅନେକ ଝିଅ ପାଠପଢ଼ା ଶେଷ ହେବା ପରେ ଚାକିରି କରିବାକୁ ପସନ୍ଦ କରୁଛନ୍ତି। ବିବାହ ପରେ କେତେକଣ ଏହାକୁ ଜାରି ରଖିଥାଆନ୍ତି। ତେଣୁ ଏହି ସମୟରେ ଆପଣଙ୍କୁ ସମାନ୍ତରାଳ ଭାବରେ ଶାଶୁଘର ଏବଂ ଚାକିରି ଦୁଇଟି ଜିନିଷ ପ୍ରତି ନଜର ଦେବାକୁ ପଡେ। ତେଣୁ ଏ ନେଇ ନିଜକୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ କରି ନିଅନ୍ତୁ। ଅଫିସ ଯିବା ପୂର୍ବରୁ କାମ କିପରି ଶେଷ ହେବ ସେ ନେଇ ଯୋଜନା କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ଘର ଏବଂ ଅଫିସକୁ ନେଇ ଟେନ୍‌ସନରେ ରହିବାକୁ ପଡି ନ ଥାଏ।



### ଏମାନେ କ'ଣ କରନ୍ତି



**ଦାୟିତ୍ୱବୋଧ ବଢ଼ିଯାଏ :**
**(ପ୍ରମିଳା ଖିଲାର**, ଗୌରୀନଗର, ଭୁବନେଶ୍ୱର)

ବିବାହ ପରେ ନବବିବାହିତାର ଦାୟିତ୍ୱବୋଧ ବଢ଼ିଯାଏ। ମୋର ଯେତେବେଳେ ମ୍ୟାରେଜ ଠିକ୍ ହେଲା ସେତେବେଳେ ବିବାହ ପରେ ମୋତେ କ'ଣ କରିବାକୁ ପଡିବ ଏଥିଲାଗି ନିଜକୁ ପ୍ରସ୍ତୁତ କରିନେଇଥିଲି। କାରଣ ପ୍ରଥମେ ମୋତେ ଏକ ନୂଆ ପରିବାର ସହ ବାକି ଜୀବନ କଟାଇବାକୁ ପଡିବ। ତେଣୁ ସେଠାରେ ଥଣ୍ଡା ମିଜାଜ୍‌ରେ ନିଜ ଦାୟିତ୍ୱ ତୁଲାଇବା ଦରକାର। ଏ ନେଇ ଯେହେତୁ ମୁଁ ଆରମ୍ଭରୁ ସଚେତନ ଥିଲି ତେଣୁ ମ୍ୟାରେଜ ପରେ ମୋତେ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡି ନ ଥିଲା। ଯେ କୌଣସି କଥା ନେଇ ମୁଁ ପ୍ରଥମେ ସ୍ୱାମୀଙ୍କ ସହ ଆଲୋଚନା କରିଥାଏ। ଶାଶୁଘର ସମ୍ମାନରେ ଯେମିତି ଟିକିଏ ଆଞ୍ଚ ନ ଆସିବ ସେ ନେଇ ସବୁବେଳେ ସତର୍କ ଥାଏ।



**ସବୁବେଳେ ସତର୍କ ରହେ :**
**(ରୀନା ବେହେରା**, ଶାସ୍ତ୍ରୀ ନଗର,ଗୋସାଣୀ ନୂଆଗାଁ, ବ୍ରହ୍ମପୁର,ଗଞ୍ଜାମ)

ବିବାହ ପରେ ମୁଁ ଶାଶୁଘରେ ନିଜକୁ ଖାପ୍ ଖୁଆଇ ଚଳାଇ ଆସିଛି। କାରଣ ନୂଆ ପରିବାର ସହ କିପରି ଚଳିବାକୁ ପଡେ ସେ ନେଇ ମୁଁ ନିଜକୁ ପ୍ରସ୍ତୁତ କରି ନେଇଥିଲି। ତେଣୁ ଏଠାରେ ମୋତେ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡି ନ ଥିଲା। ଅନେକେ ଏହି ସମୟରେ ଟିକେ ହଡବଡେଇ ଯାଆନ୍ତି। ତେଣୁ ବିବାହ ପରେ ମାନସିକ ସ୍ଥିରତା ହେଉଛି ସବୁଠାରୁ ବଡ଼ କଥା। କୌଣସି ନିଷ୍ପତ୍ତି ନିଜେ କେବେ ନେଇ ନ ଥାଏ। ଏ ନେଇ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରେ। କିଛି ପରିସ୍ଥିତି ଉପୁଜିଲେ ତାହାକୁ ଥଣ୍ଡା ମିଜାଜ୍‌ରେ ସମାଧାନ କରେ। ତେଣୁ ମୋ ବୈବାହିକ ଜୀବନର ଗାଡି ବେଶ୍ ସୁରୁଖୁରୁରେ ଗଡି ଚାଲିଛି।

### ସୌନ୍ଦର୍ଯ୍ୟ

# ଫାଉଣ୍ଡେଶନ ଲଗାଉଥିଲେ



**କୁହାଯାଏ ମେକ୍ଅପ୍ ନେବା ଏକ କଳା। ବଜାରରୁ କେତେକ ମେକ୍ଅପ୍ ପ୍ରଡକ୍ଟ କିଣି ଆଣନ୍ତି ହେଲେ ଏହାକୁ କିପରି ବ୍ୟବହାର କରାଯିବ ଏହା ବିଷୟରେ ଅନେକେ ଜାଣି ନ ଥାନ୍ତି। ଏଥିପାଇଁ ଯେଉଁ ପ୍ରଡକ୍ଟ କିଣୁଛନ୍ତି ତାହାକୁ କିପରି ବ୍ୟବହାର କରିବେ ତାହାର ଉପାୟ ନିହାତି ଜାଣିବା ଆବଶ୍ୟକ। ଏହା ମଧ୍ୟରୁ ଅନ୍ୟତମ ହେଉଛି ଫାଉଣ୍ଡେଶନ୍ । ନିଜ ମୁହଁକୁ ସୁନ୍ଦର ଦେଖାଯିବାକୁ ଚାହୁଁଥିଲେ କେତୋଟି ଟିପ୍ସକୁ ଆପଣାଇ ପାରିବେ...**

**ପ୍ରାଇମର ଲଗାଇବାର ଫାଇଦା**

ପ୍ରଥମେ ବୁଝିନେବାକୁ ହେବ ଯେ ମୁହଁରେ ମେକ୍ଅପ୍ ଆପ୍ଲାଏ କରିବା ପୂର୍ବରୁ ଫାଉଣ୍ଡେଶନ୍ କେତେ ଲଗାଇବା ଆବଶ୍ୟକ। ଏହାକୁ ଲଗାଇବା ପରେ ମୁହଁ ସଫା ଦେଖାଯାଇଥାଏ। ଏହାଦ୍ୱାରା ମୁହଁ କୋମଳ ଦେଖାଯାଇଥାଏ।

**ଫାଉଣ୍ଡେଶନ୍ ପରେ କନ୍‌ସିଲର ଲଗାନ୍ତୁ**

ଯେତେବେଳେ ଆପଣ କନ୍‌ସିଲର ବ୍ୟବହାର କରୁଛନ୍ତି ପ୍ରଥମେ ଫାଉଣ୍ଡେଶନ୍ ଲଗାନ୍ତୁ ଏହା ପରେ କନ୍‌ସିଲର । ଏହାଦ୍ୱାରା ମୁହଁରେ ଥିବା ଦାଗ ଚିହ୍ନ କିଛି ଜଣା ପଡ଼େନି। କନ୍‌ସିଲରକୁ ମୁହଁରେ ଆପ୍ଲାଏ କରିବା ପୂର୍ବରୁ କିଛି ସମୟ ଲାଗି ଛାଡି ଦେବା ଆବଶ୍ୟକ। କାହିଁକି ନା କନ୍‌ସିଲର ସେଟ୍ ହେବାକୁ କିଛି ସମୟ ଲାଗି ଥାଏ।



**ନୋଜଟିପ୍**

ଯେତେବେଳେ ବି ଆପଣ ଫାଉଣ୍ଡେଶନ୍ ବ୍ୟବହାର କରୁଛନ୍ତି ନୋଜଟିପ୍‌କୁ ଫୋକସ୍ କରିବାକୁ ଭୁଲନ୍ତୁ ନାହିଁ। କନ୍‌ସିଲର ଏବଂ ଫାଉଣ୍ଡେଶନ୍‌କୁ ଏଠାରେ ଭଲଭାବେ ଯେପରି ସ୍କିନ୍ ସହ ମିଶିଯିବ ତାହାକୁ ନଜର ଦିଅନ୍ତୁ।

### ଖାଦ୍ୟରୁଚି

# ଚିଲି କୋବି

**ଆବଶ୍ୟକ ସାମଗ୍ରୀ:**
ଫୁଲକୋବି ୨୫୦ଗ୍ରାମ୍ , କର୍ନଫ୍ଲୋର ଦୁଇ ବଡ଼ ଚାମଚ, ଆବଶ୍ୟକ ପରିମାଣରେ ତେଲ, ଗ୍ରୀନ ଚିଲି ସସ୍, ରେଡ ଚିଲି ସସ୍, ଭିନେଗାର ଏକ ଚତୁର୍ଥାଂଶ, ସୋୟା ସସ୍ ଅଧା ଚାମଚ, ଟମାଟୋ ସସ୍ , ଲୁଣ ଏକ ଚତୁର୍ଥାଂଶ, ଛୋଟ ଆକାରରେ କଟା ହୋଇଥିବା ପିଆଜ ଏକ ଚାମଚ, ଅଦା, କ୍ୟାପ୍‌ସିକମ୍ ଏକ ଚାମଚ, ରସୁଣ, ଗୋଲମରୀଚ ପାଉଡର,ଧନିଆଁପତ୍ର।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ଫୁଲକୋବିକୁ ମଧ୍ୟମ ଆକାରରେ କାଟି ଦିଅନ୍ତୁ। ପ୍ରଥମେ ଗରମ ପାଣି କରନ୍ତୁ ସେଥିରେ ଲୁଣ ପକାନ୍ତୁ। ଏବେ ଏହି ଗରମ ପାଣିରେ କଟା ହୋଇଥିବା କୋବିକୁ କିଛି ସମୟ ପକାଇ ଦିଅନ୍ତୁ। ଏହାପରେ ଏକ ବାଓଲ ନିଅନ୍ତୁ। ଏଥିରେ କର୍ନଫ୍ଲୋର ଓ ଲୁଣ ମିଶାଇ କୋବିର ଖଣ୍ଡଗୁଡିକୁ ଭଲ କରି କୋଟ କରି ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ନିଅନ୍ତୁ। ଏବେ ଏହି ତେଲରେ କୋଟେଡ୍ ହୋଇଥିବା କୋବିକୁ ଗୋଲଡେନ୍ କଲର ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ପୁଣି ଏହାକୁ ଟିସୁ ପେପର ଉପରେ କାଢ଼ି ଦେଇ ରଖନ୍ତୁ। ଏବେ କିଛି ପରିମାଣରେ ତେଲ ନିଅନ୍ତୁ,ସେଥିରେ ଟିକେ କ୍ୟାପ୍‌ସିକମ୍, ପିଆଜ, କଦୁକସ୍ ହୋଇଥିବା ଅଦା ଏବଂ ରସୁଣ ଭାଜି ହୋଇଗଲା ପରେ ସେଥିରେ ଆପଣ ଆଗରୁ ଛଣା ହୋଇଥିବା କୋବି ପକାନ୍ତୁ। ଏବେ ଆପଣ ସେଥିରେ ସୋୟା ସସ୍, ଚିଲି ସସ୍, ଭିନେଗାର ଏବଂ ଟମାଟୋ ସସ୍ ପକାନ୍ତୁ। ଏହାପରେ ଅଳ୍ପ ଗୋଲମରିଚ ପାଉଡର ପକାନ୍ତୁ। ଏବେ ଏହାକୁ ଗାର୍ଣ୍ଣିସିଙ୍ଗ କରିବାକୁ ହେଲେ ତା ଉପରେ କିଛି ଧନିଆପତ୍ର ପକାଇ ପରଷନ୍ତୁ।



# ନକ୍‌ଆଉଟ୍‌ରେ ଓଏଫ୍‌ସି



ଓଏଫ୍‌ସି ଓ ବସୁନ୍ଧରା କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭୁବନେଶ୍ୱର,୧୧।୧୨(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେଅନୁଷ୍ଠିତ ଏଏଫ୍‌ସି କପ୍‌ର ମ୍ୟାଚ୍‌ରେ ବସୁନ୍ଧରା କିଙ୍ଗ୍ସକୁ ୧-୦ରେ ପରାସ୍ତ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହି ବିଜୟ ସହିତ ଏଏଫ୍‌ସି କପ୍‌ର ନକ୍‌ଆଉଟ୍‌କୁ ଦଳ ଉତ୍ତୀର୍ଣ୍ଣ ହୋଇଛି। ଗ୍ରୁପ୍ ଡିରେ ସ୍ଥାନ ପାଇଥିବା ଓଏଫ୍‌ସି ୬ ମ୍ୟାଚ୍ ଖେଳି ୪ ବିଜୟ ଓ ୨ ପରାଜୟ ସହିତ ୧୨ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛି। ଓଡ଼ିଶା ପକ୍ଷରୁ ୬୧ ତମ ମିନିଟରେ ମୋର୍ଟାଡା ଫଲ୍ ଏକମାତ୍ର ଗୋଲ ସ୍କୋର କରିଥିଲେ।

ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବା ପାଇଁ ଓଏଫ୍‌ସିକୁ ନିଶ୍ଚିତ ବିଜୟ ଆବଶ୍ୟକ ଥିବା ବେଳେ ଦଳ ପ୍ରଥମାର୍ଦ୍ଧରୁ ହିଁ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ଓଏଫ୍‌ସି ୪-୨-୩-୧ କମ୍ବିନେଶନ ସହ ଓହ୍ଲାଇଥିବା ବେଳେ ପ୍ରଥମାର୍ଦ୍ଧରେ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି ହୋଇଥିଲା। ତେବେ ବସୁନ୍ଧରା କିଙ୍ଗ୍ସ ଗୋଲକିପର ଏହାକୁ ରୋକିବାରେ ସମର୍ଥ ହୋଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲେ ମଧ୍ୟ ଶେଷ ଆଡକୁ ବେଶ ନାଟକୀୟ ରହିଥିଲା। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଅହମଦ ଜାହୋହଙ୍କୁ ଫାଉଲ ମାରିବା କାରଣରୁ ମିଡଫିଲ୍ଡର ଆସ୍ରୋର ଗଫୁରୋଭଙ୍କୁ ରେଡକାର୍ଡ ପ୍ରଦାନ କରିଥିଲେ ରେଫରି। ଏହାକୁ ନେଇ କିଛି ସମୟ ଧରି ଉତ୍ତେଜନା ମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା। ବସୁନ୍ଧରାର

## ଏଏଫ୍‌ସି କପ୍

ସପୋର୍ଟ ଷ୍ଟାଫ୍ ରେଫରୀଙ୍କ ସହିତ ଯୁକ୍ତି କରିଥିବା ବେଳେ ମୁଖ୍ୟ କୋଚ୍ ଓସ୍କାର ବ୍ରୁଜୋନଙ୍କୁ ୟେଲୋ କାର୍ଡ ମିଳିଥିଲା।

ଦ୍ୱିତୀୟାର୍ଦ୍ଧରେ ବସୁନ୍ଧରା କିଙ୍ଗ୍ସ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଓଏଫ୍‌ସି ମ୍ୟାଚ୍‌ରେ ୧୦ଟି କର୍ନର ହାସଲ କରିଥିଲେ ମଧ୍ୟ ବସୁନ୍ଧରା କିଙ୍ଗ୍ସ ଗୋଲକିପର ମେହିଦି ହସନ ଶ୍ରବୋନ୍ ଏହାକୁ ରୋକିବାରେ ସମର୍ଥ ହୋଇଥିଲେ। ୬୧ ତମ ମିନିଟରେ ଓଡ଼ିଶାକୁ ମିଳିଥିବା କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ ମୋର୍ଟାଡା ଫଲ୍। ଜାହୋହଙ୍କ ଶକ୍ତିଶାଳୀ କର୍ନର କିକ୍‌କୁ ହେଡର ଜରିଆରେ ଗୋଲ୍‌ରେ ପରିଣତ କରିଥିଲେ ଫଲ୍। ଏଏଫ୍‌ସି କପ୍‌ରେ ଏହା ତାଙ୍କର ଦ୍ୱିତୀୟ ଗୋଲ୍। ପୂର୍ବରୁ ମଜିୟା ଏଫ୍‌ସି ବପକ୍ଷରେ ଫଲ୍ ଏକ ଗୋଲ୍ ଦେଇଥିଲେ।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ



୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ବିଭିନ୍ନ କ୍ରୀଡ଼ାସଂଘ ପ୍ରତିନିଧି।

କଟକ,୧୧।୧୨
(ସୁପ୍ରିୟା ପ୍ରିୟଦର୍ଶିନୀ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକମାନେ ସୋମବାର ଭେଟିଛନ୍ତି। ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଘ ଓ ଜିଲା ସଂଘର ପ୍ରତିନିଧିମାନେ ତାଙ୍କ ସହ ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ନେଇ ଆଲୋଚନା କରିଥିଲେ। କଟକ ବାରବାଟୀ ଷ୍ଟାଡିୟମର ନବୀକରଣ

## ବାରବାଟୀ ଷ୍ଟାଡିୟମର ବିକାଶ ନେଇ ଦାବିପତ୍ର

ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟର ଏହି ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ବିକାଶ ନେଇ ଏକ ଦାବିପତ୍ର ପାଣ୍ଡିଆନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା ସଙ୍ଗଠକମାନେ ଶ୍ରୀଜଗନ୍ନାଥଙ୍କ ଏକ ପ୍ରତିକୃତି ଉପହାର ସ୍ୱରୂପ ଦେଇଥିଲେ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଓଡିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ବକ୍ସିଂ ସଂଘ ସମ୍ପାଦକ ଅଧୀପ ଦାସଙ୍କ ସମେତ ଅନ୍ୟ କ୍ରୀଡ଼ା ସଙ୍ଗଠକମାନେ ଉପସ୍ଥିତ ଥିଲେ ।

# ହାଇଦ୍ରାବାଦକୁ ୩ ପଏଣ୍ଟ



ଉଭୟ ଦଳର ଖେଳାଳି ପରସ୍ପରକୁ ଭେଟୁଛନ୍ତି ।

## କୁଚ୍ ବିହାର ଟ୍ରଫି

ବରଗଡ଼,୧୧।୧୨(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଏବଂ ଜିଲା କ୍ରିକେଟ ଆସୋସିଏଶନ ସହଯୋଗରେ ବରଗଡ଼ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ହାଇଦ୍ରାବାଦ-ଓଡ଼ିଶା ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । ହାଇଦ୍ରାବାଦ ପ୍ରଥମ ଇନିଂସରେ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ଏବଂ ଓଡ଼ିଶାକୁ ୧ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ହାଇଦ୍ରାବାଦର ପ୍ରଥମ ଇନିଂସ ସ୍କୋର ୫୦୩ ଜବାବରେ ଓଡ଼ିଶା ଅସମାପ୍ତ ୧୮୯/୪ରୁ ଖେଳ ଆରମ୍ଭ କରିଥିଲା। ପୂର୍ବଦିନର ଅପରାଜିତ ବ୍ୟାଟର ଶ୍ରେୟାଂଶ ଭରଦ୍ୱାଜ ନିଜର ଦ୍ୱିଶତକ ପୂରଣ କରିବା ସହିତ ୩୯୧ ବଲର ସାମ୍ନା କରି ୨୫୬ରନ୍ କରିଥିଲେ।ଏହି ଇନିଂସରେ ୨୬ ଚୌକା ଓ ୧୧ ଛକା ସାମିଲ ଥିଲା। ସମ୍ବିତ ବେଜା ୭୯ ରନ୍ କରିଥିଲେ। ଉଭୟ ଖେଳାଳି ଆଉଟ ହେବା ସହିତ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ନିମ୍ନକ୍ରମରେ ମହମ୍ମଦ ସୋହେଲ ଖାଁ ୫୪ର ଓ ଶୁଭମ ପ୍ରିୟଦର୍ଶୀଙ୍କ ୨୮ରନ୍



ଦ୍ୱିଶତକ ହାସଲକାରୀ ଶ୍ରେୟାଂଶ ଭରଦ୍ୱାଜ।

ସତ୍ତ୍ୱେ ଦଳ ୪୮୧ରନ୍ କରି ଅଲଆଉଟ୍ ହୋଇଥିଲା। ହାଇଦ୍ରାବାଦ ଦଳ ପକ୍ଷରୁ ପ୍ରଣବ ବର୍ମା ୪, ଏସ୍. ନିଶାନ୍ତ ୩ ଓ ଦିନେଶ ରାଠୋର ୨ ଉଇକେଟ୍ ନେଇଥିଲେ।

ମ୍ୟାଚ୍ ପରେ ଜିଲା କ୍ରିକେଟ୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଖେଳାଳି ଏବଂ ମ୍ୟାଚ୍ ଅଫିସିଆଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ଓଡ଼ିଶାର ସମସ୍ତ ଖେଳାଳିଙ୍କ ସମେତ ପୂର୍ବତନ ରଣଜୀ ଖେଳାଳି ତଥା ମୁଖ୍ୟ କୋଚ୍ ନଟରାଜ ବେହେରା, ବସନ୍ତ ମହାନ୍ତି, ପର୍ଯ୍ୟବେକ୍ଷକ ତଥା ରଣଜୀ ଖେଳାଳି ପ୍ରଭଞ୍ଜନ ମଲ୍ଲିକ, ମ୍ୟାନେଜର ପ୍ରଦୀପ ନନ୍ଦ ପ୍ରମୁଖଙ୍କୁ ସ୍ମାରକୀ ପ୍ରଦାନ କରାଯାଇଥିଲା। ସେହିପରି ହାଇଦ୍ରାବାଦ ଦଳର ସମସ୍ତ ସପୋର୍ଟ ଷ୍ଟାଫଙ୍କୁ ମଧ୍ୟ ସ୍ମାରକୀ ପ୍ରଦାନ କରାଯାଇଥିଲା। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ପ୍ରବନ୍ଧନ ନିର୍ଦ୍ଦେଶକ ଡି. ବିବେକ, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ଗିରିଜା ପ୍ରସାଦ ନାଥ, ସନ୍ତୋଷ ପଣ୍ଡା, ପ୍ରଦୀପ ନନ୍ଦ, ବିକାଶ ଗ୍ରୁପ୍‌ର କ୍ରୀଡ଼ା ଅଧିକାରୀ ପୀତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ, ରୂପକ ପ୍ରଧାନ, ଓସିଏ କ୍ୟୁରେଟର କେଶବ ସିଂ, ବିକାଶ ଗ୍ରାଉଣ୍ଡ କ୍ୟୁରେଟର ରେଣ୍ଟୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନରୁ ସଞ୍ଜୟ ସିଂଙ୍କୁ ବାଦ୍ ଦିଆଯାଉ

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ସୋମବାର କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟିଛନ୍ତି ଦୁଇ ଅଲିମ୍ପିକ୍ସ ପଦକ ବିଜେତା ରେସ୍‌ଲର ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ। ଆସନ୍ତା ଡିସେମ୍ବର ୨୧ ତାରିଖରେ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍ଆଇ)ର ନିର୍ବାଚନ ରହିଥିବା ବେଳେ ଏଥିରେ ସଞ୍ଜୟ ସିଂଙ୍କୁ ଅଂଶଗ୍ରହଣ ପାଇଁ ଅନୁମତି ନ ଦେବାକୁ ଉଭୟ କ୍ରୀଡାମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଡବ୍ଲ୍ୟୁଏଫ୍ଆଇର ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ମାମଲା ଆସିଥିବା ବେଳେ ବଜରଙ୍ଗ ଓ ସାକ୍ଷୀ ବିରୋଧ ପ୍ରଦର୍ଶନର ନେତୃତ୍ୱ ନେଇଥିଲେ। ଉତ୍ତର ପ୍ରଦେଶର କେଶରଗଞ୍ଜରୁ ଭାଜପା ଏମ୍‌ପି ରହିଥିବା

## କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ ବଜରଙ୍ଗ, ସାକ୍ଷୀ

ବ୍ରିଜ୍‌ଭୂଷଣ ଇସ୍ତଫା ପ୍ରଦାନ କରିଥିବା ବେଳେ ରେସ୍‌ଲରମାନେ ଯନ୍ତର ମନ୍ତରରେ ନିଜ ଧାରଣା ଜାରି ରଖିଥିଲେ। ତେବେ ବ୍ରିଜଭୂଷଣ କିମ୍ବା ତାଙ୍କ ପରିବାରର କାହାକୁ ନିର୍ବାଚନ ଲଢିବାକୁ ଦିଆଯିବ ନାହିଁ ବୋଲି କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଖେଳାଳି ମାନେ ଧାରଣାରୁ ଓହରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଡବ୍ଲ୍ୟୁଏଫ୍ଆଇ ସଭାପତି ଦୌଡରେ ସଞ୍ଜୟ ସିଂ ଓ ଅନୀତା ଶେଓରାନ ରହିଛନ୍ତି। ଅନୀତା ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ବିଜୟୀ ଖେଳାଳି ରହିଥିବା ବେଳେ ସଞ୍ଜୟ ହେଉଛନ୍ତି ବ୍ରିଜ୍‌ଭୂଷଣଙ୍କ ପୂର୍ବତନ ସହଯୋଗୀ। ପୂର୍ବରୁ କ୍ରୀଡାମନ୍ତ୍ରୀ ଆମକୁ ଦେଇଥିବା ପ୍ରତିଶ୍ରୁତି ମନେପକାଇ ଦେବା ପାଇଁ ଆମେ ଭେଟିଥିଲୁ ବୋଲି କହିଛନ୍ତି ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ବଜରଙ୍ଗ। ସଞ୍ଜୟ ସିଂ ଏହି ନିର୍ବାଚନ ଲଢୁଥିବା ବେଳେ ସେ ବ୍ରିଜ୍‌ଭୂଷଣଙ୍କ ଜଣେ ପୂର୍ବତନ ସହଯୋଗୀ। ଅନ୍ୟ ପକ୍ଷରେ ଅନୀତା ଜଣେ ପୂର୍ବତନ ରେସ୍‌ଲର ହୋଇଥିବାରୁ ତାଙ୍କ ପ୍ରତି ଆମର ସମର୍ଥନ ରହିଛି। ସେ ନିଜେ ଜଣେ ଆଥଲେଟ ଭାବରେ ଖେଳାଳିଙ୍କ ଦୁଃଖ ବୁଝିବାରେ ସମର୍ଥ ହେବେ।

ଜଣେ ପୂର୍ବତନ ରେସ୍‌ଲର ଏହି ଦାୟିତ୍ୱ ନେଲେ ଆମେ ଖୁସି ହେବୁ। ଅନୀତା ଦେଶ ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତି ସାରିଛନ୍ତି। ତେଣୁ ସେ ପଦକ ବିଜୟ ପଛର ପରିଶ୍ରମ ସମ୍ପର୍କରେ ଅବଗତ। ପ୍ରଥମ ମହିଳା ଭାବେ ସେ ଡବ୍ଲ୍ୟୁଏଫ୍ଆଇ ସଭାପତି ଦୌଡରେ ରହିଥିବା ଅନୀତା ଯୌନ ଶୋଷଣ ମାମଲାର ଅନ୍ୟତମ ସାକ୍ଷୀ ଅଟନ୍ତି। ଯୌନ ଶୋଷଣ ମାମଲାରୁ ଜାମିନରେ ଆସିଥିବା ବ୍ରିଜ୍‌ଭୂଷଣ ଡବ୍ଲ୍ୟୁଏଫ୍ଆଇ ସଭାପତି ଭାବେ ୧୨ ବର୍ଷ ପୂରଣ କରି ସାରିଥିବା ବେଳେ ସେ ଆଉଥରେ ନିର୍ବାଚନ ଲଢି ପାରିବେ ନାହିଁ। ବ୍ରିଜ୍‌ଭୂଷଣଙ୍କ ପୁଅ କରଣ ସିଂ ଉତ୍ତରପ୍ରଦେଶ ରେସଲିଂ ଫେଡେରେଶନର ଉପସଭାପତି ରହିଥିବା ବେଳେ ଜ୍ୱାଇଁ ବିଶାଲ ସିଂ ବିହାର ରେସଲିଂ ଫେଡେରେଶନର ସଭାପତି ରହିଛନ୍ତି। ତେବେ ଖେଳାଳିଙ୍କ ଆପତ୍ତି ପରେ ଉଭୟ ନିର୍ବାଚନରୁ ନିଜକୁ ଦୂରେଇ ରଖିଥିଲେ।

# ଆଜିଠୁ ବିଡବ୍ଲ୍ୟୁଏଫ ଟୁର୍ ସୁପର ୧୦୦

କଟକ,୧୧।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବ ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ। ଏହାକୁ ସଫଳ କରିବା ନିମନ୍ତେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତ ଶେଷ ହୋଇଛି । ଏଥିପାଇଁ ଭାରତୀୟ ଓ ବିଦେଶୀ ଖେଳାଳି କଟକରେ ପହଞ୍ଚିଛନ୍ତି। ଭାରତ ସମେତ ୩୦ ରାଷ୍ଟ୍ରର ଖେଳାଳି ମାନେ ଏଥିରେ ଭାଗ ନେବେ। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ) ଦ୍ୱାରା ହେବାକୁ ଯାଉଥିବା ଏହି ଟୁର୍ନାମେଣ୍ଟର ମ୍ୟାଚ ଗୁଡ଼ିକ ୪ଟି କୋର୍ଟରେ ଅନୁଷ୍ଠିତ ହେବ। ମଙ୍ଗଳବାରଠାରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ୧୭ ପର୍ଯ୍ୟନ୍ତ ଚାଲିବ। ଭାରତର ଶ୍ରେୟାଂଶ ଜୈସୱାଲ, ଅଭିନବ ଠାକୁର, ଭାର୍ଗବ ସୋମସୁନ୍ଦର, ଭାରତ ରାଘବ, ଧ୍ରୁବ କୁମାର, କେଭିନ ଥାଙ୍ଗମ, ମନରାଜ ସିଂ, ସନୀଥ ଦୟାନନ୍ଦ, ପ୍ରଣୟ କାଟା, ସିଦ୍ଧାର୍ଥ ମିଶ୍ର, ଆକାଶ

## ସାମିଲ ହେବେ ୩୦ ରାଷ୍ଟ୍ରର ଖେଳାଳି

ସିଂ, ଲୋକେଶ ରେଡ୍ଡୀ, ବି. ଆର୍ଯ୍ୟଙ୍କ ସମେତ ବିଦେଶ ରାଷ୍ଟ୍ରର ବି. ଲଥୀସ, କେ କୁସୱାନ୍ତୋ, ସକେତ ଥାଭାନି, ପ୍ରିନ୍ସ ଦାହାଲ, ଜାସନ ଖ୍ରୀଷ୍ଟ ଆଲେକଜାଣ୍ଡର, ବି.ଆର ସନକୀର୍ଥ, ୱିଜାୟା ଚୈରୁଲୁହା, କୁଆ ଲିନ୍, ୟଙ୍ଗ ୟଙ୍ଗ, ଦୁମିନ୍ଦୁ ଏବିକ୍ରମା, ଜର୍ଜ ପାଏଟେଲ, ମ୍ୟାଡସ କ୍ରିଷ୍ଟୋଫର ପ୍ରମୁଖ ଭାଗ ନେବେ। ଏନେଇ କଟକ ମହାନଗର ନିଗମ(ସିଏମସି) କମିଶନର ନିଖିଳ ପୱନ କଲ୍ୟାଣ କହିଛନ୍ତି ଯେ, ଅର୍ନ୍ତଜାତୀୟ ସ୍ତରର ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ଭାରତ ସମେତ ପ୍ରାୟ ୩୦ ଦେଶର ଖେଳାଳି ଏଥିରେ ଭାଗ ନେବେ । ରାଜ୍ୟର ବ୍ୟାଡମିଣ୍ଟନ ଖେଳାଳିମାନଙ୍କୁ ଏଭଳି ପ୍ରତିଯୋଗିତା ଉତ୍ସାହିତ କରିବ।



ଟୁର୍ନାମେଣ୍ଟ ପୂର୍ବରୁ ଆଲୋକମାଳାରେ ସଜ୍ଜିତ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ।

## ନନ୍ଦକିଶୋର ମେମୋରିଆଲ ମହିଳା ଫୁଟ୍‌ବଲ

# ଉଦ୍‌ଘାଟନୀ ମ୍ୟାଚ ଡ୍ର

ଭୁବନେଶ୍ୱର, ୧୧।୧୨ (ବିଜୟ ରଣା)

ରାଜ୍ୟସ୍ତରୀୟ ଦ୍ୱିତୀୟ ନନ୍ଦକିଶୋର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଛି। କିଟ୍-କିସ୍ ଏବଂ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହା ଅମୀମାଂସିତ ରହିଥିଲା। ଜେମା ସଏ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମଙ୍ଗଳବାର ସ୍ପୋର୍ଟ୍ସ ଓଡ଼ିଶା ଓ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ମଧ୍ୟରେ ମ୍ୟାଚ ଖେଳାଯିବ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭୁବନେଶ୍ୱର କ୍ରୀଡ଼ା ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସିଟି କ୍ଲବ ସମ୍ପାଦକ ପ୍ରଦୀପ ରାଉତରାୟ, ଓଡ଼ିଶା ରାଜ୍ୟ ମହିଳା ଫୁଟ୍‌ବଲ ମହାସଂଘ ଅଧ୍ୟକ୍ଷ ସହଦେବ ରାଉତ, ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ, ଅଶୋକ କୁମାର ମହାନ୍ତି, ଭାଗ୍ୟଧର ଜଗଦ୍ଦେବ, ଅନୁଗୋଳ ସୁକିନ୍ଦା ରେଲୱେର ପରିଚାଳନା ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟ, ସମରେନ୍ଦ୍ର ଜେନା, ଜଲିଲ ଖାଁ, କର୍ପୋରେଟ ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଆସିଆ ବେଗମ, ଶୁଚିସ୍ମିତା ପୃଷ୍ଟି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ମ୍ୟାଚ୍ ଅବସରରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ଯୁବ ଖେଳାଳିଙ୍କ ଶକ୍ତି ପରୀକ୍ଷା ଲକ୍ଷ୍ୟରେ ଭାରତ

ଜିକ୍ବେବେରା,୧୧।୧୨(ପି.ଟି.)

ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇଯିବା ପରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳିବ ଭାରତ। ଟି୨୦ ବିଶ୍ୱକପ ପୂର୍ବରୁ ଆଉ ମାତ୍ର ୫ଟି ମ୍ୟାଚ୍ ବାକି ରହିଥିବା ବେଳେ ଦଳ ଚୟନକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ରହିଛି। ଯୁବ ଖେଳାଳିଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳି ନ ଥିବା ବେଳେ ଏହା ଦଳ ଚୟନକୁ ନେଇ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଚୟନକର୍ତ୍ତା ମାନେ ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ୧୭ ଜଣିଆ ଦଳ ଘୋଷଣା କରିଥିଲେ। ଶୁବମନ ଗିଲ୍ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଋତୁରାଜ ଗାଏକ୍ୱାଡ ଓ ଯଶସ୍ୱୀ ଜୟସ୍ୱାଲଙ୍କ ମଧ୍ୟରୁ ଜଣଙ୍କୁ

## ଆଜି ଦ୍ୱିତୀୟ ଟି୨୦

ଓପନିଙ୍ଗ ସ୍ଲଟ୍ ଛାଡିବାକୁ ପଡିବ। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଟି୨୦ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ରହିଥିବା ବେଳେ ଯଶପ୍ରୀତ୍ ବୁମ୍‌ରା ବର୍ତ୍ତମାନ ବିଶ୍ରାମ ନେଉଛନ୍ତି। ଏହି ୩ ଖେଳାଳି ପ୍ରତ୍ୟାବର୍ତ୍ତନ କଲେ ଦଳର ସମୀକରଣ ସମ୍ପୂର୍ଣ୍ଣ ଭାବରେ ବଦଳିଯିବ। ଦଳର ବ୍ୟାଟିଂ ଲାଇନ୍ ଅପ୍ ଓ ବୋଲିଂ ଲାଇନ୍ ଅପ୍‌ରେ ଆମୂଳଚୂଳ ପରିବର୍ତ୍ତନ ଘଟିବ। ଜୁନ୍ ମାସରେ ବିଶ୍ୱକପ ରହିଥିବା ବେଳେ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ସିରିଜ୍‌କୁ ବଡ ଟୁର୍ନାମେଣ୍ଟ ଭାବେ ଗ୍ରହଣ କରାଯାଏ। ଏହାପରେ ଜାନୁୟାରୀ ମାସରେ ଆଫଗାନିସ୍ତାନ ବିପକ୍ଷରେ ଆଉ ଏକ ଟି୨୦ ସିରିଜ୍ ଖେଳିବ ଭାରତ। ପ୍ରଥମ ମ୍ୟାଚ୍ ବାତିଲ ହୋଇଥିବା ବେଳେ ଭାରତ ହାତରେ ମାତ୍ର ୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ରହିଛି। ଏପରି କ୍ଷେତ୍ରରେ ସମସ୍ତ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିବା ବା ପରଖିବା ମଧ୍ୟ ଅସମ୍ଭବ ବ୍ୟାପାର ଅଟେ।

ଉଭୟ ଜୟସ୍ୱାଲ ଓ ଗାଏକ୍ୱାଡ ଟପ୍ ଅର୍ଡରରେ ପ୍ରଚୁର ରନ୍ ସ୍କୋର କରିଛନ୍ତି। ତେବେ ଗିଲ୍ ପ୍ରଥମ ପସନ୍ଦର ଓପନର ହୋଇଥିବା ବେଳେ ଉଭୟଙ୍କ ମଧ୍ୟରୁ ଜଣେ ବାଦ ପଡିବେ କିମ୍ବା ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ଏପରି ହେଲେ ୩ ନମ୍ବରରେ ବ୍ୟାଟିଂ କରୁଥିବା ଇଶାନ କିଶନଙ୍କୁ ନିଜ ସ୍ଥାନ ହରାଇବାକୁ ପଡିବ। ଶ୍ରେୟସ୍ ଆୟର ସଚ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟିଂ ପୋଜିଶନ ମଧ୍ୟ ବଦଳିବାର ସମ୍ଭାବନା ରହିଛି। ରିଙ୍କୁ ସିଂ ଓ ଜୀତେଶ ଶର୍ମା ମଧ୍ୟ ଫିନିଶର ଦାୟିତ୍ୱ ନିଭାଇଛନ୍ତି। ତେବେ ଉଭୟଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳିବ କି ନାହିଁ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଦକ୍ଷିଣ ଆଫ୍ରିକାର ପିଚ୍ ଗୁଡିକରେ ଅତିରିକ୍ତ ବାଉନ୍ସ ରହିଥିବା ବେଳେ ଏହା ଯୁବ ଭାରତୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇ ପାରେ। ବୋଲିଂରେ ଭାରତୀୟ ଦଳ ସନ୍ତୁଳିତ ରହିଥିବା ବେଳେ କୁଲଦୀପ ଯାଦବ ଓ ରବି ବିଷ୍ଣୋଇଙ୍କ ମଧ୍ୟରୁ ଜଣଙ୍କୁ ବାହାରେ ବସିବାକୁ ପଡିବ। ଅଲରାଉଣ୍ଡର ଭାବରେ ଜାଡେଜାଙ୍କୁ ଏହି ଦଳରେ ପ୍ରାଥମିକତା ମିଳିବ।

ମ୍ୟାଚ୍: ସେଣ୍ଟ ଜର୍ଜସ ପାର୍କ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଚଳିତ ବର୍ଷର ୱାଇଲ୍ଡ ଲାଇଫ ଫଟୋଗ୍ରାଫର 'ଭିହାନ'

**ବେଙ୍ଗାଲୁରୁ**

ଚଳିତ ବର୍ଷର ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଭାବେ ବେଙ୍ଗାଲୁରୁର ପ୍ରତିଭାଶାଳୀ ଭିହାନ ତଲ୍ୟା ବିକାଶ ୧୦ ବର୍ଷ ଏବଂ ତା'ଠୁ କମ୍ ଶ୍ରେଣୀ ବର୍ଗରେ ପୁରସ୍କାର ପାଇଛନ୍ତି। ଏହି ପୁରସ୍କାର ଏକ ପ୍ରକାରର ଓସ୍କାର ଆୱାର୍ଡ ସହିତ ସମାନ। ଏହାକୁ ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଦ୍ୱାରା ଆୟୋଜିତ କରାଯାଇଥିଲା। ବିଶ୍ୱର ସବୁଠୁ ଅସାଧାରଣ ବନ୍ୟଜୀବ ଫଟୋଗ୍ରାଫିକୁ ପ୍ରଦର୍ଶିତ କରିବାକୁ ଏହା ଏକ ବୈଶ୍ୱିକ ମଞ୍ଚ ଭାବରେ କାର୍ଯ୍ୟ କରିଥାଏ। ଭିହାନଙ୍କ ଫଟୋଗ୍ରାଫି ତାଙ୍କର ଅସାଧାରଣ ପ୍ରତିଭା ଓ ସୃଜନଶୀଳତାକୁ ଦର୍ଶାଏ। ତାଙ୍କ ଫଟୋଗ୍ରାଫିରେ ଏକ ବୁଢ଼ୀଆଣିକୁ ଆକର୍ଷଣ ମୁଦ୍ରାରେ ଦର୍ଶାଇଯାଇଛି। ଯାହା ତାଙ୍କ ସହର ବାହାର ଅଞ୍ଚଳରେ ଥିବା ଭଗବାନ କୃଷ୍ଣଙ୍କ ମୂର୍ତ୍ତି ପାଖରେ ରହିଛି। ଏଥିରେ ବୁଢ଼ୀଆଣିଟି କୃଷ୍ଣଙ୍କ


ଭିହାନ ତଲ୍ୟା ବିକାଶ

ବଂଶୀ ସ୍ୱରରେ ମୁଗ୍ଧ ହୋଇଥିବା ଦର୍ଶାଯାଇଛି। ଏପରି ଉଲ୍ଲେଖନୀୟ ଉପଲବ୍ଧି ପ୍ରତି ଭିହାନଙ୍କ ଯାତ୍ରା ବେଙ୍ଗାଲୁରୁ ପାଖ ଏକ ମନ୍ଦିର ନିକଟରୁ ଆରମ୍ଭ ହୋଇଥିଲା। ଏହି ଯାତ୍ରାରେ ସେ ନିଜ ଶିକାରକୁ ଫସାଇବା ସମୟରେ ତାଙ୍କ ନଜର ଏକ ବୃକ୍ଷ ତଳେ ଥିବା ବୁଢ଼ୀଆଣି ଉପରେ ପଡ଼ିଥିଲା। ୧୦ ବର୍ଷୀୟ ଭିହାଣ ୩ ବର୍ଷ ପୂର୍ବରୁ ତାଙ୍କ ଫଟୋଗ୍ରାଫି ଆରମ୍ଭ କରିଥିଲେ। ଭିହାନ ତାଙ୍କ କ୍ୟାମେରାରେ ମାଇକ୍ରୋ ଏବଂ ଟେଲିଫଟୋ ଲେନ୍ସର ବ୍ୟବହାର କରୁଥିଲେ। ଫଟୋଗ୍ରାଫି ବ୍ୟତୀତ ସେ ଖଗୋଳ ବିଜ୍ଞାନର ଅଧ୍ୟୟନ କରିବା, ବିଭିନ୍ନ ପ୍ରକାରର ପ୍ରତିଭା ଏବଂ ରୁଚିକୁ ପ୍ରଦର୍ଶିତ କରିବାର ମଧ୍ୟ ତାଙ୍କର ରୁଚି ରହିଛି। ଭିହାନଙ୍କ ଏହି ଫଟୋ ଡବ୍ଲ୍ୟୁପିୱାଇ ୱାଇ ୫୯ ସଂଗ୍ରହର ଅଂଶ ହେବ। ଆସନ୍ତା ବର୍ଷର ବନ୍ୟଜୀବ ଫଟୋଗ୍ରାଫର ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯିବ। ବନ୍ୟଜୀବ ସଂରକ୍ଷଣର ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ବାବଦରେ ସଚେତନତା ବଢ଼ାଇବାକୁ ପ୍ରାଥମିକ ଉଦ୍ଦେଶ୍ୟ ସହିତ ଏହି ପ୍ରଦର୍ଶନୀ ୪ ମହାଦ୍ୱୀପରେ ୨୫ ସ୍ଥାନ ଭ୍ରମଣ କରି ଏକ ବୈଶ୍ୱିକ ଯାତ୍ରା ଆରମ୍ଭ କରିବ।



# 'ଟକ୍ସିକ୍'ରେ ଯଶ୍

**ମୁମ୍ବାଇ:** 'କେଜିଏଫ୍' ଜରିଆରେ ଅନେକ ସୁନାମ ଆଣିଥିବା ଅଭିନେତା ଯଶ୍‌ଙ୍କ ଆଗାମୀ ଫିଲ୍ମକୁ ପ୍ରଶଂସକ ଅପେକ୍ଷା କରିଛନ୍ତି। ତେବେ ନିକଟରେ ଯଶ୍ ସୋସିଆଲ ମିଡିଆରେ ଏକ ଟିଜର ଜାରିକରି ତାଙ୍କ ଫିଲ୍ମର ଟାଇଟଲ ବାବଦରେ ଜଣାଇଛନ୍ତି। ଟିଜର୍‌ରୁ ତାଙ୍କ ଫିଲ୍ମର ନାମ 'ଟକ୍ସିକ୍' ବୋଲି ସ୍ପଷ୍ଟ ହୋଇଛି। ଏଥିରେ ଯଶ୍ ହାତରେ ଏକ ସିଗାରେଟ୍ ଏବଂ ମୁଣ୍ଡରେ ଟୋପି ପିନ୍ଧିଥିବା ନଜରକୁ ଆସିଛନ୍ତି। ମାଲୟାଲମ୍ ଫିଲ୍ମର ପ୍ରଯୋଜକ ଗୀତୁ ମୋହନଦାସ ଏଥିରେ ନିର୍ଦ୍ଦେଶନା ଦେଉଛନ୍ତି। ୨୦୨୫ ଏପ୍ରିଲ ୧୦ରେ ଏହି ଫିଲ୍ମ ପରଦାକୁ ଆସିବ। ଯଶ୍‌ଙ୍କ ବିପକ୍ଷରେ ଦକ୍ଷିଣର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର କାହାଣୀ ଡ୍ରଗ୍ସ ମାଫିଆଙ୍କ ଉପରେ ଆଧାରିତ ହେବ। ଏହା ଏକ ହାଇ ବଜେଟ ଫିଲ୍ମ ହେବ ବୋଲି ଜଣାପଡ଼ିଛି। ତେବେ ୨୦୦୭ରେ ଯଶ୍ ତାଙ୍କ ଅଭିନୟ ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଚଳଚ୍ଚିତ୍ର କରିଛନ୍ତି। ତେବେ ଶେଷ ଥର ପାଇଁ ଯଶ୍ 'କେଜିଏଫ୍ ୨'ରେ ନଜରକୁ ଆସି ପ୍ରଶଂସକଙ୍କ ପ୍ରିୟ ହୋଇପାରିଛନ୍ତି। ଏଥିସହ ସେ ଅନେକ ଟେଲିଭିଜନରେ ମଧ୍ୟ ନଜରକୁ ଆସିଛନ୍ତି।

# ମାଗଣାରେ ଫ୍ଲୋରିଡା ଯାତ୍ରା

**ୱାଶିଂଟନ୍:** ଅନେକ ଲୋକ ବୁଲିବାକୁ ବହୁତ ପସନ୍ଦ କରନ୍ତି। ହେଲେ ସେଥିରେ ବାଧା ସାଜିଥାଏ ଟଙ୍କା। ହେଲେ ନିକଟରେ ଇଗନାଇଟ୍ ଡେଟିଂ ନାମକ ଏକ କମ୍ପାନୀ ମାଗଣାରେ ଫ୍ଲୋରିଡାରେ ଛୁଟି କାଟିବାକୁ ଅଫର ଦେଇଛି। ଏହି ଟ୍ରିପ୍‌ରେ ଆରାମଦାୟକ ହୋଟେଲରେ ରହିବାକୁ ସୁଯୋଗ ମିଳିବ। ଏହି କମ୍ପାନୀ ବ୍ୟକ୍ତିଙ୍କ ସମସ୍ତ ଖାଦ୍ୟ ଏବଂ ଭ୍ରମଣର ଖର୍ଚ୍ଚ ଉଠାଇବ। କେବଳ ବ୍ୟକ୍ତି ଜଣଙ୍କୁ ବିମାନ ବନ୍ଦର ପର୍ଯ୍ୟନ୍ତ ଆସିବାକୁ ପଡ଼ିବ। ଏହି ସମୟରେ ଓରଲାଣ୍ଡୋ, ସେଣ୍ଟ୍ରାଲ ଫ୍ଲୋରିଡା ଏବଂ ଆନା ମାରିଆ ଦ୍ୱୀପ ବୁଲିବାକୁ ସୁଯୋଗ ମିଳିବ। ଏଥିସହ ଆଲିଗେଟର ଜିପ ଲାଇନର ମଧ୍ୟ ମଜା ଉଠାଇପାରିବ। ଏହାର ସୁଯୋଗ କେବଳ ୨୫ରୁ ୬୦ ବର୍ଷୀୟ ବ୍ୟକ୍ତି ହିଁ ଉଠାଇପାରିବେ। କମ୍ପାନୀ ଏଥିପାଇଁ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବ ବୋଲି ଜଣାପଡ଼ିଛି।

# ଅକ୍ଟୋପସ୍‌ର ୩ ହୃତ୍‌ପିଣ୍ଡ



**ନୂଆଦିଲ୍ଲୀ**

ବିଶ୍ୱର କିଛି ଜୀବ ଅଛନ୍ତି, ଯେଉଁମାନେ ୨୦୦-୩୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି। ସେ ସମସ୍ତ ଜୀବଙ୍କ ପାଖରେ ଗୋଟିଏ ହୃତ୍‌ପିଣ୍ଡ ସହିତ ଗୋଟିଏ ମସ୍ତିଷ୍କ ରହିଥାଏ। ତେବେ ଏପରି ଏକ ଜୀବ ଅଛି, ଯାହା ପାଖରେ ୩ଟି ହୃତ୍‌ପିଣ୍ଡ (ହାର୍ଟ) ଥିବା ସହିତ ୯ଟି ମସ୍ତିଷ୍କ ରହିଛି। ଅକ୍ଟୋପସ୍ ହେଉଛି ବିଶ୍ୱର ଏକମାତ୍ର ଜୀବ ଯାହା ପାଖରେ ଏସବୁ ଅଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଅକ୍ଟୋପସ୍‌ର ୩ଟି ହୃତ୍‌ପିଣ୍ଡ ଅଲଗା ଅଲଗା ରହିଥାଏ। ତା'ର ଗୋଟିଏ ହୃଦୟକୁ ସିଷ୍ଟେମିକ୍ କୁହାଯାଏ। ଯାହା ଶରୀରରେ ରକ୍ତ ଜରିଆରେ ଅମ୍ଳଜାନ ପହଞ୍ଚାଇବାରେ ସାହାଯ୍ୟ କରେ। ଅନ୍ୟ ଦୁଇଟିକୁ ବ୍ରାଞ୍ଚିୟାଲ କୁହାଯାଏ। ଯାହା ଶରୀରରୁ ରକ୍ତ ସଂଗ୍ରହ କରି ତାକୁ ସଫା କରିଥାଏ। ଏହି ପ୍ରକ୍ରିୟାରେ ଅକ୍ଟୋପସ୍ ଶରୀରରେ ପୁନଃ ରକ୍ତ ସଞ୍ଚାଳିତ ହୁଏ। ରକ୍ତ କୋଷିକାରେ ପ୍ରୋଟିନ ରହିବା କାରଣରୁ ସେମାନଙ୍କ ରକ୍ତର ରଙ୍ଗ ନୀଳ ହୋଇଥାଏ। ଏମାନଙ୍କ ପାଖରେ ୯ଟି ମସ୍ତିଷ୍କ ରହିଛି। ଏଥି ମଧ୍ୟରୁ ଗୋଟି ମୁଖ୍ୟ ହୋଇଥିବାବେଳେ ଅନ୍ୟ ୮ଟି ସହାୟକ ମସ୍ତିଷ୍କ ହୋଇଥାଏ। ଏହି ୮ଟି ମସ୍ତିଷ୍କ ତାଙ୍କ ଗୋଡ଼ରେ ରହିଥାଏ। ଅକ୍ଟୋପସ୍ ତା' ଗୋଡ଼ ସଞ୍ଚାଳନ ଏହି ୮ଟି ମସ୍ତିଷ୍କ ଜରିଆରେ କରିଥାଏ। ରିପୋର୍ଟ ମୁତାବକ, ଏମାନେ ଗଭୀର ସମୁଦ୍ରରେ ରହିଥାନ୍ତି। ସମସ୍ତ ରଙ୍ଗକୁ ଠିକ୍‌ରେ ଏମାନେ ଚିହ୍ନଟ କରିପାରନ୍ତିନି। ହେଲେ ସେମାନଙ୍କ ଆଖପାଖରେ ଯଦି କିଛି ବିପଦ ଥାଏ, ତାହାକୁ ସେ ୦.୩ ସେକେଣ୍ଡରୁ ବି କମ୍ ସମୟରେ ଜାଣି ପାରି ନିଜ ଶରୀରର ରଙ୍ଗ ବଦଳାଇଥାନ୍ତି।

# ଡରୁଛନ୍ତି ଟ୍ୱିଙ୍କଲ

**ମୁମ୍ବାଇ**

ଅକ୍ଷୟ କୁମାରଙ୍କ ପତ୍ନୀ ଟ୍ୱିଙ୍କଲ ଖାନ୍ନା ସୋସିଆଲ ମିଡିଆରେ ବହୁତ ସକ୍ରିୟ ଅଛନ୍ତି। ସେ ନିଜ ପ୍ରଶଂସକଙ୍କ ସହିତ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଅନେକ ମଜାଦାର କାହାଣୀ ବାଣ୍ଟନ୍ତି। ନିକଟରେ ଅଭିନେତ୍ରୀ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ସେ ଏହି ପୋଷ୍ଟରେ ତାଙ୍କ ସ୍ତମ୍ଭର ସ୍କ୍ରିନସଟ ଶେୟାର କରିଛନ୍ତି। ଏହି ସ୍ତମ୍ଭ ବା କଲମ ମାଧ୍ୟମରେ ବୟସ ବଢ଼ାଇବାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।



ସେ କହିଥିଲେ ଯେ ୫୦ ବର୍ଷ ବୟସକୁ ନେଇ ଚିନ୍ତା କରି ଭୟଭୀତ ଅନୁଭବ କରୁଛି। ସେ ସତ୍ୟର ସାମ୍ନା କରିବାକୁ ଚାହାଁନ୍ତିନି ଏବଂ ସେଥିପାଇଁ ଚଳିତ ବର୍ଷ ତାଙ୍କ ଜନ୍ମଦିନକୁ ଅଣଦେଖା କରୁଥିବା ସେ କହିଛନ୍ତି।

Harsh public school, CBSE pattern English Medium.
SALAKANA,KORAI,JAJPUR
Compassionate dynamic dedicate trained and experienced educators required having fluency in English and computer literacy.
* Qualification
B ED,CTET,OTET, DLED ,CT .
Mathematics, Science, Hindi & English.
(Salary negotiable)
WE ARE HIRING
Email-harshpublicschool1285@gmail.com
Mob- 7894820642/ 8280121304

ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
PUSPA
ସବୁ ମା'ଙ୍କ ପ୍ରଥମ ପସନ୍ଦ ପୁଷ୍ପା ରାଇସ ମିଲ୍‌ର ଉତ୍ପାଦିତ ଚାଉଳ।
PUSPA RICE
ଅଲାପୁର, ପୋ-ବାଇରୋଇ, କଣ୍ଟାପଡ଼ା, କଟକ-୭୫୪୦୧୦

DADHICHI PUBLIC SCHOOL
Cuttack
Follow us:
+919348415323
EXPLORE A NEW WORLD OF EDUCATION
From Playgroup to XII Science
Why Choose Us
• World class facilities
• Future ready infrastructure
• Positive social behaviour
• 1 to 1 attention on students
• Good learning experience
• Online presence
ADMISSION OPEN
SESSION 2024-25
www.dadhichipublicschool.com

ଦୈନିକ ଖବରକାଗଜ 'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ବଲାଙ୍ଗୀର ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଗୁରୁଜନମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଦିନଦୟାଲ କେଡିଆ
ମାର୍କେଟ ଆସୋସିଏସନ ସଭାପତି, ତୁଷୁରା

ଦୈନିକ ଖବରକାଗଜ 'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ବଲାଙ୍ଗୀର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଅଶୋକ ଚନ୍ଦ୍ର ଦୋରା
ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ପୂର୍ବତନ ଗୁଡଭେଲା ବ୍ଲକ ଅଧକ୍ଷ

ଦୈନିକ ଖବରକାଗଜ 'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ମମତା ଜୈନ
ଟିଟିଲାଗଡ଼ ପୌର ପରିଷଦ, ଅଧକ୍ଷା
ନବୀନ ଜୈନ
ସମାଜସେବୀ

ବରୀ ବୀର - ମାଟି, ବଳିଦାନର ମାଟି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଉତ୍କଳମଣି ଗୋପବନ୍ଧୁଙ୍କ ପରି ମହାମନୀଷୀ ଏ ମାଟିରେ ପାଦ ଦେଇ ସ୍ୱାଧୀନତାର ମହାମନ୍ତ୍ର ଦେଇଥିଲେ। କଳାମାଟିଆର ସହିଦ ସ୍ମୃତିସ୍ତମ୍ଭ ଆଜି ବି ସ୍ୱାଧୀନତା ସଂଗ୍ରାମରେ ବରୀର ବଳିଦାନ ସମ୍ପର୍କରେ ଆମକୁ ସ୍ମରଣ କରାଏ। ସାଉଁଟି ସାନନ୍ଦଙ୍କଠାରୁ ସ୍ମୃତି ବିଶ୍ୱାଳଙ୍କ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରାଣବଳି ଆମେ ଭୁଲି ନାହାନ୍ତି। ଏହି ମାଟିରେ ସମାଜସେବା, ମୌଳିକ ଶିକ୍ଷା, ସର୍ବୋଦୟ ଆନ୍ଦୋଳନର ମୂଳ ଭିତ୍ତି ପଡ଼ିଥିଲା। ସ୍ୱର୍ଗୀୟ ରମାଦେବୀ, ଗୋପବନ୍ଧୁ ଚୌଧୁରୀଙ୍କ ପରି ମହାତ୍ମାମାନଙ୍କ କର୍ମକ୍ଷେତ୍ରର ସ୍ମାରକୀ ଆଜି ବି ଏହି ମାଟିରେ ସଦର୍ପେ ଦଣ୍ଡାୟମାନ। ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଂପ୍ରୀତିର ଉଚ୍ଚାଙ୍ଗ ନିଦର୍ଶନ ହେଉଛି ଆମ ବ୍ରହ୍ମବରଦା ଅଞ୍ଚଳ। ପ୍ରଥମାଖଣ୍ଡର କୁଶଳୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ପଶମ ବସ୍ତ୍ର ଆଜି ବିଶ୍ୱସ୍ତରରେ ଆଦର ଲାଭ କରିଛି।
ବରୀ ବି ବନ୍ୟାକ୍ଲିଷ୍ଟ ଅଞ୍ଚଳ। ଚାରିପଟେ ଛନ୍ଦାଛନ୍ଦି ନଦୀ ଅତୀତର ଯେପରି ବନ୍ୟାର ବିଭୀଷିକା ଖେଳାଇଥିଲେ ସେଥିରୁ ମୁକ୍ତ ହେଉଛି ଏ ଅଞ୍ଚଳ। ବନ୍ୟା ନିୟନ୍ତ୍ରଣ ପାଇଁ ଅନେକ ସଫଳ ପଦକ୍ଷେପ ଏବଂ ଯୋଜନା କାର୍ଯ୍ୟକାରୀ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ବିଜୁ ଜନତାଦଳର ସାଂଗଠନିକ ସମ୍ପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସଙ୍କ ଦିଗ୍‌ଦର୍ଶନ ଓ ସହଯୋଗ ଆଜି ବରୀକୁ ଏକ ସମୃଦ୍ଧ ଓ ସୁସଂହତ ଅଞ୍ଚଳରେ ପରିଣତ କରିଛି।
ଆଗକୁ ବରୀ ପାଇଁ ଅନେକ କିଛି କରିବାର ବି ଅଛି। ଆସନ୍ତୁ, ହାତରେ ହାତ ମିଶାଇ ବରୀର ପ୍ରଗତିରେ ସହଯୋଗ କରିବା। ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ବରୀର ପ୍ରଣମ୍ୟ ଗୁରୁଜନମାନଙ୍କୁ, ପ୍ରିୟ ଭାଇ-ଭଉଣୀମାନଙ୍କୁ, ମା'-ମାଉସୀମାନଙ୍କୁ ପ୍ରଣାମ ଜଣାଇବା ସହ ସେମାନଙ୍କ ସୁଖ, ସମୃଦ୍ଧି, ପ୍ରଗତି କାମନା କରୁଛି।
ଶ୍ରୀମତୀ ସୁନନ୍ଦା ଦାସ
ବିଧାୟିକା, ବରୀ

# ମହିଳା ଖେଳାଳିଙ୍କୁ ଆର୍ଥିକ ସହାୟତା ଓ ମେଣ୍ଟରଶିପ୍



‘ହର୍ ସ୍ପୋର୍ଟ କି ଚାମ୍ପିୟନ’ କାର୍ଯ୍ୟକ୍ରମ ଲଞ୍ଚ ଅବସରରେ ଖେଳାଳିଙ୍କ ସହ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ।

## ଲଞ୍ଚ୍ ହେଲା ‘ହର୍ ସ୍ପୋର୍ଟ କି ଚାମ୍ପିୟନ’

ଭୁବନେଶ୍ୱର,୧୧।୧୨ (ସରୋଜ ଜେନା)

ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ମହିଳା ଆଥଲେଟଙ୍କ ସଶକ୍ତୀକରଣ ପାଇଁ ଏକ ନୂତନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ‘ଆସ୍ପାୟର ଫର୍ ହର’ ସହ ମିଳିତ ସହଭାଗିତାରେ ଲଞ୍ଚ କରାଯାଇଛି ‘ହର୍ ସ୍ପୋର୍ଟ କି ଚାମ୍ପିୟନ’ କାର୍ଯ୍ୟକ୍ରମ। ଅବସର ପରେ ମହିଳା ଖେଳାଳିଙ୍କୁ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ଏକମାତ୍ର ଲକ୍ଷ୍ୟ ରହିବ। କାର୍ଯ୍ୟକ୍ରମର ଲଞ୍ଚ ଅବସରରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା, କ୍ରୀଡା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ‘ଆସ୍ପାୟର ଫର୍ ହର’ର ପ୍ରକଳ୍ପ ମୁଖ୍ୟ ରିକା ରୟ ଓ ପ୍ରତିଷ୍ଠାତା ମଧୁରା ଦାସଗୁପ୍ତା ସିହ୍ନା ଉପସ୍ଥିତ ଥିଲେ। ଅଭିନେତା, ବକ୍ତା ତଥା ଭାରତୀୟ ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ରାହୁଲ ବୋଷ କ୍ରୀଡାରେ ମହିଳା ସଶକ୍ତୀକରଣ ଉପରେ ନିଜର ମତ ରଖିଥିଲେ। କ୍ରୀଡା କ୍ୟାରିୟର ସମାପ୍ତ ହେବା ପରେ ମହିଳା ଆଥଲେଟ ମାନେ ସାମ୍ନା କରୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ଲଞ୍ଚ କରାଯାଇଛି। ମହିଳା ଖେଳାଳି ମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ପ୍ରଥମ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ପାଇଁ ୩ଇ (ଏଜୁକେଶନ, ଏମ୍ପ୍ଲୟମେଣ୍ଟ ଓ ଏଣ୍ଟ୍ରେପ୍ରେନ୍ୟୁରଶିପ୍)କୁ ପ୍ରାଥମିକତା ଦିଆଯାଉଛି।

ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ‘ହର୍ ସ୍ପୋର୍ଟ କି ଚାମ୍ପିୟନ’କୁ ଆପଣେଇଛି ଯାହା ଆମ ପାଇଁ ଗୌରବର ବିଷୟ ବୋଲି କହିଥିଲେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା। ଓଡ଼ିଶାରେ ଏକ ସ୍ପୋର୍ଟିଂ ଇକୋ ସିଷ୍ଟମ ତିଆରି କରିବା ଦିଗରେ ଏହା ଏକ ଅଭିନବ ପ୍ରୟାସ ବୋଲି ସେ କହିଥିଲେ। ଓଡ଼ିଶା ସରକାର କେବଳ ବର୍ତ୍ତମାନକୁ ନେଇ ନୁହେଁ ବରଂ ଭବିଷ୍ୟତକୁ ନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ସେ କହିଥିଲେ। କ୍ରୀଡାରେ ସମସ୍ତେ ଉଚ୍ଚତର ସୋପାନକୁ ଯାଇ ପାରି ନ ଥାନ୍ତି। ଏପରି ସ୍ଥଳେ ଯେମିତି କେହି ପଛରେ ରହି ନ ଯାଆନ୍ତି ତାହା ଏହି କାର୍ଯ୍ୟକ୍ରମ ଦ୍ୱାରା ସୁନିଶ୍ଚିତ ହେବ। ତୁଷାରକାନ୍ତି ବେହେରା, ଆର. ଭିନିଲ କ୍ରିଷ୍ଣା ଓ ରାହୁଲ ବୋଷ ପ୍ରଥମ ପର୍ଯ୍ୟାୟରେ ‘ହର୍ ସ୍ପୋର୍ଟ କି ଚାମ୍ପିୟନ’ ପାଇଁ ମନୋନୀତ ୩ ଖେଳାଳିଙ୍କୁ ସମ୍ମାନିତ କରିଥିଲେ। ଉର୍ବଶୀ ମଲିକ୍, ପୂଜା ବେହେରା, ରଞ୍ଜିତା ପିଙ୍ଗୁଆଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଖେଳାଳିଙ୍କୁ ୫ କ୍ୟାରିୟର ବିକଳ୍ପ ମଧ୍ୟରୁ ଗୋଟିଏ ଚୟନ କରିବାର ବିକଳ୍ପ ପ୍ରଦାନ କରାଯିବ ବୋଲି ‘ଆସ୍ପାୟର ଫର୍ ହର’ର ପ୍ରକଳ୍ପ ମୁଖ୍ୟ ରିକା ରୟ ପ୍ରକାଶ କରିଥିଲେ।

## ଖେଲୋ ଇଣ୍ଡିଆ ପାରା ଗେମ୍ସ: ଜୟନ୍ତୀ, ପଙ୍କଜ, ମଙ୍ଗତଙ୍କୁ ପଦକ



ମଙ୍ଗତ ହେମରାମ, ଜୟନ୍ତୀ ବେହେରା ଓ ପଙ୍କଜ ଭୁଏ।

ଭୁବନେଶ୍ୱର,୧୧।୧୨ (ସରୋଜ ଜେନା)

ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଶାକୁ ସଫଳତା। ପ୍ରଥମ ଦିନରେ ଜୟନ୍ତୀ ବେହେରା, ପଙ୍କଜ ଭୁଏ ଓ ମଙ୍ଗତ ହେମରାମ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦୦ ମିଟର ଦୌଡର ଟି-୪୭ ବର୍ଗରେ ଜୟନ୍ତୀ ସ୍ୱର୍ଣ୍ଣ, ପୁରୁଷ ଟି -୧୩ ବର୍ଗରେ ପଙ୍କଜ ସ୍ୱର୍ଣ୍ଣ ଓ ମଙ୍ଗତ ବ୍ରୋଞ୍ଜ ଜିତିଛନ୍ତି।

ପଙ୍କଜ ୧୨.୪୧ ସେକେଣ୍ଡ ଟାଇମିଂ ସହିତ ସ୍ୱର୍ଣ୍ଣ ହାସଲ କରିଥିବା ବେଳେ ମଙ୍ଗତ ମାତ୍ର ୦.୧ ସେକେଣ୍ଡର ଫରକରେ ରୌପ୍ୟରୁ ବଞ୍ଚିତ ହୋଇଥିଲେ। ଅଖିଲ୍ କୁମାର ୧୨.୬୩ ସେକେଣ୍ଡର ଟାଇମିଂ ସହିତ ରୌପ୍ୟ ପାଇଥିଲେ। ଟି-୪୭ ବର୍ଗରେ ଜୟନ୍ତୀ ୧୩.୪୦ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ହାସଲ କରିଥିଲେ। ନିଜ ରାଜ୍ୟର ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ହାସଲ କରିବା ମୋ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି କହିଛନ୍ତି ଜୟନ୍ତୀ। ଖେଲୋ ଇଣ୍ଡିଆ ପାରା ଗେମ୍ସର ପ୍ରଥମ ସଂସ୍କରଣରେ ଆମ ଆଥଲେଟ ମାନେ ପଦକ ହାସଲ କରିବା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା।








SHOWROOMS: ODISHA: SAMBALPUR: RENAULT Sambalpur Mob: +91 8448890323. BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. BHAWANIPATNA: RENAULT Bhawanipatna Mob: +91 9438395880. CUTTACK: RENAULT Cuttack Mob: +91 9311772648. JEYPORE: RENAULT Jeypore Mob: +91 9311596618. ROURKELA: RENAULT Rourkela Mob: + 91 8860875802. SUNDERGARH: RENAULT Sundergarh Mob: +91 9311529949.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ